(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୪/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 4/2023 Page 20 ₹ 7.00

୪୯ଶ ଭାଗ ୩୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 339 ମୂଲ୍ୟ₹୭/-



# ଦୋଛକିରେ ଆଫଗାନ୍

## ଅନିଶ୍ଚିତତା ଭିତରେ ୧୭ ଲକ୍ଷ ପ୍ରବାସୀଙ୍କ ଭାଗ୍ୟ ଓ ଭବିଷ୍ୟତ

**ବିନା କୌଣସି ବୈଧ ଦସ୍ତାବିଜରେ ପାକିସ୍ତାନରେ ବସବାସ କରୁଥିବା ପ୍ରାୟ ୧୭ ଲକ୍ଷ ଆଫଗାନ୍‌ଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ଇସ୍‌ଲାମାବାଦର ନିର୍ଦ୍ଦେଶ ପରେ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲିହୋଇଯାଇଛି। ଗଣବିତାଡ଼ନ ଯୋଜନା ଉପରେ ପୁନର୍ବିଚାର ନେଇ ଶରଣାର୍ଥୀ ଗୋଷ୍ଠୀଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଆହ୍ୱାନକୁ ଅଣଦେଖା କରି ଆଫଗାନିସ୍ତାନ ନାଗରିକଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ପାକିସ୍ତାନ ଶୁକ୍ରବାର ଆଉ କେତୋଟି ବର୍ଡର ସେଣ୍ଟର ଖୋଲିଛି। ଆଫଗାନିସ୍ତାନ ସଂଲଗ୍ନ ପାକିସ୍ତାନୀ ସୀମା କ୍ରସିଂ ପଏଣ୍ଟ୍‌ସରେ ଟ୍ରକ୍‌ଗୁଡ଼ିକର ଲମ୍ବାଧାଡ଼ି ଦେଖିବାକୁ ମିଳିଛି। ଆଫଗାନିସ୍ତାନରେ ଆହୁରି ଖରାପ ପରିସ୍ଥିତି ଲାଗିରହିଥିବାରୁ ଆସନ୍ନ ବିପଦକୁ ଦେଖି ଏହି ହତଭାଗା ମଣିଷମାନେ ଦୋଛକିରେ ପଡ଼ିଯାଇଛନ୍ତି।**



ବର୍ଡର କ୍ରସିଂରେ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କୁ ଆଫଗାନିସ୍ତାନରେ ନିଜ ପିଲାବେଳର ପରିଚୟପତ୍ର ଦେଖାଉଛନ୍ତି ପ୍ରବାସୀ ଅବ୍‌ଦୁଲ ରସୁଲ।

**ଇସ୍‌ଲାମାବାଦ/କାବୁଲ,୩।୧୧**

ବେଆଇନ ପ୍ରବାସୀ ଅକ୍ଟୋବର ୩୧ ସୁଦ୍ଧା ପାକିସ୍ତାନ ଛାଡ଼ି ଚାଲିଯାଅ। ଅନ୍ୟଥା ଗିରଫ ପରେ ଜବରଦସ୍ତି ବିତାଡ଼ିତ କରାଯିବ ବୋଲି ପାକିସ୍ତାନ ମାସିକିଆ ମହଲତ ସହ ଚେତାବନୀ ଦେଇଥିଲା। ଏହି ପ୍ରତ୍ୟାବର୍ତ୍ତନ ନିର୍ଦ୍ଦେଶ ସମସ୍ତ ବିଦେଶୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ସର୍ବାଧିକ ଅସୁବିଧା ଆଫଗାନ୍‌ମାନେ ଭୋଗୁଛନ୍ତି। ଡେଡ୍‌ଲାଇନ୍‌ର କିଛି ଘଣ୍ଟା ପୂର୍ବରୁ ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ ନିଶ୍ଚିତ କରିବା ସକାଶେ ପାକିସ୍ତାନ କର୍ତ୍ତୃପକ୍ଷ କେତେଜଣଙ୍କ ଘରେ ବୁଲ୍‌ଡୋଜର ଲଗାଇ ସେଗୁଡ଼ିକୁ ମାଟିରେ ମିଶାଇଦେଇଛନ୍ତି। ଅଦ୍ୟାବଧି ଉତ୍ତର-ପଶ୍ଚିମରେ ଥିବା ତୋର୍ଖାମ୍ ବର୍ଡର କ୍ରସିଂ ଦେଇ ସର୍ବାଧିକ ୧,୨୮,୦୦୦ ଆଫଗାନ୍ ସ୍ୱଦେଶକୁ ଫେରିଛନ୍ତି। ପ୍ରତ୍ୟାବର୍ତ୍ତନକାରୀ ଶରଣାର୍ଥୀଙ୍କ ସଂଖ୍ୟାବୃଦ୍ଧିକୁ ଦୃଷ୍ଟିରେ ରଖି ସେଠାରେ ଆନୁଷଙ୍ଗିକ ସୁବିଧା ତିନିଗୁଣା ବଢ଼ାଯାଇଛି ବୋଲି ଖାଇବର ଜିଲା ଡେପୁଟି କମିଶନର ଅବ୍‌ଦୁଲ ନାସିର ଖାନ୍ ସୂଚନା ଦେଇଛନ୍ତି। ନଭେମ୍ବର ୧ ପରେ ଏହି କ୍ରସିଂ ପଏଣ୍ଟରେ ବେଆଇନ ପ୍ରବାସୀଙ୍କ ଭିଡ଼ ବଢ଼ିଯାଇଥିଲା। କିନ୍ତୁ ପ୍ରତ୍ୟାବର୍ତ୍ତନକାରୀଙ୍କୁ ଆଉ ଅନେକ ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡ୍ରୁ ନ ଥିବାରୁ ସବୁକିଛି ସ୍ୱାଭାବିକ ଚାଲିଥିବା ନାସିର କହିଛନ୍ତି। ତେବେ ଆଫଗନିସ୍ତାନରେ ପହଞ୍ଚୁଥିବା ଲୋକେ ପାକିସ୍ତାନରୁ ବିଦାହୋଇ ଫେରିବାବେଳେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ଆଣିଛନ୍ତି। ନରୱେଜିଆନ୍ ରେଫ୍ୟୁଜି କାଉନ୍‌ସିଲ, ଡାନିଶ ରେଫ୍ୟୁଜି କାଉନ୍‌ସିଲ ଏବଂ ଇଣ୍ଟରନ୍ୟାଶନାଲ ରେସ୍କ୍ୟୁ କମିଟି ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି, ପାକିସ୍ତାନରୁ ଆଫଗାନିସ୍ତାନକୁ ଫେରୁଥିବା ଲୋକଙ୍କ ଦୁର୍ଦ୍ଦଶା ନ କହିବା ଭଲ। ସେମାନଙ୍କ ଭବିଷ୍ୟତ ଘୋର ଅନିଶ୍ଚିତତା ଦେଇ ଗତିକରୁଛି। ଅନ୍ୟପକ୍ଷେ ଫେବୃୟାରୀ ୮ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ପର୍ଯ୍ୟନ୍ତ ଚାଲିବାକୁ ଥିବା କାମଚଳା ସରକାରଙ୍କ ଏହି ପ୍ରତ୍ୟର୍ପଣ ନୀତିକୁ କେତେଜଣ ପାକିସ୍ତାନୀ ନେତା ଓ ଆକ୍ଟିଭିଷ୍ଟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

ସୀମାନ୍ତ ଚମନ ସହରରେ ଦୀର୍ଘ ୨୨ ବର୍ଷ ଧରି ଖୁଚୁରା ବ୍ୟବସାୟ କରିଆସିଥିବା ୫୫ ବର୍ଷୀୟ ମହମ୍ମଦ ଇସ୍‌ମାଇଲ ରଫି କହିଛନ୍ତି, ପାକିସ୍ତାନୀ ସୀମାରେ ଅତି ଖରାପ ସ୍ଥିତିରେ ଆମେ ୩ ଦିନ ବିତାଇଲୁ। ପରିବାରର ୧୬ ସଦସ୍ୟଙ୍କ ସହ ଆସବାବପତ୍ର ଧରି ଚମନରେ ଥିବା ଘର ଛାଡ଼ି ବର୍ଡରକୁ ଆସିବାରେ ଆମକୁ ୬ ଦିନ ଲାଗିଲା। ପ୍ରତ୍ୟର୍ପଣ ପ୍ରକ୍ରିୟା ପାଇଁ ପାକିସ୍ତାନୀ ଅଧିକାରୀମାନେ ଆମଠୁ ଲାଞ୍ଚ ନେଇଛନ୍ତି। ଇସ୍‌ମାଇଲ ହେଲ୍‌ମଣ୍ଡ ପ୍ରଦେଶରେ ଥିବା ନିଜ ପୈତୃକ ଘରକୁ ଫେରିବା ପୂର୍ବରୁ ଅସ୍ଥାୟୀ ଭାବେ ଅବସ୍ଥାନ କରିବା ପାଇଁ କାନ୍ଦାହାରରେ ଏକ ଭଡ଼ାଘର ନେଇଛନ୍ତି।

### ତାଲିବାନ୍ ଆଚମ୍ବିତ

୧୯୭୦ ଦଶକରେ ସୋଭିଏଟ୍ ଯୁଦ୍ଧ ବେଳେ ଅଧିକାଂଶ ଶରଣାର୍ଥୀ ଆଫଗାନିସ୍ତାନ ଛାଡ଼ି ପାକିସ୍ତାନ ପଳାୟନ କରିଥିଲେ। ୨୦୨୧ରେ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ଆଫଗାନିସ୍ତାନରୁ ଫେରିଯିବା ପୂର୍ବରୁ ଇସ୍‌ଲାମୀୟ ତାଲିବାନ୍ କାବୁଲ ଦଖଲ କରିଥିଲା। ସେହି ସମୟରେ ଆଉ ଏକ ଗଣପଳାୟନ ଦେଖିବାକୁ ମିଳିଥିଲା। ପାକିସ୍ତାନରେ ମୋଟ ୪ ନିୟୁତ ଆଫଗାନ୍ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧.୭ ନିୟୁତଙ୍କ ବୈଧ ଦସ୍ତାବିଜ ନ ଥିବା ଦର୍ଶାଇ ନଭେମ୍ବର ୧ ସୁଦ୍ଧା ଦେଶ ଛାଡ଼ି ଚାଲିଯିବାକୁ ପାକିସ୍ତାନ ନିର୍ଦ୍ଦେଶ ଦେଇଥିଲା। ଏହି ବେଆଇନ ପ୍ରବାସୀମାନେ ଇସ୍‌ଲାମୀୟ ଆତଙ୍କବାଦୀ ଆକ୍ରମଣ ଓ ପାକିସ୍ତାନର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ ଅପରାଧ ଭିଆଉଥିବା ଦର୍ଶାଇ ଇସ୍‌ଲାମାବାଦ ସେମାନଙ୍କୁ କହିଥିବାବେଳେ ଏହାର ପୁନର୍ବିଚାର ପାଇଁ ଜାତିସଂଘ, ମାନବାଧିକାର ଗୋଷ୍ଠୀ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ପାକିସ୍ତାନ କାହା କଥା ଶୁଣିଲା ନାହିଁ। ତେବେ ପାକିସ୍ତାନୀ ସୁରକ୍ଷା ଏକ ଘରୋଇ ସମସ୍ୟା କହି ଅଭିଯୋଗକୁ କାବୁଲ ଖଣ୍ଡନ କରିଛି। ଏହି ହଠାତ୍ ପ୍ରତ୍ୟାବର୍ତ୍ତନରେ ଆଚମ୍ବିତ ଆଫଗାନିସ୍ତାନରେ ତାଲିବାନ୍ ପରିଚାଳିତ ପ୍ରଶାସନ କେତୋଟି ଅସ୍ଥାୟୀ ଟ୍ରାଞ୍ଜିଟ୍ ପଏଣ୍ଟ ସ୍ଥାପନ କରାଯାଇଛି।

### କାହିଁକି ବିଦା କରୁଛି ପାକିସ୍ତାନ

ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ଯୁକ୍ତି ବାଢ଼ିଛି ଯେ, ନିଜ ଆର୍ଥିକ ବ୍ୟାପାର ଓ ସୁରକ୍ଷା ସ୍ଥିତିର ଯତ୍ନ ନେବା ଅଧିକାର ଏହାର ରହିଛି। ବିନା ବୈଧ ଦସ୍ତାବିଜରେ ଦେଶରେ ବସବାସ କରୁଥିବା ଶରଣାର୍ଥୀମାନେ କୌଣସି ପ୍ରକାର ଟିକସ ଦେଉନାହାନ୍ତି। ଫଳରେ ରାଜକୋଷକୁ ବଡ଼ କ୍ଷତି ସହିବାକୁ ପଡୁଛି। ଏହାଠୁ ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଫଗାନ୍ ଶରଣାର୍ଥୀମାନେ ଆତଙ୍କବାଦୀ ଆକ୍ରମଣ, ଷ୍ଟ୍ରିଟ୍ କ୍ରାଇମ ଓ ଡ୍ରଗ୍ସ ଚାଲାଣ ଭଳି ଅନ୍ୟ ସଙ୍ଗଠିତ ଅପରାଧରେ ଜଡ଼ିତ। ଏପରି କି ସରକାର ଓ ସେନା ବିରୋଧୀ ଆକ୍ରମଣରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ରହିଛି। ଚଳିତବର୍ଷ ଘଟିଥିବା ୨୪ ଆତ୍ମଘାତୀ ବିସ୍ଫୋରଣ ମଧ୍ୟରୁ ୧୪ଟିରେ ଆଫଗାନ୍‌ଙ୍କ ହାତ ରହିଛି। ଗତବର୍ଷ ୩୬୫ ଆତଙ୍କବାଦୀ ଆକ୍ରମଣ ଘଟିଥିବାବେଳେ ଏବର୍ଷ ଏହି ସଂଖ୍ୟା ୪୧୮କୁ ବଢ଼ିଥିବା ସାଉଥ ଏସିଆନ୍ ଟେରରିଜମ୍ ପୋର୍ଟାଲରୁ ପ୍ରଘଟ ହୋଇଛି। ଅଧିକାଂଶ ଆକ୍ରମଣ ପାଇଁ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିପିପି)କୁ ଦାୟୀ କରାଯାଉଛି।

**ସଂକ୍ଷେପରେ**

**କର୍ମଚାରୀ ସୁସ୍ଥ ଅବସ୍ଥା ସର୍ଭେ**

### ଭାରତକୁ ୭୬% ସ୍କୋର, ଜାପାନ ସବା ତଳେ

**ୱାଶିଂଟନ୍,୩।୧୧:** କର୍ମଚାରୀମାନଙ୍କ ସାମଗ୍ରିକ ସୁସ୍ଥତାକୁ ନେଇ କରାଯାଇଥିବା ଏକ ବିଶ୍ୱସ୍ତରୀୟ ସର୍ଭେରେ ଜାପାନ ସର୍ବନିମ୍ନ ସ୍ଥାନରେ ରହିଛି। କର୍ମଚାରୀମାନଙ୍କ ଶାରୀରିକ, ମାନସିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟକୁ ନେଇ ମାକିନ୍‌ସେ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ମୋଟ ୩୦ଟି ଦେଶର ୩୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ କରାଯାଇଥିବା ଏହି ସର୍ଭେ ଅନୁଯାୟୀ ଦ୍ୱୀପଦେଶ ଜାପାନକୁ ୨୫ ପ୍ରତିଶତ ସ୍କୋର ମିଳିଛି। ଗୁରୁବାର ପ୍ରକାଶିତ ଏହି ଅଧ୍ୟୟନ ରିପୋର୍ଟ ଅନୁଯାୟୀ ତୁର୍କୀକୁ ସର୍ବାଧିକ ୭୮% ସ୍କୋର ମିଳିଥିବାବେଳେ ଭାରତକୁ ୭୬% ଓ ଚାଇନାକୁ ୭୫% ମିଳିଛି। ବିଶ୍ୱର ହାରାହାରି ସ୍କୋର ୫୭ ପ୍ରତିଶତ ରହିଛି। ଜୀବନବ୍ୟାପୀ ନିଯୁକ୍ତି ଦେବା ସହ ନିଯୁକ୍ତି ନିରାପତ୍ତା ନେଇ ଜାପାନୀ ବ୍ୟବସାୟର ଖ୍ୟାତି ରହିଛି। ତେବେ ସେଠାର କର୍ମଚାରୀ ନିଯୁକ୍ତିକୁ ନେଇ ଖୁସି ନ ଥିଲେ ମଧ୍ୟ ତାହାକୁ ବଦଳାଇପାରନ୍ତି ନାହିଁ। ଅନ୍ତର୍ଜାତୀୟ ସର୍ଭେରେ ଜାପାନ କ୍ରମାଗତ ଭାବେ ନିମ୍ନ ରେଟିଂରେ ରହିଆସିଛି।

### ମହିଳା ସଂରକ୍ଷଣ ବିଲ୍ ତତ୍କାଳ ଲାଗୁ ନିର୍ଦ୍ଦେଶ ଦେଇପାରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୧୧:** ଜନଗଣନା ପରେ କାର୍ଯ୍ୟକାରୀ ହେବାକୁ ଥିବା ମହିଳା ସ୍ଥାନ ସଂରକ୍ଷଣ ଆଇନର କିଛି ଅଂଶକୁ ରଦ୍ଦ କରିବା କଷ୍ଟକର ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ୧୨୮ତମ ସମ୍ବିଧାନ(ସଂଶୋଧନ) ବିଲ୍ ବା ନାରୀଶକ୍ତି ବନ୍ଦନ ଅଧିନିୟମକୁ ତୁରନ୍ତ ଲାଗୁ କରିବା ଆବେଦନକୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଆସନ୍ତାବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକତୃତୀୟାଂଶ ସଂରକ୍ଷଣ ଲାଗୁ କରିବା ପାଇଁ କଂଗ୍ରେସ ନେତ୍ରୀ ଜୟା ଠାକୁର ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ। ଅଦାଲତରେ ପୂର୍ବରୁ ମଧ୍ୟ ଏଭଳି ଏକ ପିଟିଶନ ବିଚାରାଧୀନ ରହିଛି। ଉକ୍ତ ଆବେଦନ ସହ ଜୟାଙ୍କ ଆବେଦନର ଏକତ୍ର ଶୁଣାଣି ଆସନ୍ତା ୨୨ରେ ହେବ।

### ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ କ୍ଷମା ମାଗନ୍ତୁ ରାଘବ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୧୧(ପି.ଟି.):** ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ଭେଟି ନିଃସର୍ତ୍ତ କ୍ଷମା ମାଗିବା ପାଇଁ ନିଲମ୍ବିତ ଏଏପି ସଦସ୍ୟ ରାଘବ ଚଡ଼ାଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଧନ୍‌କର ତାଙ୍କ ନିଲମ୍ବନ ପ୍ରସଙ୍ଗକୁ ସମ୍ବେଦନତାପୂର୍ବକ ବିଚାରକୁ ନେଇପାରନ୍ତି ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଚଡ଼ାଙ୍କ ତରଫରୁ ଆଇନଜୀବୀ ଶଦନ ଫରାସତ୍ ଅଦାଲତରେ ହାଜର ହୋଇ ତାଙ୍କ ମହକିଲ ଉପରାଷ୍ଟ୍ରପତିଙ୍କୁ କ୍ଷମା ମାଗିବାକୁ ଚାହାନ୍ତି ବୋଲି କହିଥିଲେ। ଚଡ଼ା ରାଜ୍ୟ ସଭାର ସର୍ବକନିଷ୍ଠ ସଦସ୍ୟ ଏବଂ ଗୃହର ମର୍ଯ୍ୟାଦା କ୍ଷୁଣ୍ଣ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ସେ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଭେଟି ନିଃସର୍ତ୍ତ କ୍ଷମା ମାଗିବାକୁ ଚାହାନ୍ତି ବୋଲି ଫରାସତ୍ କହିଥିଲେ। ଚଡ଼ାଙ୍କୁ ରାଜ୍ୟ ସଭା ଅଧ୍ୟକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବନ କରିଥିବାବେଳେ ସେ ଏହାକୁ ଚ୍ୟାଲେଞ୍ଜ କରିଥିଲେ।

### ଦଳିତ ମହିଳାଙ୍କୁ ବଳାତ୍କାର ପରେ ୩ ଖଣ୍ଡ

**ଲକ୍ଷ୍ନୌ,୩।୧୧:** ଉତ୍ତର ପ୍ରଦେଶର ବଣ୍ଡାରେ ଜଣେ ଦଳିତ ମହିଳାଙ୍କୁ ବଳାତ୍କାର ପରେ ୩ ଖଣ୍ଡ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ୪୦ ବର୍ଷୀୟା ମହିଳା ଜଣକ ମଙ୍ଗଳବାର ଅଭିଯୁକ୍ତ ରାଜକୁମାର ଶୁକ୍ଲାଙ୍କ ଅଟାକଳ ସଫା କରିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ମହିଳାଙ୍କ ଝିଅ ସେଠାରେ ପହଞ୍ଚିବା ପରେ ଭିତରପଟୁ ବନ୍ଦ ଥିବା ଏକ ରୁମ୍‌ରୁ ମା'ଙ୍କ ଚିତ୍କାର ଶୁଣିବାକୁ ପାଇଥିଲେ। କିଛି ସମୟରେ ପରେ ଉକ୍ତ କୋଠରିର କବାଟ ଖୋଲିଥିଲା। ସେଠାରେ ମା'ଙ୍କ ମୃତଦେହ ୩ ଖଣ୍ଡ ହୋଇ ପଡ଼ିଥିବା ସେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଯୁବତୀଙ୍କ ଏତଲାକ୍ରମେ ରାଜକୁମାର ଓ ତାଙ୍କ ଭାଇ ରାମକୃଷ୍ଣଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ତେବେ ଅଭିଯୁକ୍ତ ଦ୍ୱୟଙ୍କୁ ଧରିବାରେ ସକ୍ଷମ ହୋଇନାହିଁ।

### ଓଭରହେଡ୍ ତାରରେ ନିଆଁ: ଦୁର୍ଘଟଣାରୁ ବର୍ତ୍ତିଲା ପୁରୀ--ଜୟନଗର ଏକ୍ସପ୍ରେସ୍



**ପାଟନା,୩।୧୧**

ପୁରୀ-ଜୟନଗର ସାପ୍ତାହିକ ଏକ୍ସପ୍ରେସ୍‌ର ଯାତ୍ରୀମାନେ ଶୁକ୍ରବାର ସକାଳେ ଏକ ଅଗ୍ନି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପାଟନା-ହାଓଡ଼ା ମୁଖ୍ୟ ରେଳ ଲାଇନର ସିମୁଲତାଲା ଓ ଗୋର୍ପାରନ ରେଲଷ୍ଟେଶନ ମଧ୍ୟରେ ଟ୍ରେନ୍‌ଟି ଯାଉଥିବାବେଳେ ଓଭରହେଡ୍ ତାରରେ ନିଆଁ ଲାଗିଯାଇଥିଲା। ଟ୍ରେନ୍‌ର ବେଗ ଅଧିକ ଥିବାରୁ ଡ୍ରାଇଭର ଜରୁରୀ ବ୍ରେକ୍ ମାରିପାରିନ ଥିଲେ। ସ୍ୱାଭାବିକ ପଦ୍ଧତିରେ ଟ୍ରେନ୍ ରହିବା ବେଳକୁ ଏହା ନିଆଁ ଲାଗିଥିବା ସ୍ଥାନକୁ ଅତିକ୍ରମ କରିଯାଇଥିଲା ଓ କେତେକ ଲୁହା ରଡ୍ ଭାଙ୍ଗିଯାଇଥିଲା। ନିଆଁ ଲାଗିଥିବା ସମ୍ପର୍କରେ ଡ୍ରାଇଭର ଆର୍. ବେସେରା ସିମୁଲତାଲା ଷ୍ଟେଶନରେ ଡ୍ୟୁଟିରେ ଥିବା ଷ୍ଟେଶନମାଷ୍ଟରଙ୍କୁ ଜଣାଇବା ପରେ ସେ ଅନ୍ୟ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଫଳରେ ଉକ୍ତ ଲାଇନରେ ବିଭିନ୍ନ ଟ୍ରେନ୍ ଚଳାଚଳ ପ୍ରାୟ ୫ ଘଣ୍ଟା ବିଳମ୍ବ ହୋଇଥିଲା।

**ସିଏମ୍‌ଓଙ୍କ ଅଫିସ କ୍ୟାମ୍ପସ୍‌ରୁ କ୍ଲୋରିନ୍ ଗ୍ୟାସ୍ ଲିକ୍**

### ୧୦ ନର୍ସିଂ ଛାତ୍ରୀ ହସ୍ପିଟାଲରେ ଭର୍ତ୍ତି

**ମଥୁରା,୩।୧୧**

ଉତ୍ତରପ୍ରଦେଶର ମଥୁରାସ୍ଥିତ ମୁଖ୍ୟ ଚିକିତ୍ସା ଅଧିକାରୀ (ସିଏମ୍‌ଓ)ଙ୍କ ଅଫିସ କ୍ୟାମ୍ପସ୍‌ରୁ କ୍ଲୋରିନ୍ ଗ୍ୟାସ୍ ଲିକ୍ ହୋଇ ଅନ୍ୟୂନ ୧୦ ଜଣ ନର୍ସିଂ ଛାତ୍ରୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସିଏମ୍‌ଓ ଅଫିସ କ୍ୟାମ୍ପସରେ କ୍ଲୋରିନ୍ ଗ୍ୟାସ୍ ସିଲିଣ୍ଡର ରହିଥିଲା। ସେଥିରୁ ଲିକ୍ ହେବାରୁ ସେଠାରେ ଥିବା ନର୍ସିଂ ଛାତ୍ରୀମାନେ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁବାର ମଧ୍ୟ ଗ୍ୟାସ୍ ଲିକ୍ ହୋଇଥିଲା ଓ ଏହାକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଥିଲା। କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେବାରୁ ଆମେ ଅସୁସ୍ଥ ହୋଇପଡ଼ିଲୁ ବୋଲି ଶୁକ୍ରବାର ଗ୍ୟାସ୍ ଲିକ୍ ଯୋଗୁ ପ୍ରଭାବିତ ହୋଇଥିବା ଛାତ୍ରୀମାନେ କହିଛନ୍ତି।

### ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି କଙ୍ଗନା



**ଦେବଭୂମି ଦ୍ୱାରକା,୩।୧୧**

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିବା ନେଇ ଶୁକ୍ରବାର ସୂଚନା ଦେଇଛନ୍ତି। ଯଦି ଭଗବାନ କୃଷ୍ଣଙ୍କ ଆଶୀର୍ବାଦ ମିଳେ ତେବେ ସେ ୨୦୨୪ ଲୋକ ସଭା ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। କଙ୍ଗନା ଶୁକ୍ରବାର ସକାଳେ କୃଷ୍ଣଙ୍କ ଦ୍ୱାରକାଧୀଶ ମନ୍ଦିରକୁ ପୂଜା କରିବାକୁ ଆସିଥିବାବେଳେ ଖବରଦାତାମାନେ ତାଙ୍କୁ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବା ନେଇ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଥିଲେ, 'ଶ୍ରୀକୃଷ୍ଣ କୀ କୃପା ରହି ତୋ ଲଢ଼େଙ୍ଗେ'। ୬୦୦ ବର୍ଷର ଲଢ଼େଇ ପରେ ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ କରି ଭଗବାନ ରାମଙ୍କ ମୂର୍ତ୍ତି ସ୍ଥାପନ ସମ୍ଭବ କରାଇଥିବା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଙ୍ଗନା ପ୍ରଶଂସା କରିଥିଲେ। ସନାତନ ଧର୍ମର ଧ୍ୱଜା ସାରା ବିଶ୍ୱରେ ଉଡ଼ିବା ଉଚିତ ବୋଲି ଅଭିନେତ୍ରୀ କହିଛନ୍ତି। ନିକଟରେ ମୁକ୍ତିଲାଭ କରିଥିବା 'ତେଜସ୍' ଚଳଚ୍ଚିତ୍ରରେ କଙ୍ଗନା ଭାରତୀୟ ବାୟୁସେନା ପାଇଲଟ୍ ଭୂମିକାରେ ଅଭିନୟ କରୁଛନ୍ତି।



ଗାଜାର ଅଲ୍-ଶିଫା ହସ୍ପିଟାଲ ବାହାରେ ଇସ୍ରାଏଲୀ ସୈନ୍ୟଙ୍କ ଟାର୍ଗେଟର ଶିକାର ହୋଇଥିବା ପାଲେଷ୍ଟାଇନ୍ ରେଡ୍ କ୍ରେସେଣ୍ଟ ଆମ୍ବୁଲାନ୍ସ।

### ତେଲଙ୍ଗାନାରେ ଲଢ଼ିବେନି ଶର୍ମିଳା

**ହାଇଦ୍ରାବାଦ,୩।୧୧**



ୱାଇ.ଏସ୍. ଶର୍ମିଳା

ଅବିଭକ୍ତ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କ ଝିଅ ତଥା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିର ଅଧ୍ୟକ୍ଷା ୱାଇ.ଏସ୍. ଶର୍ମିଳା ନଭେମ୍ବର ୩୦ରେ ହେବାକୁ ଥିବା ତେଲଙ୍ଗାନା ବିଧାନସଭା ନିର୍ବାଚନ ଲଢ଼ିବେ ନାହିଁ। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ଦୁର୍ନୀତିଗ୍ରସ୍ତ ଓ ଜନବିରୋଧୀ ଶାସନ ବିରୋଧରେ ଲଢ଼େଇରେ ଶର୍ମିଳାଙ୍କ ଦଳ କଂଗ୍ରେସକୁ ସମର୍ଥନ ଦେବ ବୋଲି ସେ ଘୋଷଣା କରିଛନ୍ତି। ସରକାର ବିରୋଧୀ ଭୋଟ ନ ଭାଙ୍ଗିବା ପାଇଁ ଶର୍ମିଳା ନିର୍ବାଚନ ଲଢ଼ିବାକୁ ମନା କରିଦେଇଛନ୍ତି। ରାଜ୍ୟ ନେତୃତ୍ୱରେ ପରିବର୍ତ୍ତନ ଆଣିବାକୁ ହେଲେ ସରକାର ବିରୋଧୀ ଭୋଟକୁ ଏକାଠି କରିବାକୁ ହେବ। ତାଙ୍କର କଂଗ୍ରେସ ନେତା ଓ କର୍ମୀମାନଙ୍କ ପ୍ରତି ସମ୍ମାନ ରହିଛି ଓ ସେ କଂଗ୍ରେସ ଭୋଟ ବିଭାଜନ କରିବାକୁ ଚାହନ୍ତି ନାହିଁ ବୋଲି ଶର୍ମିଳା କହିଛନ୍ତି। ୱାଇଆର୍‌ଏସ୍ ତେଲଙ୍ଗାନା ପାର୍ଟି କଂଗ୍ରେସ ଦଳରେ ମିଶ୍ରଣ ହେବ କିମ୍ବା ସେମାନଙ୍କ ମଧ୍ୟରେ ପ୍ରାକ୍ ନିର୍ବାଚନ ମେଣ୍ଟ ହେବା ନେଇ ଆଲୋଚନା ହେଉଥିଲା। ପୂର୍ବରୁ କଂଗ୍ରେସ ହାଇକମାଣ୍ଡଙ୍କ ସହ ବୈଠକରେ ତାହା ଫଳପ୍ରଦ ହୋଇ ନ ଥିଲା।

### ବଘେଲଙ୍କୁ ୫୦୮ କୋଟି ଦେଇଛି ମହାଦେବ ଆପ୍

**ନୂଆଦିଲ୍ଲୀ,୩।୧୧**



ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ।

ମହାଦେବ ବେଟିଂ ଆପ୍‌ର ପ୍ରମୋଟର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଦେଇଥିବା ଜଣେ କୋରିୟର କହିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜଣାଇଛି। ଖୁବ୍‌ଶୀଘ୍ର ଇଡି ଏହାର ତଦନ୍ତ କରିବାକୁ ଯାଉଛି। ଖବର ଅନୁଯାୟୀ ନିକଟରେ ଜଣେ କୋରିୟରଙ୍କୁ ୫.୩୯ କୋଟି ଟଙ୍କା ସହ ଗିରଫ କରାଯାଇଥିଲା। ବଘେଲଙ୍କୁ ମହାଦେବ ଆପ୍‌ର ପ୍ରମୋଟର ୫୦୮ କୋଟି ଦେଇଥିବା ସେ ତଦନ୍ତକାରୀ ଅଧିକାରୀଙ୍କୁ କହିଛନ୍ତି। କୋରିୟର ଜଣକ ନେଉଥିବା ଟଙ୍କା ମଧ୍ୟ ବଘେଲଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଛତିଶଗଡ଼ରେ ନିର୍ବାଚନ ଖର୍ଚ୍ଚ ପାଇଁ ଏହି ଟଙ୍କା ବଘେଲ ନାମକ ରାଜନେତାଙ୍କୁ ଦେବାକୁ ନେଉଥିଲେ ବୋଲି ସ୍ୱୀକାର କରିଛନ୍ତି। ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ମତଦାନର ୪ ଦିନ ପୂର୍ବରୁ ଏଭଳି ଅଭିଯୋଗ ଆସିଛି।

**ଅଭିଯୋଗ ଉପରେ ତଦନ୍ତ କରିବ ଇଡି**

ଛତିଶଗଡ଼ରେ ନିର୍ବାଚନ ପୂର୍ବରୁ ମହାଦେବ ଆପ୍‌ର ପ୍ରମୋଟରମାନେ ବିପୁଳ ଅର୍ଥ ପଠାଉଥିବା ଗୋଇନ୍ଦା ସୂତ୍ରରୁ ସୂଚନା ମିଳିବା ପରେ ଇଡି ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ହୋଟେଲ ଟ୍ରିଟନ ଓ ଭିଲାଇରେ ଏଜେନ୍ସି ଚଢ଼ାଉ କରିବା ପରେ ଜଣେ କ୍ୟାସ୍ କୋରିୟରଙ୍କୁ ପିଛା କରି ତାଙ୍କୁ ଧରିଥିଲା। ଶାସକ କଂଗ୍ରେସକୁ ନିର୍ବାଚନୀ ଖର୍ଚ୍ଚ ବାବଦ ଟଙ୍କା ପଠାଇବା ପାଇଁ ଅସିମ୍ ଦାସ ନାମକ ବ୍ୟକ୍ତିଙ୍କୁ ୟୁଏଇରୁ ପଠାଯାଇଥିଲା ବୋଲି ଇଡି କହିଛି। ତାଙ୍କ କାର୍‌ରୁ ଏବଂ ଘରୁ ୫.୩୯ କୋଟି ଟଙ୍କା ଜବତ ହୋଇଥିଲା। ଉକ୍ତ ଅର୍ଥକୁ ମହାଦେବ ଆପ୍‌ର ପ୍ରମୋଟରେ ପଠାଇଥିବା ସେ ସ୍ୱୀକାର କରିଛନ୍ତି। ବେଟିଂ ଆପ୍ ସହ ସମ୍ପୃକ୍ତ କେତେକ ବେନାମୀ ବ୍ୟାଙ୍କ ଆକାଉଣ୍ଟକୁ ଇଡି ଠାବ କରିବା ସହ ୧୫.୫୯ କୋଟି ଟଙ୍କା ଥିବା ଉକ୍ତ ଆକାଉଣ୍ଟକୁ ଅକାମୀ କରିଦେଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୪/୨୦୨୩ | Bhubaneswar, Saturday, November 4/2023 | ପୃଷ୍ଠା-୧




**ମହମ୍ମଦ ନବି ପ୍ଲେୟର ଅଫ୍ ଦି ମ୍ୟାଚ**
ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଆଫଗାନିସ୍ତାନର ମହମ୍ମଦ ନବି।
୦୯

୦୮
**ଗର୍ଭବତୀ ନାହାନ୍ତି କ୍ୟାଟ୍ରିନା**
ଅଭିନେତ୍ରୀ କ୍ୟାଟ୍ରିନା କୈଫ ଗର୍ଭବତୀ ଥିବା ନେଇ କିଛିଦିନ ତଳେ ଗୁଜବ ସୃଷ୍ଟି ହୋଇଥିବାବେଳେ ଏବେ ସେ ଗର୍ଭବତୀ ନ ଥିବା ସ୍ପଷ୍ଟ ହୋଇଛି।



# ଦିଲ୍ଲୀରେ ଉତ୍କଟ ବାୟୁ ପ୍ରଦୂଷଣ

## ଦ୍ରୁତ ପଦକ୍ଷେପ ନେବାକୁ ନିଷ୍ପତ୍ତି

**ନୂଆଦିଲ୍ଲୀ,୩।୧୧**

ରାଜଧାନୀ ଦିଲ୍ଲୀ ଏବେ ବିଷ ବଳୟରେ। ସେଠାରେ ଶୁକ୍ରବାର ବାୟୁ ମାନ ଅତି ଉତ୍କଟ ସ୍ତରରେ ପହଞ୍ଚିଛି। ୨୪ ଘଣ୍ଟିଆ ହାରାହାରି ବାୟୁ ମାନ ସୂଚକାଙ୍କ ୪୬୮ ରହିଛି, ଯାହାକି 'ସିଭିୟର ପ୍ଲସ୍' ବର୍ଗରେ ଯାଉଥିବା କୁହାଯାଇଛି। ଏଭଳି ସ୍ଥିତିରେ ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରଦୂଷଣ ସୃଷ୍ଟିକାରୀ ଟ୍ରକ୍, ବ୍ୟବସାୟିକ ଯାନ, ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ବ୍ୟାନ୍ ହେବା ଜରୁରୀ। ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ବାୟୁ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପରିବେଶ ମନ୍ତ୍ରୀ ଗୋପାଳ ରାୟଙ୍କୁ ନେଇ ଶୁକ୍ରବାର ସନ୍ଧ୍ୟାରେ ବସିଥିବା ଜରୁରୀ ବୈଠକରେ ରାଜଧାନୀ ବାୟୁ ପ୍ରଦୂଷଣର ସମୀକ୍ଷା କରାଯିବା ସହ ତୁରନ୍ତ କେତେକ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ସମସ୍ତ ସରକାରୀ ବିଭାଗ ଓ ସଂସ୍ଥାଗୁଡ଼ିକ ସେମାନଙ୍କ କାର୍ଯ୍ୟରେ



ପ୍ରଦୂଷଣ ହ୍ରାସ ଉପରେ ସର୍ବାଧିକ ପ୍ରାଥମିକତା ଦେବେ। ପିଲା ଏବଂ ବରିଷ୍ଠ ନାଗରିକମାନେ ଅଧିକ ଯତ୍ନଶୀଳ ହେବା ସହ ଯେତେଦୂର ସମ୍ଭବ ଘରେ ରହିବାକୁ ପରିବେଶ ବିଭାଗ ପକ୍ଷରୁ ଆଡଭାଇଜରି ଜାରି କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଦିଲ୍ଲୀ ଜନସାଧାରଣ ଅନାବଶ୍ୟକ ଭ୍ରମଣକୁ ବନ୍ଦ କରିବେ ଏବଂ ଜରୁରୀ ଥିଲେ ସାଧାରଣ ପରିବହନ ବ୍ୟବସ୍ଥାର ଉପଯୋଗ କରିବେ, ଯଥାସମ୍ଭବ ଗାଡ଼ି ଚଳାଚଳ କମ୍ କରିବେ, ଯାହାଦ୍ୱାରା ଧୂଆଁ ଓ ଧୂଳ ପ୍ରଦୂଷଣ ହ୍ରାସ ପାଇପାରିବ। ସେହିପରି ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ ଅନୁଯାୟୀ ବାୟୁ ପ୍ରଦୂଷଣ ରୋକିବାକୁ ବିଭିନ୍ନ ପଦକ୍ଷେପ କଡ଼ାକଡ଼ି ଭାବେ ଲାଗୁ ହେବ। ସମସ୍ତ ଯାନ୍ତ୍ରିକ ରୋଡ୍ ସୁଇପର, ପାଣି ସିଞ୍ଚନକାରୀ ଯନ୍ତ୍ର, ଆଣ୍ଟି-ସ୍ମୋଗ୍ ଗନ୍‌ଗୁଡ଼ିକୁ ଅଧିକରୁ ଅଧିକ ବ୍ୟବହାର କରାଯିବା ସହ ଆବଶ୍ୟକ ହେଲେ ଦୁଇଟି ଶିଫ୍ଟରେ କାର୍ଯ୍ୟ ହେବ। ପ୍ରଦୂଷଣ ଯୋଗୁ ଅସୁସ୍ଥ ଲୋକମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବା ନିମନ୍ତେ ଦିଲ୍ଲୀର ସମସ୍ତ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ପଞ୍ଜାବ ସମେତ ପଡୋଶୀ ରାଜ୍ୟଗୁଡ଼ିକୁ ନଡ଼ାପୋଡ଼ି ବନ୍ଦ କରିବାକୁ କୁହାଯିବ। ବୁଧବାର ପଞ୍ଜାବରେ ୨,୬୮୪ଟି ନଡ଼ାପୋଡ଼ି ଘଟଣା ଘଟିଛି। ହରିୟାଣାରେ ହାରାହାରି ୯୯ଟି, ଉତ୍ତରପ୍ରଦେଶରେ ୯୫ଟି ଓ ରାଜସ୍ଥାନରେ ୬୦ଟି ଏଭଳି ଘଟଣା ଘଟୁଛି, ଯାହା ଦିଲ୍ଲୀ ବାୟୁ ପ୍ରଦୂଷଣ ଲାଗି ଅନେକାଂଶରେ ଦାୟୀ।

ବାୟୁମାନ କ୍ରମାଗତ ଭାବେ ଖରାପ ହୋଇ ଚାଲିଥିବାରୁ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ନେବା ଲାଗି ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାୟ ଆହ୍ୱାନ ଦେଇଥିଲେ। ଦିଲ୍ଲୀ ସମେତ ସମଗ୍ର ଉତ୍ତର ଭାରତ ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇପଡ଼ିଲେଣି ବୋଲି ସେ କହିଥିଲେ। ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବାବେଳେ ☞ପୃଷ୍ଠା-୨

# ଜାନୁୟାରୀ ୧୭ରେ 'ପରିକ୍ରମା' ଲୋକାର୍ପଣ

## କାର୍ଯ୍ୟର ସମୀକ୍ଷାକଲେ ଗଜପତି ମହାରାଜା



ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ ଅବସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ସହ ଆଲୋଚନା କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ପୁରୀ, ୩।୧୧ (ଅଜିତ୍ ମହାନ୍ତି)**

ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅନେକ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବାବେଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଶ୍ରୀସେତୁ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ଚାରିପାଖ ବୁଲି ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖିବା ସହ ସମୀକ୍ଷା କରିଛନ୍ତି। ସେହିପରି ଶ୍ରୀସେତୁ ଏବଂ ଶ୍ରୀଜଗନ୍ନାଥ ବଲ୍ଲଭ ଯାଇ ତୀର୍ଥଯାତ୍ରୀ କେନ୍ଦ୍ର ଓ ପାର୍କିଂ ବ୍ୟବସ୍ଥା କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି। ଆସନ୍ତା ଜାନୁୟାରୀ ୧୭ରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ହେବ ବୋଲି ଗଜପତି ମହାରାଜା ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ, ଟାଟା ଏବଂ ଓବିସିସି ଅଧିକାରୀ ଉପସ୍ଥିତ ଥିଲେ।

ଗଜପତି ମହାରାଜା ପ୍ରଥମେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରକୁ ଯାଇ ସେଠାରେ ନିର୍ମାଣାଧୀନ ତୀର୍ଥଯାତ୍ରୀ କେନ୍ଦ୍ରର ନିର୍ମାଣ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ☞ପୃଷ୍ଠା-୨






# ସ୍କୁଲ ହତାରେ ହଷ୍ଟେଲ ଛାତ୍ରଙ୍କ ଝୁଲନ୍ତା ମୃତଦେହ

**ଖୋର୍ଦ୍ଧା,୩।୧୧ (ପ୍ରଭାତ ପାଣିଗ୍ରାହୀ)**

ଜଟଣୀରେ ଟ୍ୟୁଶନ ଫି' ପାଇଁ ଜଣେ ନାବାଳକ ଛାତ୍ରଙ୍କୁ ହତ୍ୟା ଘଟଣାର ୨ଦିନ ପରେ ଖୋର୍ଦ୍ଧାରେ ଘଟିଛି ଆଉ ଏକ ଅଭାବନୀୟ ଘଟଣା। ଶୁକ୍ରବାର ସକାଳେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ୫୭ନଂ. ଜାତୀୟ ରାଜପଥର ଚଣ୍ଡିଚୁଆ ଛକ ନିକଟ ଏକ ଘରୋଇ ସ୍କୁଲ ପରିସର ଆମ୍ବଗଛରୁ ପୋଲିସ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଗଜପତି ଜିଲା ହୁମା ଅଞ୍ଚଳର



ପାବଲିଆସ କାର୍ଜି

### ୱାର୍ଡେନ ମୋବାଇଲ ନେଇଯିବାରୁ ଆତ୍ମହତ୍ୟା ସନ୍ଦେହ

ପାବଲିଆସ କାର୍ଜି। ଛାତ୍ର ଜଣଙ୍କ ହଷ୍ଟେଲରେ ରହୁଥିବାବେଳେ ମୋବାଇଲ ବ୍ୟବହାର କରିବା ଏବଂ ଏହାକୁ ୱାର୍ଡେନ ☞ପୃଷ୍ଠା-୨

# ୩ ଜଣଙ୍କ ଗଳାକାଟି ହତ୍ୟାକଲେ ମାଓବାଦୀ

**ମାଲକାନଗିରି,୩।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ମାଓବାଦୀ ୩ ଜଣଙ୍କ ଗଳାକାଟି ହତ୍ୟା କରିଛନ୍ତି। ମୃତକମାନେ ହେଲେ କୁଲେ କତଲାମି (୩୫), ମନୋଜ କବାଚି (୨୨) ଓ ହୁଗେ କବାଚି(୨୭) । ଖବରରୁ ଜଣାପଡିଛି, ଏହି ମାଓବାଦୀମାନେ କାଙ୍କେର ଜିଲା ପଖାଞ୍ଜୁର ଅଞ୍ଚଳ ଛୋଟେ ବେଠିଆ ଥାନା ଅଞ୍ଚଳର ମେରଖଣ୍ଡି ଗ୍ରାମରେ ପହଞ୍ଚି ଗ୍ରାମରେ ଏକ ସ୍ୱତନ୍ତ୍ର ଦଳ ଗଢିବାକୁ ଗ୍ରାମବାସୀଙ୍କୁ କହିଥିଲେ। ହୁଏତ ଏଥିପାଇଁ ଗ୍ରାମବାସୀ ରାଜି ନ ହେବାରୁ ସେମାନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ସୂଚନାଦାତା ସନ୍ଦେହରେ ତିନିଦିନ ତଳେ ତିନିଜଣ ଗ୍ରାମବାସୀଙ୍କୁ ମାଓବାଦୀମାନେ ଅପହରଣ କରି ନେଇଥିଲେ। ଶୁକ୍ରବାର ରାତିରେ ସେମାନଙ୍କ ଗଳାକାଟି ହତ୍ୟା କରି ମେରଖଣ୍ଡି ଗ୍ରାମ ନିକଟରେ ମୃତଦେହ ଫୋପାଡି ଚାଲି ଯାଇଛନ୍ତି। ସେମାନେ ଛାଡିଯାଇଥିବା ପତ୍ରରେ ମହାରାଷ୍ଟ୍ରର ସି ୬୦ ସ୍ୱତନ୍ତ୍ର ଦଳ ବୋଲି ଉଲ୍ଲେଖ ଥିବା ବସ୍ତର ଆଇ.ଜି. ସୁନ୍ଦରରାଜ ପି କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଡେପୁଟେଶନ ଚିନ୍ତା**



**ଆଜିର ମନ୍ତବ୍ୟ**

କୃତ୍ରିମ ବୁଦ୍ଧିବତ୍ତା(ଏଆଇ) ଇତିହାସର ସର୍ବାଧିକ ଧ୍ୱଂସକାରୀ ଶକ୍ତି। ଏହାର ବ୍ୟବହାର ଉପରେ ରୋକ୍ ନ ଲଗାଇଲେ ଦିନ ଆସିବ ଆଉ ନିଯୁକ୍ତିର ଆବଶ୍ୟକତା ପଡ଼ିବ ନାହିଁ। **-ଏଲନ୍ ମସ୍କ, ଟେସ୍‌ଲା ସିଇଓ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକଙ୍କର ଗୁରୁ,**
**ହିଆଟି ଚିକ୍କଣ ମୁହଁଟି ସରୁ।**

ସାଧାରଣତଃ ଛାତିରେ ବାଳ ନ ଥିବା ବ୍ୟକ୍ତି ଓ ଅତି ସରୁ ବା ପତଳା ମୁହଁ ଥିବା ବ୍ୟକ୍ତି ଆଦୌ ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଅନ୍ୟକୁ ମିଛ ସତ କହି ଠକିବାରେ ବେଶ୍ ସିଦ୍ଧହସ୍ତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଠାକୁର ଖାଇ**
**ଖଟୁଲି ଖାଇବା।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରି ଦେଉଥିବାର ଦେଖିବାକୁ ମିଳିଥାଏ। ଲାଭ ସହ ମୂଳଧନ ଖାଉଥିବା ଲୋଭୀ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏପରି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

ଭୁବନେଶ୍ୱର/ଡେରାବିଶ,୩।୧୧
(ସତ୍ୟଜିତ୍ ରାଉତ/ବେବର୍ତ୍ତା ଅଜୟ ଦାସ)

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର କଟକ ଜିଲା ସାଲେପୁର ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଅର୍ଜୁନଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ା ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ବହୁ କୋଟିର ସମ୍ପତ୍ତି ଠାବ ହୋଇଛି। ଚଢ଼ାଉ ହୋଇଥିବା ସ୍ଥାନ ମଧ୍ୟରେ ଅର୍ଜୁନଙ୍କ ସାଲେପୁରସ୍ଥିତ ସରକାରୀ ବାସଭବନ, କେନ୍ଦ୍ରାପଡ଼ା ଜିଲା ରାଇପୁରସ୍ଥିତ ସମ୍ପର୍କୀୟଙ୍କ ଘର, ବଡ଼ହାଟସ୍ଥିତ ଘନିଷ୍ଠ ସହଯୋଗୀଙ୍କ ଘର, ଡିଷ୍ଟ୍ରିକ୍ଟ ଏଗ୍ରିକଲ୍‌ଚର ଅଫିସ ନିକଟରେ ରହିଥିବା ଅନ୍ୟ ଜଣେ ଘନିଷ୍ଠ ସହଯୋଗୀଙ୍କ ଭଡ଼ଘର ପୈତୃକ ଗାଁ ଡେରାବିଶ ବ୍ଲକ ଅଧୀନସ୍ଥ ସଦାନନ୍ଦପୁର ଘରେ ଏବଂ ସାଲେପୁର ଅଫିସସ୍ଥିତ ତାଙ୍କ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଯାଞ୍ଚରେ ୮ଜଣ ଡିଏସ୍‌ପି, ୮ ଇନ୍‌ସ୍ପେକ୍ଟର, ୭ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି।



ଭୁବନେଶ୍ୱର ଖଣ୍ଡଗିରି ବିହାରସ୍ଥିତ ଅର୍ଜୁନଙ୍କ ୩ ମହଲା ଘର।

ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟାରେ ମିଳିଥିବା ରିପୋର୍ଟ ଅନୁଯାୟୀ, ଅର୍ଜୁନଙ୍କ ଭୁବନେଶ୍ୱର ଖଣ୍ଡଗିରି ବିହାରସ୍ଥିତ ପ୍ଲଟ ନଂ. ୪୫ରେ ଥିବା ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୩ ମହଲା କୋଠା, କେନ୍ଦ୍ରାପଡ଼ା ଡେରାବିସ୍ ସୁଦାନନ୍ଦପୁରସ୍ଥିତ ପ୍ଲଟ୍ ନଂ. ୧୭୨୯ରେ ଥିବା ଏକ ମହଲା କୋଠା ଠାବ ହୋଇଛି। ଏଥିସହ ଭୁବନେଶ୍ୱରର ମୁଖ୍ୟ ଅଞ୍ଚଳରେ ଗୋଟିଏ ପ୍ଲଟ୍ ଓ କେନ୍ଦ୍ରାପଡ଼ା ଜିଲାରେ ୨୦ଟି ପ୍ଲଟ୍ ଠାବ ହୋଇଥିବା ଜଣାପଡ଼ିଛି। ଠାବ ହୋଇଥିବା କୋଠା ଏବଂ ପ୍ଲଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍‌ନିକାଲ୍ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଅର୍ଜୁନଙ୍କ ବ୍ୟାଙ୍କ, ଜୀବନବୀମା ଓ ଅନ୍ୟାନ୍ୟ ଜମା ୭୦.୦୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ୨ ଲକ୍ଷ ୮୩ ହଜାର ୯୪୦ ନଗଦ ଟଙ୍କା, ୨୧୮ ଗ୍ରାମର ସୁନା ଅଳଙ୍କାର, ପ୍ରାୟ ୪୧ ଲକ୍ଷ ଟଙ୍କାର ୩ଟି ଚାରିଚକିଆ ଯାନ, ୨ ବାଇକ୍ ଏବଂ ଅନ୍ୟ ଘରୋଇ ସାମଗ୍ରୀ ଆଦି ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ଅର୍ଜୁନଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ତେବେ ଅର୍ଜୁନଙ୍କ ସମ୍ପତ୍ତିର ପରିମାଣ ପ୍ରାୟ ୫ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

**୩ ଜିଲାର ୮ ସ୍ଥାନରେ ଚଢ଼ାଉ**

- ଦୁଇ କୋଠା ସମେତ ୨୧ ପ୍ଲଟ୍ ଠାବ



ଅର୍ଜୁନ କୁମାର ସାହୁ

# ୨ ଭାଇ, ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ

## ବାଇକ୍ ଉପରେ ମାଡ଼ିଗଲା ହାଇୱା

ଘସିପୁରା,୩।୧୧
(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଦେଇ ଯାଇଥିବା ୨୦ନଂ. ଜାତୀୟ ରାଜପଥର ଘସିପୁରା ଥାନା ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଉପରେ ହାଇୱା ମାଡ଼ିଯିବାରୁ ୩ ଜଣଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଆନନ୍ଦପୁର ଥାନା ବଞ୍ଝୋ ଗ୍ରାମର ପ୍ରଭାତ ବିଶ୍ୱାଳଙ୍କ ପୁଅ ପ୍ରଭଞ୍ଜନ, ପ୍ରଭୁଦତ୍ତ ଓ ତାଙ୍କ ଯାଜପୁର ଜିଲା ଅଧୀନ ବାରାଗଡ଼ିଆ ଗ୍ରାମର ସମ୍ପର୍କୀୟ ଭଉଣୀ ପିଙ୍କି ପ୍ରଧାନ।

ସୂଚନା ମୁତାବକ, ପ୍ରଭଞ୍ଜନ, ପ୍ରଭୁଦତ୍ତ ପରିବାର ସହ ବାରାଗଡ଼ିଆରେ ରହୁଥିଲା ବେଳେ ସମ୍ପର୍କୀୟ ଭଉଣୀ ପିଙ୍କିଙ୍କ ସହ ଏକ ବାଇକ୍ (ଓଡି ୩୪କ୍ୟୁ-୪୦୨୯)ଯୋଗେ ଆନନ୍ଦପୁରସ୍ଥିତ ନିଜ ଗ୍ରାମ ବଞ୍ଝୋ ଅଭିମୁଖେ ଆସୁଥିଲେ। ସେଠାରୁ ତାଙ୍କର ଭଦ୍ରକ ଯିବାର ଥିଲା। ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ସମ୍ମୁଖ ଭାଗରୁ ଆସୁଥିବା ହାଇୱା (ଓଡି ୦୯ ୱାଇ-୯୬୮୨) ସେମାନଙ୍କୁ ଧକ୍କାଦେଇ ବାଇକ୍ ଉପରେ ମାଡ଼ିଯାଇଥିଲା। ବାଇକ୍‌ରେ ଥିବା ୩ ଭଉଣୀ,ଭାଇ ଗୁରୁତର ହୋଇଥିଲେ। ଘସିପୁରା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାରକରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ହାଇୱାକୁ ପୋଲିସ ଜବତ କରିଥିବା ବେଳେ ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁଇ ଦୁଇଟି ଭେଣ୍ଡିଆ ପୁଅଙ୍କୁ ହରାଇଥିବା ମାଆ ଏବଂ ଝିଅକୁ ହରାଇଥିବା ମାଆଙ୍କ ହୃଦୟବିଦାରକ କାନ୍ଦ ଚିକିତ୍ସାଳୟ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ଏନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ସୁପ୍ରିମକୋର୍ଟ ‘ତାରିଖ ପେ ତାରିଖ’ କୋର୍ଟ ନୁହେଁ

## ମାମଲାଗୁଡ଼ିକର ବାରମ୍ବାର ଆଡଜର୍ନମେଣ୍ଟକୁ ନେଇ ସିଜେଆଇଙ୍କ ଅସନ୍ତୋଷ

ନୂଆଦିଲ୍ଲୀ,୩।୧୧

ସୁପ୍ରିମକୋର୍ଟରେ ବିଚାରାଧୀନ ସଦ୍ୟ ପ୍ରସଙ୍ଗଗୁଡ଼ିକର ଶୁଣାଣି ପାଇଁ ଆଉ ଅଧିକ ସମୟ ନ ମାଗିବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶୁକ୍ରବାର ଓକିଲମାନଙ୍କୁ ପରାମର୍ଶ ଦେଇଛନ୍ତି। ହିନ୍ଦୀ ଫିଲ୍ମ ‘ଦାମିନୀ’ରେ ଅଭିନେତା ସନ୍ନି ଦେଓଲଙ୍କ ଡାଇଲଗ୍‌କୁ ମନେପକାଇ ସିଜେଆଇ କହିଛନ୍ତି, ସୁପ୍ରିମକୋର୍ଟକୁ ‘ତାରିଖ ପେ ତାରିଖ’ କୋର୍ଟ କରିବାକୁ ସେ ଚାହୁଁନାହାନ୍ତି।

ସର୍ବୋଚ୍ଚ ଅଦାଲତରେ ଶୁଣାଣି ଆରମ୍ଭ ହେବା ପରେ ସିଜେଆଇ ଚନ୍ଦ୍ରଚୂଡ଼ ଗତ ୨ ମାସ ମଧ୍ୟରେ ଆଇନଜୀବୀମାନେ ମାଗିଥିବା ତାରିଖକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେବଳ ସେପ୍ଟେମ୍ବର ଓ ଅକ୍ଟୋବରରେ ଆଇନଜୀବୀମାନେ ନୂଆ ମାମଲାଗୁଡ଼ିକରେ ୩,୬୮୮ ଥର ଆଡ୍‌ଜର୍ନମେଣ୍ଟ ସ୍ଲିପ୍ ଦାଖଲ କରି ଅଧିକ ସମୟ ମାଗିଥିଲେ। ଅତି ଜରୁରୀ ନ ପଡ଼ିଲେ ଦୟାକରି ଆଡ୍‌ଜର୍ନମେଣ୍ଟ ସ୍ଲିପ୍ ଦାଖଲ କରନ୍ତୁ ନାହିଁ। ଏହି କୋର୍ଟକୁ ମୁଁ ‘ତାରିଖ ପେ ତାରିଖ’ କୋର୍ଟରେ ପରିଣତ କରିବାକୁ ଚାହୁଁନାହିଁ ବୋଲି ଜଷ୍ଟିସ୍ ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠର ଅଧ୍ୟକ୍ଷତା କରୁଥିବା ସିଜେଆଇ ପ୍ରକାଶ କରିଥିଲେ। ସିଜେଆଇ ଆହୁରି କହିଥିଲେ, ବର୍ତ୍ତମାନ ଓକିଲ ସଂଘଗୁଡ଼ିକର ସହଯୋଗକ୍ରମେ ନୂଆ ମାମଲାଗୁଡ଼ିକୁ ତାଲିକାଭୁକ୍ତ କରିବା ନେଇ ସମୟ ବ୍ୟବଧାନ ହ୍ରାସ ପାଇଛି। କିନ୍ତୁ ସେଗୁଡ଼ିକ ଖଣ୍ଡପୀଠଙ୍କ ନିକଟରେ ଶୁଣାଣି ପାଇଁ ଲିଷ୍ଟିଂ ହେବା ପରେ ଓକିଲମାନେ ଆଡଜର୍ନମେଣ୍ଟ କଲ୍ଚର ଆପଣାଉଛନ୍ତି। ଏହା ବାହ୍ୟ ଦୁନିଆକୁ ଅତି ଖରାପ ସନ୍ଦେଶ ଦେଉଛି। ନଭେମ୍ବର ୩ ପାଇଁ ଆମେ ୧୭୮ ଆଡଜର୍ନମେଣ୍ଟ ସ୍ଲିପ୍ ପାଇଛୁ। ଅକ୍ଟୋବାର ଆରମ୍ଭରୁ ପ୍ରତିଦିନ ଏଭଳି ୧୫୦ ସ୍ଲିପ୍ ମିଳିଛି। ମାମଲାର ଶୁଣାଣିକୁ ତ୍ୱରାନ୍ୱିତ କରିବାରେ ଏହା ବଡ଼ ବାଧକ ବୋଲି ସିଜେଆଇ କହିଛନ୍ତି। ପ୍ରକାଶ ଯେ, ୧୯୯୩ରେ ମୁକ୍ତିଲାଭ କରିଥିବା ‘ଦାମିନୀ’ ଫିଲ୍ମରେ ସନ୍ନି ଦେଓଲ ଜଣେ ଓକିଲ ଭୂମିକାରେ ନଜରକୁ ଆସିଥିଲେ। ସେ ନିଜ ମହକିଲ (ଜଣେ ବଳାତ୍କାର ପୀଡ଼ିତା)ଙ୍କ ପାଇଁ ମାମଲା ଲଢୁଥିବାବେଳେ ଅଭିଯୁକ୍ତଙ୍କ ଓକିଲ ଭୂମିକାରେ ଥିବା ଅମରୀଶ ପୁରୀ ଅଦାଲତଙ୍କୁ ଅଧିକ ସମୟ ମାଗିଥିଲେ। ଏହାକୁ ନେଇ ସନ୍ନି ଦେଓଲ ବିରକ୍ତି ଭାବ ପ୍ରକାଶ କରି ଏହି ‘ତାରିଖ ପେ ତାରିଖ’ ଡାଇଲଗ୍ ମାରିଥିଲେ, ଯାହାକି ଅଦ୍ୟାବଧି ସିନେପ୍ରେମୀଙ୍କ ମଧ୍ୟରେ ଲୋକପ୍ରିୟ ହୋଇ ରହିଆସିଛି।



ଡି.ୱାଇ. ଚନ୍ଦ୍ରଚୂଡ଼

**ପ୍ରଥମ ପୃଷ୍ଠାରୁ...**

## ଜାନୁୟାରୀ ୧୭ରେ ‘ପରିକ୍ରମା’ ...

୨୩୦ କୋଟି ୬୨ ଲକ୍ଷ ୫୦ ହଜାର ଟଙ୍କାରେ ଏହି ବିଶାଳ ୫ ମହଲା ବିଶିଷ୍ଟ ତୀର୍ଥଯାତ୍ରୀ କେନ୍ଦ୍ର ନିର୍ମାଣ ହେଉଛି। ଏହାପରେ ଗଜପତି ମହାରାଜା ଶ୍ରୀସେତୁ ପ୍ରକଳ୍ପ କାମ ବୁଲି ଦେଖିଥିଲେ। ପରେ ସେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଶେଷରେ ଗଜପତି ମହାରାଜା ସୂଚନା ଦେଇ କହିଥିଲେ ଯେ, ମହାପ୍ରଭୁଙ୍କ କୃପାରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି। ଜାନୁୟାରୀ ୧୭ରେ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଓ ଲୋକାର୍ପଣ କରାଯିବ। ଏଥିଲାଗି ୧୨ତାରିଖରୁ ହୋମଯଜ୍ଞ, ପୂଜାର୍ଚ୍ଚନା ଆରମ୍ଭ ହୋଇ ୫ଦିନ ଚାଲିବ। ଏ ସଂକ୍ରାନ୍ତରେ ପ୍ରସ୍ତାବ ଦିଆଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯାଇ ପୂର୍ଣ୍ଣାଙ୍ଗ ନିଷ୍ପତ୍ତି ନିଆଯିବ। ପରିକ୍ରମା ପ୍ରକଳ୍ପ ଶୀଘ୍ର ଶେଷ ହେଲେ ଭକ୍ତ ଉପକୃତ ହେବେ ଓ ପୁରୀରୁ ସୁଖଦ ଅନୁଭୂତି ନେଇ ଫେରିବେ। ପୁରୀକୁ ଆସୁଥିବା ଭକ୍ତ ସିଧାସଳଖ ଶ୍ରୀସେତୁ ଦେଇ ଆସି ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ନିର୍ମାଣ ହେଉଥିବା ତୀର୍ଥଯାତ୍ରୀ କେନ୍ଦ୍ରରେ ପହଞ୍ଚିବେ। ସେଠାରେ କାର୍, ଦୁଇଚକିଆ ଯାନ ପାର୍କିଂ ପାଇଁ ବ୍ୟବସ୍ଥା ହେଉଛି। ଏପରିକି ଭକ୍ତମାନେ ଗାଡ଼ି ରଖି କିଛି ସମୟ ବସିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସେହିପରି ମହାପ୍ରଭୁଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଲାଗି ଅଡିଟୋରିୟମ୍ ନିର୍ମାଣ ଚାଲିଛି। ଉକ୍ତ ଅଡିଟୋରିୟମ କେବଳ ପୁରୀବାସୀଙ୍କ ପାଇଁ ନୁହେଁ, ରାଜ୍ୟବାସୀ ତଥା ବିଶ୍ୱବାସୀଙ୍କ ଧାର୍ମିକ, ସାଂସ୍କୃତିକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ରହିବ। ଭକ୍ତଙ୍କ ସୁବିଧା ପାଇଁ ଫୁଡ୍ କୋର୍ଟ ଏବଂ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ରହିବ। ଭକ୍ତମାନେ ଶ୍ରୀମନ୍ଦିରଠାରୁ ଅତି କମ୍ ଦୂରରେ ସେମାନଙ୍କ ଗାଡ଼ି ରଖି ଶ୍ରୀମନ୍ଦିରକୁ ଯାଇପାରିବେ। ସେହିପରି ଶ୍ରୀମନ୍ଦିରକୁ ଯିବା ପାଇଁ ମିନିବସ୍ ସମେତ ବିଭିନ୍ନ ଗାଡ଼ି ବ୍ୟବସ୍ଥା କରାଯିବ। ଭକ୍ତଙ୍କ ନିମନ୍ତେ ଏପରି ଉତ୍ତମ ବ୍ୟବସ୍ଥା କରାଯାଉଛି। ଏସବୁ କାର୍ଯ୍ୟ ଡିସେମ୍ବରରେ ସମ୍ପୂର୍ଣ୍ଣ କରାଯିବ। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରୀକୁ ଆସୁଥିବା ଭକ୍ତ ଏକ ନୂତନ ଅନୁଭୂତି ନେଇ ଫେରିବେ। ଆଧ୍ୟାତ୍ମିକ ଭାବନା ଜାଗ୍ରତ ହେବ। ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଜାନୁୟାରୀ ୧୭ରେ ଲୋକାର୍ପଣ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ସହଯୋଗରେ ଏହି ଭବ୍ୟ ଉତ୍ସବ ଆୟୋଜନ କରାଯିବ। ଏହି ପ୍ରକଳ୍ପ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭକ୍ତଙ୍କୁ ଆକର୍ଷିତ କରିବ। ତେବେ ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟ ପୂର୍ବରୁ ଶ୍ରୀସେତୁ କାର୍ଯ୍ୟ ସରିବ। ପାର୍କିଂ କାର୍ଯ୍ୟ ସରିବାକୁ ବିଳମ୍ବ ହୋଇପାରେ। ତଥାପି ଫେବୃୟାରୀ ଆଡ଼କୁ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଦାସ କହିଥିଲେ।

## ସ୍କୁଲ ହତାରେ ହଷ୍ଟେଲ ...

- ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ପରିବାର ଲୋକେ
- ପୋଲିସ, ସାଇଣ୍ଟିଫିକ୍ ଟିମର ତଦନ୍ତ ଆରମ୍ଭ

ନେଇଯିବାରୁ ଭୟରେ ଏଭଳି ଚରମ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ସଦର ଏସ୍‌ଡିପିଓ ଦିଲୀପ ଦାସ, ତହସିଲଦାର ବିଭାସ ପାଣିଗ୍ରାହୀ, ଥାନାଧିକାରୀ ତାରିକ ଅହମ୍ମଦ ପ୍ରମୁଖ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଅଧିକାରୀମାନେ ପାବଲିଆସ ରହୁଥିବା ହଷ୍ଟେଲ ଶଯ୍ୟା ଯାଞ୍ଚ କରିବା ସହ ୱାର୍ଡେନ, ସ୍କୁଲ ଅଧ୍ୟକ୍ଷ ଏବଂ ଅନ୍ତେବାସୀ (ସହପାଠୀ)ଙ୍କୁ ପଚରାଉଚରା କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ମେଡିକାଲ ପଠାଇଛି। ଅନ୍ୟପଟେ ପୁଅର ଆତ୍ମହତ୍ୟା ଘଟଣାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେମାନେ ଏନେଇ ଥାନାରେ ଏତଲା ଦେବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସୂଚନା ମୁତାବକ, ପାବଲିଆସ ହଷ୍ଟେଲରେ ରହି ପାଠ ପଢୁଥିଲେ। ପୂଜା ଛୁଟି ପରେ ଗତ ୩୦ତାରିଖ(ସୋମବାର)ରେ ବାପାଙ୍କ ସହ ସ୍କୁଲକୁ ଫେରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ହଷ୍ଟେଲ ୱାର୍ଡେନ ରୁମ୍ ଚେକିଂ କରିବା ସମୟରେ ପାବଲିଆସଙ୍କ ଶଯ୍ୟା ନିକଟରେ ମୋବାଇଲ ଚାର୍ଜରେ ଲାଗିଥିବା ଦେଖି ନେଇଯାଇଥିଲେ। ଏହାର କିଛି ସମୟ ପରେ ପାବଲିଆସଙ୍କ ନିଦ ଭାଙ୍ଗିଯିବାରୁ ସେ ମୋବାଇଲ ଖୋଜି ପାଇ ନ ଥିଲେ। କୋଠରି ଭିତରେ ସମସ୍ତେ ଶୋଇଥିବା ବେଳେ ହଷ୍ଟେଲ ପାର୍ଶ୍ୱ ଲୁହା ଗ୍ରୀଲ୍ ତାଲା ତାଡ଼ି ଛାତ ପାର୍ଶ୍ୱ ଆମ୍ବ ଗଛରେ ପାବଲିଆସ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅପରପକ୍ଷରେ ରାତିରେ କିପରି ପାବଲିଆସ୍ ଗ୍ରୀଲ୍ ତାଲା ତାଡ଼ିଲେ ଏବଂ ଏହାକୁ କେହି ଜାଣି ନ ପାରିଲେ ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି। ତେବେ କେତେଜଣ ସହପାଠୀଙ୍କ କହିବାନୁଯାୟୀ, ପାବଲିଆସ ଜଣେ ମେଧାବୀ ଛାତ୍ର ଥିଲେ। କ୍ରୀଡ଼ାରେ ତାଙ୍କର ରୁଚି ଥିଲା। ତାଙ୍କ ବାପା ପୋଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ସେ ପାଠପଢ଼ି ଆଇପିଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିଲେ। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଛାତ୍ରଙ୍କ ମୃତଦେହ ଜବତ କରାଯିବା ସହ ଘଟଣାସ୍ଥଳ ଯାଞ୍ଚ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ସେହିପରି ସ୍କୁଲ ଅଧ୍ୟକ୍ଷ ବି. ଇଜରାଏଲ କହିଛନ୍ତି, ସମ୍ପୃକ୍ତ ଛାତ୍ର ଦଶମ ଶ୍ରେଣୀରେ ପଢୁଥିଲେ। ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ କରୁଛି। ହଷ୍ଟେଲ ଭିତରେ ଛାତ୍ରୀଛାତ୍ରଙ୍କୁ ମୋବାଇଲ ନିଷେଧ କରାଯାଇଛି। କେବଳ ରବିବାର ଏକ ଘଣ୍ଟା ପାଇଁ କଥା ହେବାକୁ ମୋବାଇଲ ଦିଆଯାଉଛି ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ଉତ୍କଟ ...

ବ୍ୟାପକ ଗଛ କଟାକୁ ନେଇ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କେଜ୍‌ରିୱାଲ ସରକାରଙ୍କ ବନ ବିଭାଗ ଉପରେ ବର୍ଷିଛନ୍ତି। ବନ ବିଭାଗର ଖାମଖିଆଲ ନୀତି ଯୋଗୁ ସହରର ବାୟୁ ବିଷରେ ପରିଣତ ହୋଇଥିବା ଜଷ୍ଟିସ୍ ଯଶମିତ୍ ସିଂ କହିଛନ୍ତି। ଆପଣମାନେ ଦିଲ୍ଲୀବାସୀଙ୍କୁ ଗ୍ୟାସ୍ ଚାମ୍ବରରେ ରଖିବାକୁ ଚାହୁଁଛନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଦିଲ୍ଲୀ ନାଗରିକମାନେ ଆଜି ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ସେଥିପାଇଁ ଆପଣମାନେ ଦାୟୀ ବୋଲି ଅଦାଲତ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଗୁରୁବାର ଜାତୀୟ ରାଜଧାନୀ ଅଞ୍ଚଳରେ ଅତି ଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସହ ସହର ମଧ୍ୟକୁ ଡିଜେଲ ଟ୍ରକ୍ ପ୍ରବେଶକୁ ନିଷେଧ କରିଥିଲେ। ଏଥିସହିତ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଦୁଇଦିନ ପାଇଁ ବନ୍ଦ ଘୋଷଣା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ** ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ମହିଳାମାନେ ପାରିବାରିକ ଚିନ୍ତାରେ ବୁଡ଼ିରହିବେ।

**ମିଥୁନ** କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ସହକର୍ମୀମାନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ାରେ ପ୍ରଶଂସାର ପାତ୍ର ହେବେ। ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ** ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତିକରି ସଫଳତା ପାଇବେ। ସନ୍ତାନହେତୁକ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପୁରୁଣା ରୋଗକଷ୍ଟ ସହିବାକୁ ପଡ଼ିପାର। ଆର୍ଥିକ ସ୍ଥିତି ଭଲ ରହିବ।

**ସିଂହ** ଆଜିର କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅନ୍ୟମାନଙ୍କ ସକାଶେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା** ଦୁର୍ଭାବନା ବଢ଼ିଚାଲିବ। ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି ଓ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ତୁଳା** ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ପିଲାଙ୍କ ପାଠପଢ଼ାକୁ ନେଇ ସାମାନ୍ୟ ଚିନ୍ତିତ ହୋଇପାରନ୍ତି।

**ବିଛା** ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ। ପିଲାମାନଙ୍କର କୃତି ଓ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ। ମହିଳାମାନଙ୍କ ପାଇଁ ଦିନଟି ଆମୋଦପ୍ରଦ ହେବ।

**ଧନୁ** ଯୋଜନାଗୁଡ଼ିକୁ ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ। ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ। ଆବଶ୍ୟକତାଠୁ ଅଧିକ ବ୍ୟୟ କରିବାକୁ ବାଧ୍ୟ ହେବେ।

**ମକର** ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ମହିଳାମାନେ ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ।

**କୁମ୍ଭ** ଆଜି ହଠାତ୍ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ।

**ମୀନ** ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଆଜି ଦିନ ମଧ୍ୟରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଅପବାଦର ଶରବ୍ୟ ହେବେ। ସ୍ୱାସ୍ଥ୍ୟ ଭଲ ରହିବ।

ଆଜି କାର୍ତ୍ତିକ କୃଷ୍ଣ ସପ୍ତମୀ ଶନିବାର, ନଭେମ୍ବର ୪ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୨ ଗତେ ଘ.୦୮।୪୧ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୧ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।




5% CASHBACK# SBI card
#Min. Trxn.: ₹25,000; Max. Cashback: ₹2,500 per card account.
Validity: 28 Oct - 11 Nov 2023. T&C Apply.

ଆମର ଅନନ୍ୟ କଲେକଶନ୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ୍ୟ ଉପଲବ୍ଧ www.reliancejewels.com
ଆମକୁ ଅନୁସରଣ କରନ୍ତୁ:

ଅନଗୁଳ: ଫୋନ୍: 8249389498/06764-231280 । ବାଲାଙ୍ଗୀର: ଫୋନ୍: 7008120335
ଭୁବନେଶ୍ୱର: ଜନପଥ, ଫୋନ୍: 7008218533/9835924332/7894455782/9861207889/0674-2570035/64
ବରଗଡ଼: ଫୋନ୍: 7991081172/8249056295 । ବ୍ରହ୍ମପୁର (ଓଡିଶା): ଫୋନ୍: 7008995399, 0680-2250017/18
ଭଦ୍ରକ: ଫୋନ୍: 9078000357/7377280211/8249081489 । ଢେଙ୍କାନାଳ: ଫୋନ୍: 9348432641
ଯାଜପୁର: ଫୋନ୍: 9078084953 । ଝାରସୁଗୁଡ଼ା: ଫୋନ୍: 6645291740/9861925764/8926977419
ରାଉରକେଲା: ଫୋନ୍: 8456006992/9583420586 । ସମ୍ବଲପୁର: ଫୋନ୍: 6372909946
କେନ୍ଦୁଝର: ଫୋନ୍: 7008752980 । କଟକ: ଫୋନ୍: 7682848136/0671-2520011




100%^ ON-ROAD FUNDING AVAILABLE
BENEFITS UP TO ₹49 000*
GOLD COIN OFFER ^^GOLD COIN OFFER UP TO ₹5 000

SWIFT

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

**NARAYANI MOTORS**
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus, Gold coin offer and corporate offer (wherever applicable) on selected models/ variants. Above mentioned savings amount is the value of maximum savings on selected models. ^^Gold coin offer is applicable on select models/variants only on bookings of vehicle on or before 15th November, 2023. Terms and conditions apply. ^100% on-road funding is provided by select financiers only. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 15th November, 2023.

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡ଼ିବ। –ଶ୍ରୀମା



# ଡେପୁଟେଶନ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୁଜରାଟ କ୍ୟାଡରର ୭ ଜଣ ଉଚ୍ଚ ପଦାଧିକାରୀ ଆଇପିଏସ୍ ଅଧିକାରୀଙ୍କ କେନ୍ଦ୍ରୀୟ ଡେପୁଟେଶନ ପାଇଁ ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍ଏଚ୍ଏ) ଅନୁରୋଧ କରିଛି। ଏହାକୁ ନେଇ ତାଲିକାରେ ସ୍ଥାନ ପାଇଥିବା ଅଧିକାରୀମାନଙ୍କ ମଧ୍ୟରେ ଅଧିକ ଗୁଞ୍ଜରଣ ସୃଷ୍ଟି ହେବା ସହ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏହି ତାଲିକାରେ ଥିବା ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ଅଛନ୍ତି ସୁରଟ ରେଞ୍ଜର ଆଇଜିପି ଭି.ଚନ୍ଦ୍ରଶେଖର, ମେହସାନାର ଅଖାଲ ତାଇଗୀ, ଆନନ୍ଦର ଏସ୍ପି ପ୍ରବୀଣ ମୀନା, ଅହମଦାବାଦର ଏସ୍ପି ଅମିତ ଭାସାଭା, ଅହମଦାବାଦ ସାଇବର ସେଲ୍ର ଡିସିପି ଅଜିତ ରାଜିଆନ, ଏଟିଏସ୍ର ଏସ୍ପି ସୁନୀଲ ଯୋଶୀ ଏବଂ ଅହମଦାବାଦ କେନ୍ଦ୍ରୀୟ ଜେଲର ଏସ୍ପି ଶ୍ୱେତା ଶ୍ରୀମାଲି। ସୂଚନାଯୋଗ୍ୟ ଯେ, କେନ୍ଦ୍ରୀୟ ଡେପୁଟେଶନରେ ଏହା ଚନ୍ଦ୍ରଶେଖରଙ୍କ ଦ୍ୱିତୀୟ କାର୍ଯ୍ୟକାଳ ହେବ। ଏହା ପୂର୍ବରୁ ସେ ସିବିଆଇରେ ଡିଆଇଜି ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ସୁନୀଲ ଯୋଶୀ ଏବଂ ଶ୍ୱେତା ଶ୍ରୀମାଲିଙ୍କ ସ୍ୱାମୀ–ସ୍ତ୍ରୀ ଯୋଡ଼ି ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନ୍ଆଇଏ)କୁ କେନ୍ଦ୍ରୀୟ ଡେପୁଟେଶନ ପାଇଁ ସ୍ଥିର କରାଯାଇଛି। ସିବିଆଇରେ ନ ରହିବା ଲାଗି ଯୋଶୀ ଅନୁରୋଧ କରିବା ଯୋଗୁ ତାଙ୍କୁ ଏନ୍ଆଇଏରେ ଦାୟିତ୍ୱଦେବା ଲାଗି ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ଗୃହ ମନ୍ତ୍ରଣାଳୟ ଅବଶିଷ୍ଟ ୫ ଜଣ ଆଇପିଏସ୍ ଅଧିକାରୀଙ୍କୁ ସିବିଆଇ ଡେପୁଟେଶନ ପାଇଁ ଚୟନ କରିଥିବା ଦର୍ଶାଇଛି। ସୂଚନାନୁଯାୟୀ ବିଭିନ୍ନ ରାଜ୍ୟରୁ ମୋଟ ୧୩ ଜଣ ଆଇପିଏସ୍ ଅଧିକାରୀଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଡେପୁଟେଶନ ପାଇଁ ଶର୍ଟଲିଷ୍ଟ କରାଯାଇଥିଲା। ୬ଜଣ ଆଇପିଏସ୍ ଅଧିକାରୀଙ୍କୁ ରିଲିଜ୍ ଲାଗି ଏମ୍ଏଚ୍ଏ ଅନ୍ୟ ରାଜ୍ୟଗୁଡ଼ିକୁ ଜଣାଇଥିବାବେଳେ ଖୁବ୍ ଶୀଘ୍ର ଗୁଜରାଟର ୭ ଜଣ କ୍ୟାଡର ଅଧିକାରୀଙ୍କ ପାଇଁ ସମାନ ଅନୁରୋଧ କରାଯିବ ବୋଲି ଆଶା କରାଯାଉଛି। ସୂତ୍ରରୁ ପ୍ରକାଶ ଯେ କେନ୍ଦ୍ରୀୟ ଏଜେନ୍ସିରେ ବିଭିନ୍ନ ପ୍ରମୁଖ ପଦବୀରେ କାର୍ଯ୍ୟ କରୁଥିବା ୧୦ରୁ ଅଧିକ ଗୁଜରାଟ କ୍ୟାଡର ଆଇପିଏସ୍ ଅଧିକାରୀଙ୍କୁ ନେଇ ଏହି ପଦକ୍ଷେପ ନିଆଯାଉଛି। ଅମଲାତନ୍ତ୍ର ଦୃଷ୍ଟିରୁ ବିଚାର କଲେ ମୋଦିଙ୍କ ଆଗମନ ପୂର୍ବରୁ ଗୁଜରାଟର ସ୍ଥିତି ଏତେ ଭଲ କେବେ ବି ନ ଥିଲା! ସମ୍ପ୍ରତି ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରୀୟ ଏଜେନ୍ସି ସମ୍ପର୍କରେ ଗୁପ୍ତ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ତାହାର ଏକ ପଦୋନ୍ନତି ତାଲିକା କିଛି ସନ୍ତୁଳନ ବିଗାଡ଼ିବା ସହ କେତେକଙ୍କୁ ଅସନ୍ତୁଷ୍ଟ କରିଛି।

### ବାବୁଙ୍କ ବିରୋଧ

ସରକାରଙ୍କ ସଫଳତାକୁ ଲୋକଲୋଚନକୁ ଆଣିବା ପାଇଁ ଯୁଗ୍ମ ସଚିବ, ନିର୍ଦ୍ଦେଶକ ଏବଂ ଉପ ନିର୍ଦ୍ଦେଶକଙ୍କୁ ଜିଲା 'ରଥ ପ୍ରଭାରୀ' ଭାବେ ନିଯୁକ୍ତ କରିବା ପାଇଁ କେନ୍ଦ୍ର ଏକ ଚିଠି ଜାରି କରିବାର ଗୋଟିଏ ସପ୍ତାହ ପରେ ବାବୁମାନଙ୍କ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛି । ଫଳରେ କେନ୍ଦ୍ରର ମୋଦି ସରକାର ପଛକୁ ଫେରିଛି। ବାସ୍ତବରେ ଏହା ମୋଦି ସରକାରଙ୍କ ଏକ ଅଧୋଗତିକୁ ସୂଚିତ କରୁଛି। ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଉଛି, ନିର୍ବାଚନ ଆୟୋଗ (ଇସି) ଏକ ବିଜ୍ଞପ୍ତି ଜାରିକରି କହିଛନ୍ତି ଯେ, ଡିସେମ୍ବର ୫ ପର୍ଯ୍ୟନ୍ତ ନିର୍ବାଚନ ଆଚରଣବିଧି ବଳବତ୍ତର ଥିବା ନିର୍ବାଚନମଣ୍ଡଳୀରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ ନାହିଁ। ବିରୋଧୀ ଦଳଗୁଡ଼ିକ ଏବଂ ଅବସରପ୍ରାପ୍ତ ବରିଷ୍ଠ ଅମଲାତନ୍ତ୍ରୀମାନେ ଏଭଳି ପଦକ୍ଷେପକୁ ସମାଲୋଚନା କରିବା ପରେ ସୂଚନା ଏବଂ ପ୍ରସାରଣ ସଚିବ ଅପୂର୍ବ ଚନ୍ଦ୍ରା ମଧ୍ୟ ଇସିଙ୍କ କଥାକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ, ବରିଷ୍ଠ ସରକାରୀ ଅଧିକାରୀମାନଙ୍କ ପାଇଁ 'ରଥ ପ୍ରଭାରୀ' ଶବ୍ଦ ବ୍ୟବହାର କରିବା ଯଥାର୍ଥ ନୁହେଁ ଏବଂ ଏବେ ଏହି ଅଧିକାରୀମାନଙ୍କୁ ନୋଡାଲ ଅଧିକାରୀ ଭାବେ ସମ୍ବୋଧିତ କରାଯିବ। ଯେତେବେଳେ ଅଭିଯାନ ଆରମ୍ଭ ହେବ ସେତେବେଳେ ଅମଲାତନ୍ତ୍ର ଓ ସାଧାରଣରେ ଯେଉଁ ନକାରାତ୍ମକ ଭାବ ସୃଷ୍ଟି ହେବ ତାହା ସରକାରଙ୍କୁ ଚକିତ କରିପାରେ। ଅମଲାତନ୍ତ୍ରର ଅଧିକାଂଶ କାର୍ଯ୍ୟକାଳରେ ଏକ ବାବୁ ସଂସ୍କୃତିର ବିକାଶ ହୋଇଛି, ଯେଉଁଥିରେ ବାବୁମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ସେମାନଙ୍କ ରାଜନୈତିକ ଗୁରୁମାନଙ୍କୁ ବିଶେଷଭାବରେ ଅଧିକାର ଓ ଶାସନର ନୈତିକତା ଉପରେ ପ୍ରଶ୍ନ କରିବାକୁ ସାହସ କରିଛନ୍ତି। ତେବେ ବାବୁମାନଙ୍କର ଏହି ଦୃଢ଼ ପ୍ରକୃତରେ ଏକ ବିରଳ ଘଟଣା। ଏହା ନାଗରିକ ସେବା ଏବଂ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଭଲ।

Email: dilipcherian@gmail.com

# ଇସ୍ରାଏଲକୁ ସମର୍ଥନ ଅନ୍ତରାଳେ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଅକ୍ଟୋବର ୭ରେ ପାଲେଷ୍ଟିନୀୟ ଚରମପନ୍ଥୀ ସଙ୍ଗଠନ 'ହମାସ୍'ର ଆକ୍ରମଣ ପରେ ଇସ୍ରାଏଲର ବୋମା ଓ କ୍ଷେପଣାସ୍ତ୍ର ମାଡ଼ରେ ଏଯାଏ ୮ହଜାରରୁ ଅଧିକ ପାଲେଷ୍ଟିନୀୟ ପ୍ରାଣ ହରାଇଥିବା ବେଳେ ୧୮ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି। ମୃତକମାନଙ୍କ ମଧ୍ୟରେ ୬୨% କେବଳ ମହିଳା ଓ ଶିଶୁ ରହିଛନ୍ତି। ସେଠାରେ ରିଲିଫ୍ ଓ ଥଇଥାନ କାମରେ ନିୟୋଜିତ ଜାତିସଂଘର ୩୫ ଜଣ କର୍ମଚାରୀ ବି ବୋମାମାଡ଼ରେ ପ୍ରାଣ ହରାଇଛନ୍ତି।

ଗାଜାଷ୍ଟ୍ରିପ୍‌ରେ ରହୁଛନ୍ତି ୨୨ ଲକ୍ଷ ପାଲେଷ୍ଟିନୀୟ। ୨୦୦୭ରୁ ଗାଜାକୁ ଏକ ଖୋଲା ଜେଲରେ ପରିଣତ କରି ରଖିଥିବା ଇସ୍ରାଏଲ ଏବେ ସେଠାକୁ ପାଣି, ଇନ୍ଧନ, ଖାଦ୍ୟ, ଜିନିଷପତ୍ର ଓ ବିଦ୍ୟୁତ୍ ଯୋଗାଣକୁ ଏକଦମ୍ ବନ୍ଦ କରିଦେଇ ସେମାନଙ୍କୁ ମୋରିବାକୁ ଷଡ଼ଯନ୍ତ୍ର କରିଛି। ପାଶ୍ଚାତ୍ୟ ଦେଶମାନଙ୍କ ସମେତ ବିଶ୍ୱର ପ୍ରାୟ ସବୁ ଦେଶର ଲୋକ ଇସ୍ରାଏଲୀ ବର୍ବରତା ଓ ଯୁଦ୍ଧକୁ ବିରୋଧ କରିଛନ୍ତି। ଅବସ୍ଥା ଏପରି ହୋଇଛି ଯେ ଶେଷରେ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିୟୋ ଗୁଟେରସଙ୍କୁ ବି ପାଲେଷ୍ଟାଇନ୍‌ବାସୀଙ୍କ ପ୍ରତି ଇସ୍ରାଏଲ କରି ଆସିଥିବା ହିଂସା, ଗୋଲାମୀ ଓ ଅମାନବିକତାକୁ ଖୋଲାଖୋଲି ଭାବେ କହିବାକୁ ପଡ଼ିଛି। ଆଜି ଇସ୍ରାଏଲ ଯୁଦ୍ଧ ବିରୋଧରେ ସମଗ୍ର ଆରବ ଜଗତ ସମେତ ବିଶ୍ୱର ଅଧିକାଂଶ ଦେଶ ସ୍ୱର ଉଠାଇଛନ୍ତି। ଏପରିକି ଇସ୍ରାଏଲର ନାଗରିକମାନେ ବି ନିଜ ଦେଶର ଯୁଦ୍ଧ ଅଭିଯାନକୁ ବିରୋଧ କରି ରାସ୍ତାକୁ ଆସିବା ଦେଖାଯାଇଛି। ସେଠାକାର ମିଡିଆର ଏକ ବଡ଼ ଭାଗ ନେତାନ୍ୟାହୁ ସରକାରଙ୍କ ଯୁଦ୍ଧଖୋର ନୀତି ବିରୋଧରେ କହିଛି। କେବଳ ଆମେରିକା, ଇଂଲଣ୍ଡ, ଜର୍ମାନୀ ପରି ହାତଗଣତି ପାଶ୍ଚାତ୍ୟ ଦେଶଙ୍କୁ ଛାଡ଼ିଦେଲେ ବିଶ୍ୱର ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ଦେଶ ଇସ୍ରାଏଲ ପକ୍ଷରେ ଠିଆ ହେବାକୁ ସାହସ କରିନାହାନ୍ତି।

ପରିତାପର ବିଷୟ ଐତିହାସିକ ଭାବେ ପାଲେଷ୍ଟାଇନ ପକ୍ଷରେ ରହିଆସିଥିବା ଭାରତ ଏବେ ଇସ୍ରାଏଲ ପକ୍ଷରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଠିଆହେବା ବାରମ୍ବାର ଦେଖାଯାଇଛି। 'ହମାସ୍'ର' ଆକ୍ରମଣ ପରେ 'ଭାରତ ଇସ୍ରାଏଲ ସହିତ ଠିଆହୋଇଛି ବୋଲି ଟୁଇଟ୍ କରି ପ୍ରଧାନମନ୍ତ୍ରୀ ମୋଦି କେବଳ ପାଲେଷ୍ଟାଇନ୍‌ର ସ୍ୱାଧୀନତା ପ୍ରତି ଭାରତର ରହିଆସିଥିବା ନୀତିକୁ ବଦଳାଇ ନାହାନ୍ତି, ବରଂ ବିଶ୍ୱରେ ଭାରତର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଛନ୍ତି। ଯଦିଓ ବିଶ୍ୱର ରାଜନୈତିକ ପରିସ୍ଥିତିକୁ ହୃଦୟଙ୍ଗମ କରି ଏହାର ଠିକ୍ ୪ଦିନ ପରେ ଭାରତ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରେସ୍ ବିବୃତି ଜାରି କରି ଭାରତ ପାଲେଷ୍ଟାଇନ୍‌ବାସୀଙ୍କ ସ୍ୱାଧୀନତାର



ସଂଗ୍ରାମକୁ ସମର୍ଥନ ଜାରି ରଖିବ ବୋଲି କୁହାଯାଇଛି ଏବଂ ତା'ର କିଛି ଦିନ ପରେ ପ୍ରଧାନମନ୍ତ୍ରୀ ମୋଦି ପାଲେଷ୍ଟାଇନ୍‌ର ପ୍ରଧାନମନ୍ତ୍ରୀ ମହମ୍ମଦ ଆବାସଙ୍କ ସହ ଟେଲିଫୋନରେ କଥା ହୋଇ ଗାଜାର ଯୁଦ୍ଧପୀଡ଼ିତଙ୍କୁ ମାନବୀୟ ସହାୟତା ପଠାଇଛନ୍ତି, କିନ୍ତୁ ତାହା ଭାରତର ଭାବମୂର୍ତ୍ତିକୁ ସୁଧାରିବାରେ ସହାୟକ ହୋଇନି। 'ହମାସ୍'ର ଆତଙ୍କକୁ ମାତ୍ର କିଛି ମିନିଟ୍ ମଧ୍ୟରେ ନିନ୍ଦା କରିଥିବା ପ୍ରଧାନମନ୍ତ୍ରୀ ମୋଦି ଏଯାଏ ଗାଜାରେ ଇସ୍ରାଏଲର ବର୍ବରତା ଓ ନରସଂହାରକୁ ନିନ୍ଦା କରିବାକୁ ସାହସ ଜୁଟାଇ ପାରିନାହାନ୍ତି। ଅନ୍ୟପଟେ ଇସ୍ରାଏଲକୁ ସମର୍ଥନ କରି ଶାସକ ଭାଜପାର ସମର୍ଥକ ଓ ସହଯୋଗୀ ହିନ୍ଦୁତ୍ୱବାଦୀ ଶକ୍ତିମାନେ ଏହି ଘଟଣାକୁ ନେଇ ଦେଶରେ ମୁସଲମାନଙ୍କ ବିରୋଧରେ ଘୃଣା ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି।

ତବେ 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' ପରି ଭାରତ ସରକାରଙ୍କ ଇସ୍ରାଏଲୀ ପ୍ରେମ ଏବେ ପୁଣିଥରେ ସାମନାକୁ ଆସିଛି। ନିକଟରେ ଗାଜାର ଯୁଦ୍ଧ ପୀଡ଼ିତଙ୍କୁ ମାନବୀୟ ସହାୟତା ଦେବାକୁ ଏକ ଦୀର୍ଘକାଳୀନ ଯୁଦ୍ଧବିରତି ପାଇଁ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଆରବ ଲିଗ୍ ପକ୍ଷରୁ ଜୋର୍ଡାନ ଆଣିଥିବା ପ୍ରସ୍ତାବ ଉପରେ ମତଦାନ ବେଳେ ଭାରତର ଭୂମିକା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ପ୍ରସ୍ତାବକୁ ରୁଷିଆ, ଚାଇନାଠାରୁ ଆରମ୍ଭ କରି ସମସ୍ତ ଆରବ ଦେଶ ଏପରିକି ଫ୍ରାନ୍ସ ପରି ପାଶ୍ଚାତ୍ୟ ଦେଶକୁ ମିଶାଇ ମୋଟ ୧୨୦ ଦେଶ ସମର୍ଥନ କରିଥିବା ବେଳେ ଇସ୍ରାଏଲ ଓ ଆମେରିକା ସମେତ ମାତ୍ର ୧୪ଟି ଦେଶ ହିଁ ବିରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଆମେରିକା କେବଳ ଆଜି ନୁହେଁ ବରଂ ଆରମ୍ଭରୁ ହିଁ ଇସ୍ରାଏଲକୁ ସମର୍ଥନ ଦେଇ ଆସିଛି। ୧୯୭୨ଠାରୁ ଏଯାଏ ସଂଯୁକ୍ତ ରାଷ୍ଟ୍ରରେ ଇସ୍ରାଏଲ୍‌ର ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ଦମନ ଓ ଜମି କବ୍‌ଜା ବିରୋଧରେ ଆସିଥିବା ପ୍ରସ୍ତାବଗୁଡ଼ିକ ଉପରେ ଆମେରିକା କମ୍‌ସେ କମ୍ ୫୩ ଥର ଭିଟୋ ପ୍ରୟୋଗ କରି ତାକୁ ଖାରଜ କରିଛି। ଏହାର ଅର୍ଥ ହେଲା, ଇସ୍ରାଏଲ ପାଲେଷ୍ଟାଇନ୍‌ରେ ଯେତେ ବର୍ବରତା ଓ ଯୁଦ୍ଧ ଅପରାଧ କଲେ ମଧ୍ୟ ଆମେରିକା ଜାତିସଂଘରେ ତାକୁ ଦୃଢ଼ ସମର୍ଥନ ଦେବ। ଇସ୍ରାଏଲକୁ ଏଭଳି ଅନ୍ଧ ସମର୍ଥନ ପଛରେ ପ୍ରମୁଖ କାରଣଟି ହେଲା ତୈଳ ସମ୍ପଦରେ ସମୃଦ୍ଧ ମଧ୍ୟପ୍ରାଚ୍ୟରେ ନିଜର ରାଜନୈତିକ, ସାମରିକ ଓ ଆର୍ଥିକ ପ୍ରଭାବ ଏବଂ ନିୟନ୍ତ୍ରଣକୁ ବଜାୟ ରଖିବା ପାଇଁ ଇସ୍ରାଏଲ ତା'ର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ କାମ କରୁଛି।

ଅନ୍ୟପକ୍ଷରେ ଇସ୍ରାଏଲକୁ ଭାରତ ସରକାରଙ୍କ ସମର୍ଥନ ପଛରେ ଦେଶର ସାମୂହିକ ସ୍ୱାର୍ଥ ପରିବର୍ତ୍ତେ ଗୋଟିଏ ଘରୋଇ କମ୍ପାନୀର ସ୍ୱାର୍ଥ ରହିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ମୋଦିଙ୍କ ଶାସନ କାଳରେ ଇସ୍ରାଏଲରେ ଆଦାନୀର କାରବାର ବଢ଼ିଛି। ଚଳିତ ବର୍ଷ ଇସ୍ରାଏଲର ସବୁଠାରୁ ବଡ଼ ବନ୍ଦର, ହାଇଫାକୁ ଆଦାନୀ ୧୨୦କୋଟି ଡଲାର ବିନିମୟରେ କିଣିଛି। ଏହି ବନ୍ଦରର ମାଲିକାନା ହସ୍ତାନ୍ତର ସମୟରେ ଗୌତମ ଆଦାନୀଙ୍କ ସହ ଖୋଦ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ଉପସ୍ଥିତ ଥିଲେ। ଏହା ବାଦ୍ ନିକଟରେ ଭାରତରେ ଅନୁଷ୍ଠିତ ଜି ୨୦ ବୈଠକରେ ଭାରତରୁ ୟୁରୋପକୁ ଯେଉଁ ବାଣିଜ୍ୟ କରିଡରର ନିଷ୍ପତ୍ତି ନିଆଗଲା, ତା'ର ସବୁଠାରୁ ବଡ଼ ଲାଭାର୍ଥୀ ଆଦାନୀ ହେବାକୁ ଯାଉଛି। ଭାରତ, ଇସ୍ରାଏଲ ଓ ଆମେରିକା ଉଦ୍ୟମରେ ହେବାକୁ ଯାଉଥିବା ଏହି କରିଡରରେ ଆଦାନୀର ମୁମ୍ବାଇ, ମୁନ୍ଦ୍ରା ଓ ହାଇଫା ପରି ଅନେକ ବନ୍ଦର ଓ ବିମାନ ବନ୍ଦର ଯୋଡ଼ି ହେବାକୁ ଯାଉଛି। ଏଥିରେ ଯୋଡ଼ି ହେବାକୁ ଥିବା ଗ୍ରିସ୍‌ର ପିୟେରେସ୍, ଭୋଲେସ୍ ଆଦି ବନ୍ଦରକୁ ମଧ୍ୟ କିଣିବାକୁ ଆଦାନୀ ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ କଥାବାର୍ତ୍ତା ଚାଲିଛି। ଏହା ସହିତ ଭାରତ ଏବେ ଇସ୍ରାଏଲୀ ଅସ୍ତ୍ରଶସ୍ତ୍ରର ଏକ ବଡ଼ କ୍ରେତାରେ ପରିଣତ ହୋଇଛି। ଏହିସବୁ କାରଣରୁ ହିଁ ମୋଦି ସରକାର ନିଜର ପାଲେଷ୍ଟାଇନ୍ ନୀତିରେ ପରିବର୍ତ୍ତନ କରିଛନ୍ତି।

ତେବେ ଜାତିସଂଘରେ ଗାଜାରେ ଯୁଦ୍ଧ ବିରାମ ସପକ୍ଷରେ ଶାନ୍ତି ପାଇଁ ଭୋଟ ଦେବାରୁ ବିରତ ରହି ଭାରତ ଏକ ମସ୍ତବଡ଼ ରଣକୌଶଳଗତ ଭୁଲ୍ କରିଛି ବୋଲି କୁହାଯାଇପାରେ। ଭୋଟଦାନ ବିରତ ପରେ ପରେ ଇସ୍ରାଏଲ ପାଇଁ ଗୋଇନ୍ଦାଗିରି କରୁଥିବା ଅଭିଯୋଗରେ କାତାରର ଏକ ଅଦାଲତ ଭାରତର ୮ ଜଣ ବରିଷ୍ଠ ନୌସେନା ଅଧିକାରୀଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି। ଆରବୀ ମିଡିଆରେ ଏଥିପାଇଁ ଭାରତର ଇସ୍ରାଏଲ ସପକ୍ଷବାଦୀ ପରିବର୍ତ୍ତିତ ନୀତିକୁ ଦାୟୀ କରାଯାଇଛି।

ଅନ୍ୟପକ୍ଷରେ ଇସ୍ରାଏଲ ବିରୋଧରେ ଏକାଠି ହୋଇଥିବା ତୈଳ ସମୃଦ୍ଧ ଆରବ ଦେଶଗୁଡ଼ିକୁ ଅସନ୍ତୁଷ୍ଟ କରିବା ଭାରତ ପାଇଁ ମହଙ୍ଗା ପଡ଼ିବାକୁ ଯାଉଛି। କାରଣ ଭାରତ ବାହାରେ ଅନ୍ୟ ଦେଶରେ ରହୁଥିବା ୧.୩୪କୋଟି ଭାରତୀୟଙ୍କ ମଧ୍ୟରେ ସବୁଠାରୁ ବେଶି ଅର୍ଥାତ୍ ୮୮.୮ ଲକ୍ଷ (୬୬%) ଭାରତୀୟ କେବଳ ମଧ୍ୟପ୍ରାଚ୍ୟର ଛଅଟି ଦେଶରେ ରହୁଛନ୍ତି। ସେମାନଙ୍କଠାରୁ ପ୍ରତିବର୍ଷ ବିପୁଳ ପରିମାଣର ବୈଦେଶିକ ମୁଦ୍ରା ଭାରତକୁ ଆସୁଛି। ଏହାବାଦ୍ ଆମର ମୋଟ ତୈଳ ଆବଶ୍ୟକତାର ସିଂହଭାଗଟି କେବଳ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆମଦାନୀ ହେଉଛି। ପୁଣି ସେସବୁ ଦେଶର ବଜାରରେ ଭାରତୀୟ କମ୍ପାନୀଗୁଡ଼ିକର ବିଭିନ୍ନ ସାମଗ୍ରୀର ଏକ ଚାହିଦା ରହିଛି। ଏଭଳି ପରିସ୍ଥିତିରେ ଇସ୍ରାଏଲକୁ ସମର୍ଥନ କରିବା ନାଁରେ ଉପରୋକ୍ତ ଦେଶମାନଙ୍କ ସହ ଆମର ସମ୍ପର୍କକୁ ଖରାପ କରିବା ଦେଶର ସ୍ୱାର୍ଥକୁ ପ୍ରଭାବିତ କରିବ।

ମୋ: ୯୪୩୭୧୬୬୩୯୧

# ଚା'ର ମଜା



ଶୁଭନାରାୟଣ ଶତପଥୀ

ଚା' ସମ୍ବନ୍ଧରେ ରୋଚକ ତଥ୍ୟ ଦେଖିବାକୁ ମିଳେ। ନମୁନା ସର୍ଭେ ରିପୋର୍ଟ ଅନୁସାରେ, ଭାରତର ମୋଟ ପରିବାର ମଧ୍ୟରୁ ପାଖାପାଖି ୮୮ଶତକଡା ଚା' ପିଇବାରେ ଅଭ୍ୟସ୍ତ। ସେହିପରି ଆମେରିକାରେ ପ୍ରାୟ ୧୫୯ ମିଲିୟନ ଅର୍ଥାତ୍ ୪୮ଶତକଡା ଲୋକ ଚା' ପିଇଥାନ୍ତି। ପ୍ରତିଦିନ ପ୍ରାୟ ୩ ବିଲିୟନ କପ୍ ଚା' ସାରା ବିଶ୍ୱରେ ପିଇଥାନ୍ତି ଓ ଭାରତରେ ଜଣେ ପ୍ରାପ୍ତବୟସ୍କ ପ୍ରତିଦିନ ହାରାହାରି ୨ କପ୍ ଚା' ପାନ କରିଥାନ୍ତି। ସବୁ ଅର୍ଥନୈତିକ ପରିସ୍ଥିତିରେ ଚା' ସ୍ଥିତି ସୁଦୃଢ଼ ଥାଏ। ଚା'ର ଆଦର ଖଟିରୁ ପାର୍ଲାମେଣ୍ଟ ଯାଏ ରହିଛି। କେଉଁଠି ଚା'କୁ ବଦଭ୍ୟାସ ବୋଲି କୁହାଯାଏ ତ ଆଉ କେଉଁଠି ଲକ୍ଷ୍ୟ ହାସଲର ମାଧ୍ୟମ କୁହାଯାଏ। ଏ ସମାଜରେ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଚା' ବିନା ଜୀବନ ଜିଇଥାନ୍ତି। ସେ ଯାହାହେଉନା କାହିଁକି ଚା'ର ସ୍ୱତନ୍ତ୍ରତା ସବୁଠି ରହିଛି। ୨୦୨୩ରେ ଭାରତରେ ଚା' ବଜାର ରାଜସ୍ୱ ୧୩.୬ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଥିବାବେଳେ ୨୦୨୩ରୁ ୨୦୨୮ ପର୍ଯ୍ୟନ୍ତ ବଜାର ବାର୍ଷିକ ୫.୯୭ ଶତକଡା ବୃଦ୍ଧି ପାଇବ। ତେବେ ଭାରତରେ ମୋଟ ୧୩୩୪ ମିଲିୟନ କେଜି ଚା' କାରବାର ୨୦୨୧–୨୨ରେ ହୋଇଥିବା ଜଣାଯାଏ, ଯେଉଁଥିରୁ ଅର୍ଦ୍ଧେକ ଆସାମରୁ ଉତ୍ପାଦିତ ହୋଇଥିଲା। ଭାରତରେ ବ୍ଲାକ୍, ଗ୍ରୀନ, ହ୍ୱାଇଟ, ହଳଦିଆ, ଉଲଙ୍ଗ ଟି ଆଦି ବିଭିନ୍ନ ପ୍ରକାର ଚା' ଦେଖିବାକୁ ମିଳେ। ସେହିପରି ଭାରତର ଚା' ଜର୍ମାନୀ, ଯୁକ୍ତରାଷ୍ଟ୍ର ଆମେରିକା, ଦୁବାଇକୁ ରପ୍ତାନି ହୋଇଥାଏ।

ବିଭିନ୍ନ ସିନେମାରେ ଛୋଟୁ ଚରିତ୍ରରେ ପିଲାମାନେ ବଡ଼ଲୋକମାନଙ୍କୁ ଚା' ପରିବେଷଣ କରୁଥିବା ବିବାଦୀୟ ମନେହୁଏ। କାରଣ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜୋର୍‌ଦାର ପ୍ରୟାସର ଏହା ବିପରୀତ ପ୍ରତିଫଳନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏପରି ଚିତ୍ର ଶିଶୁମାନଙ୍କ ପ୍ରଗତିରେ ବାଧକ ହୋଇଥାଏ, ଯାହାର ପ୍ରସାର ନିରୁତ୍ସାହଜନକ। ତେବେ ଚା'ଠାରୁ ଶିଶୁମାନଙ୍କୁ ବାରଣ କରିବାର ଅନେକ କାରଣ ରହିଛି। ଯେମିତି କି ଚା' ପତ୍ରରେ ମର୍କ୍ୟୁରୀ, ଲେଡ୍, ଆର୍ସେନିକ୍, କ୍ୟାଡମିୟମ ଭଳି ବିଷାକ୍ତ ଉପାଦାନ ରହିଛି। ସପ୍ତାହରେ ୫ ଲିଟରରୁ ଊର୍ଦ୍ଧ୍ୱ ଚା' ପାନ କରିବା ଦ୍ୱାରା ଦାନ୍ତ ଓ ସ୍କେଲିଟାଲ ଫ୍ଲୋରେସିସ୍ ରୋଗ ସୃଷ୍ଟିକରେ। ତେବେ ସକାରାତ୍ମକ ଦୃଷ୍ଟିକୋଣରୁ ଦେଖିଲେ ଚା' ଅବସାଦ ଦୂରକରେ, ଶକ୍ତି ସଞ୍ଚରଣ କରେ, ରକ୍ତଚାପ ହ୍ରାସ କରିବା ପାଇଁ ଲୋକେ ବ୍ୟବହାର କରନ୍ତି। ତେବେ ଚା'ରେ ଆଣ୍ଟି ଅକ୍ସିଡାଣ୍ଟ ଥିବା କୁହାଯାଏ। ହାର୍ଭାର୍ଡ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥ କୁହେ, ପାରମ୍ପରିକ ଚା'ରେ ନିର୍ଦ୍ଦିଷ୍ଟ ପରିମାଣର ପୋଷକ ନ ଥାଏ କିନ୍ତୁ ଏହା ପଲିଫିନଲରେ ଭରପୂର। ଏହା ଏକ ପାଦପ ରସାୟନ ହୋଇଥିବାରୁ ସ୍ୱାଦ ଓ ସୁଗନ୍ଧ ଦେଇଥାଏ, ଏଥିରେ ସ୍ୱାସ୍ଥ୍ୟ ଉପଯୋଗୀ ଗୁଣ ମଧ୍ୟ ଥାଇପାରେ। ସେହିପରି ଏକାଡେମୀ ଅଫ୍ ନ୍ୟୁଟ୍ରିଶନ ଓ ଡାଏଟିକ୍ସର ତଥ୍ୟ ଅନୁସାରେ ହୃଦୟ ସ୍ୱାସ୍ଥ୍ୟ, ମଧୁମେହ, କ୍ୟାନ୍‌ସର, ଓଜନ ପରିଚାଳନା ଭଳି



ଉପକାର ମିଳେ କିନ୍ତୁ ଏହାର ସେବନ ପରିମାଣ, ସମୟ, ବାରମ୍ବାରତା ଉପରେ ନିର୍ଭର କରେ।

ଚା'କୁ ନେଇ ଅନେକେ ସ୍ୱପ୍ନ ଦେଖନ୍ତି। ଲେଖକ, କବି, ଛାତ୍ରୀଛାତ୍ର, ସ୍ୱାମୀ ସ୍ତ୍ରୀ ଚା'କୁ ନେଇ ଲେଖା ଓ ଲକ୍ଷ୍ୟ ପୂରଣ କରିବା ପାଇଁ ଚେଷ୍ଟା କରନ୍ତି। ଏ ସମ୍ବନ୍ଧରେ ଏକ ସଫଳ ଘଟଣା ମନେପଡ଼େ। ପ୍ରଫୁଲ୍ଲ ବିଲୋରଙ୍କ ସ୍ୱପ୍ନ ଥିଲା ଆଇଆଇଏମ୍‌ରେ ଏମ୍‌ବିଏ ପଢ଼ିବେ। କିନ୍ତୁ ପ୍ରତିଦିନର ୧୦ ଘଣ୍ଟା ପରିଶ୍ରମ ପରେ ମଧ୍ୟ ୩ଥର କ୍ୟାଟ୍‌ରେ ସଫଳତା ନ ପାଇବା ପରେ ସେ ଅବସାଦକୁ ଚାଲିଗଲେ। ମାତାପିତାଙ୍କ ସ୍ୱପ୍ନ ପୂରଣ ଓ ବାପାଙ୍କ କଷ୍ଟ ଲାଘବ ପାଇଁ ୮୦୦୦ ଟଙ୍କା ବିନିମୟରେ ଚା' ବିକ୍ରି କଲେ। ତା'ପରେ ସେ ବିଭିନ୍ନ ଉପାୟ ଅବଲମ୍ବନ କରି ଗ୍ରାହକମାନଙ୍କୁ ଆକର୍ଷିତ କଲେ ଏବଂ ଗ୍ରାହକ ବଢ଼ିବା ସହ ବେପାର ଭଲ ହେବା କାରଣରୁ ପ୍ରଫୁଲ୍ଲ ଏମ୍‌ବିଏ ଚାଇୱାଲା ନାମରେ ଏକ ରେଷ୍ଟୁରାଣ୍ଟ ଖୋଲିଲେ। ତାଙ୍କୁ କେହି କେହି ମିଷ୍ଟର ବିଲୋର ଅହମଦାବାଦ ଚାଇୱାଲା ମଧ୍ୟ ସମ୍ବୋଧନ କଲେ। ଭାଲେଣ୍ଟାଇନ ଡେ'ରେ ଏକାକୀ ରହୁଥିବା ବ୍ୟକ୍ତିଙ୍କୁ ମାଗଣା ଚା' ସେବା ଦେଉଥିଲେ ସେ। ସେ ଆଇଆଇଏମ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଜଣାଶୁଣା। ୨୦୧୯–୨୦ରେ ଏହି ଉଦ୍ୟୋଗରୁ ସେ ୩ କୋଟି ଟଙ୍କା ପାଇଲେ। ତାଙ୍କର ଲକ୍ଷ୍ୟ ହେଲା ବ୍ୟବସାୟକୁ ସାରା ଦେଶରେ ପରିବ୍ୟାପ୍ତ କରିବା। ତାଙ୍କର ନିଜସ୍ୱ ୱେବ୍‌ସାଇଟ ଅଛି। ଏହିପରି ଅନେକ ସଫଳତା ଚା' ଦେଇଛି। ଆଦିବାସୀ ଯୁବକ ଅଜୟ ଦିନବେଳା ପାଠ ପଢ଼ିବା ସହିତ ସଞ୍ଜବେଳେ ସାଇକେଲରେ ଚା' ବିକିବା ଓ ସେ ଅର୍ଥରେ କୋଚିଂ ନେବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା।

ସେହିପରି ବି.ଟେକ୍ ଚାଏୱାଲୀ ହେଉଛନ୍ତି ବିହାରର ବର୍ତ୍ତିକା। ଫରିଦାବାଦରେ ଇଞ୍ଜିନିୟରିଂ ପଢ଼ିବା ସମୟରେ ବଳକା ସମୟକୁ ବ୍ୟବହାର କରିବାକୁ ଯାଇ ରାସ୍ତାକଡ଼ରେ ଚା' ବିକୁଥିଲେ। ସେଥିପାଇଁ ସେ ପରିଚିତ, ପ୍ରଶଂସିତ ଓ ପ୍ରେରଣାଦାୟୀ।

କପିଲଶର୍ମା ଶୋ'ରଚନ୍ଦନପ୍ରଭାକରଚାଇୱାଲା ଚରିତ୍ରରେ ବେଶ୍ ଜଣାଶୁଣା। ମେକାନିକାଲ ଇଞ୍ଜିନିୟରିଂ କରି ଚାଇୱାଲା ବ୍ୟଙ୍ଗ ଚରିତ୍ରରେ ଅଭିନୟ କରି ନାଁ କମାଇଛନ୍ତି ପଞ୍ଜାବର ଚନ୍ଦନ।

ଜଣାଯାଏ ଖ୍ରୀଷ୍ଟପୂର୍ବ ୨୦୩୭ରେ ଚାଇନା ସାମ୍ରାଜ୍ଞୀ ସେନ ନୁଙ୍ଗ ଏକ ଗଛତଳେ ବସିଥିବା ସମୟରେ ତାଙ୍କ ଚାକର ପିଇବା ପାଣିକୁ ଗରମ କରୁଥିଲେ। ଏହି ସମୟରେ ପବନରେ କିଛି ପତ୍ର ସେହି ଫୁଟୁଥିବା ପାଣିରେ ପଡ଼ିଯାଇଥିଲା। ସେନ ନୁଙ୍ଗ ଜଣେ ଚେରମୂଳୀ ବିଶାରଦ ହୋଇଥିବାରୁ ଏହି ଆକସ୍ମିକ ଘଟଣାରୁ ଚା'ର ବ୍ୟବହାରକୁ ଉଦ୍ଭାବନ କରିଥିଲେ। ସଂପ୍ରତି ଏହି ଚା' କାହାକୁ କେମିତି କେଉଁଠି ନେଇ ପହଞ୍ଚାଇ ଦେଉଛି ତାହା କଳ୍ପନା ବାହାରେ। କିନ୍ତୁ ଏହା ସତ୍ୟ ଯେ, ଅନେକ ବ୍ୟକ୍ତିଙ୍କୁ ଚା' ଦେଖାଇଛି ଗୁଜୁରାଣ ମେଣ୍ଟାଇବାର ବାଟ, ସଫଳତା ହାସଲ କରିବାର ପଥ। ଆଜିର ସମାଜରେ ଚା' ପିଉ ନ ଥିବା ଲୋକ ଅନେକ ଅଛନ୍ତି। ଆଉ ଦିନକୁ ୨୦ କପ୍‌ରୁ ଊର୍ଦ୍ଧ୍ୱ ଚା' ପିଇବାର ଅଭ୍ୟାସ ରଖିଥିବା ଲୋକ ବି ଅଛନ୍ତି। ଚା' ୱାଲା ବି ଅନେକ ଅଛନ୍ତି। ଏହା ବୈଚିତ୍ର୍ୟମୟ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ–୯୪୩୮୪୩୨୦୨୩

## ଏଇ ଭାରତରେ

ବୁଲାକୁକୁରଙ୍କ ସେବାରେ ସମର୍ପିତ ଜଣେ ମହିଳା ହେଉଛନ୍ତି ଉଦୟପୁରର ଡା. ମାଲା। ତାଙ୍କ ବୟସ ଏବେ ୩୯। ମାଲା ୧୪ ବର୍ଷ ହେଲା ରାସ୍ତାରେ ରହୁଥିବା କୁକୁରମାନଙ୍କ ସେବା କରୁଛନ୍ତି। ଏଯାବତ ସେ ୨୫୦୦ ବୁଲାକୁକୁରଙ୍କୁ ଉଦ୍ଧାର କରି ନୂଆ ଜୀବନ ଦେଇସାରିଲେଣି। ସେ ଉଦୟପୁର ସହର ଓ ନିକଟବର୍ତ୍ତୀ ଗାଁଗୁଡ଼ିକରୁ ଆହତ ଓ ରୋଗଗ୍ରସ୍ତ କୁକୁରଙ୍କୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରିଥାନ୍ତି। ଦୁର୍ଘଟଣାରୁ ବଞ୍ଚାଇବା ପାଇଁ କୁକୁରମାନଙ୍କୁ ରେଡିୟମ ବେଲ୍ଟ ପିନ୍ଧାଉଛନ୍ତି। ଏହିସବୁ କାର୍ଯ୍ୟ ଚାଲୁଛି ଡା.ମାଲାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆନିମଲ ପ୍ରୋଟେକଶନ ସୋସାଇଟି' ଦ୍ୱାରା। ମାଲାଙ୍କ ସହ ଏବେ ତାଙ୍କର ଅନେକ ବନ୍ଧୁ ଯୋଡ଼ି ହୋଇ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। କେବଳ କୁକୁର ନୁହନ୍ତି ସେ ମଧ୍ୟ ବିଭିନ୍ନ ସ୍ଥାନରୁ ଆହତ ପକ୍ଷୀମାନଙ୍କୁ ଉଦ୍ଧାର କରୁଛନ୍ତି। ସେ ପଶୁପକ୍ଷୀଙ୍କ ସୁରକ୍ଷା ଲାଗି ଏଯାବତ ୧୦୦ରୁ ଊର୍ଦ୍ଧ୍ୱ ସଚେତନତା ଅଭିଯାନ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୪ ନଭେମ୍ବର ୧୯୯୮

- ଜୟଲଳିଥାଙ୍କ ବିରୁଦ୍ଧରେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ବିଚାରପତି ନିଯୁକ୍ତିକୁ ଚାଲେଞ୍ଜ କରି ଆଗତ ପିଟିସନ ମାଡ୍ରାସ ହାଇକୋର୍ଟରେ ଖାରଜ।
- ଅତ୍ୟାବଶ୍ୟକ ସାମଗ୍ରୀର ଅତ୍ୟଧିକ ମୂଲ୍ୟ ବୃଦ୍ଧି ରୋକିବା ସକାଶେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ପ୍ରତିବାଦରେ ସମନ୍ୱୟ କମିଟିରୁ ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ପ୍ରଦାନ।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 9 | 5 | | | 7 | |
| 8 | | | 4 | | | 9 | | |
| 1 | | | | | | 3 | | |
| | | 6 | | 7 | 2 | | 3 | |
| | | | | | | 5 | 4 | |
| 2 | | 1 | | | | 8 | | |
| 3 | | | | | | | 8 | |
| | | | 3 | | | | | |
| | 7 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 2 | 3 | 5 | 6 | 4 | 7 | 9 |
| 5 | 4 | 6 | 7 | 9 | 1 | 3 | 8 | 2 |
| 3 | 7 | 9 | 4 | 8 | 2 | 1 | 6 | 5 |
| 8 | 6 | 1 | 2 | 4 | 9 | 5 | 3 | 7 |
| 7 | 2 | 5 | 1 | 3 | 8 | 6 | 9 | 4 |
| 4 | 9 | 3 | 6 | 7 | 5 | 2 | 1 | 8 |
| 2 | 1 | 4 | 9 | 6 | 7 | 8 | 5 | 3 |
| 6 | 5 | 7 | 8 | 2 | 3 | 9 | 4 | 1 |
| 9 | 3 | 8 | 5 | 1 | 4 | 7 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଈଶ୍ୱର ଦର୍ଶନ ଓ ପୋଷାକ ବିଧାନ

ମହାଶୟ,

ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ପାଇଁ ଭାରତୀୟ ଫୁଟ୍‌ବଲ ଟିମ୍ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ଶୁକ୍ରବାର ୨୮ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। ଏଥିରେ ସୁନୀଲ ଛେତ୍ରୀ, ଗୁରପ୍ରୀତ ସିଂ ସାନ୍ଧୁ ଓ ସନ୍ଦେଶ ଝିନ୍‌ଗାନ୍‌ଙ୍କ ସମେତ ଅଧିକାଂଶ ଟପ୍ ଖେଳାଳି ସ୍ଥାନ ପାଇଛନ୍ତି। ଫିଫା ବିଶ୍ୱକପ୍ ୨୦୨୬ ରାଉଣ୍ଡ-୨ର ପ୍ରଥମ ଦୁଇ ମ୍ୟାଚ ଏବଂ ଏଏଫ୍‌ସି ଏସିଆନ କପ୍ ସାଉଦିଆରବ ୨୦୨୭ ପ୍ରିଲିମିନାରି ଜଏଣ୍ଟ କ୍ୱାଲିଫିକେଶନ ପାଇଁ ଏହି ଦଳ ଘୋଷଣା କରାଯାଇଛି। ଗ୍ରୁପ୍ 'ଏ'ରେ ବ୍ଲୁ ଟାଇଗର୍ସ ଦଳ ଏହାର ଓପନିଂ ମ୍ୟାଚ ନଭେମ୍ବର ୧୬ରେ କୁଏଟ ସିଟିରେ ଅବସ୍ଥିତ ଜାବର ଅଲ୍ ଅହମଦ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ କୁଏଟକୁ ଭେଟିବ। ଦଳ ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ନଭେମ୍ବର ୨୧ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ କାତାର ସହ ମୁକାବିଲା କରିବ। କ୍ୱାଲିଫାୟର୍ସ ପୂର୍ବରୁ ଭାରତ ଏକ ପ୍ରସ୍ତୁତି କ୍ୟାମ୍ପ ପାଇଁ ନଭେମ୍ବର ୮ରେ ଦୁବାଇ ଗସ୍ତ କରିବ।



ଇଗୋର ଷ୍ଟିମାକ୍

**ମନୋନୀତ ଖେଳାଳି ତାଲିକା-**
**ଗୋଲକିପର:** ଅମରିନ୍ଦର ସିଂ, ଗୁରପ୍ରୀତ ସିଂ ସାନ୍ଧୁ, ବିଶାଲ କେଥ୍। **ଡିଫେଣ୍ଡର:** ଆକାଶ ମିଶ୍ର, ଲାଲ୍‌ଚୁଙ୍ଗନୁଙ୍ଗା, ମେହତାବ ସିଂ, ନିଖିଲ ପୂଜାରୀ, ରାହୁଲ ଭେକି, ରୋଶନ ସିଂ ନାଓରେମ, ସନ୍ଦେଶ ଝିଙ୍ଗାନ, ସୁଭାଶିଷ ବୋଷ। **ମିଡ୍‌ଫିଲ୍ଡର:** ଅନିରୁଦ୍ଧ ଥାପା, ବ୍ରାଣ୍ଡନ ଫର୍ନାଣ୍ଡିଜ, ଗ୍ଲାନ ପିଟର ମାର୍ଟିନ୍ସ, ଲାଲେଙ୍ଗ ମାୱିଆ, ଲିଷ୍ଟନ କୋଲାକୋ, ମହେଶ ସିଂ ନାଓରେମ, ନନ୍ଦକୁମାର ସେକର, ରୋହିତ କୁମାର, ସହଲ ଅବ୍‌ଦୁଲ ସମଦ, ସୁରେଶ ସିଂ ୱାଙ୍ଗଝାମ୍, ଉଦାନ୍ତ ସିଂ କୁମାମ୍। **ଫରୱାର୍ଡ:** ଇଶାନ ପଣ୍ଡିତ, ଲାଲିଆନଜୁଆଲା ଛାଙ୍ଗ୍‌ଟେ, ମନଭିର ସିଂ, ରାହୁଲ କାନୋଲି ପ୍ରବୀନ, ସୁନୀଲ ଛେତ୍ରୀ ଓ ବିକ୍ରମ ପ୍ରତାପ ସିଂ।

# ନିମା କିସ୍‌ପୋଟାଙ୍କୁ ଟାଇଟଲ

**ଭୁବନେଶ୍ୱର, ୩।୧୧(ତପନ ସ୍ୱାଇଁ)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଚ୍ଚ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ମହିଳା ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଝାଡ଼ଖଣ୍ଡର ନିମା ସାରା କିସ୍‌ପୋଟା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ତେଲଙ୍ଗାନାର ଚିଭିକା ରେଡ୍ଡୀ ସାମାଙ୍କୁ ୫-୭, ୬-୨, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଅକ୍ଟୋବର ୩୦ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୦ ଓ ୧୫ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଆସାମ, କର୍ନାଟକ, ତେଲଙ୍ଗାନା, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଦିଲ୍ଲୀ ଓ ଆୟୋଜକ ଓଡ଼ିଶା ଆଦି ୧୨ ରାଜ୍ୟରୁ ପାଖାପାଖି ୩୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ନିମା ସାରା କିସ୍‌ପୋଟା

**ବିଶ୍ୱକପ୍ ପରାଜୟ**

# ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପରିସରରେ ପୋଲିସ ମୁତୟନ

**କଲମ୍ବୋ, ୩।୧୧ (ପି.ଟି.)**

ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସଏଲ୍‌ସି) ପରିସରରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଦଙ୍ଗା ନିରୋଧୀ ପୋଲିସ ସ୍କ୍ୱାର୍ଡ ମୁତୟନ କରାଯାଇଛି। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତଠାରୁ ଲଜ୍ଜାଜନକ ପରାଜୟ ଦେଶର କ୍ରିକେଟ ପ୍ରେମୀମାନେ ଉତ୍‌କ୍ଷିପ୍ତ ହୋଇପଡ଼ିଛନ୍ତି। କେତେକ ଏସ୍‌ଏଲ୍‌ସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ଲାଗି ଧମକ ଦେବା ସହ ଶ୍ରୀଲଙ୍କା କ୍ରିକେଟର ଗଭର୍ଣ୍ଣିଂବଡିର ଇସ୍ତଫା ଦାବି କରିଛନ୍ତି। ସମ୍ଭାବ୍ୟ ପରିସ୍ଥିତିର ସାମ୍ନା କରିବା ଲାଗି ୱାଟର କ୍ୟାନନରେ ସୁସଜ୍ଜିତ ପୋଲିସ ସ୍କ୍ୱାର୍ଡ ମୁତୟନ କରାଯାଇଛି। ଉତ୍ୟକ୍ତ ଖେଳପ୍ରେମୀମାନେ ସୋସିଆଲ ମିଡିଆରେ ସଭାପତି ଶାମି ସିଲ୍‌ଭାଙ୍କ ନେତୃତ୍ୱାଧୀନ ସମଗ୍ର କାର୍ଯ୍ୟନିର୍ବାହୀ କମିଟିର ଇସ୍ତଫା ଦାବି କରିଛନ୍ତି। ୱାଙ୍ଖେଡେ ଷ୍ଟାଡିୟମରେ ବିପର୍ଯ୍ୟୟ ପାଇଁ କୋଚିଂ ଷ୍ଟାଫ୍ ଏବଂ ଚୟନକର୍ତ୍ତାଙ୍କ ବିରୋଧରେ ତୁରନ୍ତ କାରଣ ଦର୍ଶାଅ ନୋଟିସ ଜାରି କରିବା ଲାଗି ସେମାନେ ଏସ୍‌ଏଲ୍‌ସିକୁ କହିଛନ୍ତି। ଭାରତ ଗୁରୁବାର ଶ୍ରୀଲଙ୍କାକୁ ୩୦୨ ରନରେ ପରାସ୍ତ କରିବା ସହ ରେକର୍ଡ କ୍ରମାଗତ ୭ମ ବିଜୟ ସହ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି।





ଏସିଆନ ପାରା ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନ ଓ ପ୍ରମୋଦ ଭଗତଙ୍କୁ ଶୁକ୍ରବାର ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ କରାଯାଉଛି।

# ମୌରିସିଓଙ୍କ ଗୋଲରେ ଓଏଫ୍‌ସି ବିଜୟୀ

**ଇଣ୍ଡିଆନ ସୁପର ଲିଗ୍**

**ଭୁବନେଶ୍ୱର, ୩।୧୧**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ଘରୋଇ ପରିବେଶରେ ଆଉ ଏକ ବିଜୟ ସ୍ୱାଦ ଚାଖିଛି ଓଡ଼ିଶା ଏଫ୍‌ସି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଶୁକ୍ରବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଏଫ୍‌ସି ୧-୦ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ମ୍ୟାଚର ୩୭ତମ ମିନିଟରେ ଡିଏଗୋ ମୌରିସିଓ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ ମଧ୍ୟ ଗୋଲ ହୋଇ ନ ଥିଲା। ଚଳିତ ଲିଗ୍‌ରେ ଓଡ଼ିଶା ଏଫ୍‌ସିର ଏହା କ୍ରମାଗତ ଦ୍ୱିତୀୟ ଓ ଓଭରଅଲ୍ ତୃତୀୟ ବିଜୟ। ଦଳ ଏହାର ପୂର୍ବ ମ୍ୟାଚରେ ଅକ୍ଟୋବର ୩୧ରେ ବେଙ୍ଗାଲୁରୁ ଏଫ୍‌ସିକୁ ୩-୨ ଗୋଲରେ ପରାସ୍ତ କରିଥିଲା। ୬ ମ୍ୟାଚରୁ ୩ ବିଜୟ, ୨ ପରାଜୟ ଓ ୧ ଡ୍ର ସହ ଓଏଫ୍‌ସି ୧୦ ପଏଣ୍ଟ ସହ ଟେବୁଲର ୪ର୍ଥ ସ୍ଥାନରେ ରହିଛି। କେରଳ ବ୍ଲାଷ୍ଟର୍ସ ଓ ଏଫ୍‌ସି ଗୋଆ ନିକଟରୁ କ୍ରମାଗତ ପରାଜୟ ପରେ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଛି।



ଗୋଲ ସ୍କୋର ପରେ ହାତର ଟାଟୁ ଦେଖାଉଛନ୍ତି ଡିଏଗୋ ମୌରିସିଓ। (ଫଟୋ: ବିକାଶ ନାୟକ)

# ଓଡ଼ିଶାର ଆହାନ ଚାମ୍ପିୟନ

ଭୁବନେଶ୍ୱର, ୩।୧୧
(ତପନ ସ୍ୱାଇଁ)


ଆହାନ ମିଶ୍ର

ବେଙ୍ଗଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ କୋଲକାତାର ସଲ୍ଟଲେକ୍‌ରେ ଅନୁଷ୍ଠିତ ଏଆଇଟିଏ ୧୪ ବର୍ଷରୁ କମ୍ ନ୍ୟାଶନାଲ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ଡବଲ୍ସ ଇଭେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାରେ ତାଙ୍କର ପାର୍ଟନର ଥିଲେ ପଶ୍ଚିମବଙ୍ଗର ସଂକଳ୍ପ କୁମାର ସାହାଣି। ଆହାନ-ସଂକଳ୍ପ ଯୋଡ଼ି ଫାଇନାଲରେ ଆସାମର ଚାଣ୍ଡୋଗ୍ୟ ପାଠକ ଓ ତେଲଙ୍ଗାନାର ପ୍ରଣିତ ଆର. ଚିଟେପୁଙ୍କୁ ୬-୨, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ଆହାନଙ୍କ ପାଇଁ ଏହା ଥିଲା ପ୍ରଥମ ନ୍ୟାଶନାଲ ସିରିଜ ଟାଇଟଲ। ସିଙ୍ଗଲ୍ସରେ ସେ ଭଲ ପ୍ରଦର୍ଶନ କରି ନ ପାରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଓଡ଼ିଶା ଟେନିସ ଆସୋସିଏଶନ ଏକାଡେମୀର ଟ୍ରେନି ଆହାନ ପ୍ରଥମଥର ପାଇଁ ନ୍ୟାଶନାଲ ସିରିଜ ଟାଇଟଲ ଜିତିଥିବାରୁ ଖୁସି ପ୍ରକାଶ କରିଛନ୍ତି। ଚଳିତ ମାସରେ ଭୁବନେଶ୍ୱରରେ ହେବାକୁଥିବା ନ୍ୟାଶନାଲ ସିରିଜ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାନେଇ ସେ ଆଶା ରଖିଛନ୍ତି।

# ହକି ଆସୋସିଏଶନ ଅଫ୍ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର, ୧।୧୩
(ବିଜୟ ରଣା)

ଝାଡ଼ଖଣ୍ଡ ଅନ୍ତର୍ଗତ ରାଞ୍ଚିସ୍ଥିତ ମରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ୧୩ତମ ହକି ଇଣ୍ଡିଆ କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଓଏ) ସମ୍ମାନଜନକ ଉଲ୍ଲେଖନୀୟ ପ୍ରଦର୍ଶନ ପୁରସ୍କାର ଲାଭ କରିଛି। ଏ ବାବଦରେ ୧୦,୦୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ମିଳିଛି। ଭାରତରେ ହକି ଇଣ୍ଡିଆ ହେଉଛି ଫିଲ୍ଡ ହକିର ପରିଚାଳନା ପରିଷଦ। ୨୦୨୩ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ରାଜ୍ୟରେ ହକି ଖେଳର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଏଚ୍‌ଓଏର କାର୍ଯ୍ୟ ପ୍ରଶଂସନୀୟ। ଓଡ଼ିଶା ବର୍ତ୍ତମାନ ହକିର ଗ୍ଲୋବାଲ ହବ୍ ଭାବେ ଉଭା ହୋଇଛି। ଏଚ୍‌ଏଓର ସମ୍ପାଦକ ସନାତନ ସାହୁ କହିଛନ୍ତି, ଆମ କାର୍ଯ୍ୟଧାରାକୁ ହକି ଇଣ୍ଡିଆ ସ୍ୱୀକୃତି ପ୍ରଦାନ କରିଛି। ଏହି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ପାଇଁ ଆମେ ଗୌରବାନ୍ୱିତ ମନେ କରୁଛୁ। ଏଥିପାଇଁ ଆମେ ହକି ଇଣ୍ଡିଆ ନିକଟରେ କୃତଜ୍ଞ।

# ଅନୁରାଧାଙ୍କୁ ଆଉ ଏକ ଗୁରୁଦାୟିତ୍ୱ


ଅନୁରାଧା ବିଶ୍ୱାଳ

ଭୁବନେଶ୍ୱର, ୩।୧୧
(ତପନ ସ୍ୱାଇଁ)

ଚେନ୍ନାଇର କୋଏମ୍ବାଟୁରରେ ୩୮ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଚଳିତ ମାସ ୭ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୪୦ ଆଥ୍‌ଲେଟ ଭାଗ ନେବାକୁ ଯାଉଥିବାବେଳେ କୋଚ୍ ଏବଂ ମ୍ୟାନେଜର ଭାବେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ତୃଣମୂଳ ସ୍ତରରୁ ପ୍ରତିଭା ଅନ୍ୱେଷଣ ପାଇଁ ଖେଲୋ ଇଣ୍ଡିଆ ଚୟନ କମିଟି ସଦସ୍ୟ ଥିବା ଅନୁରାଧା ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡର ମଧ୍ୟ ଚୟନକର୍ତ୍ତା ଅଛନ୍ତି। ତେଣୁ ସେ ଉକ୍ତ ପ୍ରତିଯୋଗିତାରୁ ଆଗାମୀ ଦିନରେ ହେବାକୁଥିବା ପ୍ରତିଯୋଗିତା ପାଇଁ ଆଥ୍‌ଲେଟ ମନୋନୟନ କରିବେ। ଏଭଳି ସୁଯୋଗ ମିଳିଥିବାରୁ ଅନୁରାଧା ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ନାଲ୍‌କୋକୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ଦଳ ନଭେମ୍ବର ୫ ତାରିଖରେ କୋଏମ୍ବାଟୁର ଯାତ୍ରା କରିବ।

# ସେମିରୁ ଭାରତର ବିଦାୟ

ଜୋହର ବାହାରୁ, ୩।୧୧(ପି.ଟି.)

ତିନିଥର ଚାମ୍ପିୟନ ଭାରତ ସୁଲତାନ ଜୋହର କପ୍ ଜୁନିୟର ହକି ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇପାରିନାହିଁ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନରେ ଦଳ ୩-୬ ଗୋଲ୍‌ରେ ବିଶ୍ୱର ୨ ନମ୍ବର ଜର୍ମାନୀଠାରୁ ହାରିଯାଇଛି। ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିବା ଜର୍ମାନୀ ତରଫରୁ ଖ୍ରିଷ୍ଟିଆନ ଫ୍ରାଞ୍ଜ, ନିକାସ ବେରେଣ୍ଡିଟ୍ସ, ପିଅର ହିନରିକ୍ସ ଓ ସ୍ୱର୍ଲିଂ ଫ୍ଲୋରିଆନ ଗୋଲ୍ ସ୍କୋର କରିଥିବା ବେଳେ ଭାରତ ପକ୍ଷରୁ ଅମନଦୀପ ଲାକ୍ରା (୩୫ତମ), ଉତ୍ତମ ସିଂ (୫୮ତମ) ଓ ରୋହିତ (୬୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୪/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Saturday, November 4/2023 Page 20 ପୃଷ୍ଠା-୧



ପାରା ଏସିଆନ ଗେମ୍ସରେ ୨ ପଦକ ବିଜେତା ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଓ ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରମୋଦଙ୍କୁ ୨ କୋଟି, ସୌନ୍ଦର୍ଯ୍ୟଙ୍କୁ ୧.୫ କୋଟି ସହାୟତା

## ପାରା ଏସିଆନ ଗେମ୍ସ ପଦକ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

**ଭୁବନେଶ୍ୱର,୩।୧୧(ଅନିଲ ଦାସ)**

ନିକଟରେ ଶେଷ ହୋଇଥିବା ପାରା ଏସିଆନ ଗେମ୍ସରେ ୨ ପଦକ ବିଜେତା ପ୍ରମୋଦ ଭଗତ ଏବଂ ସୌନ୍ଦର୍ଯ୍ୟ କୁମାର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିବା ସହ ଅର୍ଥରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ୨ କୋଟି ଟଙ୍କା ଏବଂ ସୌନ୍ଦର୍ଯ୍ୟ କୁମାରଙ୍କୁ ୧.୫ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ପ୍ରମୋଦ ପାରା ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣ ସହ ୩ଟି ପଦକ ଜିତିଥିବା ବେଳେ ସୌନ୍ଦର୍ଯ୍ୟ ଚେସ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରମୋଦ ଏବଂ ସୌନ୍ଦର୍ଯ୍ୟଙ୍କୁ ସେମାନଙ୍କ ଉତ୍ତମ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ସେମାନଙ୍କ ଖେଳ ପ୍ରତି ଥିବା ପ୍ରତିବଦ୍ଧତା, ଉତ୍ସର୍ଗ ରାଜ୍ୟକୁ ଗୌରବାନ୍ୱିତ କରିଛି। ସେମାନଙ୍କ ବିଜୟ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି। ଉଭୟ ଖେଳାଳିଙ୍କୁ ଭବିଷ୍ୟତରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଖେଳାଳି ଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତ ପ୍ରକାର ପ୍ରୋତ୍ସାହନ ଓ ସହାୟତା ଯୋଗାଇ ଦେଉଥିବାରୁ ସୌନ୍ଦର୍ଯ୍ୟ ପ୍ରଧାନ ଏବଂ ପ୍ରମୋଦ ଭଗତ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶାକୁ ଧନ୍ୟବାଦ ଦେଇଛନ୍ତି।

ପାରା ଏସିଆନ ଗେମ୍ସରେ ପ୍ରମୋଦ ପାରା ବ୍ୟାଡ୍‌ମିଣ୍ଟନରେ ପୁରୁଷ ସିଙ୍ଗଲ ଏସ୍‌ଏଲ-୩,ଏସ୍‌ୟୁ-୫ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ଡବଲ ଓ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ସେହିପରି ସୌନ୍ଦର୍ଯ୍ୟ ପ୍ରଧାନ ରାପିଡି ଭିଆଇ ବିଓ୍ୱାନ ଚେସ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

# କାର୍ତ୍ତିକରେ ବଢୁଛି ତାତି

**ଭୁବନେଶ୍ୱର,୩।୧୧(ଅନିଲ ଦାସ)**

କାର୍ତ୍ତିକ ମାସ ହେଲା। ରାଜ୍ୟରେ ଶୀତ ବଦଳରେ ତାତି ବିରାଜମାନ କରୁଛି। ସକାଳ ୮ଟା ହେବା ମାତ୍ରେ ମାଡ଼ିଆସୁଛି ଟାଇଁ ଟାଇଁ ଖରା। ପାରଦ ୩୫ ଡିଗ୍ରୀକୁ ଟପିଯାଉଛି। ରାଜ୍ୟରେ ସ୍ୱାଭାବିକ ଭାବେ ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ତଳେ ରହିଥାଏ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ। ଅନ୍ୟପକ୍ଷରେ ପେରୁ ଉପକୂଳ ପୂର୍ବ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରରେ ରହିଥିବା ଏଲ୍-ନିନ୍ୟୋ ମଧ୍ୟ ଗରମ ବୃଦ୍ଧିର ଅନ୍ୟ ଏକ କାରଣ। ଏଲ୍-ନିନ୍ୟୋ ପ୍ରଭାବରୁ ବାୟୁ ଚଳାଚଳ ପ୍ରଭାବ ପ୍ରଭାବିତ ହୋଇଛି। ରାଜ୍ୟକୁ ଉତ୍ତର ଉତ୍ତର-ପୂର୍ବ ଦିଗ ବଦଳରେ ପୂର୍ବ ଦକ୍ଷିଣ-ପୂର୍ବ ଦିଗରୁ ବାୟୁ ପ୍ରବାହିତ ହେଉଛି। ଏହି କାରଣରୁ ଚଳିତ ବର୍ଷ ଶୀତ କମିଯାଇପାରେ ବୋଲି ଅନୁମାନ କରାଯାଉଛି।

ଶୀତ ଏକପ୍ରକାର ଗାଏବ ହୋଇଯାଇଛି। ଅକ୍ଟୋବର ଶେଷ ଆଡ଼କୁ ଟିକେ ହାଲୁକା ଶୀତ ହୋଇଥିଲା। ନଭେମ୍ବର ୧ ତାରିଖରୁ ରାଜ୍ୟରେ ତାତି ବିରାଜମାନ କରୁଛି। ଦିନରେ ହେଉଥିବା ପ୍ରବଳ ଖରା ପରିବେଶକୁ ଉତ୍ତପ୍ତ କରି ଦେଉଛି। ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ଉପରକୁ ଉଠିଯାଇଛି। ଆହୁରି ୪/୫ ଦିନ ଏଭଳି ପାଗ ରହିବ। ତାତି ବଢୁଥିବାରୁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ଢେଙ୍କାନାଳ,ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାର ଗୋଟିଏ ୨ଟି ସ୍ଥାନରେ ହାଲୁକା ଝଡ଼ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୫ ତାରିଖରୁ ବାୟୁ ପ୍ରବାହର ଗତି ପରିବର୍ତ୍ତନ ହୋଇ ଉତ୍ତର ଉତ୍ତର-ପୂର୍ବ ଦିଗରୁ ବହିବ। ଫଳରେ ତାପମାତ୍ରା କମିବା ସହ ହାଲୁକା ଶୀତ ଆରମ୍ଭ ହେବ। କେତେକ ସ୍ଥାନରେ କୁହୁଡ଼ିଆ ପାଗ ମଧ୍ୟ ସୃଷ୍ଟି ହେବ।

# ସଙ୍ଗୀତରେ ଭୁବନେଶ୍ୱର...

**ଭୁବନେଶ୍ୱର,୩।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ମନ୍ଦିରମାଳିନୀ ସହରରୁ ଏବେ ସ୍ମାର୍ଟସିଟି ଭୁବନେଶ୍ୱର। ଆଶା, ବିଶ୍ୱାସ, ସମ୍ପର୍କ, ଆଉ ବିକାଶର ଏହି ମହାନଗର। ସମୟ ସ୍ରୋତରେ ଏଠି କେତେ ସମ୍ପର୍କ ଗଢ଼ି ଉଠିଛି। ସହର ଛାତିରେ କେତେ କାହାଣୀ, କେତେ ଇତିହାସ ଲେଖାହୋଇଛି। ନାନା ଜାତି, ସମ୍ପ୍ରଦାୟକୁ କୋଳେଇ ନେଇ ଏଇ ସହର ଆପଣାର ଅନୁଭବ ଦେଇଛି। ଏସବୁ ଅନୁଭବ ଭିତରେ କେତେ ଗୀତ, କେତେ ସଙ୍ଗୀତ ଭୁବନେଶ୍ୱରର କ୍ରମ ବିକାଶକୁ ତାଜା କରିଛି। ରାଜଧାନୀ ଭୁବନେଶ୍ୱରକୁ ନେଇ ପ୍ରସ୍ତୁତ ସଙ୍ଗୀତଗୁଡିକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।

### ବାଃ ବାଃରେ କ୍ୟାପିଟାଲ

ପ୍ରସିଦ୍ଧ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ କଣ୍ଠରୁ 'ବାଃ ବାଃରେ କ୍ୟାପିଟାଲ' ଗୀତ ୧୯୭୮ ମସିହାରେ ଶୁଣିବାକୁ ମିଳିଥିଲା। ଲିରିକ୍ସରେ ଶୀର୍ଷାନନ୍ଦ କାନୁନ୍‌ଗୋ ରହିଥିଲେ। ଅକ୍ଷୟଙ୍କ ଅନ୍ୟ ଗୀତଗୁଡ଼ିକ ଭଳି ଏହା ମଧ୍ୟ ଏକ ବେଶ୍ ଲୋକପ୍ରିୟ ତଥା ନିଆରା ହୋଇଥିଲା।

### ସଲାମ୍ ଭୁବନେଶ୍ୱର

୨୦୧୬ରେ ପ୍ରସ୍ତୁତ ହୋଇଥିଲା 'ସଲାମ୍ ଭୁବନେଶ୍ୱର'। ଏହି ଗୀତଟି ଲୋଫର୍ ଚଳଚ୍ଚିତ୍ରର ହୋଇଥିବାବେଳେ ସେତେବେଳେ ଏହା ବହୁତ ଲୋକପ୍ରିୟତା ହାସଲ କରିଥିଲା। ଏହି ଗୀତରେ ଅଭିନେତା ବାବୁସାନ୍‌ଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। ବାପୁ ଗୋସ୍ୱାମୀଙ୍କ ଲିଖିତ ଏହି ଗୀତକୁ କଣ୍ଠଶିଳ୍ପୀ ଗୁଡ଼ୁଲି ରଥ ସ୍ୱରରେ ସଜାଇଥିଲେ।







### ହେ ଭୁବନେଶ୍ୱର

'ଓଡ଼ିଶା ପୋଷ୍ଟ ଲାଇଭ୍' ପକ୍ଷରୁ 'ହେ ଭୁବନେଶ୍ୱର' ମ୍ୟୁଜିକ ଭିଡିଓ ୨୦୧୯ ଡିସେମ୍ବର ୨୨ରେ ପ୍ରସ୍ତୁତ ହୋଇଥିଲା। 'ଭୁବନେଶ୍ୱର ଆନ୍ଥେମ' ଭାବରେ ଏହାକୁ ରିଲିଜ କରାଯାଇଥିଲା। ସଙ୍ଗୀତରେ ଅନୁରାଗ ପଟ୍ଟନାୟକ ରହିଥିବାବେଳେ ଭିଡିଓରେ ସମର ପ୍ରତାପ ନାୟକ ☞ପୃଷ୍ଠା-୨

# ଅଡୁଆରେ ବିଗ୍ ବସ୍ ବିଜେତା ଏଲ୍‌ଭିଶ

## ନୋଏଡା ରେଭ୍ ପାର୍ଟିକୁ ସାପବିଷ ଯୋଗାଉଥିଲେ

**ନୋଏଡା,୩।୧୧**

ନୋଏଡ଼ାର ସେକ୍ଟର-୫୧ରେ ଗୁରୁବାର ରାତିରେ ବେଆଇନ ଭାବେ ଚାଲିଥିବା ରେଭ୍ ପାର୍ଟିକୁ ସାପବିଷ ଯୋଗାଇବା ଅଭିଯୋଗରେ ୟୁଟ୍ୟୁବର ତଥା ବିଗ୍ ବସ୍ ବିଜେତା ଏଲ୍‌ଭିଶ ଯାଦବଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ପୋଲିସ ଅନ୍ୟ ୬ ଜଣଙ୍କ ନାମରେ ଏତଲା ଦାଏର କରିଛି। ସେମାନଙ୍କ ବିରୋଧରେ ବନ୍ୟପ୍ରାଣୀ ଆଇନର ଧାରା ୯, ୩୯, ୪୯, ୫୦, ୫୧ ଏବଂ ଆଇପିସିର ଧାରା ୧୨୦ବି'ରେ ମାମଲା ହୋଇଛି। ଏଲ୍‌ଭିଶ୍‌ଙ୍କୁ ଗିରଫ କରିବା ପାଇଁ ଭାଜପା ନେତ୍ରୀ ମାନେକା ଗାନ୍ଧୀ ଦାବି କରିଛନ୍ତି। ଏଲ୍‌ଭିଶ୍ ଏକ ସାପ ଧରି ଖେଳୁଥିବାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ପ୍ରକାଶ ପାଇଛି।

ବିଗ୍ ବସ୍ ରିଏଲିଟି ଶୋ' ବିଜୟୀ ହେବା ପରେ ଏଲ୍‌ଭିଶ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିଥିଲେ। ସାପବିଷ ଯୋଗାଣ କରି ସେ ଅଡୁଆରେ ପଡ଼ିଛନ୍ତି। ପିପୁଲ୍ ଫର୍ ଆନିମଲ୍ (ପିଏଫ୍‌ଏ) ନାମକ ଏନ୍‌ଜିଓ ତାଙ୍କ ବିରୋଧରେ ଏତଲା ଦେଇଥିଲା। ବେଆଇନ ସାପବିଷ ଯୋଗାଣକାରୀ ଗ୍ୟାଙ୍ଗ୍ ବିରୋଧରେ ନୋଏଡ଼ା ପୋଲିସ, ବନ ବିଭାଗ ଅଧିକାରୀ ଏବଂ ପିଏଫ୍‌ଏ ପକ୍ଷରୁ ଚଢ଼ାଉ କରାଯାଇଥିଲା। ୫ ଅଭିଯୁକ୍ତଙ୍କୁ ଗିରଫ ପରେ ପଚରାଉଚରା କରାଯିବାରୁ ଗ୍ୟାଙ୍ଗ୍‌ରେ ଏଲ୍‌ଭିଶ ସାମିଲ ଥିବା ସେମାନେ କହିଥିଲେ। ଚଢ଼ାଉ ବେଳେ ସେମାନଙ୍କଠାରୁ ୫ଟି ନାଗ, ଦୁଇଟି ଦୋମୁଣ୍ଡିଆ ସାପ, ଗୋଟିଏ ନାଲି ସାପ ଓ ଗୋଟିଏ ଅଜଗର ଜବତ ହୋଇଛି। ଏଥିସହିତ ଉକ୍ତ ପାର୍ଟିରୁ ୨୦ରୁ ୨୫ ମିଲିଗ୍ରାମ୍ ସାପବିଷ ଥିବା ଏକ ପ୍ଲାଷ୍ଟିକ୍ ବୋତଲ ମଧ୍ୟ ମିଳିଛି। ଅନ୍ୟ ପକ୍ଷେ ସାପବିଷ ଯୋଗାଣ ଅଭିଯୋଗକୁ ଭିତ୍ତିହୀନ ଓ ମିଛ ବୋଲି ଏଲ୍‌ଭିଶ ସୋସିଆଲ ମିଡିଆରେ କହିଛନ୍ତି। ସେ ତଦନ୍ତରେ ୟୁପି ପୋଲିସକୁ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତୁତ ଏବଂ ତାଙ୍କ ସମ୍ପୃକ୍ତି ପ୍ରମାଣିତ ହେଲେ ସେ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ୟୁଟ୍ୟୁବର କହିଛନ୍ତି।

**ଗିରଫ କରିବାକୁ ମାନେକା ଗାନ୍ଧୀଙ୍କ ଦାବି**


ଏଲ୍‌ଭିଶ ଯାଦବ

# ତାମ୍ପରାରେ ଡଙ୍ଗା ବୁଡ଼ି: ମହିଳା ମୃତ

**ଛତ୍ରପୁର,୩।୧୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ନିକଟ ତାମ୍ପରା ହ୍ରଦରେ ଶୁକ୍ରବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ଦେଶୀ ଡଙ୍ଗାରେ କାଠ ସଂଗ୍ରହ କରି ଫେରୁଥିବା ବେଳେ ଡଙ୍ଗା ଓଲଟି ଭାଉଜଙ୍କ ମୃତ୍ୟୁ ଘଟିଥିବା ବେଳେ ନଣନ୍ଦଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମୃତ ଭାଉଜ ହେଲେ ହୁମର ଗ୍ରାମର ପୁଷ୍ପା ବେହେରା ଓ ନଣନ୍ଦ ବନିତା ବେହେରା।

ସକାଳେ ପୁଷ୍ପା ଓ ବନିତା ତାମ୍ପରା ହ୍ରଦର ଅପରପାର୍ଶ୍ୱ ଝାଉଁ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ଅପରାହ୍ନରେ କାଠ ଧରି ଦେଶୀ ଡଙ୍ଗାରେ ଘରକୁ ଫେରୁଥିଲା ବେଳେ ଡଙ୍ଗାଟି ହ୍ରଦ ମଧ୍ୟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ସହିତ ବନିତାଙ୍କୁ ☞ପୃଷ୍ଠା-୨

DSPL - 335

ମୋ ସ୍କୁଲ | ଓଡ଼ିଶା ସରକାର | 5 | ଆମ ଓଡ଼ିଶା ନବୀନ ଓଡ଼ିଶା

**ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର**

୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଅଧୀନରେ ଅଭିନବ ପ୍ରୟାସ

ଆମେ ଗଢ଼ିବୁ ନୂଆ ଓଡ଼ିଶା

ମିଳିବ ସମ୍ମାନ | ବଢ଼ିବ ଉତ୍ସାହ | ଆଣିବ ଆଗ୍ରହ



**ବିଭିନ୍ନ ପୁରସ୍କାର ପାଇଁ ଆବେଦନ ଆରମ୍ଭ**

**ନଭେମ୍ବର ୪ ତାରିଖ ଠାରୁ ୧୭ ତାରିଖ, ୨୦୨୩**

- ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର
- ପ୍ରଧାନଶିକ୍ଷକ ପୁରସ୍କାର (ମାଧ୍ୟମିକ ବିଦ୍ୟାଳୟ)
- ଶିକ୍ଷକ ପୁରସ୍କାର (ମାଧ୍ୟମିକ ବିଦ୍ୟାଳୟ)
- ପ୍ରାଥମିକ ବିଦ୍ୟାଳୟ ପୁରସ୍କାର
- ପ୍ରଧାନଶିକ୍ଷକ ପୁରସ୍କାର (ପ୍ରାଥମିକ ବିଦ୍ୟାଳୟ)
- ଶିକ୍ଷକ ପୁରସ୍କାର (ପ୍ରାଥମିକ ବିଦ୍ୟାଳୟ)
- ପୁରାତନ ଛାତ୍ରଛାତ୍ରୀ କମିଟି ପୁରସ୍କାର
- ଜିଲ୍ଲା ପୁରସ୍କାର
- ବ୍ଲକ୍ ପୁରସ୍କାର
- ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରସ୍କାର
- ଜିଲ୍ଲା ଶିକ୍ଷା ଅଧିକାରୀ ପୁରସ୍କାର
- ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କାର
- ଗ୍ରାମପଞ୍ଚାୟତ ପୁରସ୍କାର
- ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୁରସ୍କାର

ସମସ୍ତ ପୁରସ୍କାର ପାଇଁ https://msp.odisha.gov.in ରେ ଆବେଦନ କରନ୍ତୁ ।

ଯୋଗାଯୋଗ: ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ, ତୋଷାଳୀ ଭବନ, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭, ଫୋନ୍: ୦୬୭୪-୨୫୭୨୪୮୮

OIPR-27045/11/0031/2324

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

# ସବୁ କଲେଜରେ ଏନ୍‌ଏସ୍‌ଏସ୍ ଶାଖା ଖୋଲିବ




**ଭୁବନେଶ୍ୱର,୩।୧୧ (ଅନୁରାଧା ମହାରଣା)**

ରାଜ୍ୟର ସମସ୍ତ କଲେଜରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶାଖା ଖୋଲିବ। ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଶୁକ୍ରବାର ଜାତୀୟ ସେବା ଯୋଜନା ରାଜ୍ୟ ପରାମର୍ଶଦାତା କମିଟିର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ନାୟକ କହିଲେ, ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜାତିର ଜନକଙ୍କ ପ୍ରତି କୃତଜ୍ଞତା ପୂର୍ବକ ଏନ୍‌ଏସ୍‌ଏସ୍ ଆରମ୍ଭ ହୋଇଥିଲା। ୫୦ ବର୍ଷ ଭିତରେ ଓଡିଶାର ବହୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ଅଧିକାରୀ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଏହି ଧାରାକୁ ଅବ୍ୟାହତ ରଖିବା ଲାଗି ବିଭିନ୍ନ ବିଶ୍ୱବିଦ୍ୟାଳୟ କୁଳପତି, ଉଚ୍ଚଶିକ୍ଷା ପରିଷଦ, ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଏନ୍‌ଏସ୍‌ଏସ୍ ଅଧିକାରୀମାନେ ସମର୍ପିତ ହୋଇ କାର୍ଯ୍ୟ କରିବା ସହ ଯୁବ ଓ ଛାତ୍ର ସମାଜକୁ ସଂସ୍କାରମୂଳକ କାର୍ଯ୍ୟରେ ବିନିଯୋଗ ମାଧ୍ୟମରେ ବ୍ୟକ୍ତି ଓ ସାମାଜିକ ଜୀବନରେ ପରିବର୍ତ୍ତନ ଆଣିପାରିବେ। ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କହିଲେ, ବର୍ତ୍ତମାନ ଓଡ଼ିଶାର ୨୫ଟି ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ସମେତ ଉଚ୍ଚଶିକ୍ଷା ପରିଷଦ ନିୟନ୍ତ୍ରଣରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ୧୨୪୧ଟି ଏନ୍‌ଏସ୍‌ଏସ୍ ୟୁନିଟ୍‌ରେ ୧ଲକ୍ଷ ୨୪ହଜାରରୁ ଅଧିକ ସ୍ୱେଚ୍ଛାସେବକ ଅଛନ୍ତି। ନିଜ ଅଞ୍ଚଳରେ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଶିବିରମାନ କରାଯିବା ସହ ନିଶାର ବିଲୋପ, ପରିବେଶ ସୁରକ୍ଷା, ମହିଳା ସଶକ୍ତୀକରଣ, ରକ୍ତଦାନ, ସଡକ ସୁରକ୍ଷା, ସ୍ୱଚ୍ଛତା ଓ ଶୃଙ୍ଖଳାକୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଅଧିକ କ୍ରିୟାଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ। ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସରିତା ପଟେଲ, ରାଜ୍ୟ ସରକାରଙ୍କ ଏନ୍‌ଏସ୍‌ଏସ୍ ସଂଯୋଜକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ କୁଳପତି, ଏନ୍‌ଏସ୍‌ଏସ୍ ଅଧିକାରୀମାନେ ମତ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଦ୍ମଶ୍ରୀ ସାବରମତି ଓ ଅନ୍ୟତମ ଗାନ୍ଧିବାଦୀ ଚିନ୍ତକ ପ୍ରହଲ୍ଲାଦ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ଦଶାହ ଅବସରରେ
ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତା ଶ୍ରୀମତୀ ଦ୍ରୌପଦୀ ସାହୁ
ପୂର୍ବତନ ସରପଞ୍ଚ ସ୍ୱର୍ଗତ ଭରତ ସାହୁଙ୍କ ଧର୍ମପତ୍ନୀ
ଆବିର୍ଭାବ: ଅଗଷ୍ଟ ୧୯୨୨ (ଆନୁମାନିକ)
ତିରୋଧାନ: ୨୬ ଅକ୍ଟୋବର ୨୦୨୩
ମା, ତୋ ହସରେ ସଞ୍ଚରିଯାଉ
ପ୍ରେମ ପ୍ରଜ୍ଞାନର ଦିବ୍ୟବାଣୀ,
ମନ୍ଦ୍ର ମଧୁର କରୁଣା ଭରା ତୋ
ଆଖିର ଇସାରା କହୁ କାହାଣୀ ।
ଆବୋରିଥିଲୁ ତୁ ସାରା ସଂସାର
ଲୁଟାଇ ଦେଇ ତୋ ସେନେହ ଖଣି,
ଆଜି ତୋ ବିହୁନେ କାନ୍ଦେ ଆମ ଗାଆଁ
ଆଖିରୁ ବହଇ ଅସରା ପାଣି ।
ତୋ କଲ୍ୟାଣ ଆଶାରେ: ଫତେପୁର
ପଞ୍ଚାୟତର ସମସ୍ତ ଅଧିବାସୀ, ଯାହାଙ୍କୁ ତୁ
ତୋ କୁଟୁମ୍ବ ବୋଲି ଧରି ନେଇଥିଲୁ ।
ଗ୍ରାମ: ନାଉପାଳ, ପୋଷ୍ଟ: ବାଳମୁକୁଳି ହାଟ, ଜିଲ୍ଲା: ଯାଜପୁର


## ଶିକ୍ଷକ ନିଯୁକ୍ତି ନେଇ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଜାରି

**ଭୁବନେଶ୍ୱର,୩।୧୧(ଅନୁରାଧା ମହାରଣା)**

ସରକାରୀ ହାଇସ୍କୁଲଗୁଡ଼ିକରେ ବିଭିନ୍ନ ବର୍ଗର ୭୫୪୦ ଶିକ୍ଷକ ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ମାଧ୍ୟମରେ ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ପୂର୍ବରୁ ବିଭିନ୍ନ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଓଏସ୍‌ଏସ୍‌ସି ଅଫିସ ସହ ୩୦ ଜିଲାରେ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଚାଲୁଛି। ସମସ୍ତ ଜିଲାରେ ଟିଜିଟି ପିସିଏମ୍ ଓ ଟିଜିଟି ସିବିଜେଡ୍ ଶିକ୍ଷକଙ୍କ ନିଯୁକ୍ତି ପାଇଁ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ।

ଆମ ଓଡ଼ିଶା
ନବୀନ ଓଡ଼ିଶା

# କଳାହାଣ୍ଡିକୁ ୧୫୫ କୋଟି, ନବରଙ୍ଗପୁର ଜିଲାକୁ ୯୪.୫୦ କୋଟି




**■ ନବୀନ ଓଡ଼ିଶାରେ ଗାଁ ହେବ ରୂପାନ୍ତରର ପ୍ରକୃତ କେନ୍ଦ୍ର: ମୁଖ୍ୟମନ୍ତ୍ରୀ**

**■ ୫ମ ପାଳିରେ ମା'ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୫ ସୁନ୍ଦର ଉପହାର: ପାଣ୍ଡିଆନ**

**ଭୁବନେଶ୍ୱର,୩।୧୧(ଅନିଲ ଦାସ)**

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ନବମ ଦିବସରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। କଳାହାଣ୍ଡି ଜିଲାର ଜୁନାଗଡ଼, ଲାଞ୍ଜିଗଡ଼, ନର୍ଲା, ଧର୍ମଗଡ଼, ଭବାନୀପାଟଣା ନିର୍ବାଚନମଣ୍ଡଳୀକୁ ୧୫୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହିସବୁ ନିର୍ବାଚନମଣ୍ଡଳୀର ୧୩ ବ୍ଲକର ୩୧୦ ପଞ୍ଚାୟତରେ ୪୬୮ଟି ପ୍ରକଳ୍ପ ହେବ। ସେହିପରି ନବରଙ୍ଗପୁର ଜିଲାର ଡାବୁଗାଁ, ନବରଙ୍ଗପୁର, ଉମରକୋଟ, ଝରିଗାଁ ନିର୍ବାଚନମଣ୍ଡଳୀ ପାଇଁ ୯୪.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୧୦ ବ୍ଲକର ୧୮୯ ପଞ୍ଚାୟତରେ ୨୯୪୨ଟି ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଗାଁଗୁଡ଼ିକ ହେବ ରୂପାନ୍ତରର ପ୍ରକୃତ କେନ୍ଦ୍ର। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଏହା ହେଉଛି ୫ମ ପାଳି। ଏହି ପାଳିରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ରୂପାନ୍ତରର ଯୁଗ ଆରମ୍ଭ କରିବା ସହିତ ମା'ମାନଙ୍କୁ ୫ଟି ସୁନ୍ଦର ଉପହାର ଦେଉଛନ୍ତି। ୫ ଟଙ୍କାରେ ଆହାର, ମମତା ଯୋଜନାରେ ଗର୍ଭବତୀ ମା'ମାନଙ୍କୁ ୫ ହଜାର ଟଙ୍କା ସହାୟତା, ଲକ୍ଷ୍ମୀ ବସ୍ ଯୋଜନାରେ ମା'ମାନଙ୍କୁ ୫ ଟଙ୍କାରେ ବସ୍‌ରେ ଯିବାଆସିବାର ସୁବିଧା ମିଳିପାରିଛି। ସେହିପରି ମିଶନ ଶକ୍ତିରେ ମା'ମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଥିବା ବେଳେ ମା' ମାନଙ୍କ ପାଇଁ ଆଉ ଅଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

କଳାହାଣ୍ଡି ଜିଲାର ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ୪ ପ୍ରକଳ୍ପ ପାଇଁ ୩୩ କୋଟି ଏବଂ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ୧୭ ପ୍ରକଳ୍ପ ନିମନ୍ତେ ୬୦.୨୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ନର୍ଲା ନିର୍ବାଚନମଣ୍ଡଳୀରେ ୬ ପ୍ରକଳ୍ପ ପାଇଁ ୧୨.୪୬ କୋଟି, ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ନିମନ୍ତେ ୧୦.୪୮ କୋଟି ଏବଂ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୬ ପ୍ରକଳ୍ପ ଲାଗି ୨୦.୪୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି କଳାହାଣ୍ଡି ଜିଲାର ୫ ନିର୍ବାଚନମଣ୍ଡଳୀରେ ସମୁଦାୟ ୪୧ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୩୬.୬୮ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ନବରଙ୍ଗପୁର ଜିଲାର ଡାବୁଗାଁ ନିର୍ବାଚନମଣ୍ଡଳୀରେ ୧୦ ପ୍ରକଳ୍ପ ପାଇଁ ୨୭.୯୨ କୋଟି ଟଙ୍କା, ଝରିଗାଁ ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ଲାଗି ୧୧୧.୬୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଉମରକୋଟ ନିର୍ବାଚନମଣ୍ଡଳୀରେ ୯ ପ୍ରକଳ୍ପ ପାଇଁ ୧୬ କୋଟି ଏବଂ ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ୭ ପ୍ରକଳ୍ପ ନିମନ୍ତେ ୧୩.୧୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ନବରଙ୍ଗପୁର ଜିଲାର ୪ ନିର୍ବାଚନମଣ୍ଡଳୀରେ ସମୁଦାୟ ୩୪ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୬୮.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ପାଣ୍ଡିଆନ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରି, ଭୂପିନ୍ଦର ସିଂ, ମୌଷଧି ବାଗ, ମନୋହର ରନ୍ଧାରି, ପ୍ରକାଶ ଚନ୍ଦ୍ର ମାଝି, ସଦାଶିବ ପ୍ରଧାନୀଙ୍କ ସମେତ ଜିଲା ପରିଷଦ ସଭାପତି, ସଦସ୍ୟଗଣ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଦେଇଥିଲେ।




## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ କଣ୍ଠଶିଳ୍ପୀ ଦେବେଶ ପତି ଗିରଫ

ଭୁବନେଶ୍ୱର,୩।୧୧ (ସୂର୍ଯ୍ୟକାନ୍ତ ବେହେରା)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିବା ସହ ଗର୍ଭ ନଷ୍ଟ କରିବା ଓ ଟଙ୍କା ଲୁଟିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଓଡ଼ିଆ କଣ୍ଠଶିଳ୍ପୀ ଦେବେଶ ପତିଙ୍କୁ ଗିରଫ କରିଛି। ଏନେଇ ପୋଲିସ ତାଙ୍କ ବିରୋଧରେ ଆଇପିସି ଦଫା ୩୭୬(୨ଏନ), ୪୨୦, ୪୦୬, ୩୧୩ ଏବଂ ଆଇଟି ଆକ୍ଟର ଦଫା ୬୬/୬୭ରେ ଏକ ମାମଲା (ନଂ.୧୦୩/୨୩) ରୁଜୁ କରି ଦେବେଶଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଦେବେଶଙ୍କ ଘର ଯାଜପୁରରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହୁଛନ୍ତି। ବହୁ ଓଡ଼ିଆ ଚଳଚ୍ଚିତ୍ର, ଆଲ୍‌ବମ୍ ପାଇଁ କଣ୍ଠଦାନ କରିଛନ୍ତି।

### କାଳୀ ପୂଜା ପୂର୍ବରୁ ଭଦ୍ରକ-ଆରଡ଼ି ରାସ୍ତା ମରାମତି ଦାବି

ଭଦ୍ରକ, ୩।୧୧ (ସନାତନ ରାଉତ)

ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ବିପର୍ଯ୍ୟସ୍ତ ଅବସ୍ଥା ସୁଧାର ପାଇଁ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲାପାଳଙ୍କୁ ଭେଟିଛି। ରାସ୍ତାର ଶୋଚନୀୟ ଅବସ୍ଥା ବିଷୟରେ ଅବଗତ କରାଇ ଆସନ୍ତା କାଳୀପୂଜା ପୂର୍ବରୁ ମରାମତି ପାଇଁ ଦାବିପତ୍ର ପ୍ରଦାନ କରିଛି। ଭଦ୍ରକ ସହରର ଆରଡ଼ି ଛକଠାରୁ କୋଠାର ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ବର୍ଷକ ପୂର୍ବରୁ ଶିଳାନ୍ୟାସ କରାଯାଇଥିଲେ ମଧ୍ୟ କୌଣସି କାମ ହୋଇନାହିଁ। ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ମରାମତି କରା ନ ଗଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା ଭାଜପା ସଭାପତି ହେମନ୍ତ ପାଢୀ, ଉପସଭାପତି ଚତୁର୍ଭୁଜ ନାୟକ, ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ଜିଲା ମିଡିଆ ସେଲ୍ ଆବାହକ ବୈକୁଣ୍ଠ ନାଥ ସାହୁ, ବରିଷ୍ଠ ନେତା ସଦାଶିବ ପୋଥାଳ, ଶ୍ରୀକାନ୍ତ ନାୟକ, ରାମଚନ୍ଦ୍ର ମିଶ୍ର, ଅଜୟ ବଳ, ରାଜେନ୍ଦ୍ର ସାହୁ, ରାଜୀବ ନାୟକ, ଗୟାଧର ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ବିଜ୍ଞାନ ମେଳାରେ ୪୫ ପ୍ରକଳ୍ପ

ବସ୍ତା, ୩।୧୧ (ହରିଶଙ୍କର ପାଢୀ)

ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ମୋଟ ୪୫ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଜୁନିଅରରେ ୨୭ଜଣ ଛାତ୍ରୀଛାତ୍ର ଥିବାବେଳେ ସବ୍‌ଜୁନିଅରରେ ୧୨ ଓ ସିନିଅରରେ ୧୬ଜଣ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସଭାପତି ମାନଗୋବିନ୍ଦ ମହାନ୍ତି, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡ଼ା ଉପସ୍ଥିତ ଥିବାବେଳେ ମୁଖ୍ୟଅତିଥି ଭାବେ ସାର୍ଥା ବ୍ରଜମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାର ମାଧ୍ୟମ ହେଉଛି ବିଜ୍ଞାନମେଳା ବୋଲି କହିଥିଲେ।

# ମୁଣ୍ଡ ନୂଆଁଇଲେ ନବଘନଙ୍କ ପରିବାର

- ଗାଁ ଲୋକଙ୍କ ଉପସ୍ଥିତିରେ ହେଲା ମୃତଦେହ ସତ୍କାର
- ଅନ୍ୟ ଜାତିରେ ବିବାହ କରିଥିବାରୁ ମୃତଦେହ ଗ୍ରହଣ କରି ନ ଥିଲେ


ନବଘନ ରଥ

ରସୁଲପୁର,୩।୧୧ (ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ନବଘନ ରଥ(୪୫)ଙ୍କ ପରିବାର ଶେଷରେ ମୁଣ୍ଡ ନୂଆଁଇଛନ୍ତି। ଗାଁ ଲୋକଙ୍କ ନିଷ୍ପତ୍ତି ଅନୁସାରେ ସେମାନେ ନବଘନଙ୍କ ମୃତଦେହ ଶେଷକୃତ୍ୟରେ ସାମିଲ ହୋଇଛନ୍ତି।

ନବଘନଙ୍କ କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ପରେ ମୃତଦେହକୁ ତାଙ୍କ ସ୍ତ୍ରୀ ମମତା ତରାଇ ସତ୍କାର ପାଇଁ ଗାଁକୁ ଆଣିଥିଲେ। ହେଲେ ଶାଶୁଘର ଲୋକେ ମୃତଦେହ ଗ୍ରହଣ କରି ନ ଥିଲେ। ଏହାକୁ ନେଇ ବିବାଦ ଉପୁଜିଥିଲା। ଏନେଇ ମମତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ନବଘନଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲା। ହେଲେ ପୋଲିସ କଥାରେ ସେମାନେ ରାଜି ହୋଇ ନ ଥିଲେ। ଉକ୍ତ ଘଟଣାକୁ ଆପୋସ ସମାଧାନ ପାଇଁ ପୋଲିସ ଓ ଗାଁ ମୁରବୀଙ୍କୁ ନେଇ ଏକ ବୈଠକ ବସିଥିଲା। ବହୁ ବିଚାର ବିମର୍ଶ ପରେ ପରିବାରର ଲୋକେ ରାଜି ହୋଇଥିଲେ। ଗାଁ ଲୋକେ ମୃତଦେହ ସତ୍କାର ଦାୟିତ୍ୱ ନେଇଥିଲେ। ପରିବାର ଲୋକେ ସେଥିରେ ସାମିଲ ହୋଇଥିଲେ। ନବଘନଙ୍କୁ ପୈତୃକ ସମ୍ପତ୍ତିରୁ ଭାଗ ମିଳିବା ସହ ତାଙ୍କ ସ୍ତ୍ରୀ ଚାହିଁଲେ ଭିନ୍ନ ଏକ ପ୍ଲଟରେ ଘର କରି ରହିପାରିବେ ବୋଲି ମତ ଦେଇଥିଲେ। ସ୍ତ୍ରୀ ମମତା ଓ ତାଙ୍କ ଦୁଇପିଲା ନିଷ୍ପତ୍ତିକୁ ସମ୍ମାନ ଜଣାଇଥିଲେ। ଶାଶୁଘର ଲୋକ ଗାଁ ଲୋକଙ୍କ ନିଷ୍ପତ୍ତିକୁ ମାନି ନେଇଥିବା ଓ ତାଙ୍କ ସ୍ୱାମୀଙ୍କ ମୃତଦେହ ସତ୍କାରରେ ସାମିଲ ହେବାକୁ ରାଜି ହୋଇ ଥିବାରୁ ସେ ଶାଶୁଘର ଲୋକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ ଘଟଣାକୁ ନେଇ ଗୁରୁବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ମାତ୍ର ରାତ୍ରି ସମୟରେ ମୃତଦେହ ସତ୍କାର ସମ୍ଭବପର ହୋଇ ନ ଥିଲା। ଶୁକ୍ରବାର ସକାଳୁ ଗାଁ ଲୋକଙ୍କ ଉପସ୍ଥିତିରେ ଗାଁ ମଶାଣିରେ ମୃତଦେହର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରାତି ସାରା ପୋଲିସ ମୃତଦେହ ଜଗି ରହିଥିଲା। ଘଟଣାକୁ ନେଇ ଗାଁରେ ଯେମିତି କୌଣସି ଅପ୍ରତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ସଜାଗ ରହିଥିଲା। ପୋଲିସ ଉପସ୍ଥିତି ଓ ଗାଁ ଲୋକଙ୍କ ଉଦ୍ୟମରେ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

ନବଘନ ୧୭ବର୍ଷ ତଳେ ଗାଁର ଜଣେ ଦଳିତ ପରିବାର ଝିଅଙ୍କୁ ବିବାହ କରିଥିଲେ। ଏହାକୁ ପରିବାର ଲୋକେ ବିରୋଧ କରିଥିଲେ। ସେବେଠାରୁ ନବଘନ ତାଙ୍କ ସ୍ତ୍ରୀଙ୍କୁ ନେଇ ଭୁବନେଶ୍ୱରରେ ରହୁଥିଲେ। ନବଘନ ପରିବାରର ବିଭିନ୍ନ ପାରମ୍ପାରିକ କାର୍ଯ୍ୟ, ଶୁଦ୍ଧିକ୍ରିୟାରେ ସେମାନେ ସାମିଲ ହୋଇ ନ ଥିଲେ। ନବଘନଙ୍କ ଏଭଳି ଆଚରଣରେ ରାଗିଯାଇ ପରିବାର ଲୋକେ ତାଙ୍କଠାରୁ ସମ୍ପର୍କ ଛିନ୍ନ କରିବା ସହ ତାତାଙ୍କୁ ଶୁଧ୍ ହୋଇ ପଡ଼ିଥିଲେ। ସେମାନେ ନବଘନଙ୍କ ମୃତଦେହ ଗ୍ରହଣ କରିବାକୁ ଅରାଜି ହୋଇଥିଲେ। ତାଙ୍କ ସ୍ତ୍ରୀ ମାମତା ଅଡ଼ି ବସିବା ସହ ତାଙ୍କୁ ନ୍ୟାୟ ମିଳୁ ବୋଲି ଜିଦ୍ ଧରିଥିଲେ। ଏ ସବୁ ପରେ ବି ଶାଶୁଘର ଲୋକେ ତାଙ୍କୁ ସହଯୋଗ କରି ନ ଥିଲେ। ଶେଷରେ ପୋଲିସ ଓ ଗାଁ ଲୋକଙ୍କ ଉଦ୍ୟମର ଘଟଣାର ଆପୋସ ସମାଧାନ ହୋଇଥିଲା। ବିବାଦ ଭିତରେ ମୃତଦେହ ସତ୍କାର କାର୍ଯ୍ୟ ୨୪ ଘଣ୍ଟା ବିଳମ୍ବ ହୋଇଥିଲା।

# ତହସିଲ ସମ୍ମୁଖରେ ଗଣଧାରଣା

## କୋରନ୍ଦ ପଞ୍ଚାୟତର ସିଲିଂ ବହିର୍ଭୂତ ସମ୍ପତ୍ତି ସରକାରୀ ଖାତାକୁ ଫେରସ୍ତ ଦାବି



ଲୋକମାନେ କନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇଛନ୍ତି।

ରାଜକନିକା,୩।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତରେ ରହିଥିବା ୪୦ ଏକର ପାଖାପାଖି ସିଲିଂ ବହିର୍ଭୂତ ସମ୍ପତ୍ତି ସରକାରୀ ଖାତାକୁ ଫେରସ୍ତ କରିବା, ପଞ୍ଚାୟତକୁ ହସ୍ତାନ୍ତର କରିବା ଦାବିରେ ଶୁକ୍ରବାର ଶତାଧିକ ମହିଳାପୁରୁଷ କନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ। ରାଜକନିକାସ୍ଥିତ ମେଳଣ ପଡିଆରୁ ଏକ ବିରାଟ ଶୋଭାଯାତ୍ରାରେ ପଞ୍ଚାୟତବାସୀ ବାହାରି ଷ୍ଟ୍ରକଚର ଛକ, ଥାନା ଛକ ଦେଇ ବିଭନ୍ନ ସ୍ଲୋଗାନ ଦେଇ ତହସିଲ ସମ୍ମୁଖରେ ପହଞ୍ଚିଥିଲେ। କୋରନ୍ଦ ପଞ୍ଚାୟତର ଚାଲୁଣିଆ, ନନ୍ଦିମାହାରା, ଗିରିଆ, ଓଡ଼ଗିରିଆ ଓ କୋରନ୍ଦ ଗ୍ରାମର ମହିଳାପୁରୁଷମାନେ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, କନିକା ରାଜ ପରିବାର ସିଲିଂ ବହିର୍ଭୂତ ସମ୍ପତ୍ତିଗୁଡ଼ିକ ନିଜ ନାମରେ ଖତିଆନ୍ କରି ବିକ୍ରି କରୁଛନ୍ତି। ତେଣୁ ପଞ୍ଚାୟତବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତର ଉକ୍ତ ଜମିରେ ବର୍ଷବର୍ଷ ଧରି ଗ୍ରାମବାସୀ ଚଳପ୍ରଚଳ କରି ଆସୁଥିଲେ। ୧୯୫୭-୫୮ ମସିହା ନିୟମ ଅନୁଯାୟୀ ପଞ୍ଚାୟତ ଏହି ବଗାୟତକୁ ନିଲାମ କରି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ କରି ଆସୁଥିଲେ। ହେଲେ କନିକା ତହସିଲଦାରଙ୍କ ମାଧ୍ୟମରେ କନିକା ରାଜା ସିଲିଂ ସମ୍ପତ୍ତିଗୁଡ଼ିକୁ ନିଜ ନାମରେ କରି ନେଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସବୁ ଜମିର ଖତିଆନ୍ ଖାରଜ୍ କରିବାକୁ ନିବେଦନ କରିଛନ୍ତି। ରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ସିପିଆଇ(ଏମଏଲ) ଜିଲା ସମ୍ପାଦକ ବିଧାନ ଦାସ, ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, କାଳିପ୍ରସାଦ ନାୟକ, ଖରସ୍ରୋତା ସଂଗ୍ରାମ ସମିତିର ସଭାପତି ଦୁର୍ଯ୍ୟୋଧନ ମହାନ୍ତି, କୃପାସିନ୍ଧୁ ପଣ୍ଡା, ଧନେଶ୍ୱର ଧଳ, ପତିତପାବନ ବେହେରା, ଧନେଶ୍ୱର ରାଉତ, ସରପଞ୍ଚ ଗୀତାଞ୍ଜଳି ସେଠୀ, ତ୍ରିଲୋଚନ ପ୍ରଧାନ, ବୈକୁଣ୍ଠନାଥ ପ୍ରଧାନ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ତହସିଲ କାର୍ଯ୍ୟାଳୟରେ ଖାତା ଖତିଆନରେ ଜାଲିଆତି, ଦଲାଲ ସକ୍ରିୟ ସହ ନକଲି ପଟ୍ଟା କାରବାର ହେଉଥିବା ଅଭିଯୋଗ ସହିତ ତୁରନ୍ତ ସିଲିଂ ସମ୍ପତ୍ତିକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ ଦାବି କରିଥିଲେ। କନିକା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କୁ ପଚାରିବାରେ ଏହି ମାମଲା କୋର୍ଟରେ ବିଚାରାଧୀନ ଅଛି। ଆମେ ତଦନ୍ତ କରୁଛୁ। କେତେ ସିଲିଂ ଜମି ଅଛି ସେ ସମ୍ପର୍କରେ ତଦନ୍ତ କରୁଛୁ ବୋଲି ସେ କହିଥିଲେ।

# କ୍ୟାମ୍ପସରେ କେଏନପିରୁ ୩୪ ଛାତ୍ରୀଛାତ୍ର ମନୋନୀତ


କ୍ୟାମ୍ପସରେ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପିକା ଅଧ୍ୟାପକ।

ଯାଜପୁରରୋଡ୍,୩।୧୧ (ପବିତ୍ର ରଞ୍ଜନ ମହାନ୍ତି)

କଳିଙ୍ଗ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ (କେଜିଆଇ)ଅଧୀନ କଳିଙ୍ଗନଗର ପଲିଟେକନିକ(କେଏନ୍‌ପି)ର ୩୪ ଛାତ୍ରୀଛାତ୍ର କ୍ୟାମ୍ପସ ଚୟନ ହୋଇ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଶିଳ୍ପନଗରୀ ଯାଜପୁର ଜିଲାର ପ୍ରଥମ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ଭାବେ ୨୦୦୯ରେ କେଜିଆଇ ଦ୍ୱାରା ପ୍ରତିଷ୍ଠିତ କେଏନ୍‌ପି ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କରୋନା ସମୟରେ ମଧ୍ୟ ଏହି ଶିକ୍ଷାନୁଷ୍ଠାନ କ୍ୟାମ୍ପସ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି କରି ଖୁବ୍ ପ୍ରଶଂସା ସାଉଣ୍ଟିଥିଲା। ଏହି ବର୍ଷ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮ ଜଣ ଏଚ୍‌ଏଲ ମାଣ୍ଡୋ ଆନନ୍ଦ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏବଂ ୧୬ ଜଣ ଛାତ୍ରୀଛାତ୍ର ଏନବିସି ବିୟରିଙ୍ଗ କମ୍ପାନୀରେ ଯୋଗଦେବେ। ଏହାକୁ ନେଇ କେଏନ୍‌ପି ତରଫରୁ ଖୁସି ବ୍ୟକ୍ତ କରାଯିବା ସହ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ଖୁସି ହୋଇ କେଜିଆଇର ଚେୟାରମ୍ୟାନ ଇଂ. ଆଲେକଜାଣ୍ଡାର ଦାସ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆଗାମୀ ଦିନରେ କେବଳ ଚାକିରି ନୁହେଁ ବରଂ କେଏନପି ଦ୍ୱାରା ଆରମ୍ଭ ହେବାକୁ ଯାଉଥିବା କଳିଙ୍ଗ ଫ୍ୟାବ ଲ୍ୟାବ ମାଧ୍ୟମରେ ଷ୍ଟାର୍ଟ ଅପ ଏବଂ ଇନୋଭେସନ ନିମନ୍ତେ ଛାତ୍ରୀଛାତ୍ରଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ନିଯୁକ୍ତି ପ୍ରକ୍ରିୟାରେ କଳିଙ୍ଗନଗର ପଲିଟେକନିକର ଡେପୁଟି ଡିନ ଅଭିଲାଷ ପଣ୍ଡା, ଅଧକ୍ଷ ବିଷ୍ଣୁଚରଣ ଦାସ, ଉପାଧ୍ୟକ୍ଷ ସତ୍ୟବ୍ରତ ମହାରଣା, ଶ୍ରୀଧର ଘଡ଼ାଇ, ସ୍ମୃତିରେଖା ଶତପଥୀ, ବିଶ୍ୱବନ୍ଦିତା ଖୁଣ୍ଟିଆ, ଅମିୟ ବେହେରା, ସର୍ବେଶ୍ୱର ରାଉତ, ସତ୍ୟବ୍ରତ ଖିଲାର, ଟିନା ଗୁରୁ, କଳ୍ପନା ପଣ୍ଡା, ରଙ୍ଗାଧର ସା, ପ୍ରଦୀପ କୁମାର ଦାସ, ଗୌରାଙ୍ଗ ଭଞ୍ଜ, କୋଣାର୍କ ପାତ୍ର, ସାଦେକା ଖାତୁନ, ରାଣା ପ୍ରତାପ ଦାସ ଓ ପ୍ରଣବ ରାଉତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ରାଜନଗର ଆତ୍ମା କମିଟି ବୈଠକ

ରାଜନଗର, ୩।୧୧ (ଭାସ୍କର ରାଉତରାୟ)

ରାଜନଗର କୃଷି ବିଭାଗ କାର୍ଯ୍ୟାଳୟରେ ଆତ୍ମା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆତ୍ମା କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ସହାୟତା କେଉଁମାନେ ପାଉଛନ୍ତି, ସେ ନେଇ ଆଲୋଚନା ହୋଇଥିଲା। ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗକୁ କେଉଁ କେଉଁ ଯୋଜନା ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଛି, ତା'ର ଲାଭ ପ୍ରକୃତ ଚାଷୀ ପାଉଛନ୍ତି ନାଁ ନାହିଁ, ସେ ନେଇ ଅଧ୍ୟକ୍ଷ ଓ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏଣିକି ଯେଉଁ ପଞ୍ଚାୟତ ପାଇଁ ବିଭିନ୍ନ ଯୋଜନାରେ ଚାଷୀଙ୍କ ପାଇଁ ସହାୟତା ଆସିବ, ସେ ନେଇ ସେହି ପଞ୍ଚାୟତର ଆତ୍ମା କମିଟିର ସଦସ୍ୟ ଓ ଚାଷୀଙ୍କୁ ଜଣାଇ ପ୍ରକୃତ ଚାଷୀଙ୍କ ପାଖରେ ଯୋଜନା ପହଞ୍ଚାଇବାକୁ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବ୍ଲକ କୃଷି ଅଧିକାରୀ ଶରତ ଚନ୍ଦ୍ର ନାୟକ, ସହକାରୀ ମତ୍ସ୍ୟ ଅଧିକାରିଣୀ ମୋନାସିଲା ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତାପସ କୁମାର ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗର କନିଷ୍ଠଯନ୍ତ୍ରୀ ଅସୀତ ଅଂଶୁମାନ ସାମଲ, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ ଚନ୍ଦ୍ର ଜେନା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ଅଧିକାରିଣୀ ସାଗରିକା ମଲ୍ଲିକ, ରମେଶ କୁମାର ଜେନା, ଶୈଳେନ୍ଦ୍ର କୁମାର ସ୍ୱାଇଁ ଓ ଆତ୍ମାର ସଦସ୍ୟ ଅରୁଣ କୁମାର ସାହୁ, ନଳିନୀ ରଞ୍ଜନ ରାଉତରାୟ, ଅଶୋକ କୁମାର ମହାନ୍ତି, ପ୍ରଣତି ପରିଡା, ସ୍ୱର୍ଣ୍ଣଲତା ମହାନ୍ତି, ମିନତୀ ନାୟକ, ସତ୍ୟଭାମା ସାହୁ, ସୁଜାତା ନାୟକ, ସୁଲେଖ ରାଉତ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲାସ୍ତରୀୟ ସୁରଭିରେ ସୋନାଲିକାଙ୍କ କୃତିତ୍ୱ

ରସୁଲପୁର,୩।୧୧ (ରଞ୍ଜିତ ରାଉତ)


ସୋନାଲିକା ରାଉତ

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୋନାଲିକା ରାଉତ ଜିଲାସ୍ତରୀୟ ସୁରଭି-୨୦୨୩ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ସୋନାଲିକା ସଂଗୀତରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏହି ଖବର ବିଦ୍ୟାଳୟ ପାଇଁ ଖୁସି ଆଣି ଦେଇଛି। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୋନାଲିକାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତାଙ୍କର ସଫଳତା କାମନା କରାଯାଇଛି। ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ, ମୋ ସ୍କୁଲ ଅଭିଯାନର ଆଲମୁନିମାନେ ବିଦ୍ୟାଳୟରେ ଏକତ୍ରିତ ହୋଇ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ନଭେମ୍ବର ୧୪ରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଛାତ୍ରୀ ସଫଳତା ହାସଲକରି ତାଙ୍କ ଅଞ୍ଚଳ ପାଇଁ ଗୌରବ ଆଣନ୍ତୁ ବୋଲି ଆଶାପୋଷଣ କରାଯାଇଛି। ସୋନାଲିକା ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜିଲାସ୍ତରରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

# ସିଡିପିଓଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

## ସମସ୍ୟା ବୁଝିଲେ, ଖାଦ୍ୟର ମାନ ପରଖିଲେ

ଝୁମ୍ପୁରୀ,୩।୧୧ (ସରୋଜ ନାୟକ)

ଦଶରଥପୁର ବ୍ଲକର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି ସିଡିପିଓ ଶାନ୍ତିଲତା ସେଠୀ। ଅଙ୍ଗନୱାଡ଼ି କେନ୍ଦ୍ରରେ ପଢୁଥିବା ପିଲାଙ୍କୁ ଠିକ୍ ଢଙ୍ଗରେ ପାଠପଢ଼ା ସହ ଖାଦ୍ୟ ଦିଆଯାଉଛି କି ନାହିଁ ତାହା ଜାଣିବାକୁ ସିଡିପିଓ ଅଚାନକ ଏହି ପରିଦର୍ଶନ କରିଛନ୍ତି। ବ୍ଲକରେ ୮୩୭୦ ଶିଶୁଙ୍କୁ ଶୁଖିଲା ଖାଦ୍ୟ ଓ ଅଣ୍ଡା ଯୋଗାଇ ଦିଆଯାଉଥିବାବେଳେ ୩ରୁ୬ବର୍ଷ ପର୍ଯ୍ୟନ୍ତ ୮୩୦୪ ଶିଶୁଙ୍କୁ ରନ୍ଧା ଖାଦ୍ୟ ଓ ଅଣ୍ଡା ଯୋଗାଇ ଦିଆଯାଉଛି। ସେହିପରି ମୋଟ୍ ୧୨୯୦ ଗର୍ଭବତୀ ଓ ୧୧୪୧ ପ୍ରସୂତିଙ୍କୁ ଛତୁଆ, ଅଣ୍ଡା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଗତ ୨ ତାରିଖରେ ସିଡିପିଓ ସେଠୀ ଏସମ୍ପର୍କରେ ବିଭାଗୀୟ ସମୀକ୍ଷା କରିବା ପରେ ଦୁଦୁରାଅଣ୍ଟା ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ସେ କେନ୍ଦ୍ରର କର୍ମୀ ଓ ସହାୟିକାଙ୍କଠାରୁ ବିଭିନ୍ନ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ କେନ୍ଦ୍ରରେ ଶିଶୁଙ୍କୁ ଦିଆଯାଉଥିବା ରନ୍ଧା ଖାଦ୍ୟର ମାନ ପରଖି ସନ୍ତୋଷ ପ୍ରକାଶ କରିଥିଲେ। ୬୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ନେଇ ସେଠୀ ଅବଗତ ହୋଇଥିଲେ। ଏ ସମ୍ପର୍କରେ ସେ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ବୁଲିଲା ଲୁହାବାଡ଼

## ଚେତିଲା ବିଦ୍ୟୁତ୍ ବିଭାଗ


ଟ୍ରାନ୍ସଫର୍ମର ଚାରିପଟେ ଲୁହାବାଡ଼ ଘେରାଯାଉଛି।

ରସୁଲପୁର,୨।୧୧ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅଞ୍ଚଳର ମୁଖ୍ୟ ବ୍ୟବସାୟୀକ ପେଣ୍ଠସ୍ଥଳୀ କୁଆଖିଆ ବଜାରସ୍ଥିତ ବିଜୁ ଗ୍ରାମୀଣ ବଜାର ସମ୍ମୁଖ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ଲୁହାବାଡ଼ ବୁଲାଯାଉଛି। ବିଦ୍ୟୁତ୍ ସରବରାହ ସଂସ୍ଥା ଟାଟା ପାୱାରର କୁଆଖିଆ ସେକ୍ସନ ପକ୍ଷରୁ ଏହି କାର୍ଯ୍ୟ କରାଯାଉଛି। ଏଠାରେ ବିପଦସଂକୁଳ ଅବସ୍ଥାରେ ଟ୍ରାନ୍ସଫର୍ମରଟି ମୁକୁଳା ହୋଇ ପଡ଼ିଥିଲା। ଏହା ଜନସାଧାରଣଙ୍କ ଚଳପ୍ରଚଳ ସ୍ଥାନ ହୋଇଥିବାରୁ ତାହା ଧନଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ବଜାରରେ ପୂଜା, ମେଳା, ଯାତ୍ରା, ମେଳଣ ଆଦି ସମୟରେ ବିପଦ ସୃଷ୍ଟି କରି ଆସୁଥିଲା। ଏନେଇ ୨୩ ଡିସେମ୍ବର ୨୦୨୨ରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ପ୍ରସାରଣ ପରେ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମ ଚର୍ତୁପାର୍ଶ୍ୱକୁ ସୁରକ୍ଷିତ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି।

ଡିସେମ୍ବରରେ ଧନୁ ସଂକ୍ରାନ୍ତି ଅବସରରେ ଏଠାରେ ପ୍ରସିଦ୍ଧ ଗଜ ଉଦ୍ଧାରଣ ପୂଜା ଅନୁଷ୍ଠିତ ହୁଏ। ଏହି ଅବସରରେ ଠାକୁରଙ୍କ ମୃଣ୍ମୟୀ ମୂର୍ତ୍ତି ମୁକୁଳା ଟ୍ରାନ୍ସଫର୍ମର ସମ୍ମୁଖରେ ଅବସ୍ଥିତ ଥିଲା। ପୂଜା ସମୟରେ ଟ୍ରାନ୍ସଫର୍ମର ଚର୍ତୁପାର୍ଶ୍ୱରେ ଭୋଗ ଦୋକାନ, ମୀନା ବଜାର ଆଦି ସ୍ଥାପନ କରାଯାଉଛି। ଏହିସ୍ଥାନରେ ଠାକୁରଙ୍କୁ ଦର୍ଶନ ପାଇଁ ହଜାରହଜାର ଦର୍ଶକଙ୍କ ଭିଡ଼ ଜମିଥାଏ। ଅନ୍ୟପକ୍ଷରେ ଗ୍ରାମୀଣ ବଜାରର ବିଏସ୍ ଆଗ୍ରୋ କୃଷି ଯନ୍ତ୍ରାଂଶ ବିକ୍ରୟ କେନ୍ଦ୍ର ସଲଗ୍ନ ଏହି ଟ୍ରାନ୍ସଫର୍ମଟି ବିପଦ ସଂକୁଳ ଭାବେ ରହିଥିବାରୁ ଦୋକାନକୁ ଆସୁଥିବା ଗ୍ରାହକଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା।

# ମାଲେସିଆ ଯାଇଥିବା ଶ୍ରମିକ ନିଖୋଜ

ରାଜନଗର, ୩।୧୧ (ଭାସ୍କର ରାଉତରାୟ)


ମାନସ ପଡିହାରୀ

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳରେ ଅଭାବ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ସୁଦୂର ମାଲେସିଆ ଯାଇଥିବା ଦାଦନ ଶ୍ରମିକ ମାନସ ପଡିହାରୀଙ୍କ ୫ମାସ ହେଲା କୌଣସି ପତ୍ତା ମିଳୁନାହିଁ। ୫ମାସ ତଳେ ମାନସ ମା'ଙ୍କ ସହ ଟେଲିଫୋନ ଯୋଗେ ଦରମା ପାଇଲେ ଗାଁକୁ ଫେରିବେ ବୋଲି କଥା ଦେଇଥିଲେ। ମା' ପୁଅର ଫେରିବା ବାଟକୁ ଚାହିଁ ବସିଛନ୍ତି। କିନ୍ତୁ ପୁଅ ମାଲେସିଆରେ ନିଖୋଜ ହୋଇଯାଇଛି। ମା' ସହିତ ପୁଅର କୌଣସି ସଂଯୋଗ ରହିନାହିଁ। ଆଶା ଆଶଙ୍କାରେ ଥିବା ମା' ଏବଂ ତାଙ୍କ ପରିବାର ମାନସିକ ଚାପରେ ଥିବା ବେଳେ ମାନସଙ୍କୁ ମାଲେସିଆ ପଠାଇଥିବା ଏଜେଣ୍ଟ କିନ୍ତୁ ମାନସଙ୍କ ପରିବାରକୁ ବିଭିନ୍ନ ସମୟରେ ଫୋନ ମାଧ୍ୟମରେ ଧମକ ଚମକ ଦେଉଥିବା ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ରାଜନଗର ବ୍ଲକ ମହୁଲିଆ ଗାଁର ସୁକଦେବ ପଡିହାରୀଙ୍କ ପୁଅ ମାନସ (୨୮) ୨୦୨୦ ମାର୍ଚ୍ଚ ୧ରେ ଦାଦନ ଖଟିବାକୁ ସୁଦୂର ମାଲେସିଆ ଯାଇଥିଲେ। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଲିପଡା ଗାଁର ଏଜେଣ୍ଟ ପ୍ରଭାକର ସାହୁ ମାନସଙ୍କୁ ମାଲେସିଆରେ କାମ କରିବାକୁ ପଠାଇଥିଲେ। ସେଠାରେ ମାନସ ଏକ ଖଜୁରୀକୋଳି କମ୍ପାନୀରେ ମାସକୁ ୫୦ ହଜାର ଟଙ୍କା ଦରମାରେ କାମ କରିବାକୁ ଯାଇଥିଲେ। ମାନସ କାମ କରିବାର ୨ମାସ ପରେ ଦରମା ବାବଦ ୧ ଲକ୍ଷ ଟଙ୍କା ଘରକୁ ପଠାଇ ଥିଲେ। କମ୍ପାନୀର ମାଲିକ ୨ମାସ ଦରମା ବାଦେ ଆଉ ଟଙ୍କା ଦେଇ ନ ଥିଲେ। ଆଜି ଦେବି କାଲି ଦେବି କହି ମାନସକୁ ଭୁଆଁ ବୁଲାଉଥିଲେ। ଦୀର୍ଘ ମାସ ଧରି ପରିବାର ସହିତ ଟେଲିଫୋନ କରିବାକୁ ସୁଯୋଗ ଦେଉ ନ ଥିଲେ। ମାନସ ଲୁଚି ଛପି ଘରକୁ ଫୋନ କରିବା ସହ ମାଲିକ ଟଙ୍କା ଦେଉନି ଓ ଫୋନରେ ଯୋଗାଯୋଗ କରିବାକୁ ଦେଉନି ବୋଲି କହିଥିଲେ। ଅଗଷ୍ଟରେ ମାଲିକ ସମସ୍ତ ଦରମା ଟଙ୍କା ଦେବେ ଓ ଫେରିବା ପାଇଁ ଟିକେଟ ଦେବେ, ତା' ପରେ ସେ ଘରକୁ ଆସିବ ବୋଲି ୨୦୨୩ ଜୁନ ୧୫ ରେ ପରିବାର ଲୋକଙ୍କ ସହ ଶେଷଥର ପାଇଁ କଥା ହୋଇଥିଲା। ସେବେଠାରୁ ମାନସଙ୍କ କୌଣସି ଫୋନ ଆସି ନାହିଁ। ପରିବାର ଲୋକେ ମାନସ ସହିତ କୌଣସି ଯୋଗାଯୋଗ କରି ପାରୁ ନ ଥିବାରୁ ପରିବାର ଲୋକେ ଆଶା ଆଶଙ୍କା ଭିତରେ ଦିନ କାଟୁଛନ୍ତି। ମାନସଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ପରିବାର ଲୋକେ ମାନସଙ୍କୁ ମାଲେସିଆ ପଠାଇଥିବା ଏଜେଣ୍ଟ ପ୍ରଭାକରଙ୍କ ସହ ଯୋଗାଯୋଗ କରିଥିଲେ। କଲିକତା ଅଫିସକୁ ଯାଇଁ ବୁଝି ଆସିବି କହି ୨ ଥରରେ ୭ ହଜାର ଟଙ୍କା ଏଜେଣ୍ଟ ପ୍ରଭାକର ନେବା ପରେ ମାନସଙ୍କ ସମ୍ପର୍କରେ କୌଣସି ଖବର ନ ଦେଇ ଓଲଟି ଗାଳି ଗୁଲଜ କରୁଥିବା ନେଇ ମାନସଙ୍କ ଭାଇ ରଞ୍ଜିତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରଞ୍ଜିତଙ୍କ କହିବା ମୁତାବକ ବାପା ମରିଯିବା ପରେ ଆମେ ୩ ଭାଇ ମା' ସହିତ ରହୁଛୁ। କାମ ନ ମିଳିବାରୁ ସାନଭାଇ ମାନସ ମାଲେସିଆ ଯାଇଥିଲେ। ୫ ମାସ ହେଲା ତା'ର କୌଣସି ଖୋଜ ଖବର ଆମେ ପାଉନୁ। ବୁଢି ମା' ଓ ପରିବାର ଲୋକେ ତାକୁ ଝୁରି ହେଉଥିଲେ ମଧ୍ୟ କୌଣସି ଖୋଜ ଖବର ପାଇପାରୁନୁ। ମାଲେସିଆରେ ସାନଭାଇକୁ ଖୋଜି ଗାଁକୁ ଫେରାଇ ଆଣିବାକୁ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ଆକୁଳ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ନୂଆବଜାରରେ ଦୀପାବଳି ସମ୍ଭାର



ପାରାଦୀପ,୩।୧୧(ଶରତ ରାଉତ)

ପାରାଦୀପ ନୂଆବଜାରସ୍ଥିତ ଏମ୍ପାୟର୍ସ ହୋଟେଲ ପକ୍ଷରୁ ଶନିବାରଠାରୁ ଦୀପାବଳି ସମ୍ଭାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ କର୍ପୋରେଟ୍ ସଂସ୍ଥା, ସାଧାରଣ ଲୋକଙ୍କ ପାଇଁ ଆଖିଦୃଶିଆ ଉପହାର ପ୍ୟାକେଟ୍ ରଖାଯାଇଛି। ୫୦୦ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଉପହାର ବାକ୍ସ କରାଯାଇଛି। ସେଥିରେ ଆକର୍ଷଣୀୟ ଦୀପ, ମିଠା, ଶୁଖିଲା ଖାଦ୍ୟ ଆଦି ରହିଛି। ଏଥିସହ ହୋଟେଲ ସମ୍ମୁଖରେ ଏକ ଷ୍ଟଲ୍ ଖୋଲାଯାଇଛି। ଏଥିରେ ସବୁବର୍ଗର ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ମ୍ୟାନେଜର ଏମ୍‌ଏମ୍ ଖାନ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

### ଏରସମା ପ୍ରସିଦ୍ଧ କାଳୀପୂଜା ପାଇଁ ପ୍ରସ୍ତୁତି

ଏରସମା,୩।୧୧(ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ଏରସମାର ପ୍ରସିଦ୍ଧ କାଳୀପୂଜା ପାଇଁ ଶୁକ୍ରବାର ମଣ୍ଡପ ପରିସରରେ ତ୍ରିଶକ୍ତି ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରବୀନ୍ଦ୍ର କୁମାର ମୁଦୁଲି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ କ୍ଷେତ୍ରବାସୀ ଦାସ, ବାବାଜୀ ଦାସ, ଅଜୟ ସ୍ୱାଇଁ, ମିଞ୍ଜୁନି ବିଶ୍ୱାଳ, ନଟ ବାରିକ, ଘନ ବିଶ୍ୱାଳ ଓ ଦିଲୀପ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୂଜା ୧୧ ତାରିଖରୁ ଆରମ୍ଭହୋଇ ୧୫ରେ ଶେଷହେବ। ଚଳିତ ବର୍ଷ ୧୦୮ ପ୍ରଦୀପ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ଅର୍ପଣ କରାଯିବ। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅତିଥିଙ୍କୁ ସ୍ୱାଗତ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଏରସମାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

### ଦୋଷୀଙ୍କୁ ୧୮ମାସ ଜେଲ

ଯାଜପୁର ଟାଉନ,୩।୧୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ବୃଦ୍ଧାଙ୍କୁ ଅସଦାଚରଣ ମାମଲାରେ ଶୁକ୍ରବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୮ ମାସ ସଶ୍ରମ ଜେଲ ଦଣ୍ଡାଦେଶ କରି ଏକ ରାୟ ପ୍ରକାଶ କରିଛନ୍ତି ଯାଜପୁର ଏସ୍‌ଡିଜେଏମ୍ ଇପ୍‌ସିତା ନନ୍ଦ। ମାମଲା ବିବରଣୀ ଅନୁସାରେ, ଯାଜପୁର ଥାନା ଅଞ୍ଚଳର ଜଣେ ୬୪ ବର୍ଷିୟା ବୃଦ୍ଧା ୨୦୨୨ ସେପ୍ଟେମ୍ବର ୧୨ ତାରିଖ ଅପରାହ୍ଣରେ ଗାଈ ଚରାଇବା ପାଇଁ ଯାଇଥିଲେ। ଏହି ସମୟରେ ଭଦ୍ରକ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋରକରା ଗ୍ରାମର ଲକ୍ଷ୍ମୀଧର ମହାପାତ୍ର ନାମକ ଯୁବକ ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରିଥିଲେ। ଉକ୍ତ ଘଟଣାକୁ ନେଇ ବୃଦ୍ଧା ଜଣକ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ପ୍ରତିବାଦରେ ଆନ୍ଦୋଳନ

- ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି
- ଡିସେମ୍ବର ୭ରେ ଜଗତ୍‌ସିଂହପୁର ବନ୍ଦ ଚେତାବନୀ

ଜଗତ୍‌ସିଂହପୁର, ୩।୧୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର (ଆର୍‌ଏଚ୍‌ସି) କଟକ ସ୍ଥାନାନ୍ତରଣକୁ ତୁରନ୍ତ ବନ୍ଦ କରାଯାଉ। ଏଥିସହ ଜିଲା ମୁଖ୍ୟାଳୟ ନିକଟରେ ମେଡିକାଲ କଲେଜ ପ୍ରତିଷ୍ଠା ହେଉ। ଏଭଳି ଦାବି କରି ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଶୁକ୍ରବାର ଦିନିକିଆ ଗଣଧାରଣା ଦିଆଯାଇଥିଲା। ଏଥିରେ ଏକଥା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ସରକାର ଦାବି ପୂରଣ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନ ନିଅନ୍ତି ତେବେ ଆସନ୍ତା ଡିସେମ୍ବର ୭ରେ ଜିଲାବାସୀ ଜଗତ୍‌ସିଂହପୁର ବନ୍ଦ କରିବାକୁ ବାଧ୍ୟହେବେ।

ଆନ୍ଦୋଳନର ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ କହିଛନ୍ତି, ଦୀର୍ଘବର୍ଷ ହେବ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର (ଆର୍‌ଏଚ୍‌ସି) ରହିଆସିଛି। ଏଥିରେ ବିଶେଷକରି ରୋଗ ସଚେତନତା ଉପରେ ତାଲିମ ଦିଆଯାଏ। ନବନିଯୁକ୍ତ ଡାକ୍ତର ଓ ନର୍ସଙ୍କୁ ମଧ୍ୟ ପ୍ରତ୍ୟକ୍ଷ ତାଲିମ ଦିଆଯାଇଥାଏ। କିନ୍ତୁ ସରକାର ଏହି ଆର୍‌ଏଚ୍‌ସିକୁ କଟକ ଜିଲାକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେଉଛନ୍ତି। ଏହାଦ୍ୱାରା ଜିଲାକୁ ଗୌଣ କରାଯାଉଛି। ତେଣୁ ଜଗତ୍‌ସିଂହପୁରରୁ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲା ବାହାରକୁ ସ୍ଥାନାନ୍ତର କରା ନ ଯାଉ। ଆବଶ୍ୟକ ପଡ଼ିଲେ ଜଗତ୍‌ସିଂହପୁରରୁ ଜିଲାର ଯେକୌଣସି ସ୍ଥାନକୁ ସ୍ଥାନାନ୍ତର କରାଗଲେ କୌଣସି ଆପତ୍ତି ରହିବ ନାହିଁ। ଏଥିସହ ଜିଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେଉ । କାରଣ ପାରାଦୀପକୁ ପୂର୍ବ ଭାରତର ମୁଖଶାଳା ବୋଲି କୁହାଯାଏ। ଏଠାରେ ବୃହତ୍ ବନ୍ଦର ସାଙ୍ଗକୁ ଏକାଧିକ ବଡ଼ ବଡ଼ ଶିଳ୍ପ ରହିଛି । ଶିଳ୍ପ ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡ଼ୁଛି। କିନ୍ତୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ । ଲୋକଙ୍କ ସାମଗ୍ରିକ ସ୍ୱାର୍ଥ ଦୃଷ୍ଟିରୁ ଜିଲା ମୁଖ୍ୟାଳୟ ନିକଟରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ଜରୁରୀ। ସରକାର ଜନସାଧାରଣଙ୍କ ଏହି ଦାବିକୁ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନିଅନ୍ତୁ। ନଚେତ୍ ଦଳ, ବଳ ନିର୍ବିଶେଷରେ ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନରେ ଆଡ୍‌ଭୋକେଟ୍ ବାସୁଦେବ, କଂଗ୍ରେସ ଜିଲା ସଭାପତି ନଟବର ବାରିକ, ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ହୋତା, ଯୁବ କଂଗ୍ରେସ ଜିଲା ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଭାଜପା ନେତା ରାଜକିଶୋର ବେହେରା, ପ୍ରତାପ ମିଶ୍ର, ନବନିର୍ମାଣ କୃଷକ ସଙ୍ଗଠନ ନେତା ରଶ୍ମିରଞ୍ଜନ ସ୍ୱାଇଁଙ୍କ ସମେତ ଜିଲାର ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନର କର୍ମକର୍ତ୍ତା, କର୍ମୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଯୋଗଦେଇ ଜିଲାରେ ଦୁର୍ବଳ ସ୍ୱାସ୍ଥ୍ୟାବସ୍ଥା ନେଇ ଗର୍ଜିଥିଲେ। ସେମାନେ କହିଥିଲେ ଯେ, ରାଜ୍ୟର ଏକାଧିକ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉଥିବାବେଳେ ଜଗତ୍‌ସିଂହପୁରକୁ ଅଣଦେଖା କରାଯିବାକୁ ବରଦାସ୍ତ କରାଯିବନାହିଁ। ଅତୀତରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠାକୁ ନେଇ ଦାବି ଜୋର୍ ଧରିଥିଲା। ଏପରିକି ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଥିଲା। ରାଜନୈତିକ ଇସ୍ୟୁ ହେବାରୁ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଖୁବ୍‌ଶୀଘ୍ର ଜଗତ୍‌ସିଂହପୁରରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ହେବ ବୋଲି ଘୋଷଣା କରିଥିଲେ। ଏଥିମଧ୍ୟରେ ପାଖାପାଖି ୫ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରତିଷ୍ଠା ହେବା ପରଠୁ ଶଯ୍ୟାସଂଖ୍ୟା ୧୨୬ରେ ସୀମିତ ଥିଲା। ତତ୍କାଳୀନ ଜିଲାପାଳ ସଂଗ୍ରାମ ମହାପାତ୍ରଙ୍କ ସମୟରେ ଏହି ସଂଖ୍ୟା ୩୦୦କୁ ବୃଦ୍ଧି ପାଇବ ବୋଲି ଘୋଷଣା ହୋଇଥିଲା। କିନ୍ତୁ ଏଥିମଧ୍ୟରେ କେବଳ ଶଯ୍ୟା ସଂଖ୍ୟା ୧୯୨କୁ ବୃଦ୍ଧି ପାଇଛି । ଆଉ ୧୦୮ଟି ଶଯ୍ୟା ହୋଇପାରିନାହିଁ। ଏତେ ଅଭାବ ସତ୍ତ୍ୱେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଉପରେ ସରକାର କେତେ ଦାୟିତ୍ୱବାନ୍ ହେଉଛନ୍ତି ତାହା ଦେଖିବାକୁ ରହିଲା। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପ୍ରସଙ୍ଗର ଗମ୍ଭୀରତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।



ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା ଦିଆଯାଇଛି।

# ‘ଭ୍ରଷ୍ଟାଚାରକୁ ବିରୋଧ କରି ଦେଶ ପ୍ରତି ସମର୍ପିତ ହୁଅ’

## ଇଫ୍‌କୋର ୨ ଦିନିଆ ଦୁର୍ନୀତି ସଚେତନତା କାର୍ଯ୍ୟକ୍ରମ ଶେଷ


ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ପାରାଦୀପ,୩।୧୧(ଶରତ ରାଉତ)

ପାରାଦୀପସ୍ଥିତ ଇଫ୍‌କୋ କମ୍ପାନୀ ପକ୍ଷରୁ ଚାଲିଥିବା ଦୁଇଦିନିଆ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଗୁରୁବାର ଦେଶରେ ଥିବା ଇଫ୍‌କୋର ସମସ୍ତ ୟୁନିଟ୍ ପକ୍ଷରୁ ଭର୍ଚୁଆଲ ଯୋଗେ ଏହି ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ କମ୍ପାନୀର ୧ ହଜାରରୁ ଅଧିକ କର୍ମଚାରୀ ସମୂହ ଭାବେ ଯୋଗଦେଇଥିଲେ। ଇଫ୍‌କୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କାପୁର ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ମାନବ ସମ୍ବଳ)ଆର.ପି. ସିଂହ, ଚିଫ୍ ଭିଜିଲାନ୍ସ ଅଫିସର ରାଜକୁମାର ନାଗପାଲ, ଅଧ୍ୟକ୍ଷ ଦିଲୀପ ସାଙ୍ଘାନୀ ପ୍ରମୁଖ ଉପସ୍ଥିତ ଥିଲେ। ଭ୍ରଷ୍ଟାଚାରକୁ ବିରୋଧ କରି ଦେଶ ପ୍ରତି ସମର୍ପିତ ଭାବନା ନେଇ କାମ କରିବା ଜରୁରୀ ବୋଲି ମୁଖ୍ୟ ଅତିଥି କାପୁର କହିଥିଲେ। ଶୁକ୍ରବାର ପାରାଦୀପ ୟୁନିଟ୍‌ଠାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋଷ୍ଟଗାର୍ଡ ଡିଆଇଜି ୱାଇ.କେ. ସିଂହ, ଇଫ୍‌କୋର ପାରାଦୀପ ୟୁନିଟ୍ ମୁଖ୍ୟ ତଥା ନିର୍ଦ୍ଦେଶକ କେ.ଜେ. ପଟେଲ ଯୋଗଦେଇଥିଲେ। ଏଥିରେ କମ୍ପାନୀରେ କାମ କରୁଥିବା ଠିକାଦାର, ବ୍ୟବହାରକାରୀ ସଂସ୍ଥା, କର୍ମଚାରୀ-ଶ୍ରମିକ ୟୁନିୟନ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨ ଦିନ ବ୍ୟାପୀ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭିଜିଲାନ୍ସ ଅଫିସର ଅଜୟ ବାଜପେୟୀ ସଞ୍ଚାଳନ କରିଥିଲେ।

# ଶୃଙ୍ଖଳା ହେଉଛି ବିଜେଡିର ମାର୍ଗଦର୍ଶନ

## ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରଘୁନାଥପୁର,୩।୧୧
(ରାଜେନ୍ଦ୍ର ନାରାୟଣସିଂହ)

ରଘୁନାଥପୁର ବ୍ଲକ ଛକ ନିକଟସ୍ଥ ଏକ ମଣ୍ଡପରେ ବିଜେଡି ପକ୍ଷରୁ ଚାଲିଥିବା ୩ ଦିନିଆ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରଘୁନାଥପୁର ବ୍ଲକବିଜେଡିସଭାପତିଦେବାଶିଷ ତ୍ରିପାଠୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଅନ୍ତିମ ଦିବସରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଶିବିରରେ ଯୋଗଦେଇ ଶୃଙ୍ଖଳା ହେଉଛି ବିଜେଡିର ମାର୍ଗଦର୍ଶନ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ଦଳୀୟ ନୀତି ଅନୁଶାସନକୁ ପାଥେୟକରି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅନୁରକ୍ତ ହେବା ପାଇଁ ଉପସ୍ଥିତ କର୍ମୀ ଓ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ସାଧାରଣ ଜନତାଙ୍କୁ ସେବା ଯୋଗାଇଦେବା ଆମର କର୍ତ୍ତବ୍ୟ ବୋଲି ସେ କହିଥିଲେ। ଏଥିପାଇଁ ପ୍ରତ୍ୟେକ କର୍ମୀ ତୃଣମୂଳସ୍ତରରୁ ନେତୃତ୍ୱ ନେବାକୁ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ତିର୍ତ୍ତୋଲ ବ୍ଲକ ପୂର୍ବତନ ବିଜେଡି ସଭାପତି ବସନ୍ତ ମହାପାତ୍ର ଓ ଯୁବନେତା ପ୍ରଭାସ ବେହେରାଙ୍କ ଉଦ୍ୟମରେ ୮ଶହ କର୍ମୀ ଓ ଜନପ୍ରତିନିଧି ଶିବିରରେ ଯୋଗଦେଇ ୨ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ନେଇଥିଲେ। ଜିଲା ବିଜେଡି ସଭାପତି ରବିନାରାୟଣ ଜେନା ଓ ଉପସଭାପତି ଅଶ୍ୱିନୀ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଉପାଧ୍ୟକ୍ଷା ସଂଧାରାଣୀ ମହାନ୍ତି, ବିଜେଡି ସଭାପତି ଗଙ୍ଗାଧର ଜେନା, ଜିଲା ପରିଷଦ ସଭ୍ୟ ସୁନୀଲ ବେହେରା, ସରପଞ୍ଚ ପ୍ରକାଶ ସ୍ୱାଇଁ, ପ୍ରଭାକର ବାରିକଙ୍କ ସମେତ ବହୁ ଦଳୀୟ ସରପଞ୍ଚ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯୁବ ନେତୃତ୍ୱ ପ୍ରମୋଦ ସ୍ୱାଇଁ, ଭାସ୍କର ପଟ୍ଟନାୟକ ଓ ଜାହାଙ୍ଗୀର ବେଗ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।


ଶିବିରରେ ଯୋଗ ଦେଇଥିବା ବିଜେଡି ନେତୃମଣ୍ଡଳୀ ଓ କର୍ମୀମାନେ।

# ୬ରୁ ୩୪୧ କେନ୍ଦ୍ରରେ ସ୍ୱତନ୍ତ୍ର ଟିକାଦାନ

## ଗର୍ଭବତୀ, ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ନେଇପାରିବେ

ଜଗତ୍‌ସିଂହପୁର, ୩।୧୧
(ପ୍ରମୋଦ କୁମାର ନାୟକ)

ଜନ୍ମରୁ ୫ ବର୍ଷର ଶିଶୁ ଏବଂ ଗର୍ଭବତୀ ମହିଳା ଯେଉଁମାନେ ଏପର୍ଯ୍ୟନ୍ତ ଟିକା ନେଇନାହାନ୍ତି କିମ୍ବା ମଝିରୁ ଟିକା ଛାଡ଼ି ଯାଇଛନ୍ତି ସେମାନଙ୍କ ପାଇଁ ପୁଣି ସୁଯୋଗ ସୃଷ୍ଟି କରାଯାଇଛି। ସେମାନେ ନଭେମ୍ବର ୬ରୁ ୧୧ ମଧ୍ୟରେ ଟିକା ନେଇପାରିବେ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ମିଶନ ଇନ୍ଦ୍ରଧନୁଷ୍ ଟିକାକରଣ କାର୍ଯ୍ୟକ୍ରମର ୪ର୍ଥ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ଜିଲାପାଳ ପାରୁଲ ପଟାୱାରୀ ପୌରୋହିତ୍ୟ କରି ଏହା କହିଛନ୍ତି। ଜିଲାର ଅଙ୍ଗନୱାଡି କର୍ମୀମାନେ ଟିକା ନେଇ ନ ଥିବା ଶିଶୁ ଓ ଗର୍ଭବତୀଙ୍କୁ ଠିକ୍‌ଭାବେ ଚିହ୍ନଟ କରିବା ସହ ଟିକାକରଣରେ ସହଯୋଗ କରିବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟିକାଦାନ ଜିଲାରେ ମୋଟ ୩୪୧ଟି ଟିକାଦାନ କେନ୍ଦ୍ରରେ କରାଯିବ, ଯେଉଁଥିରେ ୨୨୬ ଗର୍ଭବତୀ ଏବଂ ୧୫୪୭ ଶିଶୁ ଟିକା ନେବାର ସୁଯୋଗ ପାଇବେ । ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଟିକାଦାନ କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ (ମେଡିକାଲ) ଡା. ନିମାଇଁ ଚରଣ ନାୟକ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡା. ଦୀପକ କୁମାର କର, ଜିଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତ, ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଜିଲା ଆକାଉଣ୍ଟସ ମ୍ୟାନେଜର ନୀଳମାଧବ ରଥ, ଏପିଏମ୍ (ସହରାଞ୍ଚଳ ସ୍ୱାସ୍ଥ୍ୟ) ମନୋରଞ୍ଜନ ମହାପାତ୍ର, ଭ୍ୟାକ୍ସିନ୍ ଲଜିଷ୍ଟିକ୍ ମ୍ୟାନେଜର ପାର୍ଥସାରଥି କରଶର୍ମା, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ପ୍ରସାଦ ମିଶ୍ର, ରାଜେଶ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏନ୍‌ଏଚ୍‌ଏମ୍ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୧୨ ବର୍ଷ ହେବ ଶଯ୍ୟାରେ କଟୁଛି ଜୟପ୍ରଦାଙ୍କ ଜୀବନ

ଆଳି,୩।୧୧(ବନମାଳୀ ସେନାପତି)

ଦୀର୍ଘ ୧୨ ବର୍ଷ ହେବ ଝିଅ ରୋଗ ବିଛଣାରେ ପଡ଼ିଥିବା ବେଳେ ଦିନରାତି ଏକ କରି ସେବାରେ ଲାଗିଛି ମା’। ଝିଅର ଅବସ୍ଥାକୁ ଦେଖି ମା’ ଆଖିରୁ ଲୁହ ଶୁଖୁ ନ ଥିବା ବେଳେ ବଢ଼ିଲା ଝିଅର ଭବିଷ୍ୟତକୁ ନେଇ ଚିନ୍ତାରେ ପରିବାର। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଆଳି ବ୍ଲକ ଏରଡ଼ଙ୍ଗ ପଞ୍ଚାୟତର କୁସୁମୀ ଗ୍ରାମରେ। ଗାଁର ବିକାଶ ପଲାଇଙ୍କ ପରିବାର କହିଲେ ସ୍ତ୍ରୀ ବନମିତ୍ରା, ୨୭ ବର୍ଷର ଝିଅ ଜୟପ୍ରଦା ଓ ୨୧ ବର୍ଷର ପୁଅ ସତ୍ୟଜିତକୁ ନେଇ ତାଙ୍କ ହସଖୁସିର ସଂସାର। ବିକାଶ ରାଜ୍ୟ ବାହାରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସେମାନଙ୍କ ପରିବାର ବେଶ ହସଖୁସିରେ ଚାଲିଥିଲା। ବଡ଼ ଝିଅ ଜୟପ୍ରଦା ଜନକଲ୍ୟାଣ ହାଇସ୍କୁଲରେ ପାଠ ପଢୁଥିବା ବେଳେ ବାରମ୍ବାର ଦେହ ଖରାପ ହେଉଥିଲା। ୨୦୧୧ରେ ଦେହ ଅତିରିକ୍ତ ଖରାପ ହେବାରୁ ପ୍ରଥମେ ସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଦେଖାଇଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଯାଜପୁର ମେଡିକାଲରେ ଦେଖାଇଥିଲେ। ଡାକ୍ତରଙ୍କ ପରୀକ୍ଷା ନିରୀକ୍ଷା କରିବା ପରେ ଜୟପ୍ରଦାଙ୍କ ଆଣ୍ଠୁରେ ପାଣି ଜମିଥିବା ଜଣାପଡ଼ିଥିଲା। ଡାକ୍ତରଖାନାରେ ଆଣ୍ଠୁରୁ ପାଣି କାଢ଼ିବା ପରେ ସେଠାରେ ୨୧ ଦିନ ପାଇଁ ପ୍ଲାଷ୍ଟର କରିଦେଇଥିଲେ। ୨୧ଦିନ ପରେ ପ୍ଲାଷ୍ଟର ଖୋଲା ହେବା ପରେ ଆଣ୍ଠୁ ଦରଜ ରହୁଥିଲା। ପରେ ଦରଜ କମିବା ନିମନ୍ତେ ଏକ ପଟି ଦେଇଥିଲେ ବାନ୍ଧିବାକୁ, କିନ୍ତୁ ଜୟପ୍ରଦା ନିରୋଗ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ହୋଇ ପଡ଼ିଲେ। ତାଙ୍କର ହାତ ଗୋଡ଼ ଧୀରେ ଧୀରେ ଅଚଳ ହେବାକୁ ଲାଗିଲା। ଏଭଳି ପରିସ୍ଥିତିରେ ଜୟପ୍ରଦାଙ୍କୁ ଭଲ କରିବା ନିମନ୍ତେ ପରିବାର ସମସ୍ତ ସଞ୍ଚିତ ଅର୍ଥ ଖର୍ଚ୍ଚ କରିଥିଲେ ମଧ୍ୟ ଅବସ୍ଥା ସୁଧୁରି ନ ଥିଲା। ଆର୍ଥିକ ଅବସ୍ଥା ଖରାପ ଥିବାରୁ ଅଧିକ ଚିକିତ୍ସା କରି ପାରି ନ ଥିଲେ। ସେବାଠାରୁ ଆଜିକୁ ୧୨ବର୍ଷ ହେବ ଜୟପ୍ରଦାଙ୍କ ଆଶ୍ରା ପାଲଟିଛନ୍ତି ମା’ ବନମିତ୍ରା। ଜୟପ୍ରଦା ସମ୍ପୂର୍ଣ୍ଣ ଭାବେ ଅଚଳ ଅବସ୍ଥାରେ ଗୋଟିଏ ଶଯ୍ୟାରେ ରହୁଥିବା ବେଳେ ଖାଇବା, ଶୋଇବା, ଶୌଚ ହେବା ସବୁ ସେହି ସେଠାରେ ହିଁ କରୁଛନ୍ତି। ଜୟପ୍ରଦାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକ ଅନେକ ବାର ନିବେଦନ କରିଥିଲେ ମଧ୍ୟ ମାତ୍ର ୫ କେଜି ଚାଉଳ ହିଁ ମିଳୁଛି। ତେଣୁ ରାଜ୍ୟ ସରକାରୀ ଯଦି ଜୟପ୍ରଦାଙ୍କ ଉନ୍ନତ ଚିକିତ୍ସା ନିମନ୍ତେ ସହଯୋଗର ହାତ ବଢ଼ାଇଲେ ସେ ନୂତନ ଜୀବନ ଫେରିପାଆନ୍ତେ ବୋଲି ମା’ ବନମିତ୍ରା କହିଛନ୍ତି।


ଶଯ୍ୟାରେ ଜୟପ୍ରଦା।

# ଗଜଲକ୍ଷ୍ମୀଙ୍କ ପୂଜା : ଚାନ୍ଦୋଳ ବଜାର ଉତ୍ସବମୁଖର

## ୧୫ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

ଡେରାବିଶ, ୩।୧୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଗଣପର୍ବ ପାଲଟିଥିବା ଧନଦାତ୍ରୀ ମା’ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ବଜାର ଚାନ୍ଦୋଳରେ ଉତ୍ସବମୁଖର ହୋଇଛି। ଶୁକ୍ରବାର ଥିଲା ପୂଜାର ଷଷ୍ଠ ସନ୍ଧ୍ୟା। ବହୁ ପ୍ରାଚୀନ ଏହି ପୂଜାରେ ଚାନ୍ଦୋଳରେ ୧୫ଟି ପୂଜା ମଣ୍ଡପରେ ମା’ଙ୍କ ପୂଜା ହେଉଥିବା ବେଳେ ବଜାର ସନ୍ନିକଟ କାକତିଆ ଓ ଚାନ୍ଦୋଳ କଲେଜ ଛକରେ ମଧ୍ୟ ମା’ଙ୍କ ପୂଜା ଅନୁଷ୍ଠିତ ହେଉଛି। ତେବେ ଦୀର୍ଘ ୬ ଦିନ ହେବ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଲୋଡ଼ି, ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଛି। ଚାନ୍ଦୋଳ ବଜାର ଦେଇ ଯାଇଥିବା କଟକ-ଚାନ୍ଦବାଲି ରାସ୍ତାର ଉଭୟ ପାର୍ଶ୍ୱରେ ପୂଜା ମଣ୍ଡପ ଥିବାରୁ ସନ୍ଧ୍ୟାରେ ଦର୍ଶକଙ୍କ ଗହଳି ଲାଗି ରହିଛି।

ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଓ କେନ୍ଦ୍ରାପଡ଼ା ସଦର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକ, ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜଣେ ପୋଲିସ ଇନ୍ସପେକ୍ଟର ପାହ୍ୟା ଅଧିକାରୀ, ଜଣେ ସବଇନ୍ସପେକ୍ଟର ଓ ୪ ଜଣ ଏଏସ୍‌ଆଇଙ୍କ ସମେତ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ଯାନବାହାନ ଓ ଗହଳିକୁ ନିୟନ୍ତ୍ରଣ କରିବାକୁ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କଡ଼ାକଡ଼ି କରାଯାଉଥିବା ଫାଣ୍ଡି ଅଧିକାରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିପରି ବଜାର କମିଟି ପକ୍ଷରୁ ଏକ ସୂଚନା କେନ୍ଦ୍ର ଖୋଲାଯିବା ସହ ପ୍ରତ୍ୟେକ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଥିବା କମିଟି ସଭାପତି ଶିବାଶିଷ ମହାନ୍ତି କହିଛନ୍ତି। ତେବେ ଏହି ପୂଜାର ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହେବ। ଭସାଣି ଉତ୍ସବରେ ଡିଜେ ଓ ବାଣକୁ ସମ୍ପୂର୍ଣ୍ଣ ମନା ହୋଇଛି। କେବଳ ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ପରିବେଷଣ ପାଇଁ ପ୍ରଶାସନ ଓ ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ଚାନ୍ଦୋଳ ଆନନ୍ଦ ବଜାରର ମା’ ଗଜଲକ୍ଷ୍ମୀ।


ନୃସିଂହବଜାରରେ ପୂଜା ପାଉଥିବା ନୃସିଂହ ମୂର୍ତ୍ତି।

## ବାଲି ବ୍ୟବସାୟୀଙ୍କ ଘରେ ଚଢ଼ାଉ

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ)-ନିମଖଣ୍ଡି ଥାନା ଲୋଚାପଡ଼ା ଅମୃତନଗରରେ ଥିବା ଏକ ଘରେ ଗଞ୍ଜାମ ପୋଲିସର ଏକ ଟିମ ଚଢ଼ାଉ କରିଛି। ସେହି ଘରଟି ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କର ବୋଲି ସୂଚନା ମିଳିଛି। ମୁଦୁଲିଙ୍କୁ ସାଙ୍ଗରେ ନେଇ ପୋଲିସ ଟିମ ସେଠାରେ ଚଢ଼ାଉ କରିଥିଲା। ଗତ ୨୧ତାରିଖରେ ବାଲି ପରିବହନ ଅନୁମତି ପାଇଁ ରହିଥିବା ୱାଇ ଫର୍ମ ଜାଲିଆତି କରିବା ଅଭିଯୋଗରେ କୋଦଳା ଥାନା ପୋଲିସ କୃପାସିନ୍ଧୁଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲା। ଏହାପରେ କୃପାସିନ୍ଧୁ ଜେଲରେ ଥିଲେ। ତାଙ୍କୁ ପୋଲିସ ରିମାଣ୍ଡରେ ଆଣି ଅଧିକ ଜେରା ଚଳାଇଛି। ଶୁକ୍ରବାର ସନ୍ଧ୍ୟାରେ କୋଦଳା ପୋଲିସର ଏକ ଟିମ ମୁଦୁଲିଙ୍କୁ ସାଙ୍ଗରେ ନେଇ ଲୋଚାପଡା ସ୍ଥିତ ଘରେ ଯାଞ୍ଚ କରିଛି। ତେବେ ସେଠାରୁ କ'ଣ ଜବତ ହୋଇ ସେ ସମ୍ପର୍କରେ କେଣସି ସୂଚନା ଦିଆଯାଇ ନାହିଁ।

# ଦୁର୍ଗମ ଅଞ୍ଚଳକୁ ସଂଯୋଗ ହେବ ମୁଖ୍ୟମନ୍ତ୍ରୀ ସଡ଼କ

### ପର୍ତ୍ତମାହା-ମଜାଙ୍ଗପାଟା ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଦାରିଙ୍ଗବାଡି, ୩।୧୧(ଅରୁଣ ସାହୁ): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ଦୁର୍ଗମ ପଞ୍ଚାୟତ ପର୍ତ୍ତମାହାର ବାସାବାଡି ଗ୍ରାମ ସମେତ ପିସାମାଲା, ଉଡଡ଼ମାହା,ଡଲାବାଡି ଭଳି ଅପହଞ୍ଚ ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନୁଦାନ ମିଳିଛି। ଶୁକ୍ରବାର ଉକ୍ତ ରାସ୍ତା ନିର୍ମାଣ ନେଇ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦୀର୍ଘ ବର୍ଷ ଧରି ବାସାବାଡି ଗ୍ରାମ ସମେତ ଏକାଧିକ ଗ୍ରାମ ରାସନ ସାମଗ୍ରୀ ପାଇଁ ପର୍ତ୍ତମାହା ପଞ୍ଚାୟତ କାର୍ଯ୍ୟାଳୟକୁ ବଡ଼ ବଡ଼ ପାହାଡିଆ ଘାଟି ରାସ୍ତାଦେଇ ଯାତାୟତ କରୁଥିବା ବେଳେ ସ୍ୱାସ୍ଥ୍ୟସେବା, ଜରୁରୀକାଳୀନ ସେବା ତାଙ୍କ ପାଇଁ ଅପହଞ୍ଚ ଥିଲା। ଜଙ୍ଗଲ ଜାତ ଦ୍ରବ୍ୟ ଆଦି ବିକ୍ରି ପାଇଁ ସିମନବାଡି ଓ ପର୍ତ୍ତମାହା ପଞ୍ଚାୟତ ଉପରେ



ନିର୍ଭର କରୁଥିବା ବେଳେ ରାସ୍ତା ନଥିବାରୁ ଅଞ୍ଚଳବାସୀ ନିଜ ଅମଳ ସାମଗ୍ରୀକୁ ଉଚିତ ମୂଲ୍ୟରେ ବିକ୍ରି କରିପାରୁନଥିଲେ। ଜିଲା ମୁଖ୍ୟାଳୟ ହେଉ କି ଉପଖଣ୍ଡ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଯାତାୟତ ମୁସ୍କିଲ ହେଉଥିଲା। ସେହିପରି ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ନ ପାଇ ଗୁଣିଗାରେଡି, ଝଡାଫୁଙ୍କା ଉପରେ ନିର୍ଭର କରି ମରଣ ମୁହଁରେ ପଡୁଥିଲେ। ଏବେ ଉକ୍ତ ରାସ୍ତାରେ ଏକାଧିକ ପାହାଡ଼ କଟାଯାଇ ରାସ୍ତା ନିର୍ମାଣ କରାଯିବା ସହ ପକ୍କା ପିଚୁ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମୋଟ ୮.୪୦ କୋଟି ଟଙ୍କା ଅନୁଦାନ ମିଳିଛି। ଏହି ରାସ୍ତା ପର୍ତ୍ତମାହା ପଞ୍ଚାୟତରୁ ବାସାବାଡି ଦେଇ ସିମନବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଜାତୀୟ ରାଜପଥକୁ ସଂଯୋଗ କରିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା ପ୍ରମୁଖ କହିଛନ୍ତି। ଏକ ବର୍ଷ ମଧ୍ୟରେ ରାସ୍ତା କାର୍ଯ୍ୟ ଶେଷ କରାଯିବାକୁ ଚେଷ୍ଟା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ଓଟିଡିସିସିଓଏଲର ରାଜ୍ୟ ଉପାଧ୍ୟକ୍ଷ ଦିଲୀପ କୁମାର ପ୍ରଧାନ, ଲ୍ୟାମ୍ପସ ଉପାଧ୍ୟକ୍ଷ ଧର୍ମେନ୍ଦ୍ର ପ୍ରଧାନ,ପର୍ତ୍ତମାହା ସରପଞ୍ଚ ନବଜିନି ପ୍ରଧାନ, ସମିତିସଭ୍ୟ ସରସିଲା ପ୍ରଧାନ, ବ୍ଲକ ବିଜେଡି ସଭାପତି ଜ୍ୟୋତିରାଜ ପ୍ରଧାନ, ଦଳୀୟ ଯୁବମୋର୍ଚ୍ଚାର ବ୍ଲକ ସଭାପତି ରୂପକ କୁମାର ସାହୁ, ବୁଢ଼ାଗୁଡା ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦାନ ଦେଇଥିଲେ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

### ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା

ଫୁଲବାଣୀ, ୩।୧୧(ରାକେଶ କୁମାର ରାଉତ): କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ (ମାନସିକ ବିକାରଗ୍ରସ୍ତ) ଯୁବତୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଏବେ ୩ ମାସର ଗର୍ଭବତୀ। ଏ ନେଇ ସେ ଶୁକ୍ରବାର ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଛନ୍ତି।

ଯୁବତୀଙ୍କ ମା' କୁହନ୍ତି, ଆଜକୁ ୩ ମାସ ତଳେ ଆମ ଘରେ ଝିଅ ଏକା ଥିଲା। ଆମେ ବାହାରକୁ ଯାଇଥିଲୁ। ଏହାର ସୁଯୋଗ ନେଇ ଆମ ଗ୍ରାମର ଜଣେ ବିବାହିତ ଯୁବକ ଝିଅକୁ ବଳାତ୍କାର କରିଥିଲେ। ଗତ ୪ ଦିନ ତଳେ ଝିଅ ଦେହ ଖରାପ ହେଲା। ଆମେ ମେଡିକାଲ ନେବାରୁ ସେ ଗର୍ଭବତୀ ଥିବା ଜଣାପଡିଥିଲା। ଏ ନେଇ ଝିଅକୁ ପଚାରିବାରୁ ସେ ସବୁ କଥା କହିଥିଲା। ପରେ ସମ୍ପୃକ୍ତ ଯୁବକଙ୍କୁ ପଚାରିବାରୁ ସେ ନିଶାଶକ୍ତ ଅବସ୍ଥାରେ ଏପରି ଘଟଣା କରିଛି ବୋଲି କହିଲା। ଘଟଣା ନେଇ ଆମେ ୨ ତାରିଖରେ ସାରଙ୍ଗଗଡ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲୁ। ହେଲେ ଥାନାଧିକାରୀଙ୍କ ସହ ସାକ୍ଷାତ ହୋଇପାରିଲା ନାହିଁ। ଆମେ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରି ଘରକୁ ଫେରିଲୁ। ଆଜି ଏସ୍‌ପିଙ୍କୁ ଭେଟିବାକୁ ଆସିଛୁ। ସମ୍ପୃକ୍ତ ଯୁବକଙ୍କୁ ତୁରନ୍ତ ଗିରଫ କରି ଝିଅକୁ ନ୍ୟାୟ ଦିଆଯାଉ। ଏ ନେଇ ଥାନାଧିକାରୀ ବଦୁଲିକା ବିଶ୍ୱାଳ କହିଛନ୍ତି ମୁଁ ବାହାରକୁ ଯାଇଥିଲା ବେଳେ ସେମାନେ ଥାନାକୁ ଆସିଥିଲେ। କିନ୍ତୁ ସେମାନେ ଅପେକ୍ଷା ନ କରି ଚାଲିଯାଥିଲେ। ସେମାନେ ଆସି ଏତଲା ଦେଲେ ଆମେ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବୁ।

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ବାପା ମୃତ, ପୁଅ ଗୁରୁତର

ଫିରିଙ୍ଗିଆ,୩।୧୧(ବିକ୍ରମ ଦିଗାଲ): କନ୍ଧମାଳ ଜିଲା ଫୁଲବାଣୀ-ବାଲିଗୁଡା ମୁଖ୍ୟ ରାସ୍ତା ଫିରିଙ୍ଗିଆ ଥାନା ଅନ୍ତର୍ଗତ ତେଲିମୁଣ୍ଡା ଗାଁ ନିକଟରେ ଶୁକ୍ରବାର ଏକ ବୋଲେରୋ ଧକ୍କାରେ ବାପାଙ୍କର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତ ବାପା ହେଲେ ବାଲିଗୁଡା ଥାନା ଅନ୍ତର୍ଗତ ବାଟାଗୁଡ଼ା ଗ୍ରାମର ଯୁଗୋଲ ଦିଗାଲ (୫୭) ଓ ଆହତ ପୁଅ କୁଶ (୩୦)। କୁଶଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

### ବାହାରିନରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର,୩।୧୧(ଉମାଚରଣ ନେପାକ): ବାହାରିନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପାତ୍ରପୁର ବ୍ଲକ ସୋଲଭାଗ ପେଣ୍ଠ ଗ୍ରାମର ବାରିକ ସେଠୀଙ୍କର ମୃତ୍ୟୁ ଘଟିଛି। ସେଠାରେ ଥିବା ସମ୍ପର୍କୀୟମାନେ ତାଙ୍କ ପରିବାରକୁ ଖବର ଦେଇଥିଲେ। ବାରିକ ହାଇଦ୍ରାବାଦର ଏନଏଚଏସ କଂପାନୀ ପକ୍ଷରୁ କାମ କରିବାକୁ ବାହାରିନ ଯାଇଥିଲେ। ଶନିବାର ତାଙ୍କର ମୃତଦେହ ଗ୍ରାମକୁ ଫେରିବ ବୋଲି ଜଣାପଡ଼ିଛି।

### ସ୍ମୃତିଚାରଣ ସଭା

ରମ୍ଭା,୩।୧୧(ବନବାସୀ ସେଠୀ)- ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପରିବାର ନିୟନ୍ତ୍ରଣ ଅଫିସର ରାମଚନ୍ଦ୍ର ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ବାନାମ୍ବର ପଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସାହୁଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ଜୀବନ ଜୀବିକା ଓ କାର୍ଯ୍ୟଶୈଳୀ ଉପରେ ବରିଷ୍ଠ ନାଗରିକମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଳକୃଷ୍ଣ ମହାରଣା, ସୁଦର୍ଶନ ସାହୁ, ସମୀର କୁମାର ମିଶ୍ର, ଭଗବାନ ଦାଶ, ରାମଚନ୍ଦ୍ର ବାଡତ୍ୟା, ପ୍ରସନ୍ନ କୁମାର ମିଶ୍ର, ନାରାୟଣ ସାହୁଙ୍କ ସମେତ ଆତ୍ମୀୟ ସ୍ୱଜନ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଦିନ ଦ୍ୱିପ୍ରହରେ ଘରୁ ଲୁଟି ନେଲେ ସୁନା

ଗଞ୍ଜାମ,୩।୧୧(ବିଦ୍ୟାଧର ସାହୁ) ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତୋଳା ଗ୍ରାମର କୃଷ୍ଣ ଚନ୍ଦ୍ର ପଲାଇଙ୍କ ଘରୁ ଦିନ ଦ୍ୱିପ୍ରହରରେ ଏକ ତାଲା ବନ୍ଦ ଘରୁ ଲୁଟ ହୋଇଛି। ଦୁର୍ବୃତ୍ତମାନେ ଏକ କାରରେ ଆସି ଗ୍ରିଲ ତାଲା ଭାଙ୍ଗି ଘରେ ପଶି ଆଲମିରା ତାଡି ୨ଭରିର ସୁନା ମଙ୍ଗଳସୂତ୍ର ନେଇ ଯାଇଥିବା ଘର ମାଲିକ ଅଭିଯୋଗ କରିଛନ୍ତି। ଘର ମାଲିକ ଗାଁରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାରୁ ସେଠାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଜଣେ ଲୋକ ଛୋଟ ଶାବଳ ଧରି ତାଙ୍କ ଘରୁ ପଦାକୁ ଆସୁଥିବା ଦେଖି ତୁମେ କିଏ ବୋଲି ପଚାରିଥିଲେ। ଦୁର୍ବୃତ୍ତ ଜଣଙ୍କ ଘର ମାଲିକଙ୍କୁ ଧକ୍କା ମାରି ଗାଡ଼ିରେ ଚମ୍ପଟ ମାରିଥିଲେ। ଘରେ ବିଭିନ୍ନ ସାମଗ୍ରୀ ଫୋପଡ଼ା ଫିଙ୍ଗା ହୋଇଥିବା ଓ ସୁନା ମଙ୍ଗଳସୂତ୍ର ଚୋରି ହୋଇଥିବା ଜାଣିବା ପରେ ଥାନାକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଛି।

### ଆନ୍ତଃ ମହାବିଦ୍ୟାଳୟ ପୁରୁଷ କବାଡ଼ି ଟୁର୍ନାମେଣ୍ଟ

ବୁଗୁଡା,୩।୧୧(କାଳୀଚରଣ ଦାଶ) ବୁଗୁଡା ପିପୁଲ୍ସ କଲେଜ ପରିସରରେ ୫୨ତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ କବାଡି ଟୁର୍ନାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଉକ୍ତ ତ୍ରିଦିବସୀୟ ଟୁର୍ନାମେଣ୍ଟକୁ ପିପୁଲ୍ସ କଲେଜ ସ୍ପୋର୍ଟସ ଆସୋସିଏଶନ ଆୟୋଜନ କରୁଥିବା ବେଳେ ଏଥିରେ ବିଭିନ୍ନ ମହାବିଦ୍ୟାଳୟର ୨୩ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ପିପୁଲ୍ସ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଅଂଶଗ୍ରହଣକାରୀ ଦଳଗୁଡ଼ିକର ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପ୍ରତିନିଧି ରାଜେଶ କୁମାର ମହାନ୍ତି ଓ ପିପୁଲ୍ସ କଲେଜ ସ୍ପୋର୍ଟସ ଆସୋସିଏଶନ ଉପସଭାପତି ସୁଶାନ୍ତ କୁମାର ସାହୁ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ବେଲେଶ୍ୱର ମହାବିଦ୍ୟାଳୟ, ଗଣ୍ଡୋଳା ଏବଂ ବ୍ରହ୍ମପୁର ସିଟି କଲେଜ ମଧ୍ୟରେ ହୋଇଥିଲା। ଭଞ୍ଜ କିଶୋର ଗୌଡ ଓ ଜଗନ୍ନାଥ ମହାନ୍ତି ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ସୁବାସ ଗୌଡ, ଲିମା ବେହେରା ଓ ଦୀପକ ସାହୁ ପ୍ରମୁଖ ରେଫେରି ଥିଲେ। ଟୁର୍ନାମେଣ୍ଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ସୁଧାକର ବିଷୋୟୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଶ୍ରୀନିବାସ ଦୋରା ଟୁର୍ନାମେଣ୍ଟ ପରିଚାଳନା ଦାୟିତ୍ୱରେ ରହିଛନ୍ତି।

# 'ଲାଳସା ହିଁ ଦୁର୍ନୀତିର ମୂଳ କାରଣ'

### ଗଞ୍ଜାମ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ

ଛତ୍ରପୁର,୩।୧୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସମାରୋହ ଜିଲାପାଳଙ୍କ ସଦଭାବନା ସଭାଗୃହ ପ୍ରକୋଷ୍ଠରେ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ ଦୁର୍ନୀତିର ମୂଳପୋଛ ହେଲେ ଦେଶ ପ୍ରଗତି ପଥରେ ଆଗେଇବ। ଦୁର୍ନୀତି ଆମ ସମାଜ, ପରିବାର ଓ ଦେଶକୁ ଗ୍ରାସ କରିଛି। ନିଜେ ବଡବଡ କଥା ନ କହି ଲାଳସା ମୁକ୍ତ ହୋଇ କାର୍ଯ୍ୟ କଲେ ହିଁ ଦୁର୍ନୀତିର ମୂଳପୋଛ ହେବ। ପ୍ରତ୍ୟକ ନାଗରିକ ଦୁର୍ନୀତିକୁ ରୋକିବା ଦିଗରେ ସଜାଗ ହେବ ଜରୁରୀ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା




କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପରିଚାଳନା କହିଥିଲେ, ରାଷ୍ଟ୍ରର ବିକାଶ ଦିଗରେ ସମସ୍ତ ବ୍ୟକ୍ତି ପ୍ରତିଟି କ୍ଷେତ୍ରରେ ସଚେତନତା ଓ ସଜାଗ ରହିଲେ ଦୁର୍ନୀତି ରୂପକ ରାକ୍ଷସକୁ ରୋକିହେବ। ଡେପୁଟି କଲେକ୍ଟର ଆୟୁଷୀ ପତି, ଦୀପ୍ତିମୟୀ ପାତ୍ର କହିଥିଲେ, ପ୍ରତ୍ୟେକ ନାଗରିକ ତଥା ଯୁବପିଢ଼ିଙ୍କର ଦୁର୍ନୀତି ରୋକିବାରେ ଉତ୍ତର ଦାୟିତ୍ୱ ରହିଛି। ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ନବ ବିବାହିତାଙ୍କ ଆତ୍ମହତ୍ୟା

ପୋଲସରା,୩।୧୧(ସୁବ୍ରତ ବେହେରା)- ପୋଲସରା ଥାନା ଅନ୍ତର୍ଗତ ମଧୁପଲ୍ଲୀ ପଞ୍ଚାୟତ ଜିଲୁଣ୍ଡା ଗ୍ରାମରେ ଶୁକ୍ରବାର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜିଲୁଣ୍ଡା ଗ୍ରାମର ରିଙ୍କି ଗୌଡ଼। ରିଙ୍କି କିଛି ମାସ ତଳେ କବିସୂର୍ଯ୍ୟନଗର ଥାନା ଗାଗନାପୁର ଗ୍ରାମର ରାମକୃଷ୍ଣ ଗୌଡ଼ଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶ୍ୱଶୁର ଘର ଲୋକେ ତାଙ୍କୁ ଯୌତୁକ ନିର୍ଯ୍ୟାତନା ଦେଇ ଆସୁଥିଲେ। ସେ ଦଶ ଦିନ ପାଇଁ ଗ୍ରାମକୁ ଆସି ଥିବା ବେଳେ ଶ୍ୱଶୁର ଘର ଲୋକେ ତାଙ୍କୁ ଆଉ ନେବା ପାଇଁ ଇଚ୍ଛା ପ୍ରକାଶ କରି ନଥିଲେ। ଏହି ବିଷୟ ନେଇ କୁଳରେ ୪/୫ଥର ଆଲୋଚନା ହୋଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଯାହାକୁ ନେଇ ରିଙ୍କି ମାନସିକ ଚାପରେ ଥିଲେ। ଶୁକ୍ରବାର ଘରେ କେହି ନ ଥିବା ବେଳେ ସେ ରାଶି ଲଗାଇ ଝୁଲି ପଡ଼ିଥିଲେ। ପୋଲିସ ଜିଲୁଣ୍ଡା ଗ୍ରାମରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପୁରୁଷୋତ୍ତମପୁର ପଠାଯାଇଛି।

# ଦୁର୍ନୀତି ମୂଳୋତ୍ପାଟନ ପାଇଁ ସମସ୍ତେ ଆଗେଇ ଆସିବା ଉଚିତ



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

ପାରଳାଖେମୁଣ୍ଡି,୩।୧୧ (ଗିରିଧାରୀ ପରିଛା):

ଗଜପତି ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଶପଥ ପାଠ କରାଇଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କହିଥିଲେ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ଉନ୍ନତିରେ ଦୁର୍ନୀତି ବାଧକ ସାଜିଛି। ତେଣୁ ସମାଜର ପ୍ରତ୍ୟେକ ବର୍ଗ ଓ ଦୁର୍ନୀତିର ମୂଳଉତ୍ପାଟନ ପାଇଁ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ଅକ୍ଟୋବର ୩୦ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି ବୋଲି ଦୁର୍ନୀତି ନିବାରଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେନେରୀ କୁଲୁ କହିଛନ୍ତି। ପୌର ପରିଷଦ ଅଧକ୍ଷା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ବିଜୁ ସେତୁ ଗମନାଗମନ କ୍ଷେତ୍ରରେ ପରିବର୍ତ୍ତନ ଆଣିଛି

# ଗୋଲାପଡ଼ାରେ ବିଜେଡିର ପଦଯାତ୍ରା

ଭଞ୍ଜନଗର,୩।୧୧(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ଗୋଲାପଡ଼ା ପଞ୍ଚାୟତରେ ଶୁକ୍ରବାର ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣପାଟଣା ଠାରେ ଆୟୋଜିତ ସଭାରେ ମନ୍ତ୍ରୀ ଆରୁଖ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଗୁ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ଓଡ଼ିଶାରେ ବିକାଶ ପାଇଁ ଅର୍ଥର ଅଭାବ ନାହିଁ। ୨୦୨୪ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଆହୁରି ଟାଣ କରିବା ପାଇଁ ଉପସ୍ଥିତ ଲୋକଙ୍କ ସହଯୋଗ କାମନା କରିଥିଲେ। ବିଜୁ ସେତୁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ଗମନାଗମନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଦିନ ଥିଲା ଗୋଲାପଡ଼ା ଗ୍ରାମକୁ ପକ୍କା



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଜୁ ସେତୁର ଶିଳାନ୍ୟାସ କରୁଛନ୍ତି।

ରାସ୍ତାଟିଏ ନଥିଲା। ଲୋକେ ନଦୀ ପାର ହୋଇ ଗ୍ରାମକୁ ଯାଉଥିଲେ। ଆଜି ଉକ୍ତ ଗ୍ରାମକୁ ଯିବା ପାଇଁ ୩ଟି ସେତୁ ନିର୍ମାଣ ହୋଇଛି ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ପରେ କଦଳୀଆ ନାଳ ଉପରେ ୪କୋଟି ୬୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସେତୁର ଶିଳାନ୍ୟାସ କରିଥିଲେ। ଆୟୋଜିତ ସଭାଗୁଡ଼ିକରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଏମପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ ପ୍ରମୁଖ ଯୋଗଦେଇଥିଲେ। ଶୁଳପାଣି ଶତପଥି ସଭା ସଂଯୋଜନା କରିଥିଲେ।

### ରାସ୍ତାରୁ ଜବରଦଖଲ ହଟାଇବାକୁ ବୈଠକ

ଧରାକୋଟ,୩।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧୀନରେ ସଂପ୍ରତି ଧରାକୋଟ ଠାରୁ ଜାନବିଲି ୫ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଧରାକୋଟ ସହରର ଉଭୟ ପଟର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଥିବା ବେଳେ ବଜାର ଅଞ୍ଚଳ ସହ ମେଡିକାଲ ପର୍ଯ୍ୟନ୍ତ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବେଳେ ପ୍ରବଳ ଧୂଳି ଉଡୁଥିବା ଯୋଗୁଁ ଲୋକେ ଅଣ ନିଃଶ୍ୱାସି ହେଉଛନ୍ତି। ବିଶେଷ କରି ଏହି ରାସ୍ତା କଡ଼ରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଥିବା ବେଳେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ତହସିଲ କାର୍ଯ୍ୟାଳୟରେ ଏକ ବୈଠକରେ ଭାରପ୍ରାପ୍ତ ତହସିଲଦାର ଡେନିସ ବେହେରା, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ,ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଚିରଞ୍ଜିବୀ ସାହୁ, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ ଉପସ୍ଥିତ ରହି ରାସ୍ତା ନିର୍ମାଣ ପାଇଁ ଜବରଦଖଲ ହଟାଇବାକୁ ନିଷ୍ପତି ନିଆଯାଇଥିଲା ଜବରଦଖଲକାରୀମାନଙ୍କୁ ୭ଦିନିଆ ନୋଟିସ ପ୍ରଦାନ କରି ଆସନ୍ତା ୧୩ ତାରିଖ ସୁଦ୍ଧା ରାସ୍ତାରୁ ଜବରଦଖଲ ହଟାଇବାକୁ ସମୟ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉଭୟ ରାଜସ୍ୱ ଓ ପୂର୍ତ୍ତ ବିଭାଗ ଅଧିକାରୀ ମାନେ ଲୋକଙ୍କୁ ବ୍ୟକ୍ତିଗତ ଭାବରେ ଜବରଦଖଲ ମୁକ୍ତ କରିବା ପାଇଁ ସଚେତନ କରାଇଥିଲେ।

# ସୁନାମି ସଚେତନତା ପ୍ରସ୍ତୁତି ବୈଠକ




ଛତ୍ରପୁର,୩।୧୧ (ଦିଲ୍ଲୀପ ସାମଲ): ଆସନ୍ତା ୫ ତାରିଖ ବିଶ୍ୱ ସୁନାମୀ ସଚେତନତା ଦିବସ ପାଳନ ଅବସରରେ ଶୁକ୍ରବାର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନାମି ଆସିଲେ ଲୋକଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ, କ'ଣ ସବୁ ସତର୍କତା ଅବଲମ୍ବନ କରାଯିବ, କରୁରୀକାଳୀନ ସେବାଗୁଡିକ କିପରି ଲୋକେ ପାଇପାରିବେ ସେ ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ତହସିଲଦାର ଦିବ୍ୟା ମହାନ୍ତି, ଏବିଡିଓ ଜୟଶ୍ରୀ ନାୟକ, ବିପର୍ଯ୍ୟୟ ପ୍ରଶମନ ଅଧିକାରୀ (ଏନ୍‌ଡିଏମ୍‌ଏ) ଅବନୀକାନ୍ତ ଭୂୟାଁ, ଆସିଷ୍ଟାଣ୍ଟ ଫାୟାର ଅଫିସର ଏସ. କେ. ସିଂ, ଜିପିଇଓ ଅଶୋକ କୁମାର ଦାଶ, ସିଡିପିଓ ପ୍ରଣମିତା ପଣ୍ଡା, ସ୍ୱେଚ୍ଛାସେବୀ ଟୁନା ମହାରଣା, କାଳିପଲ୍ଲୀ ସରପଞ୍ଚ ବି. ଲକ୍ଷ୍ମୀ ପାତ୍ର, ବି. ଚନ୍ଦ୍ରମଣୀ ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଆସନ୍ତା ୫ ତାରିଖ ଦିନ ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ପଞ୍ଚାୟତର ଉପୁଲାପୁଟି ବାତ୍ୟା ଆଶ୍ରୟସ୍ଥଳୀଠାରେ ମକଡ୍ରିଲ ଅନୁଷ୍ଠିତ ହେବ। ସେହିପରି ଜିଲାରେ ଗଞ୍ଜାମ ବ୍ଲକର ପ୍ରାୟାଗୀ ଓ କଣ୍ଟିଆଗଡ, ରଙ୍ଗେଇଲୁଣ୍ଡା ବ୍ଲକର ମାର୍କଣ୍ଡି ଏବଂ ଚିକିଟି ବ୍ଲକର ପାତିସୋନାପୁର ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ଦିବ୍ୟାଙ୍ଗ ଉପକରଣ ବଣ୍ଟନ ଶିବିର



ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ କରାଯାଉଛି।

ସୋରଡା,୩।୧୧ (ଲମ୍ବୋଦର ପାଣିଗ୍ରାହୀ):

ସ୍ଥାନୀୟ ଲାଏନ୍ସ କ୍ଲବ ସହଯୋଗରେ ଶଙ୍କର ଚକ୍ଷୁ ଡାକ୍ତରଖାନା ଦ୍ୱାରା ଶୁକ୍ରବାର ପ୍ରାଥମିକ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯିବା ସହିତ ଦିବ୍ୟାଙ୍ଗ ଉପକରଣ ବଣ୍ଟନ ଶିବିର ଆୟୋଜନ କରାଯାଇଥିଲା। ଉଦଘାଟନ ସମାରୋହରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ନଗରପାଳ ଶିବଶଙ୍କର ପଣ୍ଡାଙ୍କ ସମେତ ବରିଷ୍ଠ ଶିକ୍ଷାବିତ ଡା. ଶିବପ୍ରସାଦ ଅଧିକାରୀ, ସମ୍ପାଦକ ମହେଶର ସାହୁ ଯୋଗଦେଇଥିଲେ। ସେହିପରି ସ୍ଥାନୀୟ ସାଗରବନ୍ଧ ନିକଟରେ ଭାରତ ସରକାରଙ୍କ ଦିବ୍ୟାଙ୍ଗ ସହାୟତା ଯୋଜନା ଅନୁଯାୟୀ ଲାଏନ୍ସ କ୍ଲବ ସହଯୋଗରେ କୃତ୍ରିମ ଅଙ୍ଗ ଉତ୍ପାଦନ କେନ୍ଦ୍ର ଭୁବନେଶ୍ୱର ଦ୍ୱାରା ଦିବ୍ୟାଙ୍ଗ ଚିହ୍ନଟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଓ ନଗରପାଳ ଯୋଗଦେଇ ଉପକରଣ ବଣ୍ଟନ କରିଥିଲେ। ନିଳାଞ୍ଚଳ ମଲିକଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ମହେଶ୍ୱର ସାହୁ ସହଯୋଗ କରିଥିଲେ।

# ମରୁଡ଼ି ଆଶଙ୍କା, ଚାଷୀ ଚିନ୍ତାରେ

ଧରାକୋଟ/ଦିଗପହଣ୍ଡି, ୩।୧୧ (ବିଷ୍ଣୁକେଶରୀ ଆଚାର୍ଯ୍ୟ/ଅଶେଷ ନାଥ ମିଶ୍ର)

ଦୀର୍ଘ ଦିନ ହେଲା ବର୍ଷା ନାହିଁ। ନଦୀ, ଗାଡିଆ, ପୋଖରୀ ସମେତ ଜଳଉତ୍ସ ସବୁ ଶୁଖିଲା ପଡ଼ିଛି। ଦିଗପହଣ୍ଡି ଓ ଧରାକୋଟ ବ୍ଲକରେ ବର୍ଷାର ଅନିୟମିତତା ଯୋଗୁଁ ଏବେ ମରୁଡ଼ି ଆଶଙ୍କା ସୃଷ୍ଟି ହୋଇଛି। ପ୍ରଥମରୁ ମନରେ ଗଭୀର ଆତ୍ମବିଶ୍ୱାସ ରଖି ଚାଷ କାମରେ ମାତି ଥିବା ଚାଷୀ ସଂପ୍ରତି ମରୁଡି ଆଶଙ୍କାରେ ଚିନ୍ତାଗ୍ରସ୍ତ ହୋଇପଡିଛି। ବର୍ଷକର ଅର୍ଜନ ଆଖି ଆଗରେ ଜଳି ପୋଡ଼ିଯିବାକୁ ବସିଛି। କିପରି ପରିବାର ପ୍ରତିପୋଷଣ କରିବେ ସେଥିପାଇଁ ଚିନ୍ତାରେ ପଡିଛନ୍ତି ଚାଷୀକୁଳ। ବ୍ଲକର ସିଙ୍ଗିପୁର, ଝାଡବନ୍ଧ, ଝରପାରୀ, ବାହାରପୁର, ରୁଗୁମୁ, ଓଳମ୍ବା, ବଳରାମପୁର, ସାବା, ମାଣିକପୁର, ବରଡାବିଲି, ଧରାକୋଟ ଆଦି ପଞ୍ଚାୟତରେ ପୁଡ଼ା ହୋଇଥିବା ଧାନ ଫସଲ ଜଳିଯିବା ସହ ଜମି ଫାଟି ଆଁ କଲାଣି। ଏ ସମ୍ପର୍କରେ ବ୍ଲକ କୃଷି ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ବେଳେ ଉପରିସ୍ଥ ଅଧିକାରୀଙ୍କୁ



ଦିଗପହଣ୍ଡିରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମରୁଡ଼ି ଘୋଷଣା ଦାବି କରାଯାଉଛି।

ଏ ବିଷୟରେ ଅବଗତ କରାଯାଇଥିବା ପ୍ରକାଶ କରିଛନ୍ତି। ସେହିପରି ରାଜସ୍ୱ ବିଭାଗ ସହ ଯୋଗାଯୋଗ ବେଳେ ସରକାରୀ ନିର୍ଦ୍ଦେଶ ପ୍ରକାରେ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏଣୁ ସରକାର ତୁରନ୍ତ କ୍ଷୟକ୍ଷତିର ଉପଯୁକ୍ତ ଆକଳନ କରି ମରୁଡ଼ି ଘୋଷଣା କରିବା ସହିତ କୃଷି ଋଣ ଛାଡ ସହ ବୀମାଭୁକ୍ତ ଜମି ପାଇଁ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ସେହିପରି ଦିଗପହଣ୍ଡି ବ୍ଲକକୁ ମରୁଡି ଘୋଷଣା ପାଇଁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଦିଗପହଣ୍ଡିସ୍ଥିତ ଭାଜପା କାର୍ଯ୍ୟାଳୟ ଠାରେ କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଇଂ. ଉତ୍ତମ କୁମାର ପାଣିଗ୍ରାହୀ ଖବରଦାତା ସମ୍ମିଳନୀରେ ଏହି ଦାବି ଉଠାଇଛନ୍ତି। ଆଗାମୀ ଏକ ସପ୍ତାହ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଗପହଣ୍ଡି ବ୍ଲକକୁ ମରୁଡ଼ି ଘୋଷଣା କରା ନ ଗଲେ ୧୦ ତାରିଖରେ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ କହିଛନ୍ତି। ଗୋଟିଏ ପଟେ ସ୍ୱଳ୍ପ ଏବଂ ଅନିୟମିତ ବର୍ଷା ଯୋଗୁଁ ଚାଷଜମି ସବୁ ଫାଟି ଆଁ କରିଥିବା ବେଳେ ଅନ୍ୟପଟେ ଜମିକୁ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ବ୍ଲକରେ ଥିବା ଜଳଭଣ୍ଡାର ଗୁଡିକରେ ଜଳଧାରଣ କ୍ଷମତା ବୃଦ୍ଧି ଦିଗରେ ସରକାର ଆଦୌ ଦୃଷ୍ଟି ଦେଉ ନ ଥିବା ବେଳେ ଜଳଭଣ୍ଡାର ଏବଂ କେନାଲ ମରାମତି ନାମରେ କୋଟି କୋଟି ଟଙ୍କା ହରିଲୁଟ ହେଉଥିବା ସେ ଅଭିଯୋଗ କରିଛନ୍ତି। ସେହିଭଳି ସମବାୟ ବିଭାଗ ଏବଂ ଉଦ୍ୟାନ ବିଭାଗରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ଏସବୁ ଅଭିଯୋଗର ତଦନ୍ତ କରିବା ସହ ଚାଷୀ ନେଇଥିବା ଋଣ ଛାଡ କରି ଦିଗପହଣ୍ଡି ବ୍ଲକକୁ ମରୁଡି ଘୋଷଣା କରିବାକୁ ପାଣିଗ୍ରାହୀ ଦାବି କରିଛନ୍ତି। ସୁରେଶ ଚନ୍ଦ୍ର କବି, ପ୍ରଦୀପ ବେହେରା, ରଘୁନାଥ ସାମନ୍ତରାୟ, ଗଜେନ୍ଦ୍ର ଚୌଧୁରୀ, କାହ୍ନା ରେଡି, ଅନିଲ ମିଶ୍ର, ସତ୍ୟନାରାୟଣ ଗୌଡ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୀଡ଼ିତା ମସ୍ତିଷ୍କ ବିକୃତ: ୧୦ ଲକ୍ଷ ଦେବା ପାଇଁ ମାମଲା

କେନ୍ଦ୍ରାପଡ଼ା, ୩।୧୧ (ଜଗନ୍ନାଥ ଧଳ)

ସଦର ଥାନା ଅନ୍ତର୍ଗତ ଜଣେ ମସ୍ତିଷ୍କ ବିକୃତି ଥିବା ଯୁବତୀଙ୍କୁ ଏହି ଥାନା ଅଞ୍ଚଳର ମାନସରଞ୍ଜନ ସାମଲ ବଳାତ୍କାର ସହ ଗର୍ଭବତୀ କରିଛନ୍ତି। ଏହି ଅଭିଯୋଗରେ ମାନସ ରଞ୍ଜନ ବୁଧବାର ଗିରଫ ହୋଇଥିବା ବେଳେ ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ସାମାଜିକ କର୍ମୀ କେନ୍ଦ୍ରାପଡ଼ା ବ୍ଲକ ଏଇକଡର ଗ୍ରାମର ସମୀର ଜେନା ଜାତୀୟ ମାନବ ଅଧିକାର କମିଶନର ନିକଟରେ ଶନିବାର ଏକ ମାମଲା ନଂ. ୧୮୪/୨୩ ରୁଜୁ କରାଯାଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ଜେନା କହିଛନ୍ତି, ଏ ସମ୍ପର୍କରେ ଜାଣିବା ପରେ କମିଶନର ନିକଟରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ପୀଡିତାଙ୍କ ଏଥିରେ ମାନବ ଅଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଯାଇଛି। ଏଥିସହ ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି।

### ଶ୍ୱଶୁର ଘରେ ମରଣାନ୍ତକ ଆକ୍ରମଣରେ ଜ୍ୱାଇଁ ମୃତ

ପଟ୍ଟାମୁଣ୍ଡାଇ, ୩।୧୧ (କଳ୍ପତରୁ ନାୟକ)

ପାରିବାରିକ ଗଣ୍ଡଗୋଳ ଯୋଗୁ ଶ୍ୱଶୁର ଘରେ ମରଣାନ୍ତକ ଆକ୍ରମଣରେ ଜ୍ୱାଇଁଙ୍କ ମୃତ୍ୟୁ ହୋଇଥିବା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଘୁଆ କେଶପୁର ଗାଁର କେଶବ ମଲିକଙ୍କ ପୁଅ ଶତ୍ରୁଘ୍ନଙ୍କ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଶ୍ରୀରାମପୁର ଗାଁର ସୁରେଶ ମଲିକଙ୍କ ଝିଅ କଳ୍ପନା ସହ ଜୁନ ୩୦ରେ ବିବାହ ହୋଇଥିଲା। ବିବାହର ମାତ୍ର ୨ ମାସ ପରେ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ଏ ନେଇ ଶତ୍ରୁଘ୍ନଙ୍କ ପରିବାର ଚଉଦକୁଲାଟ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଉପସ୍ଥିତିରେ ପାରିବାରିକ ଗଣ୍ଡଗୋଳର ସମାଧାନ ପରେ ଅଗଷ୍ଟ ୧୦ରେ କଳ୍ପନା ୮ ଦିନ ପାଇଁ ବାପ ଘର ଶ୍ରୀରାମପୁର ଚାଲି ଯାଇଥିଲେ। ମାତ୍ର ୧୫ଦିନ ବିତିବା ପରେ ମଧ୍ୟ କଳ୍ପନା ବାପ ଘରୁ ନ ଫେରିବାରୁ ତାଙ୍କ ଶାଶୁ ଶାନ୍ତି ବୋହୂଙ୍କୁ ଆଣିବାକୁ ଶ୍ରୀରାମପୁର ଯାଇଥିଲେ ମଧ୍ୟ ତାଙ୍କୁ ମାଡ଼ ମାରି ତଡି ଦିଆଯାଇଥିଲା। ଗତ ୧ ତାରିଖରେ ଶତ୍ରୁଘ୍ନ ସ୍ତ୍ରୀ କଳ୍ପନାଙ୍କୁ ଆଣିବା ପାଇଁ ନିଜ ଅଟୋ ନେଇ ଶ୍ୱଶୁର ଘର ଶ୍ରୀରାମପୁରରେ ପହଞ୍ଚିଥିଲେ। ମାତ୍ର ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ବିବ୍ରତ ହୋଇପଡ଼ିଥିଲେ। ଶ୍ରୀରାମପୁର ଗାଁର ଜନୈକ ବ୍ୟକ୍ତି ଶତ୍ରୁଘ୍ନଙ୍କ ପରିବାରକୁ ଫୋନ କରି ପଡିଆରେ ପୁଅ ରକ୍ତ ଜୁଡୁବୁଡୁ ହୋଇ ବେହୋସ ଅବସ୍ଥାରେ ପଡିଥିବା ନେଇ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାରି ଶତ୍ରୁଘ୍ନଙ୍କ ମୃତ୍ୟୁ ହୋଇଛି। ମୃତ ଶତ୍ରୁଘ୍ନଙ୍କ ବାପା କେଶବ ତାଙ୍କ ପୁଅକୁ ବୋହୂ କଳ୍ପନା, ଶ୍ୱଶୁର ସୁରେଶ ଓ ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିବା ସହ ଜୋରଜବରଦସ୍ତ ବିଷ ପିଆଇ ମାରି ଦେଇଥିବା ନେଇ ଥାନାରେ ଲିଖିତ ଏତଲା ଦେଇଥିଲେ। ଆଇଆଇସି ବାମଦେବ ନନ୍ଦ ନଂ. ୫୩୬/୨୩ ଏକ ମାମଲା ରୁଜୁ କରି ଏହି ସମବେଦନଶୀଳ ଘଟଣାର ତଦନ୍ତ ଚଲାଇଛନ୍ତି।

# ଅବ୍ୟବସ୍ଥାରେ ଗୋପୀନାଥ ଜୀଉ ଉପ୍ରା ବିଦ୍ୟାଳୟ


ବିଦ୍ୟାଳୟ ପରିସର।


ବିଦ୍ୟାଳୟ ଶ୍ରେଣୀଗୃହ ଆଜ୍‌ବେଷ୍ଟସ ଭାଙ୍ଗିଯାଇଛି।

ବ୍ରହ୍ମବରଦା, ୩।୧୧ (ଯଯାତି କେଶରୀ ବେହେରା)

- ଶ୍ରେଣୀଗୃହ ଅଭାବ
- ୩୧୦ ବିଦ୍ୟାର୍ଥୀଙ୍କ ପାଇଁ ୫ ଶିକ୍ଷକ
- ଶିକ୍ଷାଦାନ ବାଧାପ୍ରାପ୍ତ

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବାଲିପାଟଣା ପଞ୍ଚାୟତରେ ଥିବା ବାଲିପାଟଣା ଗୋପୀନାଥ ଜୀଉ ନୋଡାଲ ଉପ୍ରା ବିଦ୍ୟାଳୟଟି ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ୧୯୬୨ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଉଛି। ଚଳିତ ଶିକ୍ଷା ବର୍ଷରେ ପ୍ରାୟ ୩୧୦ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। ହେଲେ ବିଦ୍ୟାଳୟର ୭ ଶ୍ରେଣୀକୁ ୫ଟି ଶ୍ରେଣୀ ଗୃହ ରହିଛି। ସେଥିମଧ୍ୟରୁ ୪ ଶ୍ରେଣୀଗୃହ ଆଜବେଷ୍ଟସର ହୋଇଥିବା ବେଳେ ତାହା ଫାଟି ନଷ୍ଟ ହେବାକୁ ବସିଲାଣି। ବର୍ଷାହେଲେ ଆଜବେଷ୍ଟସରୁ ପାଣି ଝରି ପିଲାଙ୍କ ବହିପତ୍ର ନଷ୍ଟ ହୋଇଯାଉଛି। ଅତ୍ୟଧିକ ବର୍ଷା ହେଲେ ବିଦ୍ୟାଳୟ ବନ୍ଦ ରହୁଥିବା ଅଭିଯୋଗ ହେଉଛି।

ସେହିପରି ଏତେ ପିଲାଙ୍କ ପାଇଁ ମାତ୍ର ୫ ଜଣ ଶିକ୍ଷକ ରହିଛନ୍ତି। ଫଳରେ ପିଲାଙ୍କ ଶିକ୍ଷାଦାନ ପ୍ରଭାବିତ ହେଉଛି ବୋଲି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଲୋକ କୁମାର ଦାସ ପ୍ରକାଶ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲା ଗୋଟିଏ କକ୍ଷରେ ବସୁଥିବାସ୍ଥଳେ ପଞ୍ଚମ ଓ ଷଷ୍ଠ ଶ୍ରେଣୀ ପିଲାଙ୍କୁ ଅନ୍ୟ ଏକ କକ୍ଷରେ ବସାଯାଇ ଶିକ୍ଷାଦାନ କରାଯାଉଛି। ବିଦ୍ୟାଳୟରେ ପରିସ୍ରାଗାର ନ ଥିବାରୁ ପିଲା ବାହାରେ ପରିସ୍ରା କରୁଛନ୍ତି। ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ମଧ୍ୟନାହିଁ। ବିଦ୍ୟାଳୟର ମୁଖ୍ୟ ସମସ୍ୟା ଶିକ୍ଷକ ଅଭାବ ଏବଂ ଶ୍ରେଣୀଗୃହର ଅଭାବ। ତେଣୁ ଅଭିଭାବକ ବିଦ୍ୟାଳୟକୁ ପିଲାଙ୍କୁ ଛାଡ଼ିବାକୁ ନାପସନ୍ଦ କରୁଛନ୍ତି। ଫଳରେ ଗତ ବର୍ଷ ଅପେକ୍ଷା ଚଳିତ ଶିକ୍ଷାବର୍ଷରେ ବିଦ୍ୟାର୍ଥୀଙ୍କ ସଂଖ୍ୟା କମିଥିବା ଦେଖିବାକୁ ମିଳିଛି। ତେଣୁ ବିଦ୍ୟାଳୟରେ ଥିବା ସମସ୍ୟାଗୁଡ଼ିକ ଶୀଘ୍ର ସମାଧାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ସରପଞ୍ଚ ପଦ୍ମିନୀ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୧୭ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ଏବେ ଦେଖିବାକୁ ଅପେକ୍ଷା କେବେ କାମ ଆରମ୍ଭ ହେଉଛି।

# ସମାଧିପୀଠ ପୁନଃଅବସ୍ଥାପିତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ରାସ୍ତା ପ୍ରଶସ୍ତୀକରଣ ପାଇଁ ଉଚ୍ଛେଦ କରିଥିଲା ଜିଲା ପ୍ରଶାସନ

ପାଣିକୋଇଲି, ୩।୧୧ (ବିକାଶ ମଲ୍ଲିକ)

ଅଲେଖ ଧର୍ମାବଲମ୍ବୀ ବାବା ଶଶିଭୂଷଣ ଦାସ ଓ ମାତା ସନ୍ୟାସିନୀ ବସନ୍ତ ଦାସଙ୍କ ସମାଧି ପୀଠକୁ ପୂର୍ବରୁ ଥିବା ସ୍ଥାନରେ ପୁନଃ ଅବସ୍ଥାପିତ କରିବା ଲାଗି ଯାଜପୁର ଜିଲା ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ସଠିପୁର–ଯାଜପୁର ମୁଖ୍ୟ ରାସ୍ତାର ରୁଡିଆ ଗ୍ରାମ ନିକଟରେ ଥିବା ଏହି ସମାଧିପୀଠକୁ ହାଇକୋର୍ଟଙ୍କ ଶୁଣାଣି ପୂର୍ବରୁ ଗତ ୩୧ ତାରିଖରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ହାଇକୋର୍ଟଙ୍କ ସ୍ଥଗିତାଦେଶ ସତ୍ତ୍ୱେ ଉକ୍ତ ଆଦେଶକୁ ଅମାନ୍ୟ କରି ଜିଲା ପ୍ରଶାସନ ସମାଧି ଭାଙ୍ଗିଦେଇଥିବାରୁ ତାହା ସ୍ଥାନୀୟ ଜନସାଧାରଣଙ୍କ ଭାବାବେଗକୁ ପ୍ରଭାବିତ କରିଥିଲା। ଏନେଇ ଆବେଦନକାରୀ ହରପ୍ରିୟା ପଣ୍ଡାଙ୍କ ପକ୍ଷରୁ ଆଡ୍‌ଭୋକେଟ ଶୁଭେନ୍ଦୁ ପଣ୍ଡା ଜିଲା ପ୍ରଶାସନ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଅଭିଯୋଗକୁ ଗୁରୁତର ଭାବେ ନେଇ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା ହାଇକୋର୍ଟଙ୍କ ଆଦେଶକୁ ଜିଲା ପ୍ରଶାସନ ପାଳନ କରୁଛି କି ନାହିଁ। ସୂଚନାଯୋଗ୍ୟ, ସମାଧିପୀଠ ସ୍ଥାନାନ୍ତରକୁ ନେଇ ହାଇକୋର୍ଟରେ ମାମଲା ଚାଲିଛି।

# ସ୍କୁଲ ପିଲାଙ୍କୁ ଜୋତା ପ୍ରଦାନ କଲେ ଟାଟା ଷ୍ଟିଲ୍ କର୍ମଚାରୀ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଟାଟା ଷ୍ଟିଲ୍‌ର ଅଧିକାରୀମାନେ।

କଳିଙ୍ଗନଗର, ୩।୧୧ (ଶୁଭାଶିଷ ରାଉତ)

ଟାଟା ଷ୍ଟିଲ୍‌ର ବ୍ରାହ୍ମଣୀପାଳ ଫେରୋ ଆଲଏଜ୍ କାରଖାନା ପରିସରରେ ଥିବା ଚାର୍ଜକ୍ରୋମ ପ୍ଲାଣ୍ଟ ୟୁପି ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ କମ୍ପାନୀର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ ଡିଭିଜନ (ଏଫ୍‌ଏଏମ୍‌ଡି) କର୍ମଚାରୀମାନଙ୍କ ପକ୍ଷରୁ ଜୋତା ପ୍ରଦାନ କରାଯାଇଛି। ସ୍କୁଲ ପିଲାମାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପୂରଣ ଲାଗି କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଏହି ଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ଅନେକ କୌତୁକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିର ଏକ୍‌ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଥିଲେ, କାର୍ଯ୍ୟକ୍ଷେତ୍ର ପରିସରର ଗୋଷ୍ଠୀ ସମୁଦାୟର କଲ୍ୟାଣ ସହିତ ସେମାନଙ୍କ ଅର୍ଥନୈତିକ ବିକାଶରେ ସହଯୋଗ କରିବା ଉପରେ ବିଶ୍ୱାସ କରାଯାଏ। ଭବିଷ୍ୟତର ଏହି ନାଗରିକଙ୍କୁ ଶିକ୍ଷା ସହାୟତା ପ୍ରଦାନ କରିବା ସହ ସେମାନଙ୍କର ଆବଶ୍ୟକତା ପୂରଣ କରିବା ଆମର ସମାଜ ପ୍ରତି ଥିବା ଦାୟିତ୍ୱବୋଧକୁ ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ଏଫ୍‌ଏଏମ୍‌ଡି ଅପରେଶନ ମୁଖ୍ୟ ଶୀର୍ଷେନ୍ଦୁ ମୁଖାର୍ଜୀ, ମାନବ ସମ୍ବଳ ମୁଖ୍ୟ ରାଧିକା ସିଂ, ପ୍ରଶାସନ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀଙ୍କ ସହ କମ୍ପାନୀର ବହୁ ଅଧିକାରୀ ଯୋଗଦେଇଥିଲେ।

### ଦୋଷୀଙ୍କୁ ୧୮ ମାସ ଜେଲ
### ବୃଦ୍ଧାଙ୍କୁ ଅସଦାଚରଣ ମାମଲା

ଯାଜପୁର ଟାଉନ, ୩।୧୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ବୃଦ୍ଧାଙ୍କୁ ଅସଦାଚରଣ ମାମଲାରେ ଶୁକ୍ରବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୮ ମାସ ସଶ୍ରମ ଜେଲ ଦଣ୍ଡାଦେଶ କରି ଏକ ରାୟ ପ୍ରକାଶ କରିଛନ୍ତି ଯାଜପୁର ଏସ୍‌ଡିଜେଏମ୍ ଇପ୍‌ସିତା ନନ୍ଦ। ମାମଲା ବିବରଣୀ ଅନୁସାରେ, ଯାଜପୁର ଥାନା ଅଞ୍ଚଳର ଜଣେ ୬୪ ବର୍ଷୀୟା ବୃଦ୍ଧା ୨୦୨୨ ସେପ୍ଟେମ୍ବର ୧୨ ତାରିଖ ଅପରାହ୍ନରେ ଗାଈ ଚରାଇବା ପାଇଁ ଯାଇଥିଲେ। ଏହି ସମୟରେ ଭଦ୍ରକ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋରକରା ଗ୍ରାମର ଲକ୍ଷ୍ମୀଧର ମହାପାତ୍ର ନାମକ ଯୁବକ ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରିଥିଲେ। ଉକ୍ତ ଘଟଣାକୁ ନେଇ ବୃଦ୍ଧା ଜଣକ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗପର୍ତ୍ତ ଦାଖଲ କରିଥିଲା। ମାମଲାର ଚୁଡାନ୍ତ ଶୁଣାଣି କରି ୧୨ଜଣ ସାକ୍ଷଙ୍କ ସାକ୍ଷୀକୁ ଭିତ୍ତିକରି ଏସ୍‌ଡିଜେଏମ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ସୁଦୀପ୍ତ କିଶୋରୀ ଦାଶ ମକୋଦ୍ଦମାକୁ ପରିଚାଳନା କରିଥିଲେ।

# ୨ ମାମଲାରେ ଦୁଇ ଅଭିଯୁକ୍ତ ଗିରଫ

ପାଣିକୋଇଲି, ୩।୧୧ (ବିକାଶ ମଲ୍ଲିକ)


ମନୋଜ ପହ୍ଲାର


ପ୍ରଶନ୍ନଜିତ ସାମଲ

ପାଣିକୋଇଲି ପୋଲିସ ଶୁକ୍ରବାର ଦୁଇ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପ୍ରଶନ୍ନଜିତ ସାମଲ(୨୮) ଓ ମନୋଜ ପହ୍ଲାର(୨୩)। ଶଙ୍ଖଚିଲା ଫାଣ୍ଡି ତଥା ତଣ୍ଡରା ପଞ୍ଚାୟତର ବରେଇ ଗ୍ରାମର ବାବାଜୀ ପହ୍ଲାରଙ୍କ ଝିଅ ସସ୍ମିତା ପହ୍ଲାରଙ୍କ ଅଭିଯୋଗ ମୁତାବକ, ଗତ ମାସ ୩୧ ତାରିଖ ରାତି ପ୍ରାୟ ୧୨ଟାରେ ଗ୍ରାମର ପ୍ରଶନ୍ନଜିତ୍ ତାଙ୍କ ଘରେ ପଶି ତାଙ୍କୁ ଜୀବନରୁ ମାରିଦେବାକୁ ବେକକୁ ଚିପି ଧରିଥିଲେ। ସେ ଏହାର ବିରୋଧ କରିବାରୁ ପ୍ରଶନଜିତ୍ ତାଙ୍କୁ ଟଣାଘୋଷରା କରିବା ସହ ବେକରେ ଥିବା ସୁନା ଲକେଟ ଲଗା ଚେନ ଓ ମୋବାଇଲ ଫୋନ୍ ନେଇ ପଳାଇଯାଇଥିଲେ। ସସ୍ମିତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ନମ୍ବର ୩୧୨/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ପ୍ରଭାକର ସାମଲଙ୍କ ସ୍ତ୍ରୀ କୁନ୍ତଳା ସମାଲ ମଧ୍ୟ ପାଲଟା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ, ପୁଅ ପ୍ରଶନଜିତ୍ ପାଣିକୋଇଲିରୁ ଯାଜପୁରରୋଡ ଯାଉଥିବା ବେଳେ ଅଭିରାମ ପହ୍ଲାର ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ବାଇକ୍‌ରେ ଆସି ପ୍ରଶନଜିତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପାଣିକୋଇଲି ଆସିଲେ ମାରିଦେବାକୁ ଧମକ ଦେଇଥିଲେ। ପରେ ବାବଜୀ ପହ୍ଲାର, ରାମଚନ୍ଦ୍ର ପହ୍ଲାର, ମୋହନ ପହ୍ଲାର, ମନୋଜ ପହ୍ଲାର, ଦୈତାରୀ ପହ୍ଲାର ଆସି କୁନ୍ତଳାଙ୍କ କବାଟ ବାଡେଇଥିଲେ। କୁନ୍ତଳା କବାଟ ଖୋଲିବାରୁ ଅଭିଯୁକ୍ତ ତାଙ୍କୁ ଘରୁ ବାହାରକୁ ଘୋଷାଡି ନେଇ ନିସ୍ଥୁକ ମାଡ ମାରି କ୍ଷତାକ୍ତ କରିଥିଲେ। କୁନ୍ତଳାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ନମ୍ବର ୩୧୩/୨୩ ରୁଜୁ କରାଯାଇଥିଲା ବୋଲି ତଦନ୍ତାଧିକାରୀ ଅଧିକାରୀ ଏଏସ୍‌ଆଇ ଅମିୟ ବେହେରା ସୂଚନା ଦେଇଛନ୍ତି।

# ଚୋରା ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଯୁବକ

ଝୁମ୍ପୁରୀ, ୩।୧୧ (ସରୋଜ ନାୟକ)



ଦଶରଥପୁର ଥାନା ଅସନପୁର ପଞ୍ଚାୟତ କଇଥ ପଡ଼ିଆଠାରେ ଦୀର୍ଘ ଦିନ ହେବ ଜଣେ ବ୍ୟକ୍ତି ଚୋରା ମଦ ବ୍ୟବସାୟ କରୁଛନ୍ତି। ଫଳରେ ଏଠାରୁ ମଦ୍ୟପାନ କରି ସ୍ଥାନୀୟ ଅଞ୍ଚଳର ଛାତ୍ର ଓ ଯୁବ ବର୍ଗ ପଥଭ୍ରଷ୍ଟ ହେଉଥିବାବେଳେ ଏହି ପଡ଼ିଆ ପରିସର ଦେବଦେବୀ ମନ୍ଦିରକୁ ଆସୁଥିବା ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସମୟରେ ଦଶରଥପୁର ଥାନାଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଚୋରା ମଦ ବ୍ୟବସାୟ ବନ୍ଦ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତେଣୁ ସ୍ଥାନୀୟ ଅଞ୍ଚଳର ଯୁବ ସାମାଜିକ କର୍ମୀ ବିକାଶ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ରଞ୍ଜିତ ଦାସ, ବିଶ୍ୱଜିତ୍ ଦାସ, ସଞ୍ଜୀବ ଦାସ, ଅମରେନ୍ଦ୍ର ଦାସ, ରଶ୍ମିରଞ୍ଜନ ମହାନ୍ତି, ହେମନ୍ତ କୁମାର ଶତପଥୀ, କମଳେଶ ମହାନ୍ତି, ବିଶ୍ୱନାଥ ଦାସ, ଦାମୋଦର ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, କହ୍ନେଇ ସେଠୀ, ପ୍ରମୋଦ ସେଠୀ, ପ୍ରଫୁଲ୍ଲ ମହାନ୍ତି ଓ ଦୀପକ ଦାସଙ୍କ ସମେତ ବହୁ ଯୁବକ ଏକତ୍ରିତ ହୋଇ କଇଥ ପଡ଼ିଆ ପରିସରକୁ ସଫେଇ କରିଛନ୍ତି। ସଫେଇ ସମୟରେ ଶତାଧିକ ଭଙ୍ଗା କାଚ ମଦ ବୋତଲଗୁଡ଼ିକୁ ଏକତ୍ରିତ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଏଠାରେ ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଏହାକୁ ଅମାନ୍ୟ କଲେ ଯୁବକମାନେ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଚେତାଇ ଦେଇଥିବା କହିଛନ୍ତି।

### ମା' ମଙ୍ଗଳାଙ୍କ ପୂଜା ଉତ୍ସବ ଉଦ୍‌ଯାପିତ

ଚଣ୍ଡିଖୋଲ, ୩।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି)



ଏକ ମାସ ଧରି ଚାଲିଥିବା ମା' ମଙ୍ଗଳାଙ୍କ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବାଲିଚନ୍ଦ୍ରପୁରସ୍ଥିତ ଭରତ ଚନ୍ଦ୍ର ପାଢ଼ୀଙ୍କ ବାସଭବନ ନିକଟରେ ହୋଇଥିବା ପୂଜାରେ ବହୁ ସଂଖ୍ୟାରେ ମହିଳା ମାନସିକ ବ୍ରତ କରି ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ପୂଜକ ଚଗଲି ପଣ୍ଡା ଓ ସହଯୋଗୀ ପୁରୋହିତମାନେ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ମାନସିକଧାରୀ ମା'ଙ୍କ ଉଦ୍ଦେଶ୍ୟରେ ବାଣ ଫୁଟାଇ ଥିଲେ। ବହୁ ସଙ୍କୀର୍ତ୍ତନମଣ୍ଡଳୀ ଯୋଗଦେଇ ରାତିସାରା ଭଜନଜଣାଣ କରିଥିଲେ।

# ଗ୍ରାହକ ସେବାକେନ୍ଦ୍ରର ଶିଳାନ୍ୟାସ

ବରୀ, ୩।୧୧ (ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତର ଅଜାଣଠାରେ ଏକ ଗ୍ରାହକ ସେବା କେନ୍ଦ୍ର ସ୍ଥାପନ କରାଯିବ। ଏଥିପାଇଁ ଶିଳାନ୍ୟାସ କରାଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଚପଳା ମଲ୍ଲ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଏମ୍‌ପିଙ୍କ ବରୀ ପ୍ରତିନିଧି ପ୍ରଦୀପ ଘଡ଼ାଇ, ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ, ହାଟ କମିଟି ସଭାପତି ପ୍ରିୟବ୍ରତ ଜେନା, ସମ୍ପାଦକ ମକର ଚରଣ ସାହୁ, ନୃସିଂହ ଚରଣ ଦାସ, ଡ. ନୃସିଂହ ଚରଣ ବେହେରା, ସରପଞ୍ଚଙ୍କ ପ୍ରତିନିଧି ମନୋଜ ମଲ୍ଲ, ସାମାଜିକ କର୍ମୀ ଅଜୟ ମଲ୍ଲ ଓ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ଦାସ ଉପସ୍ଥିତ ଥିଲେ।


ଗ୍ରାହକ ସେବା କେନ୍ଦ୍ର ନିର୍ମାଣ ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ଦରମା ଦାବିରେ ସୁରକ୍ଷା କର୍ମୀଙ୍କ ଧାରଣା

କଳିଙ୍ଗନଗର, ୩।୧୧ (ଶୁଭାଶିଷ ରାଉତ)

କଳିଙ୍ଗନଗର ଶିଳ୍ପାଞ୍ଚଳର କିଛି କାରଖାନା ସୁରକ୍ଷା ଦାୟିତ୍ୱରେ ଥିବା ଗ୍ରୁପ୍ ଫୋର ସିକ୍ୟୁରିଟି ଏଜେନ୍ସିର ସୁରକ୍ଷାକର୍ମୀ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ଏପରି କି ଚାକିରି ହରାଇଥିବା ସୁରକ୍ଷା କର୍ମୀଙ୍କ ଫୁଲ୍ ଆଣ୍ଡ ଫାଇନାଲ ପେମେଣ୍ଟ ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦରେ ୨୦୦ରୁ ଅଧିକ ସୁରକ୍ଷାକର୍ମୀ ସଂସ୍ଥାର ଯୋଡାବରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି।

ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, କଳିଙ୍ଗନଗର ଶିଳ୍ପାଞ୍ଚଳର ୨ କାରଖାନାରେ ଗ୍ରୁପ ଫୋର ସିକ୍ୟୁରିଟି ସଂସ୍ଥା କାର୍ଯ୍ୟ ପାଇଥିଲା। ଫଳରେ ଏସବୁ କାରଖାନାରେ ସଂସ୍ଥା ପକ୍ଷରୁ ୨୦୦ରୁ ଅଧିକ ସୁରକ୍ଷା କର୍ମୀ ନିଯୁକ୍ତ କରାଯାଇଥିଲା। କିଛି ମାସ ତଳେ ସିକ୍ୟୁରିଟି ସଂସ୍ଥାର କାର୍ଯ୍ୟ ଅବଧି ସରି ଯାଇଥିଲା। ଏଥିଯୋଗୁ ପ୍ରାୟ ୩୦୦ ସୁରକ୍ଷାକର୍ମୀ କାମ ହରାଇଥିଲେ। ସେମାନଙ୍କୁ ଅନ୍ୟତ୍ର ନିଯୁକ୍ତି ଦିଆଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା।


ଧାରଣାରେ ବସିଥିବା ସୁରକ୍ଷା କର୍ମୀମାନେ।

ଏଥିପାଇଁ ସୁରକ୍ଷାକର୍ମୀ ଶେଷ ମାସର ଦରମା ଓ ଫୁଲ ଆଣ୍ଡ ଫାଇନାଲ ପାଇ ପାରି ନ ଥିଲେ। ହେଲେ ସଂସ୍ଥା ଦୀର୍ଘଦିନ ଧରି ନିଯୁକ୍ତି ଦେଇ ନ ପାରି ଶେଷରେ ସେମାନଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରିଥିଲା। ସୁରକ୍ଷା କର୍ମୀମାନେ ଇସ୍ତଫା ଦେଇଥିଲେ। ହେଲେ ସେମାନଙ୍କ ସମ୍ପୂର୍ଣ୍ଣ ପାଉଣା ଦିଆଯାଉ ନ ଥିବାରୁ ଅବ୍ୟାହତି ନେଇଥିବା ସୁରକ୍ଷାକର୍ମୀ ବୁଧବାର ସଂସ୍ଥା କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ଦାବି କରିଥିଲେ। ମାତ୍ର କୌଣସି ସୁଫଳ ନ ପାଇ ଶେଷରେ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଘଟଣା ସମ୍ପର୍କରେ ଯାଜପୁର ରୋଡ ପୋଲିସ ଖବର ପାଇ ସେମାନଙ୍କୁ କାର୍ଯ୍ୟାଳୟ ବାହାରେ ବସିବାକୁ ପରାମର୍ଶ ଦେଇଥିଲା। ସୁରକ୍ଷା ସଂସ୍ଥାର ଉପରିସ୍ଥ ଅଧିକାରୀ ଗୁରୁବାର ସେମାନଙ୍କ ସହିତ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଫାଟକ ବାହାରେ ଅହୋରାତ୍ର ଗଣଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କ ନିକଟରେ କେହି ପହଞ୍ଚି ନ ଥିଲେ। ଅନ୍ୟପକ୍ଷରେ ନିଯୁକ୍ତି ହରାଇବା ପରେ ପ୍ରାପ୍ୟ ନ ପାଇବା ଘଟଣାରେ ସୁରକ୍ଷା କର୍ମୀମାନେ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ, ୫–ଟି ଅଧ୍ୟକ୍ଷ, ଗୃହ ବିଭାଗର ପ୍ରାଇଭେଟ ସିକ୍ୟୁରିଟି ଏଜେନ୍ସି ସେଲ, ଶ୍ରମ ବିଭାଗ, ଶ୍ରମ ବିଭାଗ ଯୁଗ୍ମ ଶ୍ରମ ନିର୍ଦ୍ଦେଶକ, ରାଜ୍ୟ କର୍ମଚାର ବୀମା ବିଭାଗ, ଯାଜପୁର ଜିଲାପାଳ, ଯାଜପୁର ଆରକ୍ଷୀ ଅଧୀକ୍ଷକ ଓ ଯାଜପୁର ରୋଡ୍ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ହେଲେ ସିକ୍ୟୁରିଟି ସଂସ୍ଥାଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ କେହି କର୍ଣ୍ଣପାତ କରୁ ନ ଥିବାରୁ ସୁରକ୍ଷାକର୍ମୀ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। କର୍ମଚାରୀଙ୍କ ଧାରଣା ଓ ପ୍ରାପ୍ୟ ପ୍ରଦାନ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସୁରକ୍ଷା ସଂସ୍ଥାର ଅଧିକାରୀ ରଣଜିତ ଓଝାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ସଂକ୍ଷେପରେ

### ଘଡ଼ିଆମାଳ ପଞ୍ଚାୟତର ନୂତନ ବିଜେଡି ସଭାପତି

ରାଜନଗର, ୩।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ନୂତନ ପଞ୍ଚାୟତ ସଭାପତି



ଭାବେ ଯୁବନେତା ସୀତାକାନ୍ତ ରାଉତଙ୍କୁ ନିଯୁକ୍ତି ଦିଆଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପରାମର୍ଶକ୍ରମେ ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ଏହି ନିଯୁକ୍ତି ଦେଇଛନ୍ତି। ଯୁବନେତା ସୀତାକାନ୍ତ ଘଡିଆମାଳ ପଞ୍ଚାୟତରେ ସଙ୍ଗଠନ ବୃଦ୍ଧି ଦିଗରେ କାମ କରିବେ ବୋଲି କହିଛନ୍ତି। ପଞ୍ଚାୟତର ମୁରବି ତଥା ପଞ୍ଚାୟତ ବିଜେଡି ସଭାପତି କୁଳମଣି ନାୟକଙ୍କ ବିୟୋଗ ପରେ ଏହି ପଦ ଖାଲି ପଡ଼ିଥିଲା।

### ନଭେମ୍ବର ୫ରୁ ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟ୍‌ବଲ

ରାଜକନିକା, ୩।୧୧ (ସଞ୍ଜୟ କୁମାର ଦାଶ)

ଫୁଟବଲ ଖେଳରେ କେନ୍ଦ୍ରାପଡ଼ା ଜିଲାର ରାଜକନିକା ଅନ୍ତୁଡିଶାଳ ଭାବେ ଖ୍ୟାତି ଅର୍ଜନ କରିଛି। ରାଜକନିକା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୪୨ତମ ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟବଲ ଟୁର୍ନାମେଣ୍ଟ ନଭେମ୍ବର ୫ରୁ ଆରମ୍ଭ ହୋଇ ୧୨ ପର୍ଯ୍ୟନ୍ତ ଚାଲିବ। ରାଜକନିକା ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ (ମିନି ଷ୍ଟାଡିୟମ) ଠାରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ବଛା ବଛା ୯ଟି ଟିମ୍ ଭାଗ ନେଉଥିବା ବେଳେ, ୮ଟି ମ୍ୟାଚ ଅନୁଷ୍ଠିତ ହେବ। ପୁଲ-ଏ ରେ ଆୟୋଜକ ରାଜକନିକା ଆଥଲେଟିକ ଆସୋସିଏଶନ ବ୍ୟତୀତ ୟୁନାଇଟେଡ଼ କ୍ଲବ ଭଦ୍ରକ, ପପୁଲାର କ୍ଲବ ଢେଙ୍କାନାଳ, ଜଗା ୟୁନାଇଟେଡ଼ ଭୁବନେଶ୍ୱର ଏବଂ ଗଣ୍ଡରପୁର ଫୁଟବଲ କ୍ଲବ ଭୁବନେଶ୍ୱର ଟିମ ଥିବାବେଳେ, ପୁଲ-ବି ରେ ବାଲି ନବୀନ ସଂଘ କୋଲକାତା, ୟଙ୍ଗ ଉତ୍କଳ କ୍ଲବ କଟକ, କୋରାପୁଟ ଜିଲା ଆଥଲେଟିକ ଆସୋସିଏଶନ ଏବଂ ଫୁଟବଲ କ୍ଲବ ଧାନବାଦ ଝାଡ଼ଖଣ୍ଡ ଭଳି ଟିମ୍ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ନଭେମ୍ବର ୫ ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ପ୍ରତ୍ୟହ ଅପରାହ୍ନ ୩ଟାରେ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ରାଜକନିକା ଆଥଲେଟିକ ଆସୋସିଏଶନ ସହ ୟୁନାଇଟେଡ଼ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି।

# କନିକା ତହସିଲ ସମ୍ମୁଖରେ ପଞ୍ଚାୟତବାସୀଙ୍କ ଗଣଧାରଣା

## କୋରନ୍ଧ ପଞ୍ଚାୟତର ସିଲିଂ ବହିର୍ଭୂତ ସମ୍ପତ୍ତି ସରକାରୀ ଖାତାକୁ ଫେରସ୍ତ ଦାବି

ରାଜକନିକା, ୩।୧୧ (ସଞ୍ଜୟ କୁମାର ଦାଶ)



ଲୋକମାନେ କନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇଛନ୍ତି।

ରାଜକନିକା ବ୍ଲକ କୋରନ୍ଧ ପଞ୍ଚାୟତରେ ରହିଥିବା ୪୦ ଏକର ପାଖାପାଖି ସିଲିଂ ବହିର୍ଭୂତ ସମ୍ପତ୍ତି ସରକାରୀ ଖାତାକୁ ଫେରସ୍ତ କରିବା, ପଞ୍ଚାୟତକୁ ହସ୍ତାନ୍ତର କରିବା ଦାବିରେ ଶୁକ୍ରବାର ଶତାଧିକ ମହିଳାପୁରୁଷ କନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ। ରାଜକନିକାସ୍ଥିତ ମେଳଣ ପଡିଆରୁ ଏକ ବିରାଟ ଶୋଭାଯାତ୍ରାରେ ପଞ୍ଚାୟତବାସୀ ବାହାରି ଷ୍ଟ୍ରକଚର ଛକ, ଥାନା ଛକ ଦେଇ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ ସମ୍ମୁଖରେ ପହଞ୍ଚିଥିଲେ। କୋରନ୍ଧ ପଞ୍ଚାୟତର ଚାଲୁଣିଆ, ନନ୍ଦିମାହାରା, ଗିରିଆ, ଓଡ଼ଗିରିଆ ଓ କୋରନ୍ଧ ଗ୍ରାମର ମହିଳାପୁରୁଷମାନେ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, କନିକା ରାଜ ପରିବାର ସିଲିଂ ବହିର୍ଭୂତ ସମ୍ପତ୍ତିଗୁଡ଼ିକ ନିଜ ନାମରେ ଖତିଆନ୍ କରି ବିକ୍ରି କରୁଛନ୍ତି। ତେଣୁ ପଞ୍ଚାୟତବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତର ଉକ୍ତ ଜମିରେ ବର୍ଷବର୍ଷ ଧରି ଗ୍ରାମବାସୀ ଚଳପ୍ରଚଳ କରି ଆସୁଥିଲେ। ୧୯୫୭-୫୮ ମସିହା ନିୟମ ଅନୁଯାୟୀ ପଞ୍ଚାୟତ ଏହି ବଗାୟତକୁ ନିଲାମ କରି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ କରି ଆସୁଥିଲେ। ହେଲେ କନିକା ତହସିଲଦାରଙ୍କ ମାଧ୍ୟମରେ କନିକା ରାଜା ସିଲିଂ ସମ୍ପତ୍ତିଗୁଡ଼ିକୁ ନିଜ ନାମରେ କରି ନେଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସବୁ ଜମିର ଖତିଆନ୍ ଖାରଜ୍ କରିବାକୁ ନିବେଦନ କରିଛନ୍ତି। ରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ସିପିଆଇ(ଏମଏଲ) ଜିଲା ସମ୍ପାଦକ ବିଧାନ ଦାସ, ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, କାଳିପ୍ରସାଦ ନାୟକ, ଖରସ୍ରୋତା ସଂଗ୍ରାମ ସମିତିର ସଭାପତି ଦୁର୍ଯ୍ୟୋଧନ ମହାନ୍ତି, କୃପାସିନ୍ଧୁ ପଣ୍ଡା, ଧନେଶ୍ୱର ଧଳ, ପତିତପାବନ ବେହେରା, ଧନେଶ୍ୱର ରାଉତ, ସରପଞ୍ଚ ଗୀତାଞ୍ଜଳି ସେଠୀ, ତ୍ରିଲୋଚନ ପ୍ରଧାନ, ବୈକୁଣ୍ଠନାଥ ପ୍ରଧାନ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ତହସିଲ କାର୍ଯ୍ୟାଳୟରେ ଖାତା ଖତିଆନରେ ଜାଲିଆତି, ଦଲାଲ ସକ୍ରିୟ ସହ ନକଲି ପଟ୍ଟା କାରବାର ହେଉଥିବା ଅଭିଯୋଗ ସହିତ ତୁରନ୍ତ ସିଲିଂ ସମ୍ପତ୍ତିକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ ଦାବି କରିଥିଲେ। କନିକା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କୁ ପଚାରିବାରେ ଏହି ମାମଲା କୋର୍ଟରେ ବିଚାରାଧୀନ ଅଛି। ଆମେ ତଦନ୍ତ କରୁଛୁ। କେତେ ସିଲିଂ ଜମି ଅଛି ସେ ସମ୍ପର୍କରେ ତଦନ୍ତ କରୁଛୁ ବୋଲି ସେ କହିଥିଲେ।

# ଆଗୁଆ ପଦକ୍ଷେପ ନେବାକୁ ପ୍ରଶାସନ ପକ୍ଷରୁ ସଚେତନତା

## ବିଶ୍ୱ ସୁନାମି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ବ୍ଲକ ସଭାଗୃହଠାରେ ବିଶ୍ୱ ସୁନାମି ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମହାକାଳପଡ଼ା, ୩।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ବିପର୍ଯ୍ୟୟ ଅଞ୍ଚଳ ଭାବେ ପରିଚିତ। କାରଣ ବଙ୍ଗୋପସାଗର କୂଳରେ ସୁନାମି ଗାଁ ଅବସ୍ଥିତ ହୋଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକରେ ସ୍ଥାନୀୟ ସରକାରୀ କର୍ମଚାରୀ, ଜନ ପ୍ରତିନିଧି ଓ ସେଚ୍ଛାସେବୀଙ୍କ ସମେତ ସ୍ଥାନୀୟ ଲୋକମାନଙ୍କୁ ନେଇ ଜନ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅବସରରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଏକ ସୁନାମି ଭୟାବହତାକୁ କିପରି ଆଗୁଆ ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ସଚେତନ କରିଥିଲେ। ସମୁଦ୍ର ଗର୍ଭରେ ଭୂକମ୍ପ ସୃଷ୍ଟି ହେଲେ ସମୁଦ୍ର ତଳ ଆସ୍ତରଣ ବା ପ୍ଲେଟ ଗୁଡିକରେ ଉପର ତଳ ଭାଗରେ ଫାଟ ହୋଇଥାଏ। ଫଳରେ ଭୂକମ୍ପ ଝଟକାରେ ଉଚ୍ଚ ତରଙ୍ଗ ସ୍ଥଳ ଭାଗ ଅଭିମୁଖେ ମାଡ଼ି ଆସିଥାଏ। ଏହି ସମୟରେ ଉଚ୍ଚ ଲହଡ଼ି ସ୍ଥଳ ଭାଗକୁ ସ୍ପର୍ଶ କରି ବିପୁଳ ପରିମାଣରେ କ୍ଷୟକ୍ଷତି କରିଥାଏ। ଏହାର ଆଗୁଆ ମୁକାବିଲା ପାଇଁ ସ୍ଥାନୀୟ ଲୋକଙ୍କୁ ସୁନାମି ଆସିବାର ୫ରୁ ୧୦ ମିନିଟ ମଧ୍ୟରେ ବସତିଠାରୁ ୩ କିମି ଦୂରକୁ ସ୍ଥାନାନ୍ତର କରାଯାଇପାରିବ। ନଚେତ ଏହି ସୁନାମି କବଳରେ ବହୁସଂଖ୍ୟାରେ ଧନ ଜୀବନ କ୍ଷତି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ଲକ ଅଞ୍ଚଳ ସମୁଦ୍ର ଉପକୂଳ ଗାଁରେ ୧୦ଟି ସୁନାମି ସତର୍କତା ସୂଚନା ଟାୱାର ନିର୍ମାଣ କରାଯାଇଛି। ଏଥି ମଧ୍ୟରୁ କିଛି ଟାୱାର କାର୍ଯ୍ୟ କରୁଛି କି ନାହିଁ ତଦାରଖ କରିବାକୁ ଟେକ୍ନିସିଆନ ଆବଶ୍ୟକ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ହାଇଦ୍ରାବାଦଠାରେ ସୁନାମି ସୂଚନା କକ୍ଷ ରହିଛି। ସୁନାମି ଆସିବାର ୪୫ ମିନିଟ୍ ପୂର୍ବରୁ ସାଇରେନ୍ ବାଜି ଉଠିବ। ଏହା ୨ କିମି ଅଞ୍ଚଳର ବାସିନ୍ଦାମାନେ ସୂଚନା ପାଇପାରିବେ ବୋଲି କୁହାଯାଇଛି। ଆସନ୍ତା ୫ ତାରିଖରେ ବ୍ଲକର ବଟିଘର ପଞ୍ଚାୟତର କଜଳପାତିଆ, ସୁନିତି ପଞ୍ଚାୟତର କଣ୍ଟିଲୋ ଓ ନାଞ୍ଚୁରା ପଞ୍ଚାୟତର ତଣ୍ଡିଆପାଳ, ରଟପଙ୍କରେ ବିଶ୍ୱ ସୁନାମି ସମ୍ପର୍କିତ ସଚେତନତା କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ବୋଲି ଉପସ୍ଥିତ ଅତିଥି ଓ ଜନ ପ୍ରତିନିଧି ମାନଙ୍କୁ ବୈଠକରେ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ସାଗର କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ବେଉରା, ସିଡିପିଓ କବିତା ମଲିକ, ଅତିରିକ୍ତ ତହସିଲଦାର ଶାନ୍ତିଲତା ହେମ୍ବ୍ରମ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା, ବ୍ଲକ ସହକାରୀ ଯନ୍ତ୍ରୀ ସ୍ମୃତିରେଖା ଖଟୁଆ, ମିଶନ ଶକ୍ତିର ମନିସା ବାରିକ, ମହାକାଳପଡା ଅଗ୍ନିଶମ ସେବା ବିଭାଗ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

### ପୀଡ଼ିତା ମସ୍ତିଷ୍କ ବିକୃତି: ୧୦ ଲକ୍ଷ ଦେବା ପାଇଁ ମାମଲା

କେନ୍ଦ୍ରାପଡ଼ା, ୩।୧୧ (ଜଗନ୍ନାଥ ଧଳ)

ସଦର ଥାନା ଅନ୍ତର୍ଗତ ଜଣେ ମସ୍ତିଷ୍କ ବିକୃତି ଥିବା ଯୁବତୀଙ୍କୁ ଏହି ଥାନା ଅଞ୍ଚଳର ମାନସରଞ୍ଜନ ସାମଲ ବଳାତ୍କାର ସହ ଗର୍ଭବତୀ କରିଛନ୍ତି। ଏହି ଅଭିଯୋଗରେ ମାନସ ରଞ୍ଜନ ବୁଧବାର ଗିରଫ ହୋଇଥିବା ବେଳେ ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ସାମାଜିକ କର୍ମୀ କେନ୍ଦ୍ରାପଡ଼ା ବ୍ଲକ ଏଇକଡର ଗ୍ରାମର ସମୀର ଜେନା ଜାତୀୟ ମାନବ ଅଧିକାର କମିଶନର ନିକଟରେ ଶନିବାର ଏକ ମାମଲା ନଂ. ୧୮୪/୨୩ ରୁଜୁ କରାଯାଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ଜେନା କହିଛନ୍ତି, ଏ ସମ୍ପର୍କରେ ଜାଣିବା ପରେ କମିଶନର ନିକଟରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ପୀଡିତାଙ୍କ ଏଥିରେ ମାନବ ଅଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଯାଇଛି। ଏଥିସହ ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି।

# ରାଜନଗର ଆତ୍ମା କମିଟି ବୈଠକ

ରାଜନଗର, ୩।୧୧ (ଭାସ୍କର ରାଉତରାୟ)

ରାଜନଗର କୃଷି ବିଭାଗ କାର୍ଯ୍ୟାଳୟରେ ଆତ୍ମା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆତ୍ମା କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ସହାୟତା କେଉଁମାନେ ପାଉଛନ୍ତି, ସେ ନେଇ ଆଲୋଚନା ହୋଇଥିଲା। ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗକୁ କେଉଁ କେଉଁ ଯୋଜନା ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଛି, ତା'ର ଲାଭ ପ୍ରକୃତ ଚାଷୀ ପାଉଛନ୍ତି ନାଁ ନାହିଁ, ସେ ନେଇ ଅଧ୍ୟକ୍ଷ ଓ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏଣିକି ଯେଉଁ ପଞ୍ଚାୟତ ପାଇଁ ବିଭିନ୍ନ ଯୋଜନାରେ ଚାଷୀଙ୍କ ପାଇଁ ସହାୟତା ଆସିବ, ସେ ନେଇ ସେହି ପଞ୍ଚାୟତର ଆତ୍ମା କମିଟିର ସଦସ୍ୟ ଓ ଚାଷୀଙ୍କୁ ଜଣାଇ ପ୍ରକୃତ ଚାଷୀଙ୍କ ପାଖରେ ଯୋଜନା ପହଞ୍ଚାଇବାକୁ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବ୍ଲକ କୃଷି ଅଧିକାରୀ ଶରତ ଚନ୍ଦ୍ର ନାୟକ, ସହକାରୀ ମତ୍ସ୍ୟ ଅଧିକାରିଣୀ ମୋନାସିଲା ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତାପସ କୁମାର ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗର କନିଷ୍ଠଯନ୍ତ୍ରୀ ଅସୀତ ଅଂଶୁମାନ ସାମଲ, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ ଚନ୍ଦ୍ର ଜେନା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ଅଧିକାରିଣୀ ସାଗରିକା ମଲ୍ଲିକ, ରମେଶ କୁମାର ଜେନା, ଶୈଳେନ୍ଦ୍ର କୁମାର ସ୍ୱାଇଁ ଓ ଆତ୍ମାର ସଦସ୍ୟ ଅରୁଣ କୁମାର ସାହୁ, ନଳିନୀ ରଞ୍ଜନ ରାଉତରାୟ, ଅଶୋକ କୁମାର ମହାନ୍ତି, ପ୍ରଣତି ପରିଡା, ସ୍ୱର୍ଣ୍ଣଲତା ମହାନ୍ତି, ମିନତୀ ନାୟକ, ସତ୍ୟଭାମା ସାହୁ, ସୁଜାତା ନାୟକ, ସୁଲେଖ ରାଉତ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅନନ୍ତ ତୁଳସୀ ସୁରକ୍ଷା ପରିଷଦର ଚାରାରୋପଣ


ଚାରାରୋପଣ କାର୍ଯ୍ୟକ୍ରମରେ ତହସିଲଦାରଙ୍କ ସମେତ ଅନ୍ୟମାନେ।

ପାଟକୁରା ୩।୧୧ (ରବୀନ୍ଦ୍ର ନାଥ ବାରିକ)

ଅନନ୍ତ ତୁଳସୀ ସୁରକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ଗରଦପୁର ତହସିଲ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଛି। ପରିଷଦର ଅଧ୍ୟକ୍ଷ ତଥା ପ୍ରକୃତି ବନ୍ଧୁ ଦ୍ୱାରିକାନାଥ ସେନାପତି, ତହସିଲଦାର ତୃପ୍ତି ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କୃଷ୍ଣଚୂଡ଼ା, ଆମ୍ବ, ପିଜୁଳି, ଓଉ, ପେସ୍ତା ପ୍ରଭୃତି ଚାରା ଲଗାଇଥିଲେ। ଏଥିରେ ଦେବାକୁମାର ପାଣି, ଭରତ ସାହୁ, ସ୍ୱାଧୀନ ସେନାପତି ମଧ୍ୟ ଉପସ୍ଥିତ ଥିଲେ।

# ଶ୍ୱଶୁରଘରେ ମରଣାନ୍ତକ ଆକ୍ରମଣରେ ସ୍ୱାମୀଙ୍କ ମୃତ

## ପୋଲିସ ତଦନ୍ତ ପୂର୍ବରୁ ଅଭିଯୁକ୍ତମାନେ ଫେରାର

ପଟ୍ଟାମୁଣ୍ଡାଇ, ୩।୧୧ (କଳ୍ପତରୁ ନାୟକ)

ପାରିବାରିକ ଗଣ୍ଡଗୋଳ ଯୋଗୁ ଶ୍ୱଶୁର ଘରେ ହୋଇଥିବା ମରଣାନ୍ତକ ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ ଘଟିବା ଘଟଣାକୁ ନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଜଣାପଡିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଘୁଆ କେଶପୁର ଗାଁର କେଶବ ମଲିକଙ୍କ ପୁଅ ଶତ୍ରୁଘ୍ନଙ୍କ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗାଁର ସୁରେଶ ମଲିକଙ୍କ ଝିଅ କଳ୍ପନା ସହ ଜୁନ ୩୦ରେ ବିବାହ ହୋଇଥିଲା। ତେବେ ବିବାହର ମାତ୍ର ୨ ମାସ ପରେ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ମିଳାମିଶା ଓ ସମାଧାନ ସତ୍ତ୍ୱେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ଏ ନେଇ ଶତ୍ରୁଘ୍ନଙ୍କ ପରିବାର ଚଉଦକୁଲାଟ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ତେବେ ପୋଲିସ ଉପସ୍ଥିତିରେ ପାରିବାରିକ ଗଣ୍ଡଗୋଳର ସମାଧାନ ପରେ ଅଗଷ୍ଟ ୧୦ରେ କଳ୍ପନା ୮ ଦିନ ପାଇଁ ବାପ ଘର ଶ୍ରୀରାମପୁର ଚାଲି ଯାଇଥିଲେ। ମାତ୍ର ୧୫ଦିନ ବିତିବା ପରେ ମଧ୍ୟ କଳ୍ପନା ବାପ ଘରୁ ନ ଫେରିବାରୁ ତାଙ୍କ ଶାଶୁ ଶାନ୍ତି ବୋହୂଙ୍କୁ ଆଣିବାକୁ ଶ୍ରୀରାମପୁର ଯାଇଥିଲେ ମଧ୍ୟ ତାଙ୍କୁ ମାଡ଼ ମାରି ତଡି ଦିଆଯାଇଥିଲା। ଗତ ୧ ତାରିଖରେ ଶତ୍ରୁଘ୍ନ ସ୍ତ୍ରୀ କଳ୍ପନାଙ୍କୁ ଆଣିବା ପାଇଁ ନିଜ ଅଟୋ ନେଇ ଶ୍ୱଶୁର ଘର ଶ୍ରୀରାମପୁରରେ ପହଞ୍ଚିଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଶତ୍ରୁଘ୍ନ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ବିବ୍ରତ ହୋଇପଡ଼ିଥିଲେ। ଶ୍ରୀରାମପୁର ଗାଁର ଜନୈକ ବ୍ୟକ୍ତି ଶତ୍ରୁଘ୍ନଙ୍କ ପରିବାରକୁ ଫୋନ କରି ପଡିଆରେ ପୁଅ ରକ୍ତ ଜୁଡୁବୁଡୁ ହୋଇ ବେହୋସ ଅବସ୍ଥାରେ ପଡିଥିବା ନେଇ ଜଣାଇଥିଲେ। ଏହି ଖବର ପାଇଁ ଶତ୍ରୁଘ୍ନଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସଂଜ୍ଞାହୀନ ଅବସ୍ଥାରେ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଓ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାରି ଶତ୍ରୁଘ୍ନଙ୍କ ମୃତ୍ୟୁ ହୋଇଛି। ମୃତ ଶତ୍ରୁଘ୍ନଙ୍କ ବାପା କେଶବ ତାଙ୍କ ପୁଅକୁ ବୋହୂ କଳ୍ପନା, ଶ୍ୱଶୁର ସୁରେଶ ଓ ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିବା ସହ ଜୋରଜବରଦସ୍ତ ବିଷ ପିଆଇ ମାରି ଦେଇଥିବା ନେଇ ଥାନାରେ ଲିଖିତ ଏତଲା ଦେଇଥିଲେ। ଆଇଆଇସି ବାମଦେବ ନନ୍ଦ ନଂ. ୫୩୬/୨୩ ଏକ ମାମଲା ରୁଜୁ କରି ଏହି ସମବେଦନଶୀଳ ଘଟଣାର ତଦନ୍ତ ଚଳାଇଛନ୍ତି। ଏହି ମାମଲାର ଛାନଭିନ କରି ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଆରମ୍ଭ କରିଥିଲେ ମଧ୍ୟ ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ନନ୍ଦ କହିଛନ୍ତି।

# ବିଜେଡି ପକ୍ଷରୁ ପ୍ରଶିକ୍ଷଣ ଶିବିର ପାଇଁ ପ୍ରସ୍ତୁତି ବୈଠକ

ରାଜନଗର, ୩।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ଅନ୍ତର୍ଗତ ଏକ ମଣ୍ଡପଠାରେ ରାଜନଗର ବ୍ଲକ ବିଜେଡି ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଓଡ଼ିଶା ସରକାରଙ୍କ ସମସ୍ତ ଜନହୀତକର ଯୋଜନାର ବାର୍ତ୍ତା କିପରି ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବା ସହ ଦଳର ଆଭିମୁଖ୍ୟ ଏବଂ ପ୍ରତ୍ୟେକ ପଂଚାୟତର ସକ୍ରିୟ କର୍ମୀମାନଙ୍କ ସହ ସେ ବାବାଦରେ ଆଲୋଚନା କରିଥିଲେ। କେନ୍ଦ୍ରାପଡ଼ା ଜିଲା ବିଜେଡିର ନବ ନିଯୁକ୍ତ ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଖୁକୁମିନା କୁଅଁର, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ କୁମାର ନାୟକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ଉପସଭାପତି ସୁଦର୍ଶନ ଦାସ, ମହିଳା ସଭାନେତ୍ରୀ ରଶ୍ମୀ ରଂଜିତା ସ୍ୱାଇଁ ପ୍ରମୁଖଙ୍କ ସମେତ ବ୍ଲକ ସ୍ତରୀୟ ସମସ୍ତ ନେତୃମଣ୍ଡଳୀ ଯୋଗ ଦେଇଥିଲେ।



ପ୍ରଶିକ୍ଷଣ ଲାଗି ପ୍ରସ୍ତୁତି ବୈଠକରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

# ମାଲେସିଆ ଯାଇଥିବା ଶ୍ରମିକ ନିଖୋଜ

ରାଜନଗର, ୩।୧୧ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳରେ ଅଭାବ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ସୁଦୂର ମାଲେସିଆ ଯାଇଥିବା ଦାଦନ ଶ୍ରମିକ ମାନସ ପଡିହାରୀଙ୍କ ୫ମାସ ହେଲା କୌଣସି ପତ୍ତା ମିଳୁନାହିଁ। ୫ମାସ ତଳେ ମାନସ ମା'ଙ୍କ ସହ ଟେଲିଫୋନ ଯୋଗେ ଦରମା ପାଇଲେ ଗାଁକୁ ଫେରିବେ ବୋଲି କଥା ଦେଇଥିଲେ। ମା' ପୁଅର ଫେରିବା ବାଟକୁ ଚାହିଁ ବସିଛନ୍ତି। କିନ୍ତୁ ପୁଅ ମାଲେସିଆରେ ନିଖୋଜ ହୋଇଯାଇଛି। ମା' ସହିତ ପୁଅର କୌଣସି ସଂଯୋଗ ରହିନାହିଁ। ଆଶା ଆଶଙ୍କାରେ ଥିବା ମା' ଏବଂ ତାଙ୍କ ପରିବାର ମାନସିକ ଚାପରେ ଥିବା ବେଳେ ମାନସଙ୍କୁ ମାଲେସିଆ ପଠାଇଥିବା ଏଜେଣ୍ଟ କିନ୍ତୁ ମାନସଙ୍କ ପରିବାରକୁ ବିଭିନ୍ନ ସମୟରେ ଫୋନ ମାଧ୍ୟମରେ ଧମକ ଚମକ ଦେଉଥିବା ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ରାଜନଗର ବ୍ଲକ


ମାନସ ପଡିହାରୀ

ମହୁଲିଆ ଗାଁର ସୁକଦେବ ପଡିହାରୀଙ୍କ ପୁଅ ମାନସ (୨୮) ୨୦୨୦ ମାର୍ଚ୍ଚ ୧ରେ ଦାଦନ ଖଟିବାକୁ ସୁଦୂର ମାଲେସିଆ ଯାଇଥିଲେ। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଲିପଡା ଗାଁର ଏଜେଣ୍ଟ ପ୍ରଭାକର ସାହୁ ମାନସଙ୍କୁ ମାଲେସିଆରେ କାମ କରିବାକୁ ପଠାଇଥିଲେ। ସେଠାରେ ମାନସ ଏକ ଖଜୁରୀକୋଳି କମ୍ପାନୀରେ ମାସକୁ ୫୦ ହଜାର ଟଙ୍କା ଦରମାରେ କାମ କରିବାକୁ ଯାଇଥିଲେ। ମାନସ କାମ କରିବାର ୨ମାସ ପରେ ଦରମା ବାବଦ ୧ ଲକ୍ଷ ଟଙ୍କା ଘରକୁ ପଠାଇ ଥିଲେ। କମ୍ପାନୀର ମାଲିକ ୨ମାସ ଦରମା ବାଦେ ଆଉ ଟଙ୍କା ଦେଇ ନ ଥିଲେ। ଆଜି ଦେବି କାଲି ଦେବି କହି ମାନସଙ୍କୁ ଭୂଆଁ ବୁଲାଉଥିଲେ। ଦୀର୍ଘ ମାସ ଧରି ପରିବାର ସହିତ ଟେଲିଫୋନ କରିବାକୁ ସୁଯୋଗ ଦେଉ ନ ଥିଲେ। ମାନସ ଲୁଚି ଛପି ଘରକୁ ଫୋନ କରିବା ସହ ମାଲିକ ଟଙ୍କା ଦେଉନି ଓ ଫୋନରେ ଯୋଗାଯୋଗ କରିବାକୁ ଦେଉନି ବୋଲି କହିଥିଲେ। ଅଗଷ୍ଟରେ ମାଲିକ ସମସ୍ତ ଦରମା ଟଙ୍କା ଦେବେ ଓ ଫେରିବା ପାଇଁ ଟିକେଟ ଦେବେ, ତା' ପରେ ସେ ଘରକୁ ଆସିବ ବୋଲି ୨୦୨୩ ଜୁନ ୧୫ ରେ ପରିବାର ଲୋକଙ୍କ ସହ ଶେଷଥର ପାଇଁ କଥା ହୋଇଥିଲା। ସେବେଠାରୁ ମାନସଙ୍କ କୌଣସି ଫୋନ ଆସି ନାହିଁ। ପରିବାର ଲୋକେ ମାନସ ସହିତ କୌଣସି ଯୋଗାଯୋଗ କରି ପାରୁ ନ ଥିବାରୁ ପରିବାର ଲୋକେ ଆଶା ଆଶଙ୍କା ଭିତରେ ଦିନ କାଟୁଛନ୍ତି। ମାନସଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ପରିବାର ଲୋକେ ମାନସଙ୍କୁ ମାଲେସିଆ ପଠାଇଥିବା ଏଜେଣ୍ଟ ପ୍ରଭାକରଙ୍କ ସହ ଯୋଗାଯୋଗ କରିଥିଲେ। କଲିକତା ଅଫିସକୁ ଯାଇଁ ବୁଝି ଆସିବି କହି ୨ ଥରରେ ୭ ହଜାର ଟଙ୍କା ଏଜେଣ୍ଟ ପ୍ରଭାକର ନେବା ପରେ ମାନସଙ୍କ ସମ୍ପର୍କରେ କୌଣସି ଖବର ନ ଦେଇ ଓଲଟି ଗାଳି ଗୁଲଜ କରୁଥିବା ନେଇ ମାନସଙ୍କ ଭାଇ ରଞ୍ଜିତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରଞ୍ଜିତଙ୍କ କହିବା ମୁତାବକ ବାପା ମରିଯିବା ପରେ ଆମେ ୩ ଭାଇ ମା' ସହିତ ରହୁଛୁ। କାମ ନ ମିଳିବାରୁ ସାନଭାଇ ମାନସ ମାଲେସିଆ ଯାଇଥିଲେ। ୫ ମାସ ହେଲା ତା'ର କୌଣସି ଖୋଜ ଖବର ଆମେ ପାଉନୁ। ବୁଢି ମା' ଓ ପରିବାର ଲୋକେ ତାକୁ ଝୁରି ହେଉଥିଲେ ମଧ୍ୟ କୌଣସି ଖୋଜ ଖବର ପାଇପାରୁନୁ। ମାଲେସିଆରେ ସାନଭାଇକୁ ଖୋଜି ଗାଁକୁ ଫେରାଇ ଆଣିବାକୁ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ଆକୁଳ ନିବଦନ କରିଛନ୍ତି।

## ସଂକ୍ଷେପରେ

### ପ୍ରିମିୟର ଲିଗ୍ କ୍ରିକେଟ୍, ଫିଫ୍‌ଟିନ ଫାଇଟର୍ସ ବିଜୟୀ

**ଖଣ୍ଡପଡ଼ା,୩।୧୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସାଇକ୍ରୁପା କେପିଏଲ କମିଟି ପକ୍ଷରୁ ଆରମ୍ଭ ହୋଇଥିବା ୩ୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଖେଳରେ ଫିଫଟିନ ଫାଇଟର୍ସ ୫ ଉଇକେଟରେ ଅଶୋକ କିଙ୍ଗକୁ ହରାଇ ବିଜୟୀ ହୋଇଛି। ଟସ୍ ଜିଣି ଫିଫଟିନ ଫାଇଟର୍ସ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଅଶୋକ କିଙ୍ଗ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ଫିଫଟିନ ଫାଇଟର୍ସ ୧୨ ଓଭରରେ ୫ ଉଇକେଟ ହରାଇ ନିର୍ଦ୍ଧାରିତ ୧୧୬ ରନ ସଂଗ୍ରହ କରିଥିଲା। ଖେଳକୁ ଅଶୋକ ବାରିକ, ଶିବ ନାରାୟଣ ସାହୁ ଓ ଚନ୍ଦନ କୁମାର ଦଳେଇ ପରିଚାଳନା କରିଥିଲେ।

### ବ୍ଲକରୁ ଖଟ, ପାଲ, ଚୁଲି ଗାଏବ

**ନୟାଗଡ଼,୩।୧୧(ଲୋକନାଥ ମିଶ୍ର):** ନୟାଗଡ଼ ବ୍ଲକରୁ କରୋନା ସମୟର ଖଟ, କୋଇଲା ଚୁଲି ଓ ପାଲ ଗାଏବ ହୋଇଥିବା ଚର୍ଚ୍ଚା ହେଉଛି। ଏ ନେଇ ଅଭିଯୋଗ ନ ଥିଲେ ମଧ୍ୟ ବ୍ଲକର ଷ୍ଟକ ରୁମରେ ନ ଥିବା କୁହାଯାଉଛି। ଜଣେ ଅଧିକାରୀ ନିଜ ଘରକୁ ଏହି ଉପକରଣ ନେଇ ଯାଇଥିବା ଜଣାପଡିଛି। ବ୍ଲକର କେତେଜଣ କର୍ମଚାରୀ ନାମ ଗୋପନ ରଖି ଏହି ସୂଚନା ଦେଉଥିଲେ ମଧ୍ୟ ଅଭିଯୋଗ କରିବାକୁ ଭୟ କରୁଛନ୍ତି। ଏ ସମ୍ପର୍କରେ ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁଙ୍କୁ ପଚାରିବାରୁ ଅଭିଯୋଗର ସତ୍ୟତା ନାହିଁ। କେତେଜଣ ଲୋକ ଅଯଥାରେ ଗୁଜବ କରି ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି।

### ଘୁମୁସର ଜିଲା ଦାବି ନେଇ ୮ରେ ବୁଗୁଡ଼ା ବନ୍ଦ ଡାକରା

ବୁଗୁଡ଼ା,୩।୧୧(କାଳି ଚରଣ ଦାଶ)

ଘୁମୁସର ଜିଲା ଦାବିରେ ବୁଗୁଡ଼ାରେ ଆନ୍ଦୋଳନକୁ ଜୋରଦାର କରିବାକୁ ଘୁମୁସର ଜିଲା କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତୁତି ବୈଠକ ବୁଗୁଡ଼ା ମିଡ଼ିଆ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ହରପ୍ରସାଦ ଦାଶଙ୍କ ସଂଯୋଜନା ଏବଂ ଘୁମୁସର ଜିଲା କ୍ରିୟାନୁଷ୍ଠାନ କମିଟିର ସଭାପତି ସୋମନାଥ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବିଷୋୟୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ସଦସ୍ୟ ରବି ନାରାୟଣ ସାମନ୍ତ, ବୁଗୁଡ଼ା ମିଡ଼ିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକ, ଘରୋଇ ବସ ମାଲିକ ସଂଘ ସଭାପତି ଭି.ରାଜେନ୍ଦ୍ର ରାଓ ଦୋରା, ଚ୍ୟାମ୍ବର ଅଫ କମର୍ସ ସଭାପତି ସତ୍ୟ ନାରାୟଣ ଦାଶ, ସମ୍ପାଦକ ଜେ. ପ୍ରଦୀପ କୁମାର ପୃଷ୍ଟି, ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ, ବୁଦ୍ଧଖୋଲ ଉନ୍ନୟନ ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ବିଶ୍ୱ ମୋହନ ମିଶ୍ର, ବଣିକ ସଂଘ ସମ୍ପାଦକ ରଞ୍ଜନ କୁମାର ସାହୁ, ଅଟୋ ସଂଘ ସଭାପତି ଶିବ ପ୍ରସାଦ ନାୟକ ପ୍ରମୁଖ ଆଲୋଚନା କରିବା ସହ ଘୁମୁସର ଜିଲା ଦାବିରେ ଆସନ୍ତା ୮ ତାରିଖରେ ବୁଗୁଡ଼ା ବନ୍ଦ କରିବା ପାଇଁ ନିଷ୍ପତି ନିଆଯାଇଥିଲା।

# ଗଛ କଟାକୁ ନେଇ ଉଦ୍‌ବେଗ

## ପରିବେଶ ବଞ୍ଚିଲେ ସମସ୍ତେ ବଞ୍ଚିବା
## ପରିବେଶବିତ୍‌ଙ୍କ ବୃକ୍ଷ ସୁରକ୍ଷା ଚିନ୍ତା

ଖଣ୍ଡପଡା,୩।୧୧
(ଅଜୟ କୁମାର ମହାରଣା)



କଣ୍ଟିଲୋ ମାଘ ମେଳା ପଡ଼ିଆରେ ବର ଓହଳ ନ କାଟିବା ଲାଗି ଗଛ ସାର୍ ଅନ୍ତର୍ଯ୍ୟାମୀ ସାହୁ ଗଛ ନିକଟରେ ବସି ରହିଛିନ୍ତି

ରାତି ପାହିଲା ମାତ୍ରେ ଜଣେ ବ୍ୟକ୍ତି ନିଜର ଏକ ସାଇକେଲରେ ବିଭିନ୍ନ ଚାରା, ଡାଳ, ବାଉଁଶ, ଶାବଳ ଆଦି ଧରି ପୋଖରୀ ହୁଡା, ରାସ୍ତାକଡ ଅବା ମାଳବନ୍ଧଗୁଡିକରେ ବିଭିନ୍ନ ଗଛର ସୁରକ୍ଷା ଦେଉଥିବା ବେଳେ ଗଛ ଆଦି ରୋପଣ କରୁଥିବା ଦେଖିବାକୁ ମିଳିଥାଏ। କି ଖରା କି ବର୍ଷା ସମୟରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ନିୟମିତ ଭାବେ ପରିବେଶ ସୁରକ୍ଷା ଚିନ୍ତା ନେଇ ଏହି କାର୍ଯ୍ୟକୁ ନିଜର ଏକ ପେଶା ଭାବେ ଧରି ନେଇଛନ୍ତି। ଏହାଛଡା ବିଭିନ୍ନ ସମୟରେ ସମ୍ପୃକ୍ତ ବ୍ୟକ୍ତି ଜିଲା ତଥା ଜିଲା ବାହାରକୁ ଗସ୍ତ କରି ପରିବେଶ ସୁରକ୍ଷା ଓ ଚାରା ରୋପଣ ସହ ଜୀବ ଜନ୍ତୁଙ୍କ ସୁରକ୍ଷା ସମ୍ପର୍କରେ ଶିକ୍ଷାନୁଷ୍ଠାନ ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଥିବା ଜଣାଯାଇଛି। ସଂପୃକ୍ତ ବ୍ୟକ୍ତି ଜଣଙ୍କ ହେଲେ କଣ୍ଟିଲୋ ଅଞ୍ଚଳର ଗଛସାର ଭାବେ ଜଣାଶୁଣା ଅନ୍ତର୍ଯ୍ୟାମୀ ସାହୁ।

ଗତବର୍ଷଠାରୁ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ନୀଳମାଧବ ପୀଠର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦୦ କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇ କାର୍ଯ୍ୟ ଆଗେଇ ଚାଲିଛି। ଏହି ବିକାଶ ପ୍ରକଳ୍ପ ମଧ୍ୟରେ ଶ୍ରୀଜୀଉଙ୍କ ମାଘ ମେଳା ପଡିଆର ଉନ୍ନତି କରଣ କାର୍ଯ୍ୟ ମଧ୍ୟ ଚାଲିଛି। ତେବେ ଉକ୍ତ ମାଘମେଳା ପଡିଆ ପରିସରରେ ପରିବେଶବିତ ସାହୁଙ୍କ ଦ୍ୱାରା ବହୁ ଛାୟା ପ୍ରଦାନକାରୀ ବର ଗଛ ଓ ଅନ୍ୟ ବୃକ୍ଷ ଦୀର୍ଘବର୍ଷ ପୂର୍ବରୁ ରୋପଣ କରାଯାଇଥିଲା। ଏବେ ସମ୍ପୃକ୍ତ ବରଗଛର ଓହଳ ଗଛର ଚତୁଃପାର୍ଶ୍ୱକୁ ବିଛାଇ ହୋଇ ରହିଛି। ତେବେ ମାଘମେଳା ପଡିଆର ନବୀକରଣ ସମୟରେ ସମ୍ପୃକ୍ତ ବୃକ୍ଷଗୁଡିକର ଚାରି ପାଖରେ ଗଛଠାରୁ ଆବଶ୍ୟକ ଦୂରତା ବ୍ୟବଧାନରେ ସିମେଣ୍ଟର ଫ୍ରେମିଙ୍ଗ କରାଯାଇ ଗଛର ସୁରକ୍ଷା ଦିଗରେ ନଜର ଦିଆଯାଉଥିବା ବେଳେ କେତେଗୋଟି ବୃକ୍ଷର ଓହଳକୁ କାଟି ଦିଆଯାଉଥିବାରୁ ଗଛଗୁଡିକ ଦୁର୍ବଳ ହେବାକୁ ନେଇ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି। ଅକ୍ଲାନ୍ତ ପରିଶ୍ରମ ପରେ ଗଛଗୁଡିକର ଶ୍ରୀବୃଦ୍ଧି ଘଟିଥିବା ବେଳେ ଓହଳ କାଟି ଦିଆଯାଉଥିବାରୁ ଗଛ ଅଳ୍ପାୟୁ ହୋଇଯିବ ବୋଲ ସାହୁ ଆଶଙ୍କା କରିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେହ ପର୍ଯ୍ୟଟନ କ୍ଷେତ୍ର ନୀଳମାଧବ ପୀଠକୁ ଶତାଧିକ ପର୍ଯ୍ୟଟକ ବିଭିନ୍ନ ଯାନବାହନ ଯୋଗେ ଆସି ଗାଡି ଗୁଡିକ ମାଘ ମେଳା ପଡିଆରେ ପାର୍କିଂ କରିଥାନ୍ତି। ସମ୍ପୃକ୍ତ ମେଳା ପଡିଆଟି ଏକାଧିକ ବଟବୃକ୍ଷ ଛାୟାରେ ଅଚ୍ଛାଦିତ ଥିବାରୁ ପର୍ଯ୍ୟଟକମାନେ ସେଠାରେ ବିଶ୍ରାମ ମଧ୍ୟ ନେଇଥାନ୍ତି। ପରିବେଶବିତ ସାହୁଙ୍କ ଦୀର୍ଘ ୪୫ ବର୍ଷର ଯତ୍ନ ଯୋଗୁ ବରଗଛଗୁଡିକ ସୁରକ୍ଷିତ ରହିଛି। ଏଣୁ ସମ୍ପୃକ୍ତ ଗଛର ଓହଳ କିମ୍ବା ଡ଼ାଳକୁ ନ କାଟିବାକୁ ସାହୁ ନିବେଦନ କରିଛନ୍ତି। ମାନବ ସମାଜ ସହିତ ସମଗ୍ର ଜୀବ ଜଗତର ସ୍ଥିତିରକ୍ଷା ନିମନ୍ତେ ପରିବେଶ ସୁରକ୍ଷା ଜରୁରୀ ଅଟେ। ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ, ଜଙ୍ଗଲ ତଥା ପରିବେଶର ଦ୍ରୁତ ଅବକ୍ଷୟ ମାନବ ସମାଜ ସହିତ ପଶୁପକ୍ଷୀ, ନାନାଦି କୀଟପତଙ୍ଗ ଆଦିଙ୍କ ପାଇଁ ବିନାଶର ଭୟଙ୍କର ସୂଚନା ଦେଲାଣି। ଏହାର ନିରାକରଣ ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସଫଳ ଉଦ୍ୟମ ହେବା ଜରୁରୀ ବୋଲି ସାହୁ ନିବେଦନ କରିଛନ୍ତି। ପୃଥିବୀରେ ମନୁଷ୍ୟ ସମାଜ ସହ ସମସ୍ତ ଜୀବଜନ୍ତୁ ଓ କୀଟପତଙ୍ଗ ବସବାସ କରିବାର ସମାନ ଅଧିକାର ରହିଛି। ତେବେ ପରିବେଶ ବଞ୍ଚିଲେ ସମସ୍ତେ ବଞ୍ଚିବା ଆଉ ସମସ୍ତେ ବଢିବା ଏହି ନ୍ୟାୟରେ ଜଗତର ହୀତ ପାଇଁ ବୃକ୍ଷର ସୁରକ୍ଷା ପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ସାହୁ ଆହ୍ୱାନ ଦେଇଛନ୍ତି। ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବା ଏକ ଅଧ୍ୟାତ୍ମିକ ଚେତନା ଅଟେ ବୋଲି ସେ ପରାମର୍ଶ ଦେଉଛନ୍ତି।

### ଏନ୍‌ଏସି ଉପ ନିର୍ବାଚନ ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୩।୧୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନଏସି ଅଧ୍ୟକ୍ଷା ଉପନିର୍ବାଚନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ଜି.ଉଦୟଗିରି ବଣିକ ସଂଘ ସଭା ଗୃହ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ପ୍ରସ୍ତୁତି ବୈଠକରେ ନଗର ସଭାପତି ସୂର୍ଯ୍ୟକାନ୍ତ ନାୟକ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସଭାପତି ଅନାମ ନାୟକ, ସଂଯୋଜକ ଅମୀର ଚାନ୍ଦ ନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରୁଦା ମଲିକ, ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ, କଂଗ୍ରେସ ନେତା ଘନ ଶବର, ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ସଂନ୍ତୋଷ ପଟନାୟକ, ରାଇକିଆ ବ୍ଲକ କଂଗ୍ରେସ ସଭାପତି କ୍ରିଷ୍ଟା ପ୍ରିୟା ପ୍ରଧାନ, ଜି.ଉଦୟଗିରି ବ୍ଲକ ସଭାପତି ସଦାନନ୍ଦ ନାୟକ, ଟାର୍ଜନ ସାହୁ, ଥୋମାସ ପ୍ରଧାନ, ପଞ୍ଚାନନ ଦିଗାଲଙ୍କ ସହ ପୂର୍ବତନ ନଗର କଂଗ୍ରେସ ସଭାପତି ଗଗନ କୁମାର ପ୍ରଧାନ, ନାରିନେତ୍ରୀ ଅଞ୍ଜୁମ ଅହମ୍ମଦ, ମଧୁଲିନା ଦିଗାଲ, ପୂର୍ବତନ ଅଧ୍ୟକ୍ଷ ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ଚଳିତ ମାସ ହେବାକୁ ଥିବା ଉପନିର୍ବାଚନରେ ବିଜୟ ହାସଲ କରିବା ପାଇଁ ଜିଲାସ୍ତରୀୟ ନେତା ଉପସ୍ଥିତ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇ ଥିଲେ ଓ ଆଗାମୀ ଦିନରେ ଉପଯୁକ୍ତ ପ୍ରାର୍ଥୀ ଦେବା ସହିତ ଭଲ ପ୍ରଦର୍ଶନ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# କାପ୍ତାପଲ୍ଲୀ ପଞ୍ଚାୟତରେ ପ୍ରକଳ୍ପ ନିର୍ମାଣରେ ଦୁର୍ନୀତି

## ଗୋଟିଏ ପ୍ରକଳ୍ପରେ ୩ ସୂଚନାଫଳକ

ନୂଆଗାଁ, ୩।୧୧ (ଧନେଶ୍ୱର ସାହୁ)



ଗୋଟିଏ ଘରର ପଛ ପଟେ ଲେଖା ଯାଇଥିବା ୨ଟି ପ୍ରକଳ୍ପର ସୂଚନା ଫଳକ, ଆଗପଟେ ଲେଖା ଯାଇଥିବା ଏକ ସୂଚନା ଫଳକ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତରେ ପ୍ରକଳ୍ପ ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଗୋଟିଏ ପ୍ରକଳ୍ପ ନିର୍ମାଣ କରାଯାଇ ସେହି ପ୍ରକଳ୍ପ କାନ୍ଥରେ ୩ ଟି ସୂଚନା ଫଳକ ଲେଖାଯାଇଛି। ତେଣୁ କେଉଁ ସୂଚନା ଫଳକଟି ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ତାହା ଠିକ୍ ଭାବେ ଜଣାପଡୁ ନ ଥିବା ଅଭିଯୋଗ ହେଉଛି।

କାପ୍ତାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ଅଳ୍ପ କିଛି ଦୂରରେ ପ୍ରାୟ ୩୦୦ ବର୍ଗଫୁଟର ଗୃହ ନିର୍ମାଣ କରାଯାଇଛି। ଉକ୍ତ ଗୃହର ଆଗ ପାଖରେ ଗୋଟିଏ ସୂଚନା ଫଳକ ଲେଖା ଯାଇଛି। ଉକ୍ତ ଫଳକରେ ଲେଖାଥିବା ସୂଚନା ଅନୁସାରେ ନୟାଗଡ଼ ଜିଲା ପରିଷଦ ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ପକ୍ଷରୁ ଆର୍ଥିକ ବର୍ଷ ୨୦୧୬-୧୭ରେ ଚତୁଃର୍ଦ୍ଦଶ ଅର୍ଥ କମିଶନ ଅନୁଦାନରୁ ୨ ଲକ୍ଷ ଟଙ୍କା ବ୍ୟୟରେ କାପ୍ତାପଲ୍ଲୀ ମାର୍କେଟ ଗୃହ ନିର୍ମାଣ କରାଯାଇଛି। ତେବେ ସେହି ଗୃହର ଅନ୍ୟ ପାଖରେ ୨ଟି ସୂଚନା ଫଳକ ରହିଛି। ଗୋଟିଏ ଫଳକରେ ନୟାଗଡ଼ ଜିଲା ପରିଷଦ ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ୨୦୨୧-୨୨ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରୁ ଏକ ଲକ୍ଷ ଟଙ୍କା ବ୍ୟୟରେ କାପ୍ତାପଲ୍ଲୀ ସ୍ୱାକ୍ଷର ମଣ୍ଡପ ନିର୍ମାଣ ଓ ଦ୍ୱିତୀୟ ସୂଚନା ଫଳକଟି ହେଲା ନୟାଗଡ଼ ଜିଲା ପରିଷଦ ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ୨୦୧୯-୨୦ ଆର୍ଥିକ ବର୍ଷ ଚତୁଃର୍ଦ୍ଦଶ ଅର୍ଥ କମିଶନର ଅନୁଦାନରୁ ୯୦ ହଜାର ଟଙ୍କା ବ୍ୟୟରେ କାପ୍ତାପଲ୍ଲୀ ମାର୍କେଟ ଗୃହ ନିର୍ମାଣ କରାଯାଇଛି। ତେବେ ଏହି ଗୃହର ପ୍ରକୃତ ସୂଚନା ଫଳକ କେଉଁଟି ଜଣାପଡୁନାହିଁ। ଯଦି ୨ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ଏହି କାପ୍ତାପଲ୍ଲୀ ମାର୍କେଟ ଗୃହ ନିର୍ମାଣ ହୋଇଛି ତେବେ ୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସ୍ୱାକ୍ଷର ମଣ୍ଡପ ଗଲା କୁଆଡେ। ଗୃହରେ ଲାଗିଥିବା ୩ଟି ସୂଚନା ଫଳକ ଅନୁସାରେ କାପ୍ତାପଲ୍ଲୀଠାରେ ନିର୍ମାଣ କରାଯାଇଥିବା ମାତ୍ର ୩ଶହ ବର୍ଗ ଫୁଟର ଗୃହ ନିର୍ମାଣରେ ୩ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ କରାଯାଇଛି ତାହା ତଦନ୍ତ ସାପେକ୍ଷ। ଉକ୍ତ ପ୍ରକଳ୍ପ ବାବଦରେ କାପ୍ତାପଲ୍ଲୀ ସରପଞ୍ଚ ସାରସଧର ସାହୁଙ୍କୁ ପଚାରିବାରେ ସରପଞ୍ଚ ହେବା ପୂର୍ବରୁ ଏହି ପ୍ରକଳ୍ପ କାମ ହୋଇ ସାରିଥିଲା। ତେଣୁ ଏ ବିଷୟରେ କିଛି ଜାଣିନାହିଁ ବୋଲି ସେ କହିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସସ୍ମିତ ଶୁଭଦର୍ଶନ ମହାପାତ୍ରଙ୍କୁ ପଚାରିବାରେ ସେହି ଗୃହ ନିର୍ମାଣରେ ସମସ୍ତ ଅନୁଦାନ ଖର୍ଚ୍ଚ ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏହାର ସମ୍ପୂର୍ଣ୍ଣ ତଥ୍ୟ ଦିଅ ମୁଁ ତଦନ୍ତ କରିବି ବୋଲି ସେ କହିଛନ୍ତି।

# ପୁରୀ ଜିଲାକୁ ଫେରିଲେ ୧୭୦୦ ଘୁଷୁରି

ନୟାଗଡ଼,୩।୧୧(ଲୋକନାଥ ମିଶ୍ର)

**■ଖଣ୍ଡପଡ଼ା ଗୋଶାଳା ଫେରାଇଲା ଘୁଷୁରି**
**■ଚନ୍ଦନପୁର ପୋଲିସ ଜବତ କରି ପଠାଇଥିଲା**

ଗୋଶାଳାରେ ଘୁଷୁରୀ ରହି ପାରିବନି ବୋଲି ନୟାଗଡ଼ ପ୍ରାଣୀ ବିଭାଗ ଓ ଜିଲା ପ୍ରଶାସନ ରୋକଠୋକ ମନା କରିବା ପରେ ଖଣ୍ଡପଡ଼ାର ୨ ଗୋଶାଳା ପକ୍ଷରୁ ୧୭୦୦ ଘୁଷୁରୀଙ୍କୁ ପୁରୀ ଜିଲାର ଚନ୍ଦନପୁର ଥାନା ପୋଲିସକୁ ଶୁକ୍ରବାର ହସ୍ତାନ୍ତର କରାଯାଇଛି। ତେବେ ଗୁରୁବାର ରାତିରେ ଖଣ୍ଡପଡ଼ାର ୨ ଗୋଶାଳା ପକ୍ଷରୁ ଧଳା ଘୁଷୁରୀଙ୍କୁ ରଖାଯିବା ପାଇଁ ନିଷ୍ପତ୍ତି ହୋଇ ସାରିଥିଲା। ୨ଟି ଯାକ ଗୋଶାଳାରେ କାପାସିଟ୍‌ଠାରୁ ଅଧିକ ସଂଖ୍ୟକ ଗୋରୁ ଥିବାବେଳେ ଗୋଶାଳା ପକ୍ଷରୁ ୧୭୦୦ ଘୁଷୁରୀଙ୍କୁ କିପରି ରଖାଯିବାକୁ ନିଷ୍ପତ୍ତି ହୋଇଥିଲା ତାହା ସନ୍ଦେହଘେରରେ। ପ୍ରଶାସନ ହସ୍ତକ୍ଷେପ କରି ନ ଥିଲେ ୨ ଗୋଶାଳାରେ ଘୁଷୁରୀ ରହିଥାନ୍ତେ ବୋଲି ଜଣାପଡିଛି।

ଖଣ୍ଡପଡା ବ୍ଲକ ପେଟାପଲ୍ଲୀ ଓ ଭଅଁରପଲ୍ଲୀଠାରେ ଥିବା ୨ ଗୋଶାଳାରେ ଗୁରୁବାର ରାତିରେ ୧୭୦୦ ଧଳା ଘୁଷୁରୀ ରଖାଯିବାର ଅଭିଯୋଗ ମିଳିଥିଲା। ପୁରୀ ଜିଲାର ଚନ୍ଦନପୁର ଥାନା ପୋଲିସ ଉଦ୍ଧାର କରିଥିବା ୧୭୦୦ ଧଳା ଘୁଷୁରୀଙ୍କୁ ଖଣ୍ଡପଡାକୁ ଆଣି ଛାଡିଥିଲେ। ତେବେ ଗୋଶାଳାରେ ଘୁଷୁରୀ ରହିବାର ନିୟମ ନ ଥିଲେ ମଧ୍ୟ ଗୋଶାଳା କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରିଥିଲେ। ଗୋଶାଳାରେ ଘୁଷୁରୀ ରଖିବା ନେଇ ଜିଲା ପ୍ରାଣୀ ବିଭାଗ ଅଥବା ଜିଲାପାଳଙ୍କଠାରୁ ଅନୁମତି ଅଣାଯାଇ ନ ଥିଲା। ଏ ସମ୍ପର୍କରେ ନୟାଗଡ ଜିଲା ପ୍ରାଣୀ ବିଭାଗ ପକ୍ଷରୁ ନୟାଗଡ଼ ଜିଲାପାଳ, ନୟାଗଡ଼ ଏସ୍‌ପି ଓ ପ୍ରାଣୀ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ଗୋଶାଳାରେ ଘୁଷୁରୀ ରଖାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଜିଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ ଘୁଷୁରୀଙ୍କୁ ଗାଡିରୁ ନ ଓହ୍ଲାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ଗୋଶାଳା ଦାୟିତ୍ୱରେ ଥିବା ସହକାରୀ ପ୍ରାଣୀ ଚିକିତ୍ସକ ଅକ୍ଷୟ ଜେନାଙ୍କୁ ପଚାରିବରେ ଗାଡିରୁ ଘୁଷୁଣୀ ନ ଓହ୍ଲାଇବାକୁ କୁହାଯିବାରୁ ଗୋଶାଳାକୁ ଘୁଷୁରୀଙ୍କୁ ରଖି ନ ଥିଲେ। ଶୁକ୍ରବାର ପ୍ରଶାସନର ନିଷ୍ପତ୍ତି ଅନୁସାରେ ଘୁଷୁରୀ ପୁରୀ ଜିଲାକୁ ଫେରିଛି। ତେବେ ଘୁଷୁରୀ ରଖିବାକୁ ଗୋଶାଳା ପକ୍ଷରୁ କାହିଁକି ଆଗ୍ରହ ପ୍ରକାଶ କରାଯାଇଥିଲା ତା'ର ତଦନ୍ତ ଚାଲୁ ରହିଛି ବୋଲି ସେ କହିଥିଲେ।

### ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ସୋରଡ଼ା,୩।୧୧
(ଲମ୍ବୋଦର ପାଣିଗ୍ରାହୀ)

ଗଞ୍ଜାମ ଜିଲା ସୋରଡା ବ୍ଲକ ନୂଆଁଗଡ଼ ପଞ୍ଚାୟତ ବଜ୍ରଗୁମା ଗ୍ରାମର ଜଣେ ବିବାହିତ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକ ହେଲେ ଶତ୍ରୁଘନ ପାତ୍ରଙ୍କ ଝିଅ ବିଜୟଲକ୍ଷ୍ମୀ। ପ୍ରକାଶ ଯେ, ବିଜୟଲକ୍ଷ୍ମୀ ଦୁଇ ବର୍ଷ ତଳେ ସୋରଡା ନିକଟ ଭଗବାନପୁର ଗ୍ରାମର କାଳୁ ଗଉଡଙ୍କ ପୁଅ ଦୀନବନ୍ଧୁ (ଝଡିଆ)ଙ୍କୁ ବୈଦିକ ରୀତିରେ ବିବାହ ହୋଇଥିଲେ। କିଛିଦିନ ହେଲା ବିଜୟଲକ୍ଷ୍ମୀ ଓ ତାଙ୍କ ଏକବର୍ଷର ପୁଅ ବାପଘରକୁ ଆସିଥିଲେ। ଶୁକ୍ରବାର ତାଙ୍କ ମା' ଓ ଭାଇ ମେଡିକାଲ କାମରେ ବାହାରକୁ ଯାଇଥିଲା ବେଳେ ବାପା ଶତ୍ରୁଘନ କାମ କରିବାକୁ ବାହାରକୁ ଯାଇଥିଲେ। ବିଜୟଲକ୍ଷ୍ମୀ ଘରେ ଏକାକୀ ଥିଲେ। ଅପରାହ୍ନରେ ମା' ଘରକୁ ଫେରି କବାଟ ବାଡେଇଥିଲେ। ହେଲେ କବାଟ ଖୋଲିନଥିଲା। ଜବରଦସ୍ତି କବାଟ ଫିଟେଇ ଥିଲେ। ଘର ଭିତରେ ଝିଅର ଶରୀରରେ ନିଆଁ ଲାଗି ଅର୍ଦ୍ଧାଧିକ ଅଂଶ ଜଳିଯାଇଥିବା ଦେଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଘଟଣାସ୍ଥଳରେ ଶିଶୁପୁତ୍ର ନଥିଲା ବେଳେ ପଡ଼ୋଶୀ ଘେର ଖେଳୁଥାଇପାରେ ବୋଲି ଅନୁମାନ କରାଯାଉଛି।

### ବ୍ଲକସ୍ତରୀୟ ସୁନାମି ସତର୍କତା ପ୍ରସ୍ତୁତି ବୈଠକ

ଗଞ୍ଜାମ,୩।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ କନଫରେନ୍ସ ହଲ ଠାରେ ସୁନାମି ସତର୍କତା ସଚେତନତା ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଡିଓ ବସନ୍ତ କୁମାର ମଲିକ, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ବ୍ଲକ ଶିକ୍ଷାଧିକାରୀ ଭାଗିରଥି ବେହେରା, ଓସଡମା ପରିଦର୍ଶକ, ଅବନୀ କାନ୍ତ ଭୂୟାଁ, ଜିଲା ପରିଷଦ ସଭ୍ୟ ସନାତନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସେବା ସମିତି ସମ୍ପାଦକ ଟୁନା ମହାରଣା କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ସୁନାମି ସମୟରେ ଜନସାଧାରଣ କିଭଳି ନିଜକୁ ସୁରକ୍ଷିତ ରଖିବା ସହ ଧନଜୀବନ ସୁରକ୍ଷା କରିବ ତାହା ଆଲୋଚନା ହୋଇଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ସୂଚନା ଦିଆଯିବ। ସୁନାମି କିମ୍ବା ବାତ୍ୟା ବନ୍ୟା ପାଇଁ ପ୍ରଶାସନ ଓ ଓଡ୍ରାଫ ଟିମ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବିଡ଼ିଓ ମଲିକ ସୂଚନା ଦେଇଛନ୍ତି। ଆସନ୍ତା ୫ ରେ ବିଶ୍ୱ ସୁନାମି ଦିବସ ଅବସରରେ ରାମଗଡ଼ ପଞ୍ଚାୟତ ପ୍ରୟାଗି ଓ ପାଳିବନ୍ଧ ପଞ୍ଚାୟତ କଣ୍ଟିଆ ଗଡ଼ ଠାରେ ମକଡ଼ିଲ କାର୍ଯ୍ୟକ୍ରମ କରାଯିବା ନେଇ କାମଧେନୁ ସେବା ସମିତି ସମ୍ପାଦକ ଟୁନା ମହାରଣା ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସୁନାମି ପାକସୂଚନା, ଉଦ୍ଧାର ଓ ସ୍ଥାନାନ୍ତରିତ ସହ ସୁରକ୍ଷିତ ଆଶ୍ରୟ ସ୍ଥଳୀ ଚିହ୍ନଟ ଓ ପରିଚାଳନା ସମ୍ପର୍କିତ ସମସ୍ତ ବିଭାଗ ସହଯୋଗରେ ମକଡ଼ିଲ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀ ପ୍ରସାଦ ପ୍ରଧାନ, ଜିପିଓ ଶ୍ରୀକାନ୍ତ କୁମାର ଗୌଡ଼, ଉପବିଭାଗୀୟ ଅଧିକାରୀ ଭକ୍ତ ଚରଣ ମାଝିଙ୍କ ସମେତ ମଲାଡ଼ ସରପଞ୍ଚ ମମତା ବେହେରା, ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ବେହେରା, ଶିକ୍ଷା, ସ୍ୱାସ୍ଥ୍ୟ, ଓଡ୍ରାଫ, ପୋଲିସ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଏବଂ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ପାଇଖାନା ଘରେ ଚାଲିଛି ମଧ୍ୟାହ୍ନଭୋଜନ ରୋଷେଇ

**■ବାଲିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ**
**■ଅଧା ଗଢ଼ା ହୋଇ ପଡ଼ି ରହିଛି ରୋଷେଇ ଗୃହ**

ନୂଆଗାଁ, ୩।୧୧ (ଧନେଶ୍ୱର ସାହୁ)


ପାଇଖାନା ଗୃହରେ ଚାଲିଛି ମଧ୍ୟାହ୍ନଭୋଜନ ରୋଷେଇ।


ରୋଷେଇ ଘର ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି।

ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରି ଶିକ୍ଷାନୁଷ୍ଠାନର ସମସ୍ୟା ଦୂର କରିବା ସହ ଛାତ୍ରୀଛାତ୍ରୀଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବିକାଶ କରୁଥିବା କହୁଛନ୍ତି। କିନ୍ତୁ ସରକାରଙ୍କ ଶିକ୍ଷାନୁଷ୍ଠାନ ବିକାଶର ଚିତ୍ର ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡା ପଞ୍ଚାୟତ ବାଲିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ସ୍କୁଲରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ନିମନ୍ତେ ରୋଷେଇ ଘର ନ ଥିବାରୁ ପାଇଖାନା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ଗୃହରେ ରୋଷେଇ କରାଯାଉଥିବା ଅଭିଯୋଗ ହେଉଛି।

ଛାତ୍ରୀଛାତ୍ରଙ୍କୁ ସ୍କୁଲ ଅଭିମୁଖୀ କରାଇବା, ଶିକ୍ଷାନୁଷ୍ଠାନରେ ଅତ୍ୟାଧୁନିକ ଡିଜିଟାଲ ଶିକ୍ଷା ଦେବା, ସ୍କୁଲର ପରିବେଶକୁ ସଫାସୁତରା ରଖିବା ଆଦି କ୍ଷେତ୍ରରେ ଗୁରୁତ୍ୱ ଦେଇ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଲକ୍ଷାଧିକ ଟଙ୍କା ସରକାର ବ୍ୟୟ କରୁଛନ୍ତି। ଏପରିକି ଛାତ୍ରୀଛାତ୍ରଙ୍କ ନିମନ୍ତେ ମାଗଣା ପାଠ୍ୟ ପୁସ୍ତକ, ପୋଷାକ, ଜୋତା ଆଦି ମଧ୍ୟ ଯୋଗାଇ ଦେଉଛନ୍ତି। ସ୍କୁଲକୁ ସରସସୁନ୍ଦର କରିବା ସକାଶେ ୫-ଟି ଯୋଜନାରେ ରଙ୍ଗ କରି ସଜିବା ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ନୂଆଗାଁ ବ୍ଲକ ବାଲିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ନିମନ୍ତେ ରୋଷେଇ ଘର ନ ଥିବା ବେଳେ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଉକ୍ତ ସ୍କୁଲର ପ୍ରଥମ ଶ୍ରେଣୀଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ପଢାଇବା ପାଇଁ ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିୟୋଜିତ ହୋଇଛନ୍ତି। ୨୦୦୯ ରେ ପ୍ରତିଷ୍ଠା ହୋଇଥିବା ଉକ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ଘର ନିର୍ମାଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଦିଆଯାଇଥିଲା। ହେଲେ ନିର୍ମାଣ କାର୍ଯ୍ୟ ଭାର ନେଇଥିବା ଠିକାଦାର ରୋଷେଇ ଘରକୁ ଅଧପନ୍ତରିଆ ଭାବେ ନିର୍ମାଣ କରି ଛାଡି ଦେଇଛନ୍ତି। ରୋଷେଇ ଘରେ ଛାତ ପଡି ନ ଥିବାରୁ ସେଠାରେ ରୋଷେଇ କରାଯାଇ ପାରୁନାହିଁ। ତେଣୁ ସ୍କୁଲ ଗୃହ ନିର୍ମାଣ ସମୟରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ନିର୍ମାଣ କରାଯାଇଥିବା ୨ ଟି ଶୌଚାଳୟ ଗୃହ ମଧ୍ୟରୁ ଗୋଟିଏକୁ ରୋଷେଇ ଘର ଭାବେ ବ୍ୟବହାର କରାଯାଉଛି। ତେବେ ରୋଷେଇ ଘର ଅଭାବ ଥିବା ସ୍କୁଲ କର୍ମଚାରୀ ବାରମ୍ବାର ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି, ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ଗୁହାରୀ କରୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଶିକ୍ଷକ ଭିକାରୀ ଚରଣ ନାୟକ କହିଛନ୍ତି। ସେହିପରି ସ୍କୁଲ ନାମରେ ଅନେକ ଜମି ରହିଥିଲେ ମଧ୍ୟ ସ୍କୁଲରେ ପାଚେରୀ, ଖେଳ ପଡିଆ ଆଦି ଅନେକ ସମସ୍ୟା ରହିଛି। ହେଲେ କେହି ସ୍କୁଲ ପ୍ରତି ଦୃଷ୍ଟି ଦେଉ ନ ଥିବା ପ୍ରଧାନଶିକ୍ଷୟତ୍ରୀ ମମତାମଞ୍ଜରୀ ସାହୁ କହିଛନ୍ତି। ଶୌଚାଳୟ ଗୃହରେ ମଧ୍ୟାହ୍ନ ଭୋଜନ ରୋଷେଇ କରାଯିବା ବାବଦରେ ନୂଆଗାଁ ବିଇଓ ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ଏ ସଂକ୍ରାନ୍ତରେ ବିଡିଓଙ୍କୁ ଲିଖିତ ଭାବେ ଜଣାଇବି ଏବଂ ଶୀଘ୍ର ରୋଷେଇ ଘର ନିର୍ମାଣ କରାଇବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# କାନପୁର ଡ୍ୟାମ୍ ପାଣିରେ ଚାଲିବ ସ୍ଲରି

ଯାଜପୁର,୩।୧୧(ହର୍ଷବର୍ଦ୍ଧନ ବେହେରା)

- ରବି, ଖରାଦିନିଆ ଚାଷ ପ୍ରଭାବିତ ହେବ
- ଫେବୃୟାରୀରୁ ଜୁନ୍ ପର୍ଯ୍ୟନ୍ତ ଜଳ ଉତ୍ତୋଳନକୁ କଟକଣା
- ବୈତରଣୀ ଶୁଷ୍କ ହେବା ସନ୍ଦେହ

ରାଜ୍ୟର ବିଭିନ୍ନ ନଦୀଗର୍ଭରୁ ସ୍ଲରି ପାଇପ୍ ଲାଇନ୍ ଯୋଗେ ଖଣିଜ ପଦାର୍ଥ ପରିବହନ ପାଇଁ ୧୨ଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏଥିରେ ବୈତରଣୀ ନଦୀରୁ ୫ଟି ସ୍ଲରି ପାଇପ୍ ଲାଇନ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିଃ ଦ୍ୱାରା ସ୍ଲରି ପାଇପ୍ ଲାଇନ ଯୋଗେ ଯୋଡ଼ା/କୋଇଡ଼ାଠାରୁ ଯାଜପୁର ଜିଲା ଦେଇ ପାରାଦୀପକୁ ବାର୍ଷିକ ୩୦ ମେଟ୍ରିକ ଟନ୍ ଖଣିଜ ପଦାର୍ଥ ପରିବହନ ହେବ। ଏଥିପାଇଁ ବୈତରଣୀ ନଦୀରୁ ୩୯ କ୍ୟୁସେକ୍ ପାଣି ବ୍ୟବହାର କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁମୋଦନ ଦିଆଯାଇଛି। ଏହି ପାଣି ଯାଜପୁର ଜିଲାର ବୈତରଣୀ ନଦୀର ଉପରମୁଣ୍ଡରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପରୁ ଉଠେଇବାକୁ ନିଷ୍ପତ୍ତି ହୋଇଛି। ତେବେ ରବି ଏବଂ ଖରାଦିନିଆ ଚାଷ ଯେପରି ପ୍ରଭାବିତ ନ ହେବ ସେଥିପାଇଁ ଫେବୃୟାରୀଠାରୁ ଜୁନ୍ ପର୍ଯ୍ୟନ୍ତ କାନପୁର ଜଳସେଚନ ପ୍ରକଳ୍ପରୁ ପାଣି ବ୍ୟବହାର ହୋଇପାରିବ ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ୪।୯।୨୦୨୩ରେ ୱାଟର ଆଲୋକେଶନ କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ କାନପୁର ଜଳସେଚନ ପ୍ରକଳ୍ପରୁ ପାଣି ବ୍ୟବହାର କରାଗଲେ ନଦୀଜଳ ଶୁଷ୍କ ହେବା ସହ ଚାଷ ଉପରେ ସମ୍ପୂର୍ଣ୍ଣ ପ୍ରଭାବ ପକାଇବ ବୋଲି ଜଳସମ୍ପଦ ବିଭାଗ ପରୋକ୍ଷରେ ସ୍ୱୀକାର କରିଥିବା ସ୍ପଷ୍ଟ ହେଉଛି।

କେନ୍ଦୁଝର ଜିଲା ଗୋନାସିକା ପର୍ବତରୁ ଉତ୍ପତ୍ତି ହୋଇଥିବା ବୈତରଣୀ ନଦୀ ଶୁଷ୍କ ହୋଇଯିବ। ପ୍ରସିଦ୍ଧ ବାରୁଣୀ ସ୍ନାନ ଇତିହାସ ହୋଇଯିବ। ଯାଜପୁର ଜିଲା ସଦର ବ୍ଲକ ସମେତ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୧୩,୧୦୦ ହେକ୍ଟର ଚାଷଜମିରେ ହେଉଥିବା ଫସଲ ପାଇଁ ଆଉ ପାଣି ମିଳିବ ନାହିଁ। ଏହି ନଦୀଜଳରେ ୫ଟି ସ୍ଲରି ପାଇପ୍ ଲାଇନ୍ ନିର୍ମାଣ ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଯାଜପୁର ଜିଲାବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ପୂର୍ବରୁ ଯୋଡ଼ାରୁ ପାରାଦୀପକୁ ଏସାର ଷ୍ଟିଲ୍‌ର ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ ଚାଲିଥିବାବେଳେ କଳିଙ୍ଗନଗରକୁ ବିଆରପିଏଲ୍‌ର ସ୍ଲରି ପାଇପ୍‌ଲାଇନ ଯୋଗେ ଲୁହାପଥର ପରିବହନ ଜାରି ରହିଛି। କେନ୍ଦୁଝର ଜିଲା ଯୋଡା ଖଣି ଅଞ୍ଚଳରୁ ପାଇପ୍ ଯୋଗେ ଲୁହାପଥର ଓ ପାଣି ଲୁଟ୍ କରିବା ପାଇଁ କେତେକ କମ୍ପାନୀ ଧାଡ଼ି ଲଗାଇଛନ୍ତି। ପାଇପ୍ ବିଛା ନାମରେ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ବ୍ୟାପକ ଜଙ୍ଗଲ ଧ୍ୱଂସ ହେଉଥିବା ଅଭିଯୋଗ ହେଉଛି। ଏହା ପ୍ରାୟ ୭୦ କିମି ସଂରକ୍ଷିତ ଜଙ୍ଗଲ, ୩୦ କିମି ସୁରକ୍ଷିତ ଜଙ୍ଗଲ ଓ ୨୦ କିମି ଅନ୍ୟାନ୍ୟ ଜଙ୍ଗଲ ଦେଇ ଯାଉଥିବା କୁହାଯାଉଛି। ବଡ଼ବିଲ, ରିମୁଲି, କେନ୍ଦୁଝର, ଆନନ୍ଦପୁର, ଯାଜପୁରରୋଡ୍, କଳିଙ୍ଗନଗର, ଚଣ୍ଡିଖୋଲ ଦେଇ ପାରାଦୀପକୁ ପାଇପ୍ ବିଛା କାମ ଚାଲିଛି। ଭୂତଳ ପାଇପ୍ ଯୋଗେ ଲୁହାପଥର ପରିବହନ ପ୍ରକଳ୍ପ ଯଦି ହୋଇ ନ ଥାନ୍ତା ଯୋଡ଼ା, ବଡ଼ବିଲଠାରୁ ପାରାଦୀପ ପର୍ଯ୍ୟନ୍ତ ଲୁହାପଥର ପରିବହନ କରି ଯାଜପୁର ଓ କେନ୍ଦୁଝର ଜିଲାର ୫୦ହଜାରରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ଲାଭବାନ୍ ହୋଇଥାନ୍ତେ ବୋଲି ମତପ୍ରକାଶ ପାଇଛି।


ସ୍ଲରି ପାଇପ୍ ଲାଇନ୍ କାମ ଚାଲିଛି।

ଜଳସମ୍ପଦ ବିଭାଗ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି ଯେ, ଜେଏସ୍‌ଡବ୍ଲ୍ୟୁ ବୈତରଣୀ ନଦୀର ମିରିଗିସିଂହାଠାରେ ଇନ୍‌ଟେକ୍ ୱେଲ୍ ନିର୍ମାଣ କରି ବର୍ଷାଦିନେ ପାଣି ଉତ୍ତୋଳନ କରିବ। କାନପୁର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଇନଟେକ୍ ୱେଲ୍ ସେଠାକୁ ସ୍ଥାନାନ୍ତର କରାଯିବ। କାନପୁର ଡ୍ୟାମ୍‌ର ଉପରମୁଣ୍ଡରେ ପ୍ରାୟ ୧୬୦୦ ମିଟର ଦୂରରେ ଇନ୍‌ଟେକ୍ ୱେଲ୍ ନିର୍ମାଣ କରାଯିବ। ତେବେ ଜଳସମ୍ପଦ ବିଭାଗର ସମୀକ୍ଷାରୁ ଜଣାପଡିଛି ଯେ, ରବି ଏବଂ ଖରାଦିନିଆ ଚାଷରେ ଜଳର ଅଭାବ ରହିବ। ତେଣୁ କମ୍ପାନୀ ଫେବୃୟାରୀଠାରୁ ଜୁନ ପର୍ଯ୍ୟନ୍ତ କାନପୁର ଡ୍ୟାମ୍‌ରୁ ପାଣି ନ ଉଠାଇଲେ ଅତିକମ୍‌ରେ ୭୫ ପ୍ରତିଶତ ରବି ଓ ଖରାଦିନିଆ ଚାଷ ହୋଇପାରିବ। ଏହିକ୍ରମରେ ଜେଏସ୍‌ଡବ୍ଲ୍ୟୁ କାରଖାନା ପରିସରରେ ଏକ ଜଳଭଣ୍ଡାର ନିର୍ମାଣ କରି ଆବଶ୍ୟକ ଜଳ ଅଭାବ ପୂରଣ କରିପାରିବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

# ୧୧ ଦିନ ଚାଲିବ ବାଲିଚନ୍ଦ୍ରପୁର ଗଜଲକ୍ଷ୍ମୀ ପୂଜା

ଚଣ୍ଡିଖୋଲ,୩।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ବାଲିଚନ୍ଦ୍ରପୁରଠାରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ୧୧ ଦିନ ଧରି ଚାଲିବ। ଆସନ୍ତା ୭ ତାରିଖରେ ମା'ଙ୍କ ବିସର୍ଜନ ସହ ୮ ତାରିଖରେ ଭସାଣି ଅନୁଷ୍ଠିତ ହେବ ବୋଲି ପୂଜା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଶୁକ୍ରବାର ପୂଜା ୭ମ ଦିନରେ ପହଞ୍ଚିଛି। ପ୍ରତ୍ୟେକ ସନ୍ଧ୍ୟାରେ ମା'ଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଫଳରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଗୁରୁବାର ସମସ୍ତ ପୂଜା ମଣ୍ଡପ ବୁଲି ଦେଖିବା ସହ ମା'ଙ୍କ ଆଶିଷ ଭିକ୍ଷା କରିଛନ୍ତି। ସେହିଭଳି ଅବସରପ୍ରାପ୍ତ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ମଧ୍ୟ ସମସ୍ତ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଚଳିତ ବର୍ଷ ବାଲିଚନ୍ଦ୍ରପୁର ବଜାର ଓ ପତରାଜପୁର ବଜାରରେ ୧୧ ମେଢ଼ହୋଇଛି। ସମସ୍ତ ମେଢ଼ ଏକା ସଙ୍ଗେ ଭସାଣି ଉତ୍ସବରେ ସାମିଲ ହେବେ। ଆକର୍ଷଣୀୟ ସାଜସଜ୍ଜା ଓ ମେଢ଼ ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ପ୍ରତ୍ୟହ ଭଜନ ସନ୍ଧ୍ୟା, ମେଲୋଡି, ଘୋଡ଼ା ନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା ବଜାରକୁ ବେଶ ସରଗରମ କରୁଛି। ପୂଜାରେ ବିଭିନ୍ନ ଧର୍ମାବଲମ୍ବୀ ସାମିଲ ହେଉଥିବା ଦେଖିବାକୁ ମିଳୁଛି।


ବାଲିଚନ୍ଦ୍ରପୁର ବଜାରର ବ୍ୟାଙ୍କରୋଡ୍ ମେଢ଼।

## ୨ ବାଇକ ଧକ୍କା, ଜଣେ ମୃତ

ପାଣିକୋଇଲି,୩।୧୧(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ଟିକର ଶଙ୍ଖଚିଲା ରାସ୍ତାର ସୋଲପଟା ବବୁରି ବଣିଆ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଯାଜପୁରରୋଡ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମର ବିଦ୍ୟାଧର ସାହୁ(୬୬) ବୋଲି ସୂଚନା ମିଳିଛି। ସେ ତାଙ୍କ ବାଇକ୍ ଯୋଗେ ଶଶୁର ଘର ବାଲିପାଟଣାକୁ ଯାଉଥିଲେ। ଏହି ସମୟରେ ଏକ ନମ୍ବର ବିହୀନ ବାଇକ୍ ଚାଳକ ଆସି ତାଙ୍କୁ ଧକ୍କା ଦେଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ୍ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇ ବାଇକ ଆରୋହୀ ଫେରାର ହୋଇଯାଇଛନ୍ତି। ପୋଲିସ ୨ ବାଇକକୁ ଜବତ କରିଛି। ଏଥିସହିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଡାକ୍ତରଖାନାକୁ ପଠାଇଛି। ଏନେଇ ବିଦ୍ୟାଧରଙ୍କ ପୁଅ ବିଚିତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନମ୍ବର ୩୧୭/୨୩ ରୁଜୁ କରି ତଦନ୍ତ ଚଳାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅବନୀଚନ୍ଦ୍ର


@ ଶିବାଶିଷ


@ ଲିଙ୍ଗରାଜ


@ ସ୍ମୃତି


@ ବଳରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରିଲା ମଣ୍ଡପ ପୂଜା, ମେଲାଣି ଆଜି

## ଗଣପର୍ବ ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା, ୩।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ୩ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ମେଲାଣି ପର୍ବ ଓ ଭସାଣି ଉତ୍ସବ ଶନିବାର, ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ମେଳଣ କମିଟି, ଶାନ୍ତି କମିଟି, ପୋଲିସ ପ୍ରଶାସନ ସମେତ ମେଢ଼ କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡ, କେଶପୁର ଓ ନୂଆ ବସ୍‌ଷ୍ଟାଣ୍ଡଠାରେ ହେବାକୁ ଥିବା ମେଳଣ ପର୍ବ ପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳା ଓ ସରସସୁନ୍ଦର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ନିୟମ ଓ କଟକଣା ଜାରି କରାଯାଇଛି। ଅପରପକ୍ଷରେ ଏହି ଗଣପର୍ବର ଆରମ୍ଭରୁ ସହରର ବିଭିନ୍ନ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କଳାକାର ପହଞ୍ଚୁଥିବା ବେଳେ ମେଳଣ, ଭସାଣି ପାଇଁ ଜିଲା ଓ ବାହାର ରାଜ୍ୟରୁ କଳାକାର ଆସିଛନ୍ତି। ସପ୍ତମ ଦିନରେ ମା'ଙ୍କର ମଣ୍ଡପରେ ପୂର୍ଣ୍ଣାହୁତି ପର୍ବ ଆରମ୍ଭ ହୋଇଛି। ଶୁକ୍ରବାର ମଧରାତ୍ର ସୁଦ୍ଧା ପୂଜା ମଣ୍ଡପ ପୀଠରେ ଆସ୍ଥାନ ବିସର୍ଜନ ହେବ। ଦୀର୍ଘ ୭ ଦିନ ଧରି ବିଭିନ୍ନ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଏବେ ୨ ଦିନ ଧରି ମେଳଣ ମଣ୍ଡପରେ ଦେବୀଙ୍କ ଦର୍ଶନ ମିଳିବ। ସହରର ସମସ୍ତ ମୃଣ୍ମୟୀ ମୂର୍ତ୍ତି ମେଳଣରେ ଏକତ୍ର ହେବା ସହ ଭୋଗ ଲାଗି ଦୃଶ୍ୟ ପାଇଁ ଶ୍ରଦ୍ଧାଳୁଙ୍କ ଉତ୍କଣ୍ଠା ବଢ଼ିଛି। କେଶପୁର ବଜାରରେ ହେଉଥିବା ମେଳଣରେ ପ୍ରାୟ ୩୦ ମେଢ଼ ସାମିଲ ହୋଇଥାନ୍ତି। ସେହିପରି ନୂଆ ବସ୍‌ଷ୍ଟାଣ୍ଡରେ ଅବଶିଷ୍ଟ ଏକତ୍ର ହୁଅନ୍ତି। ତେବେ ପୁରୁଣା ବସଷ୍ଟାଣ୍ଡରେ ସମସ୍ତ ମେଢ଼ ଏକତ୍ର ହେବା ଏହି ସହରର ଏକ ପାରମ୍ପରିକ ବିଧି ରହିଛି। ପୁରୁଣା ବସ୍‌ଷ୍ଟାଣ୍ଡ ମେଳଣର ପରମ୍ପରା ଅନୁଯାୟୀ,ଏହି ସ୍ଥାନର ମା' ଗଜଲକ୍ଷ୍ମୀ ପ୍ରଥମେ ପୂଜା ମଣ୍ଡପ ଆସ୍ଥାନ ଛାଡ଼ନ୍ତି। ଦୀର୍ଘ ୯୫ ବର୍ଷର ଏହି ଗଜଲକ୍ଷ୍ମୀଙ୍କ ପୂଜାରେ ସରସତା ଭରିବା ପାଇଁ ଅନେକ ଆଳଙ୍କାରିକ ଓ ସାଜସଜ୍ଜା ପରିବର୍ତ୍ତନ ହୋଇଥିଲେ ମଧ୍ୟ ମେଳଣ ସମୟରେ ପାରମ୍ପରିକ ବିଧିକୁ ଗୁରୁତ୍ୱ ଦିଆଯାଉଥିବା କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଜନଶ୍ରୁତି ଅନୁଯାୟୀ, ମେଳଣ ପରମ୍ପରା ଆରମ୍ଭରୁ ପୁରୁଣା ବସଷ୍ଟାଣ୍ଡର ମା' ଗଜଲକ୍ଷ୍ମୀ ଅନ୍ୟ ମେଢ଼କୁ ନିମନ୍ତ୍ରଣ କରି ନିଜ ଆସ୍ଥାନରେ ବସିଥାନ୍ତି। ତେବେ ମେଳଣର ଥାନପତି ଭାବେ ନୂଆ ବସଷ୍ଟାଣ୍ଡର ମେଢ଼କୁ ବରଣ କରାଯାଏ। ନୂଆ ବସଷ୍ଟାଣ୍ଡର ମା' ଗଜଲକ୍ଷ୍ମୀ ସର୍ବ ପ୍ରଥମେ ଆସି ମେଳଣ ମଣ୍ଡପରେ ଆସ୍ଥାନ ଥାପିଥାନ୍ତି। ପରେ ଅନ୍ୟ ମେଢ଼ ମେଳଣ ପଡିଆକୁ ପ୍ରବେଶ କରିଥାଏ। ସେହିପରି ପ୍ରଥମେ ନୂଆ ବସଷ୍ଟାଣ୍ଡ ମେଢ଼ ଓ ଶେଷରେ ପୁରୁଣା ବସଷ୍ଟାଣ୍ଡ ମେଢ଼ ଭସାଣି ଉତ୍ସବରେ ସାମିଲ ହୋଇଥାନ୍ତି। ଏହି ୨ ଦିନ ଉତ୍ସବରେ ବିଭିନ୍ନ ବାଦ୍ୟ, ରୋଶଣୀ, ଅଭିନୟ ମାଧ୍ୟମରେ ମା'ଙ୍କ ବିସର୍ଜନ କରାଯାଇଥାଏ। ସନ୍ଧ୍ୟା ସୁଦ୍ଧା ମା'ଙ୍କ ପୀଠରେ ଶେଷ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ବେଶ ଜମିଥିଲା। ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ୨୫ ପ୍ଲାଟୁନ ପୋଲିସ ବଳ ନିୟୋଜିତ ହୋଇଥିବା ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।


ଅଳପୁଆରେ ମା' ଗଜଲକ୍ଷ୍ମୀ।

# କାଳିମୁଣ୍ଡି ପ୍ରଭାବ: ବିରି, ମୁଗ ଫସଲ କ୍ଷତିଗ୍ରସ୍ତ

## ପଚ୍ଚାମୁଣ୍ଡାଇ ଧୋୟାଞ୍ଚଳ ଚାଷୀ ମହଲରେ ଆତଙ୍କ

ପଚ୍ଚାମୁଣ୍ଡାଇ, ୩।୧୧(କଳ୍ପତରୁ ନାୟକ)

ପଚ୍ଚାମୁଣ୍ଡାଇ ଅଞ୍ଚଳର ବିରି, ମୁଗ ଅମାର କୁହାଯାଉଥିବା ଧୋୟାଞ୍ଚଳର ୭ଟି ପଞ୍ଚାୟତରେ ବ୍ୟାପକ ଭାବେ ଏହି ଫସଲ ହୋଇଥିବା ବେଳେ ଏବେ କାଳିମୁଣ୍ଡି ପୋକଙ୍କ ପ୍ରଭାବ ଦେଖିବାକୁ ମିଳିଛି। କାଳିମୁଣ୍ଡି ପୋକ ଦେଖି ଧୋୟାଞ୍ଚଳର ଚାଷୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଦଶହରା ପାଖାପାଖି ସମୟରେ ବିରି, ମୁଗ ବୁଣା କାର୍ଯ୍ୟ ସାରିଥାଏ। ମାତ୍ର ଚଳିତବର୍ଷ ଶ୍ରାବଣ ଦୋ ମାସି ଲାଗି ଦଶହରା ପାଇଁ ୧୫ଦିନ ବିଳମ୍ବରେ ହୋଇଥିବାରୁ ଚାଷୀ ଅକ୍ଟୋବର ପ୍ରଥମ ସପ୍ତାହରେ ବିରି, ମୁଗ ବୁଣାବୁଣୀ ଆରମ୍ଭ କରି ଦେଇଥିଲେ। ବିରି, ମୁଗ ଗଛ ୮ରୁ ୧୦ ପତରର ହୋଇଥିବାବେଳେ କାଳିମୁଣ୍ଡି ପୋକ ପ୍ରଭାବ ଚାଷୀମାନଙ୍କୁ ବିବ୍ରତ କରି ଦେଇଛି। ରାତିକ ମଧ୍ୟରେ ଏକର ଏକର ଜମି ନଷ୍ଟ କରି ଦେଉଛନ୍ତି। ଚଳିତବର୍ଷ ବନ୍ୟାରେ ଧୋୟାଞ୍ଚଳରେ ପନିପରିବା ଫସଲ ଉଜୁଡ଼ି ଯାଇଥିଲା। ବନ୍ୟା ପ୍ରକୋପ କମିଲା ପରେ ଅର୍ଥକରୀ ବିରି, ମୁଗ ଫସଲ ଉପରେ ଚାଷୀମାନେ ଭରସା ରଖିଥିଲେ। ବନ୍ୟାରେ ସର୍ବସ୍ୱ ହରାଇଥିବା ଧୋୟାଞ୍ଚଳ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ବିରି, ମୁଗ ଫସଲକୁ ପୋକ ଦାଉରୁ ରକ୍ଷା କରିବାକୁ ଚାଷୀଙ୍କ ନିକଟରେ ସମ୍ବଳ ନାହିଁ। କୃଷି ବିଭାଗ ଏ ସମ୍ପର୍କରେ ଜାଣି କୌଣସି ପଦକ୍ଷେପ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୃଷି ବିଭାଗ ପକ୍ଷରୁ ତୁରନ୍ତ କୀଟନାଶକ ଔଷଧ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ କୃଷକନେତା ତଥା ଅଣ୍ଡରା ସମବାୟ ସମିତି ପୂର୍ବତନ ସଭାପତି ଚିତ୍ତରଞ୍ଜନ ମଲ୍ଲିକ, ଚାଷୀ ରଞ୍ଜିତ ମଲ୍ଲିକ, ଉଲ୍ଲାସ ମଲ୍ଲିକ, ଅଲେଖ ମଲ୍ଲିକ, ପାର୍ଥ ସାରଥୀ ଦାସ, ମୁରଲୀ ପ୍ରଧାନ, ଗଣେଶ ଚନ୍ଦ୍ର ରାଉତ, ସତ୍ୟାନନ୍ଦ ବିଶ୍ୱାଳ, ଅଭୟ ବାରିକ, ରଞ୍ଜିତ କୁମାର ନାୟକ, କିଶୋର ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ଦାସ ଓ ତ୍ରିଲୋଚନ ସେଠୀ ପ୍ରମୁଖ ବିରି, ମୁଗ ଫସଲରେ କାଳିମୁଣ୍ଡି ପୋକକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ପଚ୍ଚାମୁଣ୍ଡାଇ ଧୋୟାଞ୍ଚଳର ଅଣ୍ଡରା, ଅଳପୁଆ, ଦାଣ୍ଡିସାହି, ସିଂହଗାଁ, କୃଷ୍ଣଦାସପୁର, କୋଳଥିଆ, ପେଣ୍ଠପାଳ, ତରଡିପାଳ, ତୁଳସିଡିଆ, ଅମୃତମଣୋହି, ବଲୁରିଆ, ସିଦ୍ଧବାଲି, ତରାଇପାଟଣା ଆଦି ଗାଁରେ ଥିବା ଚାଷଜମି ବିରି, ମୁଗ ଫସଲରେ ସର୍ବାଧିକ କାଳିମୁଣ୍ଡି ପୋକଙ୍କ ଦେଖିବାକୁ ମିଳିଛି। ବହୁ ଆଶା ଭରସା ନେଇ ଧୋୟାଞ୍ଚଳର ଚାଷୀମାନେ ବିଭିନ୍ନ ସମବାୟ ସମିତିରୁ ଋଣ ନେବା ସହ ଘରୋଇ ସୂତ୍ରରୁ ଧାର କରଜ କରି ବିରି, ମୁଗ ଫସଲ କରିଥିଲେ। ଏପରିକି ବେଣାଖରୀ ଜଙ୍ଗଲକୁ ସଫା କରି ଚାଷୀମାନେ ବିରି, ମୁଗ ଚାଷ କରି ବର୍ଷକର ଦାନା ସଂଗ୍ରହ ଆଶା ରଖିଥିଲେ। କାଳିମୁଣ୍ଡି ପୋକ ପ୍ରାଦୁର୍ଭାବରେ ବିରି ଫସଲ ନଷ୍ଟ ହେବା ଦେଖି ଚାଷୀମାନେ ସମ୍ପୂର୍ଣ୍ଣ ଭାଙ୍ଗି ପଡିବା ସହିତ ମୁଣ୍ଡରେ ହାତଦେଇ ବସିଛନ୍ତି। ଏଭଳି ଗମ୍ଭୀର ପରିସ୍ଥିତିରେ କୃଷି ବିଭାଗ ନିଦାବିଷ୍ଣୁ ସାଜିଛି। କୃଷି ବିଭାଗର କୌଣସି ଅଧିକାରୀ ଅଦ୍ୟାବଧି ଚାଷୀମାନଙ୍କ ପାଖରେ ପହଞ୍ଚି ଏଭଳି ସଂକଟରୁ ଉଦ୍ଧାର ପାଇଁ କୌଣସି ପରାମର୍ଶ ନ ଦେବା ଚାଷୀମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଓଡ଼ିଶା ସରକାରଙ୍କ କୃଷି ବିଭାଗ ରବି ଫସଲ ବିରି, ମୁଗ, କୋଳଥ, ଚିନାବାଦାମ, ସୋରିଷ ଫସଲକୁ ଶସ୍ୟ ବୀମାଭୁକ୍ତ କରିବାକୁ ଉଦ୍ୟମ କରିଆସୁଥିଲେ ମଧ୍ୟ ଅଦ୍ୟାବଧି ତା'ର ସୁଫଳ ଚାଷୀମାନେ ପାଇପାରିନାହାଁନ୍ତି। କାଳିମୁଣ୍ଡି ପୋକ ସାଧାରଣତଃ ରାତିରେ ଫସଲ ଖାଉଥିବାରୁ, ଚାଷୀମାନେ ସନ୍ଧ୍ୟା ପରେ କୀଟ ନାଶକ ସିଞ୍ଚନ କରୁଥିବା ଦେଖିବାକୁ ମିଳୁଛି। ତେବେ ଅଭିଜ୍ଞ ଚାଷୀମାନଙ୍କ ମତାମତରୁ ଜଣାଯାଇଛି ଯେ, ଜଣେ ଜଣେ ଚାଷୀ କୀଟନାଶକ ସିଞ୍ଚନ କଲେ କାଳିମୁଣ୍ଡି ପୋକଙ୍କୁ ରୋକାଯାଇପାରିବ ନାହିଁ। କାରଣ, କୀଟନାଶକ ସିଞ୍ଚନ ହୋଇ ନ ଥିବା ବିଲରୁ କାଳିମୁଣ୍ଡି ପୋକ ଉଡି ଆସି ପୁଣି ବିରି ଫସଲରେ ମାଡିବାର ସମ୍ଭାବନା ରହିଛି। ରାଜ୍ୟ ସରକାର କାଳିମୁଣ୍ଡି ପୋକ ଯୋଗୁ ବିରି, ମୁଗ ଫସଲହାନୀ ରୋକିବା ସହ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅବିଳମ୍ବେ କୃଷି ବିଭାଗ ଅଧିକାରୀ ଅଞ୍ଚଳକୁ ପଠାଇ ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପଚ୍ଚାମୁଣ୍ଡାଇ ଅତିରିକ୍ତ କୃଷି ଅଧିକାରୀ ସରୋଜ କୁମାର ନାୟକଙ୍କୁ ପଚାରିବାରେ ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


କାଳିମୁଣ୍ଡି ପ୍ରଭାବିତ ଜମି।

# ଉଜୁଡୁଛି ଧାନ ଫସଲ: ପାଣି ପାଇଁ ଚାଷୀଙ୍କ ଦାବି

- ■ଜିଲାପାଳଙ୍କ ଅଫିସ ଘେରି କଲେ ବିକ୍ଷୋଭ
- ■ସମାଧାନ କରାଇଲେ ବ୍ଲକ ଚେୟାରମ୍ୟାନ
- ■ଡିଆଁପଡା ବନ୍ଧର କବାଟ ଖୋଲିଲା ଏମଆଇ ବିଭାଗ
- ■ଗଣ୍ଡଗୋଳ କରି ମାଛ ଚାଷୀ ଛାଡୁ ନଥିଲେ ପାଣି
- ■ନୟାଗଡ ଜିଲାରେ ମରୁଡି ଆଶଙ୍କା


ଧାନ ଜମି ଶୁଖିଲା, ଗଛ ନାହିଁ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ଟି ଗାଁର ଚାଷୀଙ୍କ ବିକ୍ଷୋଭ।

**ନୟାଗଡ,୩।୧୧(ଲୋକନାଥ ମିଶ୍ର)**

ବର୍ଷା ଅଭାବରୁ ନୟାଗଡ଼ ଜିଲାରେ ଗୋଟିଏ ପରେ ଗୋଟିଏ ଧାନ ଜମିର ଫସଲ ଉଜୁଡିବା ଆରମ୍ଭ ହୋଇଛି। ଧାନ ଫୁଲ ଉଡାଇବା ସମୟରେ ମରୁଡିକୁ ଦେଖି ଚାଷୀ ବନ୍ଧ, ପୋଖରୀ, କୂଅ, ଉଠାଜଳସେଚନ, ନଦୀରୁ ପାଣି ମଡାଇବାକୁ ଚେଷ୍ଟା କରଛନ୍ତି। ତେବେ ପାଣିକୁ ନେଇ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ହେବା ନୟାଗଡ଼ ଜିଲାରେ ସାଧାରଣ ଘଟଣା ହୋଇପଡିଛି। ଶୁକ୍ରବାର ନୟାଗଡ଼ ବ୍ଲକର ଭାଟସାହି, ମୁକ୍ତାପୁର, କାଳଟୁଆପଲ୍ଲୀ ଓ ମୁଥାଗାଡିଆ ଗାଁର ଚାଷୀ ଧାନ ବିଲକୁ ପାଣି ମାଗି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରି ବିକ୍ଷୋଭ କରିଥିଲେ। ଖବରପାଇ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଓ କ୍ଷୁଦ୍ର ଜଳସେଚନ(ଏମ୍ଆଇ) ବିଭାଗର ସହକାରୀ ଯନ୍ତ୍ରୀ ମହେନ୍ଦ୍ର ଶତପଥୀ ଓ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଏପରିକି ଡିଆଁପଡ଼ା ବନ୍ଧରୁ ଧାନ ଜମିକୁ ପାଣି ଯୋଗାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନ ହଟିଲେ ଏମ୍ଆଇ ବିଭାଗର କର୍ମଚାରୀ ବନ୍ଧରୁ ପାଣି ଯୋଗାଇବେ କହିଥିଲେ। ଆନ୍ଦୋଳନ ହଟିଲା ପରେ ପ୍ରତିଶ୍ରୁତି ରକ୍ଷା କରି ବନ୍ଧରୁ ଚାଷୀଙ୍କୁ ପାଣି ଯୋଗାଯାଇଛି।

ଭାଟସାହି, ମୁକ୍ତାପୁର, କାଳଟୁଆପଲ୍ଲୀ ଓ ମୁଥାଗାଡିଆ ଗାଁର ଚାଷୀ ଶ୍ୟାମ ନାୟକ, ବନମାଳି ପ୍ରଧାନ କହିଛନ୍ତି, ବର୍ଷା ଅଭାବରୁ ଆମ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଦେଇଛି। ଏଭଳି ସମୟରେ ଡିଆଁପଡା ବନ୍ଧ ସାହା ଭରସା। ଯଦିଓ ବର୍ଷା ପରି ପର୍ଯ୍ୟାପ୍ତ ପାଣି ବନ୍ଧ ଯୋଗାଇ ପାରିବ ନାହିଁ ତେବେ କିଛିକାଂଶରେ ଧାନ ବଞ୍ଚିବ। ଏଣୁ କ୍ଷୁଦ୍ର ଜଳସେଚନ ବିଭାଗର ଅନୁମତି ନେଇ ବନ୍ଧର କବାଟ ଖୋଲା ଯାଇଥିଲା। କିନ୍ତୁ ମାଛ ଚାଷୀ ଧାନ ଜମିକୁ ପାଣି ଛାଡିଲେ ନାହିଁ। ବରଂ ଗଣ୍ଡଗୋଳ କଲେ। ବନ୍ଧ ମାଛ ଚାଷ ପାଇଁ ହୋଇଛି। ଚାଷ ଜମିରେ ପାଣି ମଡାଇବାକୁ ହୋଇନାହିଁ କହିଥିଲେ। ଏଣୁ ଆମେ ୪ ଖଣ୍ଡ ଗାଁର ଚାଷୀ ଗ୍ରାମସଭା କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଶୁକ୍ରବାର ଘେରାଉ କରିଥିଲୁ। ଘେରାଉ ପରେ ଆମେ ନ୍ୟାୟ ପାଇଛୁ। ଆମ ପାଇଁ ବନ୍ଧରୁ ଚାଷ ଜମିକୁ ପାଣି ଛଡାଯାଇଛି। କ୍ଷୁଦ୍ର ଜଳସେଚନ(ଏମଆଇ) ବିଭାଗର ସହକାରୀ ଯନ୍ତ୍ରୀ ଶତପଥୀଙ୍କୁ ପଚାରିବାରେ ବନ୍ଧ ମାଛ ଚାଷ ନୁହେଁ ଚାଷୀଙ୍କ ପାଇଁ କରାଯାଇଛି। ଯେଉଁ ମାଛ ଚାଷୀ ଧାନ ଚାଷୀଙ୍କ ସହ ଗଣ୍ଡଗୋଳ କରିଛନ୍ତି ତାଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ। ଚାଷୀଙ୍କୁ ବନ୍ଧରୁ ପାଣି ଦିଆଯାଇଛି। ବନ୍ଧରୁ ପାଣି ଯିବା ପରେ ଭାଟସାହି, ମୁକ୍ତାପୁର, କାଳଟୁଆପଲ୍ଲୀ ଓ ମୁଥାଗାଡିଆ ଗାଁର ଚାଷୀ ଖୁସି ହୋଇଛନ୍ତି ବୋଲି କହିଛନ୍ତି।

# ରଣପୁରରେ ଦେୱାନୀ, ଫୌଜଦାରି ଅଦାଲତ ଉଦ୍‌ଘାଟିତ

**ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି କଲେ ଉଦ୍‌ଘାଟନ**


ରଣପୁରରେ ଅଦାଲତ ଉଦ୍‌ଘାଟନ ଉତ୍ସବରେ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଓ ଅନ୍ୟମାନେ।

**ନୟାଗଡ଼/ରଣପୁର,୩।୧୧(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁରରେ ଦେୱାନୀ ଓ ଫୌଜଦାରୀ ଅଦାଲତ, ସିଭିଲ କୋର୍ଟ ସିନିୟର ଡିଭିଜନ କମ୍ ଆସିଷ୍ଟାଣ୍ଟ ସେସନ୍ସର ନୂତନ କୋର୍ଟ, ସିଭିଲ କୋର୍ଟ ବିଲ୍ଡିଂ ଶୁକ୍ରବାର ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ବିଲ୍ଡିଂ କମିଟିର ଅଧ୍ୟକ୍ଷ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଅଦାଲତ ପରିସରରେ ବାର ଆସୋସିଏଶନ ଘର, ଟ୍ରାଞ୍ଜିଟ ଗୃହ, କୋର୍ଟ କର୍ମଚାରୀଙ୍କ କ୍ୱାର୍ଟର୍ସ ଶିଳାନ୍ୟାସ ହୋଇଛି। ଉଦ୍‌ଘାଟନ ଓ ଶିଳାନ୍ୟାସ ସମୟରେ ଅନ୍ୟତମ ଅତିଥି ରୂପେ ହାଇକୋର୍ଟର ବିଚାରପତି ତଥା ନୟାଗଡ଼ ଜିଲା ଆଡମିନଷ୍ଟ୍ରେଟିଭ ଜଜ୍ ଦାୟିତ୍ୱରେ ଥିବା ବିଚାରପତି ରାଧାକ୍ରିଷ୍ଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଉଭୟଙ୍କୁ ଅଦାଲତ ପରିସରରେ ସମ୍ବର୍ଦ୍ଧନା ଦିଆଯିବା ପରେ ଜିଲା ପୋଲିସ ଦ୍ୱାରା ଗାର୍ଡ ଅପ ଅନର ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ରଣପୁର ବାର ଆସୋସିଏଶନ ସଭାପତି ଗିରିଜାକାନ୍ତ ମହାପାତ୍ର, ସମ୍ପାଦକ ସତ୍ୟ ରଞ୍ଜନ ମଓ୍ବା ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ବିଚାରପତି କହିଥିଲେ, କୋର୍ଟ ହେଉଛି ନ୍ୟାୟର ମନ୍ଦିର। କୋର୍ଟର ପରିଷ୍କାର ଓ ପରିଛନ୍ନ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ସେହିଭଳି ଆଇନଜୀବୀମାନଙ୍କୁ ପରାମର୍ଶ ଦେଇ କହିଥିଲେ, ଜିଲା ଜଜ୍ ହେବା ପାଇଁ କମ୍ପିଟେଟିଭ ପରୀକ୍ଷା ଦିଅନ୍ତୁ। ଜିଲାରୁ ଯେପରି ୫ଜଣ ଲେଖାଏ ଜିଲା ଜଜ୍ ହୋଇ ପାରିବେ ସେନେଇ କଠିନ ପରିଶ୍ରମ କରନ୍ତୁ। ଛାତ୍ରୀଛାତ୍ରମାନେ କୋର୍ଟରେ ନିଯୁକ୍ତି ପାଇଁ ଆଗ୍ରହ ପ୍ରକାଶ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ରାଜ୍ୟର ବିଭିନ୍ନ କୋର୍ଟରେ ୭୦ ଭାଗ ମହିଳା କାମ କରୁଛନ୍ତି। ସେମାନଙ୍କୁ ସୁରକ୍ଷା ପାଇଁ କୋର୍ଟ ପାଖରେ ସରକାରୀ ବାସଭବନ ହେବା ଦରକାର ବୋଲି କହିଥିଲେ। ନୟାଗଡ଼ ଜିଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହାଇକୋର୍ଟ ରେଜିଷ୍ଟ୍ରାର ଅଖିଳ କୁମାର ପଶ୍ଚିମ କବାଟ, ପ୍ରିନ୍ସିପାଲ ସେକ୍ରେଟାରୀ ଆନନ୍ଦ ଦାସ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ନୟାଗଡ଼ ଏସ୍‌ପି ରାହୁଲ ଜୈନ, ନୂତନ ଭାବେ ଯୋଗ ଦେଇଥିବା ବରିଷ୍ଠ ଦେୱାନୀ ବିଚାରପତି ସହକାରୀ ଦୌରାଜଜ୍ ଅନୁଶ୍ରୁତି ଚୌଧୁରୀ, ନୟାଗଡ, ଓଡ଼ଗାଁ, ଖଣ୍ଡପଡ଼ା, ଭାପୁର ଓ ଟାଙ୍ଗୀ କୋର୍ଟର ବିଚାରପତି, ବାର ଆସୋସଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜୁଡିସିଆଲ ମାଜିଷ୍ଟ୍ରେଟ ତସଲିମା ଦାସ ଓ ରାକେଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ରଣପୁର କୋର୍ଟର ପ୍ରଥମ ଶ୍ରେଣୀ ବିଚାରପତି ଗୌରୀ ଶଙ୍କର ପଣ୍ଡା, ରଣପୁର ବାର ଆସୋସିଏଶନର ଆଇନଜୀବୀ, କଲେଜର ଛାତ୍ରୀଛାତ୍ର ଓ ଏନ୍‌ସିସି ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ହାଇକୋର୍ଟର ମୁଖ୍ୟ ବିଚାରପତି ଷଡଙ୍ଗୀ ମା’ ମଣିନାଗ ଓ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ଜଗନ୍ନାଥ ମନ୍ଦିରରେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ରଣପୁର ତହସିଲଦାର ଓ ଦେବୋତ୍ତର ମ୍ୟାନେଜର ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନୟାଗଡ ଖାଉଟି ଫୋରମର ଅଧ୍ୟକ୍ଷ ନାରାୟଣ ମହାପାତ୍ର ୨ୟ ଶ୍ରୀକ୍ଷେତ୍ର ରଣପୁର ଜଗନ୍ନାଥ ମନ୍ଦିର ଉପରେ ଟିପ୍ପଣି ଦେଇଥିଲେ।



ରଣପୁରରେ ନିର୍ମାଣ ହୋଇଥିବା ସିଭିଲ କୋର୍ଟ କମ୍ପ୍ଲେକ୍ସ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ଦଶପଲ୍ଲା,୩।୧୧ (ପ୍ରକାଶ କୁମାର ପାଣି )**

ଦଶପଲ୍ଲା ଥାନା ଅନ୍ତର୍ଗତ ନେଳିଗୁଡା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ନାମ ଦୟାନିଧି ମହାରଣା, ଘର ଅନ୍ଧାରକୋଟ ଗ୍ରାମରେ। ସେ ସନ୍ଧ୍ୟାରେ ନିଜ ଗ୍ରାମକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କୁହାଯାଇଛି। ଦୁର୍ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ମୁକେଶ କୁମାର ବେହେରା ସୂଚନା ଦେଇଛନ୍ତି।

## ପାଗଳା କୁକୁର ଆତଙ୍କ: ଦିନକରେ ୩୦ ଆହତ

**ନୟାଗଡ଼,୩।୧୧(ଲୋକନାଥ ମିଶ୍ର)**

ନୟାଗଡ଼ ସହରରେ ପାଗଳା କୁକୁରଙ୍କ ଆତଙ୍କ ଦେଖାଦେଇଛି। ଦିନକରେ ପାଗଳା କୁକୁର ନୟାଗଡ଼ ତ୍ରିନାଥ ଛକରୁ ଆରମ୍ଭ କରି ନୟାଗଡ଼ ପୁରୁଣା ସହର ପର୍ଯ୍ୟନ୍ତ ପ୍ରାୟ ୩୦ ଜଣଙ୍କୁ କାମୁଡିଛି। କୁକୁର କାମୁଡାରେ ନୟାଗଡ, ଖୁଣ୍ଟବନ୍ଧ, କଇଥଗାଡିଆ, ଜାମୁସାହି, କିଛି ଚାକିରିଆ ଆହତ ହୋଇଛନ୍ତି। ବିଦେଶୀ ନାୟକ, ରବି ଭୋଇ, ପ୍ରେମାନନ୍ଦ ପାତ୍ର, ଭିକାରୀ ସେଠୀ, ସ୍ୱରୂପ ରଞ୍ଜନ ପାତ୍ର, ଭିକାରୀ ସେଠୀ, ଅରୁଣ କୁମାର ବାଇ, କୈଳାସ ଡାକୁଆ, ଏକାମ୍ର ଖାନ ପ୍ରଭୃତି ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଛନ୍ତି। ନୟାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷୟିତ୍ରୀ ରୁବି ଭୋଇ ଦକ୍ଷିଣ କାଳୀ ମନ୍ଦିରକୁ ଯାଉଥିବାବେଳେ କୁକୁର କାମୁଡି ଥିଲା।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ଅବନୀଚନ୍ଦ୍ର


@ ଶିବାଶିଷ


@ ଲିଙ୍ଗରାଜ


@ ସ୍ମୃତି


@ ବଳରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରୋତ୍ସାହନ ଅଭାବରୁ କାରିଗର ଅବହେଳିତ


କାଠରେ ନିର୍ମିତ ବିଭିନ୍ନ ଦେବଦେବୀଙ୍କ ମୁଖା।

**ଖଣ୍ଡପଡା,୩।୧୧(ଅଜୟ କୁମାର ମହାରଣା)**

**ଦେଶ ବିଦେଶରେ ଆଦୃତ ଖଣ୍ଡପଡ଼ାର କାଠ କଣ୍ଢେଇ, ମୁଖା**

ଦେଶ ବିଦେଶରେ ଆଦୃତ ଖଣ୍ଡପଡ଼ାର ବିଶିଷ୍ଟ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କାଠ କଣ୍ଢେଇ ମୂର୍ତ୍ତୀ ଓ ମୁଖା ଏବେ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ଅବହେଳିତ ହୋଇ ପଡିଥିବା ଜଣାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର କୁଶଳୀ କାରିଗରମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଅନେକ କିଛି ଲୋକ ହିତକର ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ସରକାରୀ ପ୍ରୋତ୍ସାହନର ଅଭାବ ସାଙ୍ଗକୁ ବିଭିନ୍ନ ସମୟରେ କଞ୍ଚାମାଲର ଅଭାବ ଏହି ହସ୍ତଶିଳ୍ପ ପ୍ରସ୍ତୁତ କରିବାରେ ବାଧକ ସାଜିଛି। ବର୍ଷ ବର୍ଷ ଧରି ଖଣ୍ଡପଡ଼ା ସହରର କୁମ୍ଭାରସାହିରେ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କାଠ କଣ୍ଢେଇ ଓ ମୁଖାର ଚାହିଦା ଆମ ଦେଶ ଅପେକ୍ଷା ବିଦେଶରେ ବେଶ ଆଦୃତ। ବିଶେଷକରି ଦୀର୍ଘ ୪୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଖଣ୍ଡପଡା କୁମ୍ଭାରସାହିର ବରିଷ୍ଠ କୁଶଳୀ କାରିଗର ବାସୁଦେବ ମହାପାତ୍ରଙ୍କ ଦ୍ୱାରା ପାଳଧୂଆ ଓ ନିମ୍ବ କାଠରେ ପ୍ରସ୍ତୁତ


ବାସୁଦେବ ମହାପାତ୍ର ମୁଖା ତିଆରି କରୁଛନ୍ତି।

କଣ୍ଢେଇ, ମୁଖା ଓ ମୂର୍ତ୍ତିଗୁଡିକ ବିଦେଶକୁ ପଠା ଯାଇଥିବା ବେଳେ ସେ ନିଜର କୌଳିକ ବୃତ୍ତିକୁ ଆପଣେଇ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେଇ ଚାଲିଛନ୍ତି। ଗାଁ ଗଣ୍ଡାରେ ବାରି ବଗିଚାରୁ ମିଳୁଥିବା ପାଳଧୂଆ କାଠରେ ପ୍ରଭୁ ଶ୍ରୀରାମ, ହନୁମାନ, ରାବଣ ଓ ଅନ୍ୟ ମୁଖା ପ୍ରସ୍ତୁତ ହଉଥିବା ବେଳେ ଲିମ୍ବ କାଠରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସୁନ୍ଦର ମୂର୍ତ୍ତି ପ୍ରସ୍ତୁତ ହୋଇଥାଏ। ସେହିପରି ବିଭିନ୍ନ ଧରଣର କାଠ କଣ୍ଢେଇ, ରାଧାକୃଷ୍ଣ ମୂର୍ତ୍ତି, ମା’ ମଙ୍ଗଳାଙ୍କ ମୂର୍ତ୍ତି ଓ ଖୁଦୁରୁକୁଣୀ ଓଷାରେ ପୂଜା ପାଉଥିବା ଭାଲୁକୁଣି ଆଦି ମୂର୍ତ୍ତି ପ୍ରସ୍ତୁତ କରାଯାଇ ପରେ ବିଭିନ୍ନ ରଙ୍ଗରେ ମୂର୍ତ୍ତି, ମୁଖା ଓ କଣ୍ଢେଇଗୁଡିକୁ ସେ ସଜାଇଥାନ୍ତି।

ସୂଚନା ଯୋଗ୍ୟ କାରିଗର ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ସାମଗ୍ରୀଗୁଡିକ ଦିଲ୍ଲୀ ଅଞ୍ଚଳର ଏକ ବ୍ୟବସାୟ ପ୍ରତିଷ୍ଠାନ କ୍ରୟ କରି ନେବା ପରେ ସେଠାରୁ ସମ୍ପୃକ୍ତ ସାମଗ୍ରୀଗୁଡିକ ବିଦେଶକୁ ପଠାଯାଇଥାଏ ବୋଲ ସେ କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର କୁଶଳୀ କାରିଗରମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଅନେକ କିଛି ଲୋକ ହିତକର ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ଆବଶ୍ୟକ ସରକାରୀ ପ୍ରୋତ୍ସାହନ ଅଭାବ ସହିତ କଞ୍ଚାମାଲ ଅଭାବ ଆମ କୌଳିକ ବୃତ୍ତି ପାଇଁ ପ୍ରତିବନ୍ଧକ ସାଜିଛି ବୋଲି କାରିଗର ମାହପାତ୍ର ସୂଚନା ଦେଇଛନ୍ତି। କାରିଗରମାନଙ୍କର ବିଭିନ୍ନ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ନ୍ୟାୟ ପାଇଲେ ୨୨ ପିଲା

**ନୟାଗଡ଼,୩।୧୧(ଲୋକନାଥ ମିଶ୍ର)**

- ■ଶରଣକୁଳ କଲେଜରେ ଛାତ୍ରୀଛାତ୍ରଙ୍କୁ ରାଗିଂ ପ୍ରସଙ୍ଗ
- ■ଟିସି ଆଣି ମାଳିସାହି କଲେଜରେ କଲେ ରିଆଡ୍‌ମିଶନ
- ■ତଦନ୍ତ କରି ପଦକ୍ଷେପ ନେବାକୁ ହାଇକୋର୍ଟ ଦେଇଥିଲେ ନିର୍ଦ୍ଦେଶ
- ■ଉଚ୍ଚ ମାଧ୍ୟମିକ ଶିକ୍ଷା ପକ୍ଷରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

ନୟାଗଡ଼ ଜିଲା ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୨-୨୪ ବ୍ୟାଚର ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ୨୪ ଛାତ୍ରୀଛାତ୍ରଙ୍କୁ ରାଗିଂ ପ୍ରସଙ୍ଗରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ମିଳିଛି ନ୍ୟାୟ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ, ନିର୍ଯାତିତ ୨୪ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୨ଜଣ ଟିସି ଆଣି ମାଳିସାହି ଗଡିଶ୍ୱର ମାଧ୍ୟମିକ ବିଦ୍ୟାଳୟରେ ୨ୟ ବର୍ଷରେ ନାମ ଲେଖାଇଛନ୍ତି।

ଅଭିଯୋଗ ଅନୁସାରେ, ନୟାଗଡ଼ ଅଞ୍ଚଳର୨୪ ଛାତ୍ରୀଛାତ୍ର ୨୦୨୨ରେ ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଥିଲେ। ସେମାନେ କିନ୍ତୁ ନୟାଗଡ଼ର ଏକ କୋଚିଂ ସେଣ୍ଟରରେ କୋଚିଂ ନେଉଥିଲେ। ତେବେ ଶରଣକୁଳରେ କେତେଜଣ ଅଧ୍ୟାପିକାଅଧ୍ୟାପକ ରାମକୃଷ୍ଣ କୋଚିଂ ସେଣ୍ଟର ଖୋଲିଥିଲେ। ରାମକୃଷ୍ଣ କୋଚିଂ ସେଣ୍ଟର ଥାଉ ଥାଉ ନୟାଗଡ଼ରେ କୋଚିଂ ନେବା ଠିକ୍ ନୁହେଁ ବୋଲି ବିଭିନ୍ନ ସମୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କେତେଜଣ ଅଧ୍ୟାପିକାଅଧ୍ୟାପକ କହିଥିଲେ। ଛାତ୍ରୀଛାତ୍ରମାନେ କୋଚିଂ ସେଣ୍ଟର ନ ବଦଳାଇବାରୁ ସେମାନଙ୍କ ଉପରେ ମାନସିକ ଓ ଶାରୀରିକ ନିର୍ଯାତନା, ଅଶ୍ଳୀଳ ବ୍ୟବହାର, ମାରପିଟ୍ କରାଯାଇଥିଲା। ପ୍ରାକ୍ଟିକାଲରେ ନମ୍ବର କାଟିଦେବେ, ପରୀକ୍ଷା ନ ଦେବା ପାଇଁ ବ୍ୟବସ୍ଥା କରିବେ ଓ କଲେଜ କ୍ୟାମ୍ପସରେ ପୂରାଇ ଦେବୁନି ବୋଲି ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ବିଭିନ୍ନ ସମୟରେ ଅଧ୍ୟକ୍ଷଙ୍କୁ ଅଭିଯୋଗ ପରେ ସୁଫଳ ମିଳିଲା ନାହିଁ। ଅଧ୍ୟକ୍ଷ କୋଚିଂ ସେଣ୍ଟରରେ ସାମିଲ ଥିବାରୁ କାର୍ଯ୍ୟାନୁଷ୍ଠାନ ଫାଇଲ ଅଟକି ଯାଇଥିଲା। ଗତ ଏପ୍ରିଲ ୧୩ ଓ ୧୫ତାରିଖରେ ୧୫ ଜଣ ଛାତ୍ରଙ୍କୁ ମାରପିଟ୍ କରାଗଲା। ପରେ ମାରପିଟ୍ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ କାଢ଼ି ଦେବା ପରେ ୨୪ ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଘଟଣା ଶରଣକୁଳ ଥାନାକୁ ଗଲା। ଭବିଷ୍ୟତକୁ ଆଖି ଆଗରେ ରଖି ୨୪ ଛାତ୍ରୀଛାତ୍ର ଚୁପ ରହିଥିଲେ। ଜୀବନପ୍ରତି ବିପଦ ଥିବାରୁ ଟିସି ନେଇ ଅନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢ଼ାଇବାକୁ ଛାତ୍ରୀଛାତ୍ର ଏପ୍ରିଲ ୧୯ରେ ଜିଲାପାଳଙ୍କୁ ଭେଟି ନିବେଦନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେହି ବ୍ୟାଚର ୬୦ ସହପାଠୀ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ଏପ୍ରିଲ ୨୧ରେ ଭେଟି ୨୪ ଛାତ୍ରୀଛାତ୍ରଙ୍କ ଅଭିଯୋଗର ସତ୍ୟତା ନାହିଁ ଅଭିଯୋଗ କରିଥିଲେ। ୨୪ ଛାତ୍ରୀଛାତ୍ର ଆଣିଥିବା ରାଗିଂ ଅଭିଯୋଗ କପୋଳକଳ୍ପିତ ଓ ଭିତ୍ତିହୀନ ଦର୍ଶାଇ ଥିଲେ। ଅଭିଯୋଗକାରୀ ସହପାଠୀ ନିୟମିତ କ୍ଲାସ କରନ୍ତି ନାହିଁ। କ୍ୟାରାମ ଖେଳକୁ ନେଇ ବିବାଦ ଘଟଣାରେ ଆମର ଜଣେ ସହପାଠୀଙ୍କୁ ଅପହରଣ କରାଯାଇଥିଲା। ନୟାଗଡ଼ର ଏକ କୋଚିଂ ସେଣ୍ଟର ମାଲିକ ଆସି ଏହି ଅପହରଣ କରିଥିଲେ। ଏ ସମ୍ପର୍କରେ ଶରଣକୁଳ ଥାନାରେ ଅଭିଯୋଗ ହୋଇ ସମାଧାନ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ୨୪ ଛାତ୍ରୀଛାତ୍ରଙ୍କୁ ଢ଼ାଲ କରି ଉଚ୍ଚ ବିଦ୍ୟାଳୟରେ ରାଗିଂ ଅଭିଯୋଗ ଆଣି ଅଯଥାରେ ବଦନାମ କରାଯାଉଛି। ଆମେମାନେ ଶରଣକୁଳ ରାମକୃଷ୍ଣ କୋଚିଂ ସେଣ୍ଟର ସମେତ ଏକାଧିକ କୋଚିଂ ସେଣ୍ଟରରେ ପଢ଼ୁଛି। ହେଲେ ଆମକୁ କେବେ ହେଲେ କେହି କିଛି କହୁନାହାନ୍ତି। ୨୪ ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ୬୦ ଛାତ୍ରୀଛାତ୍ର ଖଣ୍ଡନ କରିବା ପରେ ଛାତ୍ର ବିବାଦ ଘନୀଭୂତ ହୋଇଥିଲା। ଛାତ୍ର ବିବାଦ ଓ ରାଗିଂ ଘଟଣାର ସମାଧାନ ପାଇଁ ଏପ୍ରିଲ ୨୧ ସନ୍ଧ୍ୟାରେ ନୟାଗଡରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ବାସଭବନରେ ଅନୁଷ୍ଠିତ ସଭାରେ ଏହାର ସମାଧାନ ପାଇଁ ପ୍ରୟାସ ହୋଇଥିଲା। ତେବେ ସମାଧାନ ହୋଇ ପାରି ନ ଥିଲା। ନିର୍ଯାତିତ ୨୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ରୋସନ କୁଣ୍ଡଙ୍କ ସମେତ ୨୨ ଛାତ୍ରୀଛାତ୍ର ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଜଏଣ୍ଟ ଡାଇରେକ୍ଟର ଓ ଡେପୁଟି ଡାଇରେକ୍ଟର ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିଲେ। ପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ଚିଠି ନଂ. ୧୧୫୬୪/୧୭।୧୦।୨୦୨୩ ନିର୍ଦ୍ଦେଶ ଅନୁସାରେ ୨୨ ଜଣ ଛାତ୍ରୀଛାତ୍ର ଟିସି ଆଣିବାରେ ସକ୍ଷମ ହୋଇଛନ୍ତି। ଏ ନେଇ ନିର୍ଯାତିତ ଛାତ୍ରୀଛାତ୍ର ରୋସନ କୁଣ୍ଡ, ମନୋଜ କୁମାର ମହାରଣା, ଭାଗୀରଥି ବରାଡ ପ୍ରମୁଖ କହିଛନ୍ତି, ଆମକୁ ହାଇକୋର୍ଟ ନ୍ୟାୟ ଦେଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ମଧ୍ୟ ଠିକ ତଦନ୍ତ କରାଇ ଆମ ପାଠପଢ଼ା ପାଇଁ ସୁବିଧା କରାଇଛନ୍ତି। ତଦନ୍ତ ବେଳେ କଲେଜ କର୍ତ୍ତୃପକ୍ଷ ଆମକୁ ନ ଜଣାଇ ଅନୁପସ୍ଥିତ ଦର୍ଶାଇ ଥିଲେ। ହାଇକୋର୍ଟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ନିର୍ଦ୍ଦେଶ ରାଜ୍ୟରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଆମେ ୨୨ ଛାତ୍ରୀଛାତ୍ର ଅକ୍ଟୋବର ୩୦ ତାରିଖରେ ଟିସି ଆଣି ମାଳିସାହି କଲେଜରେ ଶୁକ୍ରବାର ନାମ ଲେଖାଇଛୁ ବୋଲି କହିଛନ୍ତି।

# ହେମଲେଟ୍

ଡେନ୍‌ମାର୍କଠାରୁ କିଛି ଦୂରରେ ଏକ ସୁନ୍ଦର ରାଜ୍ୟ ଥିଲା। ସେଠାରେ ହେମଲେଟ୍ ନାମକ ଜଣେ ରାଜା ଥିଲେ। ସେ ଜଣେ ସୁନ୍ଦରୀ ରାଜକୁମାରୀଙ୍କୁ ବିବାହ କରିଥିଲେ। ଦୁହେଁ ପରସ୍ପରକୁ ବହୁତ ଭଲପାଉଥିଲେ। ପରସ୍ପର ନିଜ ଜୀବନକୁ ତ୍ୟାଗ କରିବାକୁ ପ୍ରସ୍ତୁତ। ବିବାହ ପରେ ରାଣୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତା'ର ନାମ ରାଜକୁମାର ହେମଲେଟ୍। ପିଲାଟିଦିନରୁ ହେମଲେଟ୍ ତାଙ୍କ ବାପା ମା'ଙ୍କୁ ବହୁତ ଭଲପାଉଥିଲେ। ରାଜା ହେମଲେଟ୍‌ଙ୍କର ସାନ ଭାଇ ହେଉଛନ୍ତି କ୍ଲାଉଡିୟସ୍।

## ଅନୁବାଦ ଗଳ୍ପ

ମୂଳ ଇଂରାଜୀ : ୱିଲିୟମ୍ ସେକ୍ସପିୟର
ଅନୁସୃଜନ- ଲଳିତ ମୋହନ ମିଶ୍ର



ସେ ରାଜପରିବାର ସହିତ ରହୁଥିଲେ। ପରିବାରର ସମସ୍ତ ସଦସ୍ୟ ଖୁସିରେ ଜୀବନ ବିତାଉଥିଲେ। ମହାରାଜ ହେମଲେଟ୍‌ଙ୍କ ରାଜ୍ୟରେ ସୁଖ ସମୃଦ୍ଧି ବୃଦ୍ଧି ଘଟୁଥିଲା। ପ୍ରଜାମାନଙ୍କ ବିକାଶ ପାଇଁ ରାଜା ଅନେକ ଉନ୍ନତିମୂଳକ କାର୍ଯ୍ୟ କରୁଥିଲେ। ଏହି କାରଣରୁ ପ୍ରଜାମାନେ ଏଭଳି ରାଜାଙ୍କୁ ପାଇ ନିଜକୁ ଧନ୍ୟ ମନେକରୁଥିଲେ।

ହଠାତ୍ ଦିନେ ଏକ ଭୟଙ୍କର ବିପତ୍ତି ଆସିଲା। ରାଜା ହେମଲେଟ୍‌ଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେବାରୁ ରାଜା ସ୍ୱର୍ଗାରୋହଣ କଲେ। ଏହି କଥା ରାଜାଙ୍କ ସାନ ଭାଇ କ୍ଲାଉଡିୟସ୍‌ଙ୍କ ବ୍ୟତୀତ ଆଉ କେହି ସେ ମୃତ୍ୟୁ ବିଷୟରେ ଜାଣି ନ ଥିଲେ। ସମସ୍ତଙ୍କ ଆଖିରେ ଲୁହ ଭରି ଯାଇଥିଲା। ରାଜ୍ୟରେ ଘୋଷଣା ହେଲା, ଏକ ବିଷାକ୍ତ ସାପ ମହାରାଜ ହେମଲେଟ୍‌ଙ୍କୁ କାମୁଡ଼ି ଦେବା ଫଳରେ ରାଜା ସେଠାରେ ଟଳିପଡ଼ିଲେ। ମହାରାଜଙ୍କ ମୃତ୍ୟୁ ଖବର ପ୍ରଜାମାନଙ୍କ ଉପରେ ଗଭୀର ରେଖାପାତ କଲା। ଏହାକୁ ନେଇ ସମଗ୍ର ରାଜ୍ୟରେ ଶୋକର ଲହରି ଖେଳିଗଲା। ଏହି ବିପତ୍ତିରେ ସବୁଠାରୁ ବେଶୀ ପ୍ରଭାବିତ ହେଲେ ରାଜକୁମାର ହେମଲେଟ୍। ସେ ତାଙ୍କ ବାପାଙ୍କୁ ବହୁତ ଭଲ ପାଉଥିଲେ। ତାଙ୍କର ଅଧିକାଂଶ ସମୟ ବାପାଙ୍କ ସହିତ କଟୁଥିଲା। ବାପାଙ୍କ ବିୟୋଗରେ ତାଙ୍କ ଛୋଟ ହୃଦୟଟି ସମ୍ପୂର୍ଣ୍ଣ ଭାଙ୍ଗିଗଲା। ତାଙ୍କ ଆଖିରୁ ସଦା ଲୋତକ ଝରୁଥିଲା। ଏମିତି ଲାଗୁଥିଲା ଭୋକ ଶୋଷ ଓ ନିଦ ତାଙ୍କର ସଦାସର୍ବଦା ହଜିଗଲା ପରି। ବାପାଙ୍କ ମୃତ୍ୟୁ ଅଚାନକ ଘଟିବା କୌଣସି ପ୍ରକାରେ ତାଙ୍କୁ ବୁଝିବା କଷ୍ଟକର ହୋଇ ପଡୁଥିଲା। କିନ୍ତୁ ମଧ୍ୟରାତ୍ରିରେ ସେ ବିଛଣାରୁ ଉଠି ବାପାଙ୍କୁ ଡାକିଥିଲେ। ସେହିଭଳି ଦୁଇ ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ହୃଦୟ, ମନରେ ବାପାଙ୍କ ଛାପ ସତେଜ ରହିଥିଲା। ବାପାଙ୍କୁ ସେ ଗୋଟିଏ ମୁହୂର୍ତ୍ତ ବି ଭୁଲି ପାରୁ ନ ଥିଲେ। ସେ ନିଜ କକ୍ଷକୁ ଯାଇ ବାପାଙ୍କୁ ମନେପକାଇ ଘଣ୍ଟାଘଣ୍ଟା କାନ୍ଦୁଥିଲେ। ବେଳେବେଳେ ସେ ନିଜକୁ ନିୟନ୍ତ୍ରଣ କରିପାରୁ ନ ଥିଲେ। ଦିନେ ଏକ ଖବର ଶୁଣି ସେ ଆଶ୍ଚର୍ଯ୍ୟ ହୋଇଗଲେ। ମହାରାଜ ହେମଲେଟ୍‌ଙ୍କୁ ଏତେ ଭଲ ପାଉଥିବା, ତାଙ୍କ ପାଇଁ ସବୁକିଛି ତ୍ୟାଗ କରୁଥିବା ମା' କାକା କ୍ଲାଉଡିୟସଙ୍କୁ ବିବାହ କରିଥିଲେ। ମା' ତାଙ୍କୁ ଏ ବିଷୟରେ କିଛି କହିବା ଉଚିତ୍ ମନେକରି ନଥିଲେ। ସବୁ କାମ ଅତ୍ୟନ୍ତ ଗୁପ୍ତ ଢଙ୍ଗରେ ସମ୍ପନ୍ନ ହୋଇଥିଲା। ଏହି ବିବାହ ଅସଙ୍ଗତ। ରାଣୀ ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି ଥିବା ବେଳେ କ୍ଲାଉଡିୟସ୍ ଜଣେ ଅସୁନ୍ଦର ବ୍ୟକ୍ତି। ତାଙ୍କ ଭିତରେ ସେମିତି ବିଶେଷ ଗୁଣ କିଛି ନ ଥିଲା। ସରଳ ଭାଷାରେ କହିବାକୁ ଗଲେ ସେ କୌଣସି ପ୍ରକାରେ ରାଣୀ ଓ ସିଂହାସନ ପାଇଁ ଯୋଗ୍ୟ ନଥିଲେ। ଏହା କିନ୍ତୁ କେବଳ ରାଜକୁମାର ହେମଲେଟ୍ ହିଁ ବୁଝିପାରିଥିଲେ। ରାଣୀ ଏଥିପ୍ରତି ଆଖି ବୁଜି ଦେଇଥିଲେ। ରାଣୀ ଖୁବ୍ ଶୀଘ୍ର ଏହି ବିବାହ ପାଇଁ ଅନୁମତି ଦେଇଥିଲେ, ଯାହା ରାଜକୁମାର ହେମଲେଟ୍‌ଙ୍କୁ ସବୁଠାରୁ ଅଧିକ ବ୍ୟଥିତ କରିଥିଲା। ଦୁଇ ମାସ ତଳେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା ଏବଂ ତାଙ୍କ ମା' ପୁନର୍ବିବାହ କରିଥିଲେ। ବାପାଙ୍କ ପ୍ରତି ମା'ଙ୍କର ଭଲପାଇବା ଏବଂ ତାଙ୍କର ସମର୍ପଣ କିପରି ଏତେ ଶୀଘ୍ର ଲୋପ ପାଇଗଲା ତାହା ହେମଲେଟ୍‌ଙ୍କୁ ଚିନ୍ତାରେ ପକାଇଥିଲା।

ଦିନେ ରାଜକୁମାର ହେମଲେଟ୍ ନିଜ କୋଠରିରେ ବସି କିଛି ଚିନ୍ତା କରୁଥିଲେ। ହଠାତ୍ ତାଙ୍କ ମନରେ ଆସିଲା 'ଏହି ବିବାହ ପଛରେ କିଛି ଷଡ଼ଯନ୍ତ୍ର ଅଛି?' ସେ ସମସ୍ତ ବିଷୟରେ ଚିନ୍ତା କରିବାକୁ ଲାଗିଲେ। ସାପ କାମୁଡ଼ା ବିଷୟରେ କେବଳ କ୍ଲାଉଡିୟସ୍ ଜାଣିଥିଲେ। କିଛି ଦିନ ପରେ ସେ ମା'ଙ୍କୁ ବିବାହ କଲେ। ମହାରାଜଙ୍କ ମୃତ୍ୟୁ ପଛରେ ଏହି ଦୁଇ ଜଣଙ୍କ ହାତ ଅଛି ବୋଲି ସେ ଅନୁମାନ କଲେ। ସିଂହାସନ ଲୋଭ ହିଁ ଭଲକୁ ଖରାପ କରିବାକୁ ବାଧ୍ୟ କରେ। ରାଜକୁମାର ହେମଲେଟ୍ ଯେତେ ଅଧିକ ଚିନ୍ତା କଲେ, ସେତିକି ସେତିକି ରହସ୍ୟରେ ଫସିଗଲେ। ଦିନେ ରାଜକୁମାର ହେମଲେଟ୍ ବଗିଚାରେ ବୁଲୁଥିବା ବେଳେ ଜଣେ ଜଗୁଆଳ ଆସି ଭୟରେ କହିଲେ- ରାଜକୁମାର ହେମଲେଟ୍! କିଛିଦିନ ହେବ ମୁଁ ମହାରାଜଙ୍କୁ ମହଲରେ ଦେଖୁଛି। ଅବଶ୍ୟ ଏହା ତାଙ୍କର ଆତ୍ମା କି ପ୍ରେତାତ୍ମା କହିପାରିବି ନାହିଁ। ମୁଁ କିନ୍ତୁ ତିନିଦିନ ଧରି ଦେଖୁଛି। ତାଙ୍କର ଗତିବିଧିରୁ ଅନୁମାନ କରୁଛି, ସେ କାହାକୁ ଖୋଜୁଛନ୍ତି। ରାଜକୁମାର ହେମଲେଟ୍ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ସେ ଜାଣି ଖୁସି ହେଲେ ଯେ ତାଙ୍କ ପିତାଙ୍କ ଆତ୍ମା ଏବେ ବି ରାଜପ୍ରାସାଦରେ ଅଛି। ରାଜକୁମାର ସେହିଦିନ ରାତିରେ ତାଙ୍କ ପିତାଙ୍କୁ ଭେଟିବାକୁ ସ୍ଥିର କଲେ। ମଧ୍ୟରାତ୍ରି ହୋଇଗଲାଣି, ରାଜକୁମାରଙ୍କ ଆଖିରୁ ନିଦ ଦୂରେଇ ଯାଇଛି। ଠିକ୍ ସେତିକିବେଳେ ରାଜପୋଷାକ ପିନ୍ଧିଥିବା ଛାୟା ଧୀରେ ଧୀରେ ତାଙ୍କ ଆଡ଼କୁ ଆସୁଥିବାର ଦେଖିଲେ। ରାଜକୁମାର ହେମଲେଟ୍ ସଙ୍ଗେ ସଙ୍ଗେ ତାଙ୍କ ବାପାଙ୍କୁ ତାଙ୍କ ଗତିବିଧି ଓ ପୋଷାକକୁ ଚିହ୍ନିପାରିଲେ। ଚନ୍ଦ୍ରର ଆଲୋକରେ ସେଗୁଡ଼ିକ ତାଙ୍କୁ ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ପିତୃଦେବ... କହି ସେ ତାଙ୍କ ଆଡ଼କୁ ଗଲାବେଳେ ଛାୟାମୂର୍ତ୍ତି ତାଙ୍କୁ ଏକ ନିଛାଟିଆ କୋଣ ଆଡ଼କୁ ନେଇଗଲେ। ମୁହୂର୍ତ୍ତକ ପାଇଁ ରାଜକୁମାର ହେମଲେଟ୍‌ଙ୍କ ମୁହଁରୁ ଝାଳ ବୋହିଗଲାଣି। ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ବାପା... ଆପଣ ଏମିତି ବେଶରେ ଭୂତ ହୋଇ ବୁଲୁଛନ୍ତି?' ସେ କହିଲେ- ତୁମେ ଭୟ କର ନାହିଁ, ମୁଁ ତୁମର ପିତା। ରାଜକୁମାରଙ୍କ ମନରୁ ଭୟ ଦୂର ହୋଇଗଲା। ଛାୟା ଏକ କୋଣରେ ପହଞ୍ଚି ଆଖି ଉଠାଇ ଚାରିଆଡ଼େ ଚାହିଁଲା। ପ୍ରଥମ ଶବ୍ଦ କହିଲେ- ମୋର ପ୍ରିୟ ପୁତ୍ର... ମୁଁ ସିଏ...। ଦୀର୍ଘ ସମୟ ପରେ ବାପାଙ୍କ ସ୍ନେହଭରା କଣ୍ଠସ୍ୱର ଶୁଣି ରାଜକୁମାରଙ୍କ ଆଖିରେ ଲୁହ ଆସିଯାଇଥିଲା। ନିଜକୁ ନିୟନ୍ତ୍ରଣ କରି କହିଲେ, "ବାପା, ଆପଣ କାହିଁକି ଏମିତି ବୁଲୁଛନ୍ତି? ମୋତେ କୁହନ୍ତୁ, ଆପଣ କ'ଣ ପାଇଁ ଏତେ ଚିନ୍ତିତ? ଏହା କ'ଣ, ଯାହା ଆପଣଙ୍କ ମୁକ୍ତିରେ ବାଧା ସୃଷ୍ଟି କରୁଛି?" ଛାୟା ଧୀରେ ଧୀରେ କହିଲା- ପୁତ୍ର... ଏ ସବୁର କେବଳ ଗୋଟିଏ କାରଣ ଅଛି ଏବଂ ତାହା ହେଉଛି ମୋର ରହସ୍ୟମୟ ହତ୍ୟାକାଣ୍ଡ। ଏ ବିଷୟରେ ତୁମକୁ କହିବା ପାଇଁ ଏତେଦିନ ଧରି ବୁଲୁଥିଲି। ଏହାର ରହସ୍ୟ ଉନ୍ମୋଚନ ହେଲେ ହିଁ ମୁଁ ଶାନ୍ତି ପାଇବି।

ମୋ: ୯୪୩୭୯୮୫୮୬୬

## କବିତା

### ହୃଦପଦ

ସନ୍ନ୍ୟାସୀ ନାୟକ

ନିଜ ପାଇଁ
ମୁଁ ନିଜେ ଲେଖୁଅଛି
ଜୀବନର ଦୁଃଖ ଗୀତ,
ଲେଖୁଥାଏ ବୋଲି
ଆଜି ବି ବଞ୍ଚିଛି
ଶୁଣିଯା'ରେ ମିତ!

ଲେଖିଦେଲି ସବୁ
ଯନ୍ତ୍ରଣାର ଗାଥା
ହାଲୁକା ଲାଗୁଛି ମନ,
ଅନ୍ଧାର ରାତିରେ
କେତେ ଲୁହ ବହେ
ହିସାବ ରଖିଛି ଜହ୍ନ।

ଅହରହ ଭାବେ
ଜଳୁଛି ଜଳିବି
ତୁମ ପାଇଁ କାଳେକାଳେ,
ପାଉଁଶ ଗଦାରେ
ଆଜି ବି ହୃଦୟ
ଦିକିଦିକି ହୋଇ ଜଳେ।

ଅପେକ୍ଷା କରିଛି
ଦିନେ ନା ଦିନେ
ଫେରି ଆସିଯିବ କାଳେ,
ଉପଶମ ହେବ
ଯନ୍ତ୍ରଣାର ଜ୍ୱାଳା
ଏ ଦେହ ଦେଉଳ ତଳେ।

ମୋ: ୯୪୩୭୩୫୨୫୬୦

### ଅବ୍ୟକ୍ତ ବ୍ୟଥା

ବର୍ଷାରାଣୀ ମହାମଲ୍ଲିକ

ଏବେ ଯେବେ ପଡ଼ିଯାଏ ଏକା
ନିର୍ବିକାର ରୁହେ ମୁଁ
ସବୁ ଲାଗେ ମିଛ,
ଧୀରେ ଧୀରେ ଅଭ୍ୟାସ ପଡ଼ିଯାଏ
ସମୟ ସହିତ
ବଞ୍ଚିବାଟା ବି ଖୁବ୍ ବଡ଼ କଳା
ତାଳ ଦେଇ ସ୍ଥିତିର ସହିତ।

ନା ସହିହୁଏ ନା କରିହୁଏ
ନା ବଦଳେଇ ହୁଏ ନିଜକୁ,
ଅସହାୟ ଅର୍ଦ୍ଧଗିଳା ବେଙ୍ଗ
ମୁକ୍ତି ପାଇଁ ବୃଥା ପ୍ରୟାସ କରେ
ନିର୍ଦ୍ଦୟ ଅହିର ଭୋକିଲା ପାଟିରେ
ଆର୍ତ୍ତ ଚିତ୍କାର, ଯାହା ତାକୁ ଖାଲି ଶୁଭେ।

ଜୀବନଟା ଦ୍ରୁତ ରେଳଗାଡ଼ି
ଧରି ରଖି ହୁଏ ନାହିଁ,
ଜୀବନଟା ଦୂବଘାସ
କିଏ କେତେ ଆସି ଛିଣ୍ଡାଇ ଦିଅନ୍ତି
ଅବସୋସ କିନ୍ତୁ ନ ଥାଏ ତା'ର
ବଢ଼େ ପୁଣି ଛିଣ୍ଡେ
ପ୍ରକୃତି ତା'ର ସାକ୍ଷୀ।

କାଳିମାର ବହଳ ବେଳାରେ
ଯେବେ ଆସେ ସିଏ ଅବେଳାରେ ପଶି,
ହସ ଝରେ, ଦିଶେ ସିନା
ଲୁହ ଝରେ ଅନ୍ତରରେ ଲୁଚିଲୁଚି ବସି।
ବ୍ୟଥା ଯେତେ ହୁଏ ନାହିଁ କହି
ବ୍ୟାପିଥାଏ ଦେହସାରା
ପାରେ ନାହିଁ ଖସି।

ମୋ: ୮୨୬୦୬୫୯୩୩୨

ଗୀତି-କବିତା

### ପରମ ଅତିଥି

ଜୟନ୍ତୀ ସାହୁ

ଅଗୁରୁ ଚନ୍ଦନ ତୁଳସୀ ମହକ
ନିରୀଜନ ନିଶୀଥରେ
ତମ ଦିବ୍ୟ ରୂପ ଦେଖିଥିଲି କ୍ଷଣେ
ତନ୍ଦ୍ରାଭିଜା ନୟନରେ।

ସକାଳରୁ ସଞ୍ଜ ସଞ୍ଜରୁ ସକାଳ
ଖୋଜୁଛି ମୁଁ ସଦା ବସି
ଅସରା ଲୁହକୁ ସାଇତି ରଖିଛି
ପାଦ ଧୋଇଦେବି ହସି।

ନିର୍ମଳ ରଖିଛି ହୃଦୟର ବେଦୀ
ଅମ୍ଳାନ ପୁଷ୍ପ ମୋ' ମନ
ପ୍ରୀତିର ପରାଗ ଝରାଇ କରୁଛି
ଅନ୍ତରେ ମୋ' ନିବେଦନ।

ସତେ କି ଆସିବ ପରମ ଅତିଥି
ବ୍ୟଥା ବେଦନାକୁ ଭେଦି
କି ଦେବି ତୁମକୁ ପାପ ପୁଣ୍ୟ ମୋର
ଏକାନ୍ତରେ ସଅଁପିବି।

ମୋ: ୮୦୯୩୪୮୬୬୭୪

## କାଳକାଳକୁ

"ଜଣେ ଲେଖକର ଉଦ୍ଦେଶ୍ୟ ହେଉଛି ଆତ୍ମଘାତୀ ସଭ୍ୟତାକୁ ରକ୍ଷାକରିବା।"
- ଆଲ୍‌ବର୍ଟ କାମ୍ୟୁ



ଆଲ୍‌ବର୍ଟ କାମ୍ୟୁଙ୍କ ଜନ୍ମ ୭ ନଭେମ୍ବର ୧୯୧୩ରେ ଓ ମୃତ୍ୟୁ ୪ ଜାନୁୟାରୀ ୧୯୬୦ରେ, ଫ୍ରାନ୍ସରେ। ଏକାଧାରରେ ଲେଖକ, ସାମ୍ବାଦିକ, ଦାର୍ଶନିକ ଓ ରାଜନୈତିକ କର୍ମୀ ଏହି ଲେଖକଙ୍କର ପ୍ରବନ୍ଧ ପୁସ୍ତକ ମଧ୍ୟରୁ କେତୋଟି ହେଲା- ଦ' ଷ୍ଟ୍ରେଞ୍ଜର୍, ଦ' ପ୍ଲେଗ୍, ଦ' ମିଥ୍ ଅଫ୍ ସିସିଫସ୍, ଦ' ଫଲ୍ ଓ ଦ' ରିବେଲ୍। ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମାତ୍ର ୪୬ ବର୍ଷ ବୟସରେ ମୃତ୍ୟୁବରଣ କରିବା ପରେ ତାଙ୍କର ଆଉ ଦୁଇଟି ଗ୍ରନ୍ଥ 'ଏ ହ୍ୟାପି ଡେଥ୍' ଓ 'ଦ ଫାଷ୍ଟ୍ ମ୍ୟାନ୍' ପ୍ରକାଶ ପାଇଥିଲା। କାମ୍ୟୁ ହେଉଛନ୍ତି ଦ୍ୱିତୀୟ କନିଷ୍ଠ ସାହିତ୍ୟିକ, ଯେ କି ୧୯୫୭ରେ ମାତ୍ର ୪୪ ବର୍ଷ ବୟସରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଥିଲେ। ସେ କହନ୍ତି: "ମୋ' ଆଗରେ କେହି ଚାଲ ନାହିଁ, ମୁଁ କାହାକୁ ଅନୁସରଣ କରି ନପାରେ; ମୋ' ପଛରେ କେହି ଚାଲ ନାହିଁ, ମୁଁ କାହାକୁ ନେତୃତ୍ୱ ଦେଇ ନପାରେ; ମୋ' ପାଖେ ପାଖେ ଚାଲ, ମୋର ବନ୍ଧୁ ହୁଅ!" ଆହୁରି କହନ୍ତି: "କାହାଣୀ ହେଉଛି ମିଛ, ଯାହା ମାଧ୍ୟମରେ ଆମେ ସତ କହୁଁ।" କହନ୍ତି ବି- "ମୋ' ହାତରେ ସମୟ ଖୁବ୍ କମ୍, ସେତକ ମୁଁ ଈଶ୍ୱରଙ୍କ ପିଛା ନଷ୍ଟ କରିପାରିବି ନାହିଁ।"

## କାନ୍ଥ

ନରେନ୍ଦ୍ର ସେଠୀ

ମିନି ଗଳ୍ପ

ଏବେ ମାଟି ବଦଳରେ ବାଲି ସିମେଣ୍ଟର ପଲସ୍ତରା କାନ୍ଥ। ଆମେ ଗଢ଼ିସାରିଚୁ ଇଟା ତିଆରି କାନ୍ଥ ଆମ ଭିତରେ। ସେଠି ଲେଖିବା ମନା। କିନ୍ତୁ ଏଇଠି ମାଟି କାନ୍ଥଟିଏ ଥିଲା। ସେ କାନ୍ଥରେ ଆମେ ଲେଖିଥିଲୁ କେତେ କଥା, ଯାହା ଆସୁଥିଲା ମନକୁ। ଗୋଲେଇ, ତ୍ରିଭୁଜ, ଆମ୍ବ ଓ ଆଦିମ ମାନବ। ଗଛ, ମେଣ୍ଢା, ଗାଈ ଓ ପାହାଡ଼ ଭିତରେ ବୁଡ଼ିଯିବାର ସୂର୍ଯ୍ୟ। ଅ...ଆ...ଇ, କ...ଖ, ଏ... ବି...ସି...ଡି...। ପ୍ରଥମ ସିଲଟ ଥିଲା ସେ କାନ୍ଥ। ଛବି ବହିର ଚିତ୍ର ଛପୁଥିଲା କାନ୍ଥ ଦେହରେ। ମାଣବସାରେ ଅରୁଆ ଚାଉଳ ବାଟି ବୋଉ ଆଙ୍କୁଥିଲା କାନ୍ଥରେ ଧାନକେଣ୍ଡା, କଳସ, ପଇଡ଼, ପଦ୍ମଫୁଲ। ବଡ଼ ଭଉଣୀର ବାହାଚିତା, ଶାରୀ କାନ୍ଧେଇ ବୋହି ନେଇ ଯାଉଥିବା ଟିକିଟିକି ମଣିଷ, ଆମ୍ବପତ୍ର, କଦଳୀ ଗଛ, ହାତଗଣ୍ଠି ସବୁ ଥିଲା ଏଇ କାନ୍ଥରେ। ଆଉ ସେ କାନ୍ଥ ନାହିଁ।

ମୋ: ୭୦୦୪୦୬୮୧୧୦



## ପୁସ୍ତକ ପରିଚୟ

### କାବ୍ୟଲୋକ



**ସମୟର ଶଙ୍ଖନାଦ**
**ସମ୍ପାଦକ: ଭିକାରୀ ଧଳ**
**୧/୮ ଡିମାଇ ସାଇଜ୍, ପୃ: ୩୨୮, ମୂଲ୍ୟ: ଟ.୧୬୦/-**

ଆଧୁନିକ କବିତା/ ସାହିତ୍ୟ ପ୍ରତି ସଂଶୟାଚ୍ଛନ୍ନ ସମ୍ପାଦକ ତାଙ୍କ ସମ୍ପାଦକୀୟରେ, କିନ୍ତୁ ଏହାର ନିରାକରଣର ଉପାୟ ସେ ବତାଇ ନାହାନ୍ତି। ତେବେ ସମସ୍ୟାଟି ପ୍ରଣିଧାନର ବିଷୟ। ଆଦ୍ୟପୃଷ୍ଠା, କାବ୍ୟାନୁଭବ, କାବ୍ୟ ଆଲୋଚନା, ବିମୁଗ୍ଧ ବାଙ୍ମୟତା, କାବ୍ୟ ବ୍ୟକ୍ତିତ୍ୱ, ଗୀତି କବି ଓ କବିତା ଆଦି ବିଭାଗରେ ବହୁ ପ୍ରବୀଣ ଓ ନବୀନ ଲେଖକଙ୍କୁ ନେଇ ପତ୍ରିକାଟି ସମୃଦ୍ଧ। ପ୍ରଚ୍ଛଦରେ ଅଛି ନୂତନତା।

### ବିଶ୍ୱମୁକ୍ତି



**ସମ୍ପାଦକ: ଶଶାଙ୍କ ଚୂଡ଼ାମଣି**
**୧/୪ ସାଇଜ୍, ପୃ: ୨୦୦, ମୂଲ୍ୟ: ଟ.୧୨୦/-**

ସ୍ମୃତିର ଶୀର୍ଷକ, ପ୍ରବନ୍ଧ, ସାମ୍ପ୍ରତିକ, ବ୍ୟକ୍ତିତ୍ୱ, ଜୀବନୀ, ଗଳ୍ପ, କଥାବାର୍ତ୍ତା, କର୍ପୋରେଟ୍ ସାକ୍ଷାତ୍କାର, କବିତା, ଗୀତି-କବିତା, ଅନୁବାଦ କବିତା ଓ ପୁସ୍ତକ ସମୀକ୍ଷାରେ ଏଇ ସମୟର ବହୁ କବି, ଲେଖକ ଓ ପ୍ରାବନ୍ଧିକଙ୍କୁ ସ୍ଥାନିତ କରିଛି 'ବିଶ୍ୱମୁକ୍ତି'। ସମ୍ପାଦକୀୟ ଓଡ଼ିଆ ସଂସ୍କୃତିକୁ ନେଇ। ଜନ୍ମକୁ ଶହେ ବର୍ଷ ପୂରୁଥିବା କଣ୍ଠଶିଳ୍ପୀ, ସଙ୍ଗୀତ ବିଶାରଦ ବାଳକୃଷ୍ଣ ଦାଶ ଓ ଅକ୍ଷୟ ମହାନ୍ତିଙ୍କ ସମ୍ପର୍କରେ 'ସ୍ମୃତିର ଶୀର୍ଷକ' ଲେଖାଟି ମନକୁ ଛୁଏଁ। ଆଉ ସବୁ ଯାହା ଯେମିତି, ଲେଖକଙ୍କ ଶକ୍ତିକୁ ନେଇ।

### ମନୀଷା



**ସମ୍ପାଦକ: ବୈକୁଣ୍ଠନାଥ ସାହୁ**
**୧/୪ ସାଇଜ୍, ପୃ: ୧୭୬, ମୂଲ୍ୟ: ଟ.୧୦୦/-**

ଏକ ଆଶାବାଦୀ ସମ୍ପାଦକୀୟ ସାଙ୍ଗକୁ ରହିଛି ସ୍ମୃତିରେ, ମୋ' ଜୀବନ ମୋ' ସାହିତ୍ୟ, ଗଳ୍ପ, ଅନୁବାଦ ସାହିତ୍ୟ, କବିତା; ଯେଉଁ କବିତା ମହକ ବୁଣେ, ନୂଆ କବିତାର ନକ୍ସା ଆଦି ବିଭାଗ। ପ୍ରଦୀପ ବିଶ୍ୱାଳଙ୍କ 'ଜୀବନର ଏକ ଭିନ୍ନ ବଳୟ: ଜୟନ୍ତ ମହାପାତ୍ର' ଓ ହୃଷୀକେଶ ମଲ୍ଲିକଙ୍କ ନୋବେଲ ବିଜେତା ଜନ୍‌ଫୋସେଙ୍କ ଉପରେ ଲେଖା 'ଯେଉଁ ଲେଖାରେ ଅନ୍ଧାର ପ୍ରଭାମୟ, ତା'ରି ଲେଖକ ଜନ୍‌ଫୋସେ' ଅନନ୍ୟ। ଅଜୟ ସ୍ୱାଇଁଙ୍କ କବିତା 'ଦୁଃଖ ଦୋହା'କୁ 'ନୂଆ କବିତାର ନକ୍ସା' କୁହାଯାଇଛି। ପରୀକ୍ଷା ନେବେ ପାଠକ।

### ମୌସୁମୀ



**ସମ୍ପାଦକ: ଶ୍ରୀଧର ସାମଲ**
**ଏ/୪ ସାଇଜ୍, ପୃ:୧୪୪, ମୂଲ୍ୟ: ଟ.୧୪୦/-**

ପ୍ରବନ୍ଧ, କବିତା, ଗୀତି-କବିତାର ସୋପାନ ସାଙ୍ଗକୁ ଅଛି ପୁସ୍ତକ ସମୀକ୍ଷା, ଭ୍ରମଣ କାହାଣୀ ଓ ଅନ୍ତରଙ୍ଗ ଆଳାପ। ବିଶିଷ୍ଟ ଲେଖକଙ୍କ ମଧ୍ୟରେ ଅଛନ୍ତି ବୈଷ୍ଣବ ଚରଣ ସାମଲ, ତ୍ରିନାଥ ପଟ୍ଟନାୟକ (ପ୍ରବନ୍ଧ), ହୃଷୀକେଶ ମଲ୍ଲିକ, ପୀତାମ୍ବର ତରାଇ, ଆଶୁତୋଷ ପରିଡ଼ା (କବିତା), ତରୁଣ କୁମାର ସାହୁ, ନନ୍ଦ କିଶୋର ପରିଡ଼ା (ଗଳ୍ପ)। ଶେଷରେ ରହିଛି ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ସହ ଏକ ସାକ୍ଷାତ୍କାର।

### ଯୁଗଶ୍ରୀ ଯୁଗନାରୀ



**ସମ୍ପାଦିକା: ମମତା ମହାପାତ୍ର**
**ଏ/୪ ସାଇଜ୍, ପୃ: ୨୫୮, ମୂଲ୍ୟ: ଟ.୮୦/-**

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସମ୍ପର୍କରେ ସମ୍ପାଦକୀୟ, ଯାହାର ମୁଣ୍ଡି ମରିଛି ମନୋଜ ଦାସଙ୍କ ମନ୍ତବ୍ୟ 'ତୁମ କରୁଣା ଭାଗବତ/ ସହସ୍ର ହୃଦେ ଉଜ୍ଜୀବିତ'ରେ। ପ୍ରବନ୍ଧ, ଗଳ୍ପ, ଅନୁବାଦ ଗଳ୍ପ, କବିତା, ଧାରାବାହିକ ଅନୁବାଦ, ଧାରାବାହିକ କବିତା, ଶିଶୁଗଳ୍ପ ଓ ନାଟକରେ ସମୃଦ୍ଧ ପତ୍ରିକାଟି। କଳେବର ତୁଳନାରେ ମୂଲ୍ୟ ଅନ୍ୟ ପତ୍ରିକା ଅପେକ୍ଷା କମ୍ ହେବା ପାଠକଙ୍କ କ୍ରୟଶକ୍ତି ଅନୁରୂପୀ ମନେହୁଏ।

### ସୃଜନ ସ୍ୱପ୍ନ



**ସମ୍ପାଦିକା: ଦେବଶ୍ରୀ ଧଳ (ଜେନା)**
**ଏ/୪ ସାଇଜ୍, ପୃ:୨୨୦, ମୂଲ୍ୟ: ଟ.୧୫୦/-**

ପତ୍ରିକାର ପ୍ରଚ୍ଛଦ ବ୍ୟତିକ୍ରମୀ ଓ ଆରମ୍ଭରୁ ପାଠକର ଆଖିରେ ପଡ଼େ। ପ୍ରଚ୍ଛଦରୁ ଖବରଟିଏ ମିଳେ ଯେ କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା'ର କୋଶଲୀ ଅନୁବାଦ (ଅନୁବାଦକ ଶ୍ରୀଧର ବାଗ) ପ୍ରକାଶ ପାଇବାକୁ ଯାଉଛି। ସୃଜନ ସଂସ୍କୃତି, ସୃଜନ ସ୍ମୃତି ଅନୁଭୂତି, କାବ୍ୟ ସୃଜନ, ସୃଜନ ସମ୍ଭାର, କଥା ସୃଜନ, ଗୀତି ସୃଜନ, ଅନୁସୃଜନ, ସୃଜନ ସମୀକ୍ଷା ଆଦି ନାନା ବିଭାଗରେ ପତ୍ରକାଟି ସୁସମ୍ପନ୍ନ।

### ପଲକ



**ସମ୍ପାଦକ: ଶଶିକାନ୍ତ ଦାସ**
**ଏ/୪ ସାଇଜ୍, ପୃ: ୩୨୪, ମୂଲ୍ୟ: ଟ.୨୦୦/-**

ପତ୍ରିକାରେ ଅନେକ ପଲକ-ଯଥା: ପ୍ରବନ୍ଧ ପଲକ, କାହାଣୀ ପଲକ, ଗୀତି ପଲକ, କାବ୍ୟ ପଲକ, ଭ୍ରମଣ ପଲକ, ପ୍ରତିବେଶୀ ପଲକ, ସ୍ମୃତି ପଲକ, ସମୀକ୍ଷା ପଲକ ଓ ଶିଶୁ ପଲକ ଇତ୍ୟାଦି। ହରପ୍ରସାଦ, ହରିହର, ଫନୀ, ବଂଶୀଧର, ଆଶୁତୋଷ ଓ ହୃଷୀକେଶଙ୍କୁ ପତ୍ରିକାରେ ଭେଟିହୁଏ। କାହାଣୀରେ ବିଷ୍ଣୁ ସାହୁ, ଦୀପ୍ତି ରଞ୍ଜନ, ତରୁଣ କୁମାର ଓ କାଶୀନାଥ ନନ୍ଦୀ। ପ୍ରବନ୍ଧରେ ଅଛନ୍ତି ନିଖିଳାନନ୍ଦ ପାଣିଗ୍ରାହୀ ଓ ରାଧାଶ୍ୟାମ ରାଉଳ। ପ୍ରଚ୍ଛଦରେ ଅଛି ନୂଆ ଭାବନା।

### ବନଫୁଲ



**ସମ୍ପାଦକ: ରତ୍ନାକର ନାୟକ**
**୧/୮ ଡିମାଇ ସାଇଜ୍, ପୃ:୨୩୮, ମୂଲ୍ୟ: ଟ.୧୫୦/-**

ଅଲଗା କରି ପ୍ରଚ୍ଛଦକୁ ରୂପଦେବା ଓ ରୁଚି ଖଟାଇ ଲେଖା ଛପାଇବା ପତ୍ରିକାଟିର ସକାରାତ୍ମକ ଆଭିମୁଖ୍ୟକୁ ସୂଚାଏ। କାଳଜୟୀ କଥାରେ ରହନ୍ତି ଅଚ୍ୟୁତାନନ୍ଦ ପତି। କଥା, କବିତା, ଫିଚର, ପ୍ରବନ୍ଧ, ଗୀତି-କବିତା ଓ ପ୍ରତିବେଶୀ କଥାରେ ରହନ୍ତି ଜଣାଶୁଣା ବହୁ ଲେଖକ। ବହି କଥାରେ ରବି ସ୍ୱାଇଁ।

### ଆକଳନ



**ସମ୍ପାଦକ: ଡ. ଶଶଧର ଦାସ**
**୧/୪ କ୍ରାଉନ୍ ସାଇଜ୍, ପୃ:୧୬୦, ମୂଲ୍ୟ: ଟ.୧୨୦/-**

ଏହି ଆଲୋଚନାଧର୍ମୀ ପତ୍ରିକାଟିରେ ସମକାଳୀନ କେତେକ ପୁସ୍ତକର ଆକଳନ ସ୍ଥାନିତ। ଆକଳିତ ଲେଖକମାନେ ହେଲେ ମନୋଜ ଦାସ, ଜଗଦୀଶ ମହାନ୍ତି, ଶଶଧର ଦାସ, ରମେଶ ଦାସ, ଦୁର୍ଯ୍ୟୋଧନ ଦାସ, ନିତ୍ୟାନନ୍ଦ ମହାପାତ୍ର ଓ କମଳାକାନ୍ତ ଲେଙ୍କା; ଆକଳକମାନେ ହେଲେ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ବ୍ରହ୍ମାନନ୍ଦ ଖୁଣ୍ଟିଆ, ପ୍ରୀତିଲତା ପଣ୍ଡା, କୌଶିକ ନାୟକ, ବେଣୁଧର ପାଢ଼ୀ, ନନ୍ଦ ମହାନ୍ତି ଓ କାନନ ମହାନ୍ତି। ଏଥିସହ ରହିଛି ପୁସ୍ତକ ଆକଳନ।

### ଭାଗୀରଥୀ
#### କବିତାର ଗଙ୍ଗା



**ସମ୍ପାଦକ: ଭାଗୀରଥି ବେହେରା**
**ଏ/୪ ସାଇଜ୍, ପୃ:୧୫୦, ମୂଲ୍ୟ: ଟ.୨୦୦/-**

ଗଞ୍ଜାମ କବିତାଘର ଟ୍ରଷ୍ଟ ପକ୍ଷରୁ ପ୍ରକାଶ ପାଇଛି ଟ୍ରଷ୍ଟର ବାର୍ଷିକ ମୁଖପତ୍ର ଶାରଦୀୟ-୨୦୨୩। କାଳଜୟୀ ପୁରାତନ କବିତାରେ ଜଗନ୍ନାଥ ଦାସ, ମାର୍କଣ୍ଡ ଦାସ ଓ ସାଲବେଗଙ୍କ କବିତା ସହ ସମସମୟର ବହୁ ପାଚିଲା, କଞ୍ଚା ଲେଖିକାଲେଖକଙ୍କ ଲେଖାରେ ଭରପୂର ପତ୍ରିକାଟି।

# ମହିଳା ଫୁଟ୍‌ବଲ ଫାଇନାଲରେ ଓଡ଼ିଶା



ଓଡ଼ିଶା ଦଳର ଖେଳାଳିଙ୍କ ସହ ମେଣ୍ଟର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଅନ୍ୟମାନେ।

## ଜାତୀୟ କ୍ରୀଡ଼ା

### ଟାଇଟଲ ମୁକାବିଲାରେ ରବିବାର ମଣିପୁରକୁ ଭେଟିବ

ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲରେ ଓଡ଼ିଶା ପେନାଲ୍ଟି ଶୁଟ୍ ଆଉଟ ୫-୪ ଗୋଲରେ ବେଙ୍ଗଲକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଓ ମଣିପୁର ମଧ୍ୟରେ ଫାଇନାଲ ୫ ତାରିଖରେ ଅନୁଷ୍ଠିତ ହେବ। ମ୍ୟାଚ ଆରମ୍ଭରୁ କଡ଼ା ଟକ୍କର ହୋଇଥିଲା। ଗୋଲ ଦେଇ ଅଗ୍ରଣୀ ନେବାକୁ ଉଭୟ ଦଳ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣକୁ ଜୋରଦାର କରାଯାଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧ ମ୍ୟାଚ ସ୍ୱାଭାବିକ ଭାବେ ରୋମାଞ୍ଚକ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ସମୟରେ ମ୍ୟାଚ ଗୋଲଶୂନ୍ୟ ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍ ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଓଡ଼ିଶାକୁ ଭାଗ୍ୟଦେବୀ ସହାୟ ହୋଇଥିଲେ ଏବଂ ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ଓଡ଼ିଶା ପକ୍ଷରୁ ଜବାମଣି ଟୁଡ୍ଡୁ, ଅଧିନାୟିକା ସୁପ୍ରିୟା ରାଉତରାୟ, ପ୍ୟାରୀ ଖାଖା, ଗ୍ରେସ୍ ଲାଲରାମପରି ହୌହନର ଓ ଏସ୍. ଲିଣ୍ଡା କୋମ୍ ଗୋଲ ସ୍କୋର କରିଥିଲେ। ବେଙ୍ଗଲ ପକ୍ଷରୁ ସୁମିତ୍ରା ମାରାଣ୍ଡି, ଅଧିନାୟିକା ରତ୍ନା ହାଲଦାର, ଏନ୍‌ଗଙ୍ଗୋମ୍ ଆନିବାଲା ଦେବୀ ଓ ସୁଲଞ୍ଜନା ରାଉଳ ଗୋଲ ଦେବାରେ ସକ୍ଷମ ହୋଇଥିଲେ। କ୍ରିସ୍‌ପିନ୍ ଛେତ୍ରୀ ଓଡ଼ିଶା ଦଳର କୋଚ୍ ଓ ଗୋମତି ବାରା ମ୍ୟାନେଜର ଅଛନ୍ତି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଫୁଟବଲ ତାରକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ସେମିଫାଇନାଲର ଗୋଟିଏ ଦିନ ପୂର୍ବରୁ ମେଣ୍ଟର ଏବଂ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଗୋଆରେ ପହଞ୍ଚିବା ପରେ ଖେଳାଳିଙ୍କୁ ତାଙ୍କ ପରାମର୍ଶ ଦଳ ପାଇଁ ବେଶ୍ ଉପାଦେୟ ହୋଇଥିବା ଜଣାପଡ଼ିଛି।



ମିନି ଗଲ୍ଫରେ ସ୍ୱର୍ଣ୍ଣ ପଦକ ବିଜୟୀ ଅଭିପ୍ସା ପଣ୍ଡା ଓ ବିକାଶ ଚନ୍ଦ୍ର ପଟ୍ଟନାୟକ।

# ମିନି ଗଲ୍ଫରେ ଓଡ଼ିଶାକୁ ସ୍ୱର୍ଣ୍ଣ

## ସିପକ୍‌ଟାକ୍ରରେ ୨ ବ୍ରୋଞ୍ଜ

ଭୁବନେଶ୍ୱର, ୩।୧୧(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶାର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ଶୁକ୍ରବାର ମିନି ଗଲ୍ଫରେ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ସିପକ୍‌ଟାକ୍ର ଇଭେଣ୍ଟରେ ୨ଟି ବ୍ରୋଞ୍ଜ ପଦକ ହାସଲ ହୋଇଛି। ୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୭ ବ୍ରୋଞ୍ଜ ସହ ଓଡ଼ିଶାର ପଦକ ସଂଖ୍ୟା ୩୪ରେ ପହଞ୍ଚିଛି। ଅଭିପ୍ସା ପଣ୍ଡା ଓ ବିକାଶ ଚନ୍ଦ୍ର ପଟ୍ଟନାୟକ ମିନି ଗଲ୍ଫ ମିକ୍ସଡ ଡବଲ୍ସରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରତିଯୋଗିତାରେ ମିନି ଗଲ୍ଫରେ ଓଡ଼ିଶାର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ସେହିପରି ସିପକଟାକ୍ରର ଡବଲ୍ସ ଓ କ୍ୱାଡ୍ ଇଭେଣ୍ଟରେ ୨ଟି ବ୍ରୋଞ୍ଜ ପଦକ ମିଳିଛି। ମହିଳା ଟାଏକୋଣ୍ଡୋର ୭୩ କେଜି ବର୍ଗରେ ଜାହ୍ନବି ମଜୁମଦାର ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ହକି ଦଳ କିନ୍ତୁ ହରିୟାଣା ନିକଟରୁ ୨-୭ ଗୋଲରେ ହାରି ଯାଇଛି। ଓଡ଼ିଶା ପକ୍ଷରୁ ଲିଲିମା ମିଞ୍ଜ୍ ଓ ନେହା ଲାକ୍ରା ଗୋଲ ଦେବାକୁ ସକ୍ଷମ ହୋଇଥିଲେ।





*All prices are ex-showroom India. All variants showcased are top models. Product shown is for representation purposes only and may vary from actual product due to print paper quality. Features and specifications as shown are not standard for all variants. All the variants are subject to availability and demand. In view of our policy of continuously improving our products, MG Motor India reserves the right to discontinue any variant or to alter any specifications, features and designs without prior notice and without liability. Booking does not amount to sale. MG Motor India reserves the right to cancel the booking against any variant or at any location, at any time. T&C apply on all benefits & exchange offers.

EAST: ASSAM: Dibrugarh: MG Dibrugarh (+917375006775) Guwahati: MG Guwahati (+917375006775) BIHAR: Muzaffarpur: MG Muzaffarpur (+919608916710) Patna: MG Patna (+919608916710) Chhattisgarh: Raipur: MG Raipur (+918448449683) Bilaspur: MG Bilaspur (+918448449683) Jharkhand: Dhanbad: MG Dhanbad (+918511499900), MG Dhanbad Dhansar Chowk (+918511499900) Jamshedpur: MG Jamshedpur (+918511499900) Ranchi: MG Ranchi (+918511499900) Manipur: Imphal: MG Imphal (+916909369754) Orissa: Angul: MG Angul (+918144917525) Balasore: MG Balasore (+918144917525) Bhubaneswar: MG Bhubaneswar (+918144917525) Sambalpur: MG Sambalpur (+918144917525) West Bengal: Gangtok: MG Gangtok (+918877556635) Kolkata: MG Kolkata North (+919874797000), MG Kolkata South (+919674215000) Siliguri: MG Siliguri (+918877556635).





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ